

ଶେଖ୍ ହସିନା ବିରୋଧୀ ରାଲିରେ ବିସ୍ଫୋରଣ

ପୃଷ୍ଠା ୫

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 107 ଭାଗ ୩୪ | ସଂଖ୍ୟା ୧୦୭ | Wednesday 8 July 2026 | Page 8 Rs. 5.00 | ଭୁବନେଶ୍ୱର ବୁଧବାର, ୮ ଜୁଲାଇ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ୭୭ତମ ରାଜ୍ୟସ୍ତରୀୟ ବନ ମହୋତ୍ସବରେ ମୁଖ୍ୟମନ୍ତ୍ରୀ

# ସବୁଜ ବଳୟ ସୃଷ୍ଟିରେ ଓଡ଼ିଶା ତୃତୀୟ

### ବିକାଶ ଓ ପରିବେଶ ପରସ୍ପରର ପରିପୂରକ

### ଦୁଇ ବର୍ଷରେ ଓଡ଼ିଶାରେ ୫୫୮ ବର୍ଗ କିମି ବନ ଆବରଣ ବୃଦ୍ଧି

ଭୁବନେଶ୍ୱର,୭।୭(ସଂଚାର ବ୍ୟୁରୋ): ବିଶ୍ୱବ୍ୟାପୀ ଜଳବାୟୁ ପରିବର୍ତ୍ତନ ଓ ବିକଟ ଗ୍ରୀଷ୍ମ ଲହରର ମୁକାବିଲା ପାଇଁ ବ୍ୟାପକ ଚାରା ରୋପଣ ହିଁ ଏକମାତ୍ର ଦୀର୍ଘକାଳୀନ ସମାଧାନ। ବିକାଶ ଓ ପରିବେଶ ପରସ୍ପରର ବିରୋଧୀ ନୁହଁନ୍ତି, ବରଂ ପରିପୂରକ। ଏହି ଦୂରଦର୍ଶୀ ଆଭିମୁଖ୍ୟ ସହ ବନ ସୁରକ୍ଷା ଓ ସବୁଜବଳୟ ସୃଷ୍ଟିରେ ଓଡ଼ିଶା ଆଜି ସାରା ଦେଶରେ ଏକ ଅଗ୍ରଣୀ ରାଜ୍ୟ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛି। ବିଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟରେ ୫୫୮ ବର୍ଗ କିମି ବନ ଓ ବୃକ୍ଷ ଆବରଣ ବୃଦ୍ଧି ପାଇଛି, ଯାହା ଫଳରେ ସମଗ୍ର ଭାରତବର୍ଷରେ ଓଡ଼ିଶା ଆଜି ଗୌରବଜନକ ତୃତୀୟ ସ୍ଥାନ ଅଧିକାର କରିଛି ବୋଲି କପିଳେଶ୍ୱରଠାରେ ଆୟୋଜିତ ରାଜ୍ୟସ୍ତରୀୟ ୭୭ତମ ବନ ମହୋତ୍ସବ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରକାଶ କରିଛନ୍ତି।



ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟର ପ୍ରବାହିତ ନଦୀଗୁଡ଼ିକୁ ଚିରସ୍ରୋତା କରିବା ପାଇଁ 'ସବୁଜ ମହାନଦୀ ମିଶନ' ଅଧୀନରେ ମହାନଦୀ, ତେଲ୍, ଇବ୍, ବ୍ରାହ୍ମଣୀ, ଋଷିକୁଲ୍ୟା, ବୈତରଣୀ ଓ ବଂଶଧରା ନଦୀ ପାର୍ଶ୍ୱରେ ୧.୫ କିମି ପ୍ରଶସ୍ତ ସବୁଜ ବଳୟ ସୃଷ୍ଟି କରାଯାଉଛି। ୨୦୨୫-୨୬ ଆର୍ଥିକ ବର୍ଷରେ ୭୭୪ ହେକ୍ଟର ଅଞ୍ଚଳରେ ୫.୬୫ ଲକ୍ଷ ଚାରା ରୋପଣ କରାଯାଇଥିବା ବେଳେ ୨୦୨୬-୨୭ ବର୍ଷରେ ୨,୭୦୨ ହେକ୍ଟର ଅଞ୍ଚଳରେ ପ୍ରାୟ ୯ ଲକ୍ଷ ଚାରା ରୋପଣର ଲକ୍ଷ୍ୟ ରଖାଯାଇଛି। ସେହିପରି 'ବର୍ଦ୍ଧିତ ସବୁଜ ବଳୟ ଯୋଜନା' ମାଧ୍ୟମରେ ଚଳିତ ବର୍ଷ ୩,୫୮ ହେକ୍ଟର ଜମିରେ ୧୫ ଲକ୍ଷ ୯୩ ହଜାର ଚାରା ରୋପଣ କରାଯିବ। ସହରାଞ୍ଚଳରେ ପ୍ରଦୂଷଣ କମାଇବା ପାଇଁ ଚଳିତ ବର୍ଷ ପ୍ରାୟ ୬ ଲକ୍ଷ ୯୫ ହଜାର ଚାରା ରୋପଣର ଲକ୍ଷ୍ୟ ରହିଛି। 'ଆମ ଜଙ୍ଗଲ ଯୋଜନା' ଅଧୀନରେ ୧୯,୯୭୫ ହେକ୍ଟର ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର କରାଯାଇ ୪୩.୧୮ ଲକ୍ଷ ସ୍ଥାନୀୟ ପୃଷ୍ଠା-୬

# ଭୁବନେଶ୍ୱରରେ ନିର୍ମାଣ ହେବ ନୂଆ ରାଜସ୍ୱ ଭବନ



### ୬୦୦ କୋଟି ବ୍ୟୟରେ ୧୦ ମହଲା ବିଶିଷ୍ଟ କୋଠା

ଭୁବନେଶ୍ୱର,୭।୭(ସଂଚାର ବ୍ୟୁରୋ): ରାଜ୍ୟର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ ଓ ଆଧୁନିକ କରିବା ଲକ୍ଷ୍ୟରେ ଭୁବନେଶ୍ୱରରେ ଏକ ନୂଆ ରାଜସ୍ୱ ଭବନ ନିର୍ମାଣ କରାଯିବ। ଏନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି।

ମନ୍ତ୍ରୀଙ୍କ କହିବାନୁଯାୟୀ, ପ୍ରାୟ ୬୦୦ କୋଟି ଟଙ୍କା ବ୍ୟୟରେ ୧୦ ମହଲା ବିଶିଷ୍ଟ ଏହି ଅତ୍ୟାଧୁନିକ କୋଠା ନିର୍ମାଣ କରାଯିବ। ଏହି ଭବନରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ବିଭିନ୍ନ କାର୍ଯ୍ୟାଳୟକୁ ଏକାଠି କରାଯିବା ସହ ପ୍ରଶାସନିକ କାର୍ଯ୍ୟକୁ ଅଧିକ ଦକ୍ଷ ଓ ସମନ୍ୱିତ କରିବାକୁ ଗୁରୁତ୍ୱ ଦିଆଯିବ। ନୂତନ ରାଜସ୍ୱ ଭବନରେ ରାଜ୍ୟ ବିପର୍ଯ୍ୟୟ ନିୟନ୍ତ୍ରଣ କେନ୍ଦ୍ର (ଏସ୍‌ଆର୍‌ସି) କାର୍ଯ୍ୟାଳୟ, ଜାତୀୟ ବିପର୍ଯ୍ୟୟ ମୁକାବିଲା ବାହିନୀ (ଏନ୍‌ଡିଆର୍‌ଏଫ୍), ଅଗ୍ନିଶମ ସେବା, ଓଡ୍ରାଫ୍ ସମେତ ବିପର୍ଯ୍ୟୟ ପରିଚାଳନା ସହ ଜଡ଼ିତ ସମସ୍ତ ପ୍ରମୁଖ ବିଭାଗକୁ ସ୍ଥାନ ଦିଆଯିବ। ଏହା ଫଳରେ ବିପର୍ଯ୍ୟୟ ସମୟରେ ବିଭିନ୍ନ ସଂସ୍ଥା ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରିବା ସହ ଦ୍ରୁତ ପଦକ୍ଷେପ ନେବାରେ ସୁବିଧା ହେବ। ମନ୍ତ୍ରୀ ଶ୍ରୀ ପୂଜାରୀ ଆହୁରି ମଧ୍ୟ କହିଛନ୍ତି ଯେ ରାଜ୍ୟର ବର୍ତ୍ତମାନ ଓ ଭବିଷ୍ୟତର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ଭବନର ରୂପରେଖ ପ୍ରସ୍ତୁତ କରାଯାଉଛି। ଏହା କାର୍ଯ୍ୟକ୍ଷମ ହେବା ପରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ସମ୍ବନ୍ଧୀୟ ସେବାକୁ ଆହୁରି ସୁଚାରୁ ଓ ଦକ୍ଷତାର ସହ ପରିଚାଳନା କରାଯାଇପାରିବ।

### ସଡ଼କ ଦୁର୍ଘଟଣା ହ୍ରାସ ପାଇଁ କଠୋର ଆଭିମୁଖ୍ୟ

# ଫିଟନେସ ନଥିଲେ ଜବତ ହେବ ଗାଡ଼ି





କଟକ,୭।୭(ସଂଚାର ବ୍ୟୁରୋ):ସଡ଼କ ଦୁର୍ଘଟଣା ହ୍ରାସ ତଥା ସମସ୍ତ ସଡ଼କ ବ୍ୟବହାରକାରୀଙ୍କୁ ସୁରକ୍ଷାକୁ ଦୃଷ୍ଟିରେ ରଖି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନାଙ୍କ ନିର୍ଦ୍ଦେଶ କ୍ରମେ ସାରା ରାଜ୍ୟରେ ସଡ଼କ ସୁରକ୍ଷା ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ସ୍ୱତନ୍ତ୍ର ଯାଞ୍ଚ ଅଭିଯାନ ଜାରି ରହିଛି। ତେବେ ଅଭ୍ୟାସଗତ ନିୟମ ଉଲ୍ଲଙ୍ଘନକାରୀ ଓ ସଡ଼କ ସୁରକ୍ଷା ନିୟମ ପାଳନକୁ ନେଇ ଗୁରୁତର ତ୍ରୁଟି କରୁଥିବା ଗାଡ଼ିଗୁଡ଼ିକୁ ଅଙ୍କୁଶ ଲଗାଇବାକୁ ଆଭିମୁଖ୍ୟକୁ ଆହୁରି କଠୋର କରିବାକୁ ନିଷ୍ପତ୍ତି ହୋଇଛି। ଏଭଳି ଗାଡ଼ିକୁ କେବଳ ଜରିମାନା ଲାଗୁ କରି ଛାଡ଼ିଦେବା ବଦଳରେ ମୋଟର ଯାନ ନିୟମ ଅନୁଯାୟୀ ଜବତ କରିବା ଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଜାରି ହୋଇଛି।

ଏହି ସନ୍ଦର୍ଭରେ ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଓ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଓ ଏନଫୋର୍ସମେଣ୍ଟ ଅଧିକାରୀଙ୍କୁ ସର୍କୁଲାର ଜାରି କରି ଅବଗତ କରାଇଛି ରାଜ୍ୟ ପରିବହନ ପ୍ରାଧିକରଣ। ଏଥିରେ ଦର୍ଶାଯାଇଛି ଯେ ଗତ ଏପ୍ରିଲ ପହିଲାରୁ ୩୦ ଜୁନ୍ ୨୦୨୬ ମଧ୍ୟରେ ହୋଇଥିବା ଏନଫୋର୍ସମେଣ୍ଟ କାର୍ଯ୍ୟର ସମୀକ୍ଷାରୁ ଜଣାପଡ଼ିଛି ଯେ ନିୟମ ଉଲ୍ଲଙ୍ଘନ କରି ଚଳାଚଳ କରୁଥିବା ମୋଟର ଯାନଗୁଡ଼ିକ ବିରୋଧରେ ମୋଟର ଯାନ ଆଇନର ଧାରା ୧୯୨ ଅଧୀନରେ ଅନେକ ଚାଲାଣ ଜାରି ହୋଇଥିଲେ ସୁଦ୍ଧା ଧାରା ୨୦୭ ଅନୁଯାୟୀ ଗାଡ଼ି ଜବତ ସଂଖ୍ୟା କମ୍ ରହିଛି। ଏହି ସମୟରେ ସାରା ରାଜ୍ୟରେ ୧,୬୪,୮୮୨ ଚାଲାଣ ଜାରି ହୋଇଥିବା ବେଳେ ମାତ୍ର ୪୨୮ ଟି ଗାଡ଼ି ଜବତ ହୋଇଛି।

କେବଳ ଚାଲାଣ ଜାରି କରି ଅଯୋଗ୍ୟ ଓ ଅନୁପଯୁକ୍ତ ଗାଡ଼ିକୁ ଛାଡ଼ିଦେବା ଦ୍ୱାରା ସଡ଼କ ସୁରକ୍ଷା ଉଦ୍ଦେଶ୍ୟ ସାଧିତ ହେଉନାହିଁ। ଏଭଳି ଅନୁପଯୁକ୍ତ ଗାଡ଼ିଗୁଡ଼ିକ ବିନା ଉଚିତ ସୁଧାରରେ ପୁଣି ଥରେ ରାସ୍ତାକୁ ଆସୁଛନ୍ତି। ଏହି ବେଆଇନ ଗାଡ଼ି ଚଳାଚଳ ଯୋଗୁଁ ଅନେକ ସମୟରେ ମର୍ମନ୍ତୁଦ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ତେଣୁ ଏଣିକି ଯଦି କୌଣସି ଗାଡ଼ି ଫିଟନେସ୍ ବିନା ଗାଡ଼ି ଚଳାଉଛନ୍ତି, ତେବେ ସେମାନଙ୍କ ବିରୋଧରେ କଠୋର ଆଭିମୁଖ୍ୟ ସ୍ୱରୂପ ଗାଡ଼ି ଜବତ ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ପୃଷ୍ଠା-୬

# ଭୟାବହ ଭୂସ୍ଖଳନ: ୧୬ ମୃତ, ୧୭ ଆହତ

ୱାୟନାଡ/ପୁନେ, ୭।୭:ବିଗତ ଦୁଇଦିନରେ ଲଗାଣ ବର୍ଷା ଓ ଭୂସ୍ଖଳନ ଯୋଗୁ କେରଳ ଓ ମହାରାଷ୍ଟ୍ରରେ ୧୬ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ପାଖାପାଖି ୧୭ ଜଣ ଆହତ ହୋଇଛନ୍ତି। ଏହି ଘଟଣାରେ ଅନେକ ନିଖୋଜ ଥିବା ଦୁଇରାଜ୍ୟ କର୍ତ୍ତୃପକ୍ଷଙ୍କ ସୂତ୍ରରୁ ଜଣାପଡ଼ିଛି।

ମଙ୍ଗଳବାର ଏକ ଭୟଙ୍କର ଭୂସ୍ଖଳନରେ ୩ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୭ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଏଥିସହ ୭ ଜଣ ଲୋକ ନିଖୋଜ ଥିବା ଆଶଙ୍କା କରାଯାଉଛି। ଅପରପକ୍ଷରେ, ମହାରାଷ୍ଟ୍ରରେ ବିଗତ ଦୁଇ ଦିନ ଧରି ଜାରି ରହିଥିବା ଅଦିନିଆ ବର୍ଷା ଓ ଭୂସ୍ଖଳନ ଯୋଗୁ ବର୍ତ୍ତମାନ ସୁଦ୍ଧା ୧୩ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୦ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି।

ୱାୟନାଡ଼ର କଲ୍ଲାଡି ସ୍ଥିତ ମୀନାକ୍ଷୀ ବ୍ରିଜ୍ ନିକଟରେ ଏହି ଦୁର୍ଘଟଣା ଘଟିଛି। କୋଝିକୋଡ୍ ଓ ୱାୟନାଡ଼ ଜିଲ୍ଲାକୁ ସଂଯୋଗ କରୁଥିବା ଏକ ପ୍ରସ୍ତାବିତ ସୁଡ଼ଙ୍ଗ ସଡ଼କ ପ୍ରକଳ୍ପର କାମ ଚାଲିଥିଲା। ନିର୍ମାଣ ସ୍ଥଳରେ ସୁଡ଼ଙ୍ଗ ଖୋଦେଇ ପରେ ବହୁ ପରିମାଣର ମାଟି ଗଦାକରି ରଖାଯାଇଥିଲା। ପ୍ରବଳ ବର୍ଷା ଯୋଗୁ ଏହି ମାଟି ଗଦା ହଠାତ୍ ଧସିଯାଇଥିଲା। ମାଟି ଅତଡ଼ା ଏତେ ଜୋରରେ ଖସିଥିଲା ଯେ ଏହାର ପ୍ରଭାବରେ ବଡ଼ ବଡ଼ ଗଛ ଉପୁଡ଼ି ପଡ଼ିବା ସହ ସେଠାରେ ଲାଗିଥିବା ଲୁହା ବ୍ୟାରିକେଡ୍ ମଧ୍ୟ ଭାସିଯାଇଛି। ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ନେଇ ମୁଖ୍ୟମନ୍ତ୍ରୀ ଭି. ଡି. ସତୀଶନ ସୂଚନା ଦେଇଛନ୍ତି।



ମୁଖ୍ୟମନ୍ତ୍ରୀ ଭି. ଡି. ସତୀଶନ ଏହି ଦୁର୍ଘଟଣା ପାଇଁ ସିଧାସଳଖ ଠିକାଦାରଙ୍କୁ ଦାୟୀ ପୃଷ୍ଠା-୬

### ଇଣ୍ଡୋନେସିଆ ସଂସଦରେ ମୋଦିଙ୍କ ଉଦ୍‌ବୋଧନ

# ଦୁଇଦେଶର ସମ୍ପର୍କକୁ ଘନିଷ୍ଠ କରିଥିଲେ ବିଜୁବାବୁ



ଜାକର୍ତ୍ତା, ୭।୭: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ଜାକର୍ତ୍ତାରେ ଇଣ୍ଡୋନେସିଆ ସଂସଦକୁ ସମ୍ବୋଧନ କରି ବିଜୁ ପଟ୍ଟନାୟକଙ୍କ କାର୍ଯ୍ୟକୁ ଉଲ୍ଲେଖ କରିଛନ୍ତି। ଇଣ୍ଡୋନେସିଆର ସ୍ୱାଧୀନତା ସଂଗ୍ରାମ ସମୟରେ ଡଚ୍ ଶାସନାଧୀନ ଜାଭାରୁ ସେଠାକାର ଶୀର୍ଷ ନେତୃତ୍ୱଙ୍କୁ ଉଦ୍ଧାର କରିବାରେ ବିଜୁ ପଟ୍ଟନାୟକଙ୍କ ସାହସିକ ଭୂମିକାକୁ ପ୍ରଶଂସା କରିଛନ୍ତି। ଜାକର୍ତ୍ତାରେ ଇଣ୍ଡୋନେସିଆ ସଂସଦକୁ ସମ୍ବୋଧିତ କରି ମୋଦୀ କହିଛନ୍ତି, ଜଣେ ପାଇଲଟ୍ ଭାବରେ ବିଜୁ ପଟ୍ଟନାୟକ ଇଣ୍ଡୋନେସିଆ ତତ୍କାଳୀନ ପ୍ରଧାନମନ୍ତ୍ରୀ ସୁତାନ ସାହରିର ଏବଂ ଉପ-ରାଷ୍ଟ୍ରପତି ମହମ୍ମଦ ହାଟ୍ଟାଙ୍କୁ ସୁରକ୍ଷିତ ଭାବେ ଭାରତ ଆଣିଥିଲେ। ଏହା ନୂଆଦିଲ୍ଲୀ ଏବଂ ଇଣ୍ଡୋନେସିଆ ସଂପର୍କକୁ ଆହୁରି ଘନିଷ୍ଠ କରିଥିଲା।

ପ୍ରଧାନମନ୍ତ୍ରୀ କହିଛନ୍ତି, 'ଆମ ଦୁଇଦେଶ ପ୍ରାୟ ଏକା ସମୟରେ ସ୍ୱାଧୀନତା ଲାଭ କରିଥିଲେ। ଇଣ୍ଡୋନେସିଆ ୧୯୪୫ରେ ଏବଂ ଭାରତ ୧୯୪୭ରେ। ଯେତେବେଳେ ସ୍ୱାଧୀନ ଦେଶ ଭାବରେ ସାର୍ବଭୌମତ୍ୱ କଥା ଆସିଲା, ଜାତିସଂଘରେ ଇଣ୍ଡୋନେସିଆର ସ୍ୱାଧୀନତା ଆନ୍ଦୋଳନ ସପକ୍ଷରେ ଭାରତ ଏକ ଦୃଢ଼ ସ୍ୱର ସାଜିଥିଲା। ସେହି ସମୟରେ ସମ୍ମାନନୀୟ ବିଜୁ ପଟ୍ଟନାୟକଙ୍କ ଯେଉଁଭଳି ଭାବେ ସେ ପ୍ରଧାନମନ୍ତ୍ରୀ ସୁତାନ ସଜାହରିର ଏବଂ ଉପ-ରାଷ୍ଟ୍ରପତି ପୃଷ୍ଠା-୬

# ବୈତରଣୀରେ ନାହିଁ ବନ୍ୟା ସ୍ଥିତି

### ସ୍ପଷ୍ଟ କଲେ ଜଳସମ୍ପଦ ସର୍ବୋଚ୍ଚ ଯନ୍ତ୍ରୀ

ଭୁବନେଶ୍ୱର,୭।୭(ସଂଚାର ବ୍ୟୁରୋ): ରାଜ୍ୟରେ ଲଗାଣ ବର୍ଷା ପରେ ବୈତରଣୀ ନଦୀରେ ଛୋଟ ବନ୍ୟା ସ୍ଥିତି ସୃଷ୍ଟି ହୋଇଥିଲେ ମଧ୍ୟ ଏବେ ପରିସ୍ଥିତି ଧୀରେ ଧୀରେ ସୁଧୁରିବାରେ ଲାଗିଛି। ବୈତରଣୀର ଜଳସ୍ତର କମିବା ସହ ଆଖୁଆପଦାରେ ଜଳସ୍ତର ସତର୍କ ସଂକେତ ତଳକୁ ଖସିଛି। ତେଣୁ ବର୍ତ୍ତମାନ ବୈତରଣୀରେ ବନ୍ୟା ପରିସ୍ଥିତି ନାହିଁ ବୋଲି ସ୍ପଷ୍ଟ କରିଛନ୍ତି ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ।

ତାଙ୍କ କହିବାନୁସାରେ, ଆଖୁଆପଦାରେ ଆଜି ଜଳସ୍ତର ୧୭.୭ ମିଟର ରହିଛି, ଯାହା ବିପଦ ସଂକେତଠାରୁ ଯଥେଷ୍ଟ କମ୍। ଯାଜପୁର ଜିଲ୍ଲାର ୪ରୁ ୫ଟି ପଞ୍ଚାୟତର କିଛି ଚାଷଜମିରେ ବନ୍ୟାଜଳ ପ୍ରବେଶ କରିଛି। ସେଠାକାର ପ୍ରଶାସନ ପରିସ୍ଥିତି ଉପରେ ନଜର ରଖିଛି। ଯାଜପୁର କଣ୍ଟାପଡ଼ାରେ ଘାଇ ସୃଷ୍ଟି ହୋଇଥିବା ଖବରକୁ ମଧ୍ୟ ଖଣ୍ଡନ କରିଛନ୍ତି ଶ୍ରୀ ରାଉତ। ବିଭାଗର ସ୍ପଷ୍ଟୀକରଣ ଅନୁଯାୟୀ, ଏହା କୌଣସି ଘାଇ ନୁହେଁ। ଚାଷଜମିକୁ ବନ୍ୟା ପାଣିରୁ ସୁରକ୍ଷା ଦେବା ପାଇଁ ସ୍ଥାନୀୟ ଲୋକେ ଏକ ମାଟିବନ୍ଧ କରିଥିଲେ। ସେହି ବନ୍ଧ ଉପର ଦେଇ ପାଣି ପ୍ରବାହିତ ହୋଇଛି। ଭବିଷ୍ୟତରେ ଏଭଳି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ମଥୁରାପଡ଼ା, କଣ୍ଟାପଡ଼ା ସମେତ ୩ଟି ସ୍ଥାନରେ ନୂଆ ସ୍ଲୁଇସ୍ ଗେଟ୍ ନିର୍ମାଣ କରାଯିବାକୁ ଯୋଜନା ହୋଇଛି।



ଅନ୍ୟପକ୍ଷରେ ହୀରାକୁଦ ଜଳଭଣ୍ଡାରର ସ୍ଥିତି ଉପରେ ମଧ୍ୟ ସରକାରଙ୍କ ତୀକ୍ଷ୍ଣ ନଜର ରହିଥିବା କହିଛନ୍ତି ଜଳସମ୍ପଦ ଅଧିକାରୀ। ବର୍ତ୍ତମାନ ହୀରାକୁଦରେ ଜଳସ୍ତର ୬୦୬.୧୨ ଫୁଟ ରହିଛି, ଯାହାକି ଗତବର୍ଷର ଜଳସ୍ତର ୬୦୯ ଫୁଟ ତୁଳନାରେ କମ୍। ବର୍ତ୍ତମାନ ପ୍ରାୟ ୧ ଲକ୍ଷ ୮୦ ହଜାର କ୍ୟୁସେକ ଜଳ ହୀରାକୁଦକୁ ପ୍ରବେଶ କରୁଥିବା ବେଳେ ଆସନ୍ତାକାଲି ସୁଦ୍ଧା ଏହା ପ୍ରାୟ ଅଢ଼େଇ ଲକ୍ଷ କ୍ୟୁସେକରେ ପହଞ୍ଚିବାର ସମ୍ଭାବନା ରହିଛି। ସେହିପରି ଉପରମୁଣ୍ଡରେ ବର୍ଷା ଓ ଛତିଶଗଡ଼ର କଲମା ବ୍ୟାରେଜର ଗେଟ୍ ଖୋଲାଯିବା ପରେ ଜଳପ୍ରବାହ ଆହୁରି ବଢ଼ିପାରେ।

ଆସନ୍ତା ୯ ତାରିଖ ସୁଦ୍ଧା ହୀରାକୁଦର ଜଳସ୍ତର ୬୦୯ ଫୁଟ ଛୁଇଁବା ପରେ କେତୋଟି ଗେଟ୍ ଖୋଲାଯିବ, ସେନେଇ ଆସନ୍ତାକାଲି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ଆହୁରି ମୁଣ୍ଡୁଳିରେ ଜଳପ୍ରବାହ ପର୍ଯ୍ୟାୟ କ୍ରମେ ବଢ଼ି ପ୍ରାୟ ସାଢ଼େ ୪ ଲକ୍ଷ ପୃଷ୍ଠା-୬

# ପୃଥକ୍ ଦୁର୍ଘଟଣାରେ ୪ ମୃତ, ୮ ଗୁରୁତର



ଘଟଗାଁ/ସୁନ୍ଦରଗଡ଼,୭।୭(ସଂଚାର ବ୍ୟୁରୋ): ପୃଥକ୍ ଦୁର୍ଘଟଣାରେ ମୋଟ ୪ ଜଣଙ୍କର ମୃତ୍ୟୁ ହୋଇଛି। ଘଟଗାଁରେ ବାଇକକୁ ଧକ୍କା ଦେଲା ଥାର୍। ଘଟଣାସ୍ଥଳରେ ଦୁଇ ଯୁବକଙ୍କର ମୃତ୍ୟୁ ଘଟିଛି। କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଖଜୁରୀଜୁଆଣି ନିକଟରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଥାର୍ ଧକ୍କାରେ ବାଇକଟି ଭାଙ୍ଗି ଚୂରମାର୍ ହୋଇଯାଇଛି। ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ସ୍ଥାନୀୟ ପୁଲିସ। ଉଭୟ ବାଇକ୍ ଓ ମହିନ୍ଦ୍ରା ଥାର୍ କେନ୍ଦୁଝର ଅଭିମୁଖେ ଯାଉଥିଲେ। ତେବେ ଢେଙ୍କିକୋଟ ବଜାର ଆଗକୁ ଥିବା ପୃଷ୍ଠା-୬



## କାନ ଡେରିଥା

ଚବିଶ ବର୍ଷର ନବୀନ
ଶାସନ
ଦେଖିଲେ ଓଡ଼ିଶାବାସୀ
ବାର ବରଷ ଯେ
ମହାପାତ୍ରେ ଥିଲେ
ଖୁସିଟା ନଥିଲା ବେଶୀ
ପାଣ୍ଡିଆ ଆସିଲେ ପଶି...
ବାର ବରଷଟା ଯାଙ୍କ
ହାବୁଡ଼ରେ
ଦଳଟାକୁ ଦେଲେ ଚୁସି।

■ ଦେବାଶିଷ

# ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ସରକାର ତତ୍ପର

### ନିଜେ ମୁଖ୍ୟମନ୍ତ୍ରୀ ରଖିଛନ୍ତି ନଜର

### ଦୁଇ ଶହରୁ ଅଧିକ ଓଏଏସ୍ ମୁତୟନ

ଭୁବନେଶ୍ୱର,୭।୭(ସଂଚାର ବ୍ୟୁରୋ): ଚଳିତ ବର୍ଷର ରଥଯାତ୍ରାକୁ ସୁରୁଖୁରୁରେ କରିବା ପାଇଁ ସବୁ ସ୍ତରରେ ତତ୍ପରତା ପ୍ରକାଶ ପାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜେ ପ୍ରତିଟି କାର୍ଯ୍ୟ ଉପରେ ନଜର ରଖିଥିବା ବେଳେ ଅଧିକ ସଂଖ୍ୟକ ପ୍ରଶାସନିକ ଅଧିକାରୀ ଓ ପୁଲିସ୍ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। କୌଣସି କ୍ଷେତ୍ରରେ ଯେଭଳି ତ୍ରୁଟି ନରୁହେ, ତାହା ଉପରେ ସତର୍କ ଦୃଷ୍ଟି ରଖାଯାଇଛି।

ସୁରୁଖୁରୁରେ ସ୍ନାନଯାତ୍ରା ସରିବା ପରେ ଏବେ ରଥଯାତ୍ରା ପାଇଁ କାର୍ଯ୍ୟ ଜୋରସୋରରେ ଚାଲିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମୀକ୍ଷାରେ ଶେଷ ସ୍ପର୍ଶ ଦେଇଥିବା ବେଳେ ବରିଷ୍ଠ ଅଧିକାରୀମାନେ ବାରମ୍ବାର ପୁରୀ ଗସ୍ତ କରୁଛନ୍ତି। ରଥଯାତ୍ରା ପରିଚାଳନାରେ ଦୀର୍ଘ ଅଭିଜ୍ଞତା ପାଇଁ ବରିଷ୍ଠ ଆଇପିଏସ୍ ଅଫିସର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ କାନ୍ଧରେ ଏଥର ରଥଯାତ୍ରାର ଗୁରୁ ଦାୟିତ୍ୱ ରହିଛି। ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀଙ୍କ ସହ ସମନ୍ୱୟ ରକ୍ଷା କରି ଶ୍ରୀ ପ୍ରିୟଦର୍ଶୀ ରଥଯାତ୍ରାର ନକ୍ସା ପ୍ରସ୍ତୁତ କରିବାରେ ଲାଗିଛନ୍ତି।



ଅନ୍ୟ ପକ୍ଷରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପୁରୀ ଗସ୍ତରେ ଯାଇଥିବା ବେଳେ ହଠାତ୍ ରଥଖଳାରେ ପହଞ୍ଚି ମହାରଣାମାନଙ୍କର ମନୋବଳ ବୃଦ୍ଧି କରିଛନ୍ତି। ପ୍ରଥମ ଥର ପାଇଁ ରାଜ୍ୟର କୌଣସି ମୁଖ୍ୟମନ୍ତ୍ରୀ ରଥଖଳାରେ ପହଞ୍ଚି ମହାରଣା ସେବକଙ୍କ ସହ ଆଲୋଚନା କରିଛନ୍ତି। ଏହା ମହାରଣାମାନଙ୍କର ମନୋବଳ ବଢ଼ାଇବା ସହ ରଥ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ଧାର୍ଯ୍ୟ ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ସରିବ ବୋଲି ସେମାନେ ସୂଚନା ଦେଇଛନ୍ତି।

ଗତବର୍ଷ ରଥଯାତ୍ରାରେ ଘଟିଥିବା ପୃଷ୍ଠା-୬

### ଅମାନିଆ ଇସ୍କନ୍

# ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଗଜପତିଙ୍କ ଚିଠି



ପୁରୀ,୭।୭(ସଂଚାର ବ୍ୟୁରୋ): ନାନାଦି ତାଗିଦ୍ ଓ ଚେତାବନୀ ପରେ ବି ଇସ୍କନ୍ ପକ୍ଷରୁ ଦେଶ ବାହାରେ ଅଦିନିଆ ରଥଯାତ୍ରା ଜାରି ରହିଛି। ଏନେଇ ଗଜପତି ମହାରାଜା ଦିବ୍ୟସିଂହ ଦେବ ଏକାଧିକ ବାର ଚିଠି ଲେଖି ଏ ଦିଗରେ ପଦକ୍ଷେପ ନେବାକୁ ଇସ୍କନ୍‌କୁ ନିବେଦନ କରିଥିଲେ ମଧ୍ୟ ଇସ୍କନ୍ ଉପରେ ଏହାର କୌଣସି ପ୍ରଭାବ ପଡୁନାହିଁ। ତେଣୁ ଏବେ ଗଜପତି ମହାରାଜା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଛନ୍ତି। ଏହି ମାମଲାରେ ଗଜପତି ମହାରାଜ ଦିବ୍ୟସିଂହ ଦେବ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି।

ଗଜପତି ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ଅଦିନିଆ ରଥଯାତ୍ରା ନିୟମିତ ଭାବେ ଆୟୋଜିତ ହୋଇଆସୁଥିବାରୁ ଏହା କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଭାବନା ପ୍ରତି ଆଘାତ ଦେଉଛି। ଏପରି ଆୟୋଜନରେ ରୋକ ଲଗାଇବା ସକାଶେ ଇସ୍କନ୍‌କୁ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ (ଏସଜେଟିଏ) ପକ୍ଷରୁ ବାରମ୍ବାର ଚିଠି ଲେଖାଯାଇ ଆସୁଥିଲେ ହେଁ ସମସ୍ତ ନିବେଦନ ସତ୍ତ୍ୱେ ଏହା ଜାରି ରହିଛି। ଗଜପତିଙ୍କ ଅନୁସାରେ, ଗତ ସ୍ନାନ ପୂର୍ଣ୍ଣିମାରେ ଇସ୍କନ ଯୁକ୍ତି ଦର୍ଶାଇଥିଲା ଯେ ଜୁନ୍ ୨୮ରେ ଜ୍ୟେଷ୍ଠ ପୂର୍ଣ୍ଣିମା ତିଥି ରହିଛି। କିନ୍ତୁ ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ ଉଦୟ ପର୍ବ ଅର୍ଥାତ୍ ପୃଷ୍ଠା-୬

ବୁଧବାର ୮ ଜୁଲାଇ ୨୦୨୬ ଭୁବନେଶ୍ୱର SANCHAR ସଂଚାର

# ବୋତଲ ଗୋଟାଉଥିବା ବେଳେ ଭାସିଗଲେ ନାବାଳକ

● ଉଦ୍ଧାର ପରେ ମୃତ୍ୟୁ ଘୋଷଣା କଲେ ଡାକ୍ତର



**କେନ୍ଦ୍ରାପଡ଼ା,୭।୭(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଟାଉନ୍ ଥାନା ଅନ୍ତର୍ଗତ ଜ୍ଞାନପୀଠ ନିକଟ କଜଳା ନାଳ କୂଳରୁ ବୋତଲ ଗୋଟାଉଥିବା ବେଳେ ଜଣେ ନାବାଳକ ନଦୀରେ ଭାସି ଯାଇଛନ୍ତି । ସ୍ଥାନୀୟ ଅର୍ବାନ ବ୍ୟାଙ୍କ କର୍ମଚାରୀ କିରଣ ବଳ ପ୍ରଥମେ ଏହା ଦେଖି ଏହି ବାଟରେ ଯାଉଥିବା ଲୋକଙ୍କୁ ନାବାଳକଙ୍କୁ ଉଦ୍ଧାର କରିବା ପାଇଁ ଅନୁରୋଧ କରିଥିଲେ । ହେଲେ କୌଣସି ବ୍ୟକ୍ତି ଅଟକି ନ ଥିଲେ । ଶେଷରେ ସେ ଅର୍ବାନ ବ୍ୟାଙ୍କର ଡ୍ରାଇଭର ତ୍ରିଲୋଚନ ମଲ୍ଲିକଙ୍କୁ ଡାକିଥିଲେ । ତ୍ରିଲୋଚନ ଏକ ବାଉଁଶ ସାହାଯ୍ୟରେ ଦଳ ସଫା କରି ନଦୀରେ ପଶିଥିଲେ । ଏହାପରେ ଅନ୍ୟ କେତେକ ଯୁବକ ସେଠାରେ ପହଞ୍ଚି ନାବାଳକଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରିଥିଲେ । ଏହାପରେ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନାବାଳକଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ନାବାଳକ ଜଣକ କଜଳା ଅଞ୍ଚଳର ବୋଲି ଜଣାପଡିଛି । ମୃତ ନାବାଳକଙ୍କ ପରିବାରକୁ ତୁରନ୍ତ କ୍ଷତି ପୂରଣ ଯୋଗାଇ ଦେବା ପାଇଁ ସମାଜସେବୀ ଶରତ କୁମାର ବେହୁରା ପ୍ରଶାସନ ନିକଟରେ ଦାବି କରିଛନ୍ତି ।

# ଦୁର୍ଘଟଣାରେ ଜନସ୍ୱାସ୍ଥ୍ୟ କର୍ମଚାରୀଙ୍କ ମୃତ୍ୟୁ



**କେନ୍ଦ୍ରାପଡ଼ା,୭।୭(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ କଜଳା ଶାଖା କେନାଲରେ ପଡି କେନ୍ଦ୍ରାପଡ଼ା ଜନସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ନିରଞ୍ଜନ ବେହେରା(୪୪)ଙ୍କ ମୃତ୍ୟୁ ହୋଇଯାଇଛି । ତାଙ୍କ ଘର କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ସାହସପୁର ଗ୍ରାମରେ ବୋଲି ଜଣାପଡିଛି। ସୋମବାର ରାତିରେ ସେ ବାଇକରେ ଘରକୁ ଫେରୁଥିବା ବେଳେ କଜଳା ଶାଖା କେନାଲ ମଧ୍ୟକୁ ବାଇକ ସହ ପଡି ଯାଇଥିଲେ । ବାଇକ ତଳେ ସେ ଚାପି ହୋଇ ଯାଇଥିଲେ । ମଙ୍ଗଳବାର ସକାଳୁ ସ୍ଥାନୀୟ ଲୋକେ ତାଙ୍କୁ ଦେଖି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ କେନ୍ଦ୍ରାପଡ଼ା ସଦର ଥାନା ପୋଲିସ ଡାକ୍ତରଖାନାରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ଶବ ବ୍ୟବଚ୍ଛେଦ ହେବା ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି ।

# କଫ ସିରପ ସମେତ ଚୋରା ବିଦେଶୀ ମଦ ଜବତ, ୨ଗିରଫ



**କେନ୍ଦ୍ରାପଡ଼ା,୭।୭(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ନିର୍ଦ୍ଦେଶକ୍ରମେ ଏବଂ ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର ଡେରାବିଶ ଓ ମାର୍ଶାଘାଇ ଥାନା ଅଳର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଚଢ଼ାଉ କରାଯାଇଥିଲା । ଏହି ଚଢ଼ାଉ ସମୟରେ ମାଣିତ୍ରୀ ଗ୍ରାମର ପୁଲକ କୁମାର ସ୍ୱାଇଁ( ୩୮)ଙ୍କ ନିକଟରୁ ୧୦୦ ମିଲି ଲିଟର ବିଶିଷ୍ଟ ୬୨ ଟି କଫ ସିରପ ବୋତଲ ଏବଂ ଗୋଟିଏ ମୋଟର ସାଇକେଲ ଜବତ କରାଯାଇଥିଲା। ସେହିପରି ଆମ୍ଭୁରା ଗ୍ରାମର ପ୍ରଦୀପ ସେନାପତି( ୩୮)ଙ୍କ ନିକଟରୁ ୨୯ ଲିଟର ଚୋରା ବିଦେଶୀ ମଦ ଓ ଗୋଟିଏ ମୋଟର ସାଇକେଲ ଜବତ କରାଯାଇଥିଲା । ଉଭୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଆଇନାନୁସାରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ାଉରେ ଅବକାରୀ ଉପନିରୀକ୍ଷକ ପ୍ରିୟଦର୍ଶୀ ମାନସରଞ୍ଜନ ମିଶ୍ରଙ୍କ ସମେତ ଅବକାରୀ ବିଭାଗର ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ ।

# ନଦୀକୁ ଡେଇଁ ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

**ପଟ୍ଟାମୁଣ୍ଡାଇ,୭।୭(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଗ୍ରାମାଂଚଳ ଥାନା ଅଧିନରେ ଥିବା ସାନଜରିଆ ପଂଚାୟତରେ ଆଜି ଏକ ଅଭାବନୀୟ ଚାଂଚଲ୍ୟକର ଘଟଣା ଘଟିଛି । ସ୍ଥାନୀୟ ଭେଡିସାହି ଗ୍ରାମର ଜନୈକା ମହିଳା ଗୋବରୀ ନଦୀକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିବା ଦେଖିବାକୁ ମିଳିଛି । ତେବେ ସେଠାରେ ଉପସ୍ଥିତ ସ୍ଥାନୀୟ ଲୋକମାନେ ଅତ୍ୟନ୍ତ ତତ୍ପରତା ଓ ସାହସିକତାର ସହିତ ନଦୀ ମଧ୍ୟରୁ ମହିଳାଙ୍କୁ ଉଦ୍ଧାର କରିବା ଫଳରେ ମହିଳା ଜଣକ ଅଳ୍ପକେ ମୃତ୍ୟୁ ମୁଖରୁ ରକ୍ଷା ପାଇ ଯାଇଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ ସାନଜରିଆ ଭେଡିସାହି ଗ୍ରାମର କରୁଣୀ ସେଠୀଙ୍କ ପତ୍ନୀ ଇଚ୍ଛା ସେଠୀ (୬୨) ନାମକ ଜନୈକା ମହିଳା ସକାଳ ୯ଘଟିକା ସମୟରେ ଗଣ୍ଡାକିଆ ପୋଲ ନିକଟରେ ପହଂଚି ପୋଲ ଉପରୁ ହଠାତ ଗୋବରୀ ନଦୀ ନଦୀ ଗର୍ଭକୁ ଡେଇଁ ପଡ଼ିଥିଲେ। ନଦୀର ପ୍ରଖର ସ୍ରୋତରେ ସେ ଭାସି ଯାଉଥିବା ଦେଖି ପୋଲ ନିକଟରେ ଥିବା ଲୋକମାନେ ବୁଡ଼ି ଯାଉଥିବା ଅବସ୍ଥାରେ ଉଦ୍ଧାର କରି କୂଳକୁ ଆଣିଥିଲେ। ପରେ ମହିଳାଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇଥିଲା।

# ଶ୍ରୀହୀନ ହେଉଛି ମହାକାଳପଡ଼ା ବ୍ଲକ୍

## ବିଡ଼ିଓ ପଦବୀ ସମ୍ଭାଳୁଛନ୍ତି ତହସିଲଦାର

## କମ୍ପ୍ୟୁଟର ପ୍ରୋଗ୍ରାମରକୁ ମୁଖ୍ୟ କିରାଣୀ ଦାୟିତ୍ୱ

## ୨୦ ମାସ ପରେ ବି ଆସିଲେନି ନୂତନ ବିଡ଼ିଓ




**ମହାକାଳପଡ଼ା, ୭।୭ (ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ୍ ଏବେ ଶ୍ରୀହୀନ ହେବାରେ ଲାଗିଛି। ପ୍ରଶାସନିକ ବ୍ୟବସ୍ଥାର ସ୍ଥିତି ଦେଖିଲେ ପଞ୍ଚାୟତିରାଜ ନିୟମର ବ୍ୟତିକ୍ରମ ହୋଇଛି ବୋଲି ଜଳଜଳ ଦେଖାଯାଉଛି। ୨୦ ମାସ ପରେ ମଧ୍ୟ ବ୍ଲକ୍ ରେ ସ୍ଥାୟୀ ବିଡ଼ିଓ ନିଯୁକ୍ତି ହୋଇ ପାରିଲା ନାହିଁ। ଯାହା ଫଳରେ ତହସିଲଦାର ସମେତ ଅନ୍ୟାନ୍ୟ ୩ ପଦବୀର ଦାୟିତ୍ୱ ମୁଣ୍ଡେଇ ଥିବା ତହସିଲଦାର ରବିନାରାୟଣ ଆଚାର୍ଯ୍ୟ ଙ୍କୁ ବିଡିଓ ଭାବେ ଆଉ ଏକ ଅତିରିକ୍ତ ଦାୟିତ୍ୱ ଲଦିଛି ପ୍ରଶାସନ। ଏକାଧାରରେ କହିଲେ ରବି ଏବେ ପାଞ୍ଚ ପଦବୀର ଅଧିକାରୀ। ସେପଟେ ଦୀର୍ଘ ଦୁଇବର୍ଷ ରୁ ଉର୍ଦ୍ଧ୍ୱ ହେବ ମୁଖ୍ୟ କିରାଣୀ ପଦବୀ ଖାଲି ପଡିଥିଲା ବେଳେ ଜଣେ କମ୍ପ୍ୟୁଟର ପ୍ରୋଗ୍ରାମରକୁ ସେ ଦାୟିତ୍ୱରେ ବସାଯାଇଛି। ଯାହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ମୁତାବକ ତତ୍କାଳୀନ ମହାକାଳପଡ଼ା ବିଡ଼ିଓ ସାଗର ନନ୍ଦଙ୍କ ବଦଳି ପରେ ଅତିରିକ୍ତ ବିଡିଓ ଦାୟିତ୍ୱ ସମ୍ଭାଳିଥିଲେ ତତ୍କାଳୀନ ତହସିଲଦାର ଶିବ ମଲ୍ଲିକ। ଏହାପରେ ୧୪ ଫେବୃଆରୀ ୨୦୨୪ ରେ ମହାକାଳପଡ଼ାର ନୂତନ ବିଡ଼ିଓ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ ସୌମ୍ୟାଶ୍ରୀ ପାଣିଗ୍ରାହୀ। କାର୍ଯ୍ୟରେ ଯୋଗଦାନର ନଅ ମାସ ପରେ ଅର୍ଥାତ୍ ୨୯ ନଭେମ୍ବର ରେ ତାଙ୍କୁ ବଦଳି କରାଗଲା। ତାଙ୍କ ବଦଳରେ ଆସିବାକୁ ଥିବା ସଞ୍ଜୀବ ସାହୁ କିନ୍ତୁ ମହାକାଳପଡ଼ା ଆସିଲେ ନାହିଁ। ଯାହାଫଳରେ ୩୧ ଡିସେମ୍ବର ପର୍ଯ୍ୟନ୍ତ ସୌମ୍ୟଙ୍କୁ କାର୍ଯ୍ୟ କରିବାକୁ ପଡ଼ିଥିଲା। ୩୧ ଡିସେମ୍ବରରେ ସୌମ୍ୟ ଦାୟିତ୍ୱ ମୁକ୍ତ ହେବା ପରେ ନୂତନ କରି ତହସିଲଦାର ଭାବେ ଯୋଗଦାନ କରିଥିବା ରବିନାରାୟଣ ଆଚାର୍ଯ୍ୟଙ୍କୁ ବିଡ଼ିଓ ବିଡ଼ିଓ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ପ୍ରଶାସନ ବସାଇ ଦେଇଥିଲା। ରବି ସେବେଠାରୁ ତହସିଲଦାର ସମେତ ସବରେଜିଷ୍ଟ୍ରାର, ବିଡ଼ିଓ,ରାମଚଣ୍ଡୀ ମନ୍ଦିର ଟ୍ରଷ୍ଟି ଓ ତାରିଣୀ ମନ୍ଦିର ଟ୍ରଷ୍ଟି ଭାବେ ୫ ଦାୟିତ୍ୱରେ ରହି କାର୍ଯ୍ୟ କରି ଆସୁଛନ୍ତି। ହେଲେ ୨୦ ମାସ ପରେ ବି ମହାକାଳପଡ଼ାକୁ ନୂତନ ବିଡ଼ିଓ ନଆସିବା ଏବେ ପ୍ରଶାସନ ଉପରେ ଆଶଙ୍କା ସୃଷ୍ଟି କରିଛି।

ସେହିପରି ଦୁଇବର୍ଷରୁ ଉର୍ଦ୍ଧ୍ୱ ହେବ ମୁଖ୍ୟ କିରାଣୀ ପଦବୀ ଖାଲି ପଡିଥିବା ବେଳେ କମ୍ପ୍ୟୁଟର ପ୍ରୋଗ୍ରାମର ହିମାଂଶୁ ଶେଖର ଦାଶଙ୍କୁ ସେହି ପଦବୀରେ ପ୍ରଶାସନ ବସାଇଛି। କେବଳ ସେତିକି ନୁହେଁ ୩୧ ପଞ୍ଚାୟତ ପାଇଁ ୨୦ ପିଇଓ,୨୩ ଏଡିଇଓ ଓ ୧୦ ଜଣ ଯନ୍ତ୍ରୀଙ୍କୁ ନେଇ ମହାକାଳପଡ଼ା ବ୍ଲକ୍ ର ଉନ୍ନୟନମୂଳକ କାର୍ଯ୍ୟ କେମିତି ଚାଲିଥିବ ତାହା ଏବେ ବଡ଼ ପ୍ରଶ୍ନବାଚୀ।

# ଲାଞ୍ଚ ଖାଇ ପୁଲିସ ଚୁପ୍, ଅଭିଯୋଗ ଆଣି ଥାନା ଘେରିଲେ ଗ୍ରାମବାସୀ




**ଡେରାବିଶ,୭।୭ (ସଂଚାର ବ୍ୟୁରୋ):** ବାରମ୍ବାର ପୁଲିସ ଉପରେ ସାଧାରଣ ଜନତାଙ୍କ ଭରଷା କମୁଥିବା କେନ୍ଦ୍ରାପଡ଼ାରେ ଦେଖିବାକୁ ମିଳିଛି । ଏକ ମରଣାନ୍ତକ ଆକ୍ରମଣ ଘଟଣାକୁ ନେଇ କେନ୍ଦ୍ରାପଡ଼ା ସଦର ଥାନା ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି। ଅଭିଯୁକ୍ତଙ୍କୁ ଗିରଫରେ ପୁଲିସ ବିଳମ୍ବ କରୁଥିବା ଅଭିଯୋଗ ଆଣି ସଦର ଥାନା ଘେରାଉ କରିଛନ୍ତି ଶତାଧିକ ଗ୍ରାମବାସୀ। ଗୁରୁତର ଆହତ ବ୍ୟକ୍ତି କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଚାନ୍ଦୋଳ ନରଣପଡା ଗ୍ରାମରେ ଏହି ଘଟଣା ଘଟିଛି।

ଅଭିଯୋଗ ଅନୁଯାୟୀ, ଶଶିକାନ୍ତ ଦାଶଙ୍କୁ ସେହି ଗ୍ରାମର ଜଣେ ବ୍ୟକ୍ତି ଶାବଳରେ ଆକ୍ରମଣ କରି ଗୁରୁତର ଆହତ କରିଥିଲେ। ପ୍ରଥମେ ତାଙ୍କୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏବଂ ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଘଟଣା ପରେ ପୀଡ଼ିତ ପରିବାର ସଦର ଥାନାରେ ଲିଖିତ ଏତଲା ଦେଇଥିଲେ। ତେବେ ଅଭିଯୁକ୍ତଙ୍କ ବିରୋଧରେ ତୁରନ୍ତ ପଦକ୍ଷେପ ନିଆଯାଇନଥିବା ଅଭିଯୋଗକାରୀ ପୀଡ଼ିତଙ୍କ ପତ୍ନୀଙ୍କ ସମେତ ଶତାଧିକ ଗ୍ରାମବାସୀ ସଦର ଥାନା ଘେରାଉ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ବିକ୍ଷୋଭକାରୀମାନେ ପୁଲିସ ଅଭିଯୁକ୍ତଙ୍କୁ ସୁରକ୍ଷା ଦେଉଥିବା ଏବଂ ଲାଞ୍ଚ ନେଇ କାର୍ଯ୍ୟାନୁଷ୍ଠାନରେ ବିଳମ୍ବ କରୁଥିବା ଅଭିଯୋଗ ଆଣିଛନ୍ତି। ତେବେ ଏହି ଅଭିଯୋଗ ନେଇ ପୁଲିସ ପକ୍ଷରୁ କୌଣସି ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରିବା ସହ ନିରପେକ୍ଷ ତଦନ୍ତ ଦାବି କରିଛନ୍ତି ଗ୍ରାମବାସୀ ।

# ଡ଼ଃ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜୟନ୍ତୀରେ ଚାରାରୋପଣ



**ନିଶ୍ଚିନ୍ତକୋଇଲି,୭।୭ (ସଂଚାର ବ୍ୟୁରୋ):** ଭାରତୀୟ ଜନସଂଘର ପ୍ରତିଷ୍ଠାତା ଡ଼ଃ.ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୧୨୫ତମ ଜୟନ୍ତୀ ଅବସରରେ ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅଧିନସ୍ଥ କୁଳିଆ ସ୍ଥିତ ଶ୍ରୀ ଶ୍ରୀ ରଘୁନାଥଜୀଉଙ୍କ ମନ୍ଦିର ପରିସରରେ ବିଭିନ୍ନ ପ୍ରକାରର ବୃକ୍ଷରୋପଣ କରାଯାଇଛି। ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ମାହାଙ୍ଗା ବିଧାୟକ ଶାରଦାପ୍ରସାଦ ପ୍ରଧାନ, କଟକ ଜିଲ୍ଲା ବିଜେପି (ଗ୍ରାମୀଣ)ସଭାପତି ରାମନାରାୟଣ ମହାନ୍ତି, ବିଜେପି ନେତା ଗୌତମ ରାୟ, ଅଭୟ କୁମାର ବାରିକ, ଅରିନ୍ଦମ ରାୟ, ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଉପାଧ୍ୟକ୍ଷ ନୃସିଂହଚରଣ ମିଶ୍ର, ପୂର୍ବତନ ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ଯତିନ୍ଦ୍ରନାଥ ଜେନା, ରମେଶ ଚନ୍ଦ୍ର ସ୍ୱାଇଁ, ଦେବେନ୍ଦ୍ର କୁମାର ସାହୁ, ବରିଷ୍ଠ ବିଜେପି କାର୍ଯ୍ୟକର୍ତ୍ତା ହରିହର ପ୍ରଧାନ, ଗୋତରା ପଞ୍ଚାୟତ ସରପଞ୍ଚ ସୂର୍ଯ୍ୟକାନ୍ତ ପଣ୍ଡା, ଜ୍ଞାନରଞ୍ଜନ ରାଉତ, ଭକ୍ତଚରଣ ସ୍ୱାଇଁ ପ୍ରମୁଖଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇ ଚାରାରୋପଣ କରିଥିଲେ।

# ଆରଡ଼ି ରାସ୍ତା ବିପର୍ଯ୍ୟସ୍ତ, ଦୁର୍ଦ୍ଦଶା ଭୋଗୁଛନ୍ତି ଲୋକେ

## ନାହିରେ ତେଲ ଦେଇ ଶୋଇଛି ବିଭାଗ



**ମହାକାଳପଡ଼ା,୭।୭(ସଂଚାର ବ୍ୟୁରୋ):** ଆରଡ଼ି ବିଭାଗର ପିଚୁ ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଛି। ରାସ୍ତା ଉପରେ ଲହଡ଼ି ମାରୁଛି ବର୍ଷା ପାଣି। ଲୋକେ ଏହି ବିପଦପୂର୍ଣ୍ଣ ରାସ୍ତାରେ ଯାତାୟାତ କରି ନାନା ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି। ଏବେ ଏହି ରାସ୍ତାକୁ ନେଇ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ହେଲେ ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁଁ ଏ ସମସ୍ୟା ସୃଷ୍ଟି ହୋଇଛି ବୋଲି ଲୋକେ ସିଧାସଳଖ ଅଭିଯୋଗ କରିଛନ୍ତି।

ସୂଚନା ମୁତାବକ ମହାକାଳପଡ଼ା ବ୍ଲକ ବଳିପାଳ ପଞ୍ଚାୟତ ଅନ୍ତର୍ଗତ ଯଶୁଆପଲ୍ଲୀ ଠାରୁ ନୀଳକଣ୍ଠେଶ୍ୱର ମହାଦେବଙ୍କ ମନ୍ଦିର ପର୍ଯ୍ୟନ୍ତ ଥିବା ପ୍ରାୟ ଏକ କିଲୋମିଟର ପର୍ଯ୍ୟନ୍ତ ପିଚୁ ରାସ୍ତା ଏବେ ବିପର୍ଯ୍ୟସ୍ତ ହୋଇପଡ଼ିଛି। ରାସ୍ତାର ଅବସ୍ଥା ଏମିତି ହୋଇଛି ଯାହା ଯାତାୟତ ପାଇଁ ମୁଣ୍ଡବ୍ୟଥାର କାରଣ। ରାସ୍ତା ଫାଟି ସେଥିରୁ ଗୋଡି ଉଠିଥିବା ବେଳେ ଦୁଇପଟ ରାସ୍ତା ଦବିଯାଇ ଖାଲ ଖମା ହୋଇଛି। ଏବେ ବର୍ଷାରେ ସେହି ସ୍ଥାନରେ ବର୍ଷାପାଣି ଜମି ରହି କୃତ୍ରିମ ପୋଖରୀର ଭ୍ରମ ସୃଷ୍ଟି କରୁଛି। ଯାହାଫଳରେ ଲୋକମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ପଞ୍ଚାୟତ ସମେତ ଅନ୍ୟାନ୍ୟ ପଞ୍ଚାୟତର ଲୋକେ ଏହି ମୁଖ୍ୟ ରାସ୍ତା ଉପରେ ନିର୍ଭର କରୁଛନ୍ତି। ହେଲେ ମରାମତି ପାଇଁ ବିଭିନ୍ନ ସମୟରେ ଲୋକେ ଦାବି କରିଥିଲେ ସୁଦ୍ଧା ସେଥିପାଇଁ ଆରଡ଼ି ବିଭାଗ ଅଧିକାରୀ ଦୃଷ୍ଟି ଦେଇ ନାହାନ୍ତି। ଯାହାକୁ ନେଇ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ କରିଛନ୍ତି।

ଦୀର୍ଘ ଦୁଇବର୍ଷରୁ ଉର୍ଦ୍ଧ୍ୱ ହେବ ରାସ୍ତା ଏମିତି ଅବସ୍ଥାରେ ଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ଅହେତୁକ ନିରବତା ପାଇଁ ଏବେ ସାଧାରଣ ଲୋକେ ସମସ୍ୟା ଭୋଗୁଛନ୍ତି। ତେବେ ଘଟଣାରେ ଜିଲ୍ଲାପାଳ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଟିପିସିଓଡ଼ିଏଲର ମନମାନୀ

# ଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ବିଦ୍ୟୁତ୍ ଉପଭୋକ୍ତା ସଂଘ ଉପସଭାପତି



**ନିଶ୍ଚିନ୍ତକୋଇଲି,୭।୭ (ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲିର ତିନିଗୋଟି ବିଦ୍ୟୁତ୍ ସେକସନ ଯଥା-ଅସୁରେଶ୍ୱର, ନିଶ୍ଚିନ୍ତକୋଇଲି, ଓରିକଣ୍ଡାର ମୁଖ୍ୟ କାର୍ଯ୍ୟାଳୟରେ ଅଧିକାରୀ ରହୁନଥିବା ଓ ବାରମ୍ବାର ଘୋଷିତ ଓ ଅଘୋଷିତ ବିଦ୍ୟୁତ କାଟ ହେଉଥିବାରୁ ସାଲେପୁର ବିଦ୍ୟୁତ୍ ଉପଭୋକ୍ତା ସଂଘ ଉପସଭାପତି ଶ୍ରୀ ରମାକାନ୍ତ ବେହେରା ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତିରେ ତା.୦୬.୦୭.୨୦୨୬ରିଖ ସୋମବାର ଅନୁଷ୍ଠିତ ଜିଲ୍ଲାପାଳ କଟକଙ୍କ ଯୁଗ୍ମ ଜନଶୁଣାଣୀରେ ଅଭିଯୋଗ କରିଥିଲେ। ଅଭିଯୋଗ ମୁତାବକ ମାର୍ଚ୍ଚ ୧, ୨୦୨୬ରୁ ୬ଜୁଲାଇ ୨୦୨୬ ଏହି ୧୨୮ଦିନ ଭିତରେ ଟିପିସିଓଡ଼ିଏଲ ପକ୍ଷରୁ ଘୋଷିତ ଭାବେ ୭୨ଘଣ୍ଟା ଓ ଅଘୋଷିତ ଭାବେ ୬୪୩ଘଣ୍ଟା ମୋଟ୍ ୭୧୫ ଘଣ୍ଟା ବିଦ୍ୟୁତ୍ କାଟ ହୋଇଛି। ଟିପିସିଓଡ଼ିଏଲର ଏଭଳି ମନମାନୀ କାର୍ଯ୍ୟ ଯୋଗୁଁ ଛାତ୍ର ଛାତ୍ରୀମାନେ ପାଠ ପଢ଼ିବା, ଗ୍ରୀଷ୍ମ ସମୟରେ ଛୋଟ ପିଲା ଓ ବୃଦ୍ଧ ବୃଦ୍ଧାମାନେ ଗରମରେ ଛଟପଟ ହେବା ଏପରିକି ବାରମ୍ବାର ବିଦ୍ୟୁତ୍ କାଟ ହେଉଥିବାରୁ ଜନସାଧାରଣ ମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ଶ୍ରୀ ବେହେରା ଅଭିଯୋଗ କରିଛନ୍ତି। ତୁରନ୍ତ ଅଭିଯୋଗର ତଦନ୍ତ କରି ପଦକ୍ଷେପ ନେବାକୁ ଟିପିସିଓଡ଼ିଏଲ ଅଧିକାରୀଙ୍କୁ ଜିଲ୍ଲାପାଳ କଟକ ନିର୍ଦ୍ଦେଶ ଦେଇଥିଲେ।

# ଜିଲ୍ଲାରେ କମ୍ ଓଜନ ଶିଶୁମାନଙ୍କ ପାଇଁ ଖାଦ୍ୟ ପରିବର୍ତ୍ତନ କାର୍ଯ୍ୟକ୍ରମ

**କେନ୍ଦ୍ରାପଡା,୭।୭ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ ସମ୍ମିଳନୀ କକ୍ଷରେ ଜିଲ୍ଲା ସମାଜ ମଙ୍ଗଳ ବିଭାଗ (ମହିଳା ଓ ଶିଶୁ ବିକାଶ ବିଭାଗ) ପକ୍ଷରୁ କମ୍ ଓଜନ ଥିବା ଶିଶୁମାନଙ୍କ ପାଇଁ ସକାଳ ଜଳଖିଆ ଏବଂ ଅତ୍ୟନ୍ତ କମ୍ ଓଜନ ଶିଶୁ ମାନଙ୍କ ପାଇଁ ବ୍ୟୟ ମାନଦଣ୍ଡ ଓ ଖାଦ୍ୟ ତାଲିକା ସଂପର୍କିତ ଏକ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କେନ୍ଦ୍ରାପଡାର ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସମାଜମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଏହି ତାଲିମ୍ କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ସିଡିପିଓ, ସୁପର ଭାଇଜର, ବ୍ଲକ ସଂଯୋଜକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପର୍କରେ ତାଲିମ୍ ନେଇଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡିସିପୋଷଣ ସଂଜୟ ପାତ୍ର, ଡିପିଏ ପୋଷଣ ସୁନିତା ବେହେରା, ଡିପିସି ମମତା ମନୋରଂଜନ ଦାସ, ଡିପିଏ ମମତା ଶୁଭେନ୍ଦୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ଗାଁସାଥୀଙ୍କୁ ପଞ୍ଚାୟତ ପକ୍ଷରୁ ଏନଏମଏମଏସ ଆପ ପ୍ରଦାନ କରାନଯିବା ପ୍ରତିବାଦରେ ଜିଲ୍ଲାପାଳଙ୍କୁ ଅଭିଯୋଗ



**କେନ୍ଦ୍ରାପଡ଼ା,୭।୭ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାର ଆଳି ବ୍ଲକ ଅଧିନ ଅଟାଳ ଗ୍ରାମପଞ୍ଚାୟତରେ ଗାଁସାଥୀ(ମେଟ) ଭାବରେ କାର୍ଯ୍ୟରତ ସୁଜାତା ପରିଡାଙ୍କୁ ପଞ୍ଚାୟତ ପକ୍ଷରୁ ଏନ. ଏମ. ଏମ. ଏସ. ଆପ୍ ପ୍ରଦାନ କରାନଯିବା ପ୍ରତିବାଦରେ ସେ ଆଜି ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଶ୍ରୀମତୀ ପରିଡା ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ ସେ ଗତ ୨୦୦୮ ମସିହାରୁ ଅଟାଳ ପଞ୍ଚାୟତରେ ଗାଁସାଥୀ(ମେଟ) ଭାବରେ ସୂଚାରୁ ରୂପେ କାର୍ଯ୍ୟ କରିଆସୁଛନ୍ତି । କିନ୍ତୁ ଏବେ ତାଙ୍କୁ ପଞ୍ଚାୟତ ପକ୍ଷରୁ ବେଆଇନ ଭାବେ ଏମଜିଏନଆରଇଜିଏସ ପ୍ରକଳ୍ପରେ କାର୍ଯ୍ୟ କରିବାକୁ ନଦିଆଯିବା ସହ ଏନ. ଏମ. ଏମ. ଏସ. ଆପ ପ୍ରଦାନ କରାଯାଉନି । ଏସମ୍ପର୍କରେ ସେ ଆଳି ବ୍ଲକରେ ହୋଇଥିବା ଜିଲ୍ଲା ସ୍ତରୀୟ ଜନ ଶୁଣାଣି ଶିବିରରେ ମଧ୍ୟ ଅଭିଯୋଗ କରିଥିଲେ । ଏହାପରେବି ତାଙ୍କୁ ପଞ୍ଚାୟତ ପକ୍ଷରୁ ଏନଏମଏମଏସ ଆପ ପ୍ରଦାନ କରାଯାଉନାହିଁ । ତେଣୁ ସେ ଆଜି ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଗାଁସାଥୀ ସଙ୍ଘ ଜିଲ୍ଲା ସଭାପତି ଅନିଲ କୁମାର ଜେନାଙ୍କ ସମେତ ଅନ୍ୟ କର୍ମକର୍ତାମାନଙ୍କ ସହ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକଙ୍କୁ ଭେଟି ଲିଖିତ ଅଭିଯୋଗ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଏହା ଉପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଳି ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି ।

# ଷଣ୍ଢ ଆକ୍ରମଣରେ ଇଞ୍ଜିନିୟର ମୃତ

**କେନ୍ଦ୍ରାପଡ଼ା,୭।୭(ସଂଚାର ବ୍ୟୁରୋ):** ଷଣ୍ଢ ଆକ୍ରମଣରେ କେନ୍ଦ୍ରାପଡା ସହରସ୍ଥ ତଳବାରଙ୍ଗ ଗ୍ରାମର ଇଂ ନିର୍ମଳ ଚନ୍ଦ୍ର ଦାସ(୪୮)ଙ୍କ ମୃତ୍ୟୁ ହୋଇଯାଇଛି। ସରକାରୀ ବାସଗୃହକୁ ସାଇକଲରେ ଆସୁଥିବା ବେଳେ ଏକ ଷଣ୍ଢ ତାଙ୍କୁ ଶିଙ୍ଗରେ ଟେକି ଫୋପାଡି ଦେଇଥିଲା । ଇଂ ନିର୍ମଳଙ୍କ ପଛପଟ ମୁଣ୍ଡ ଫାଟି ଯାଇଥିଲା । ସଜ୍ଞାହୀନ ଅବସ୍ଥାରେ ତାଙ୍କୁ କଟକର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସୋମବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

## ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା

# ଅଧାପନ୍ତରିଆ କାର୍ଯ୍ୟ କରି ଠିକାଦାର ଛୁ'

## ଅବଧି ଶେଷ ପରେବି ସରିନି କାର୍ଯ୍ୟ

## ଗ୍ରାମ୍ୟ ଉନ୍ନୟନ ବିଭାଗ ନିରବଦ୍ରଷ୍ଟା



**ଆଳି,୭।୭(ସଂଚାର ବ୍ୟୁରୋ):** ନୂଆ ପିଚୁ ବଦଳରେ ପୁରୁଣା ପିଚୁ ତାଡ଼ି ମେଷ୍ଟାଲ ପକାଇ ଠିକାଦାର ଛୁ..। ଆଳି ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଗ୍ରାମ୍ୟ ଉନ୍ନୟନ ଠାରୁ ସାନମଙ୍ଗ ଦୁଇ କିଲୋମିଟର ପିଚୁ ରାସ୍ତା ନିମନ୍ତେ ସରକାର କାର୍ଯ୍ୟଦେଶ ଦେଇଥିଲେ। ଯାହା ରାସ୍ତାର ଅଟକଳ ମୂଲ୍ୟ ୨କୋଟି ୧୯ ଲକ୍ଷ୍ୟ ୧୭ ହଜାର ଉର୍ଦ୍ଧ ଟଙ୍କା ଥିବା ବେଳେ ୧୨/୦୯/୨୫ ତାରିଖରେ କାର୍ଯ୍ୟ ଆରମ୍ଭ ହୋଇ ଶେଷ ଅବଧି ସମୟ ଥିଲା ୧୧/୦୩/୨୬ ତାରିଖ ଇତି ମଧ୍ୟରେ ସମୟ ସୀମା ଶେଷ ହୋଇଥିଲେ ମଧ୍ୟ କାର୍ଯ୍ୟ ଶେଷ ହୋଇ ନଥିବା ବେଳେ ଅଧା ପନ୍ତରିଆ କେବଳ ଡଷ୍ଟ ଓ ଗୋଡ଼ି ବିଛାଇ କରି କାର୍ଯ୍ୟ ଶେଷ କରି ଠିକାଦାର ଛୁ ମାରିଥିବା ଲୋକେ ଅଭିଯୋଗ କରିଛନ୍ତି।

ଯାହା ଫଳରେ ପ୍ରତିଦିନ ଅଙ୍ଗନୱାଡି ଓ ସ୍କୁଲକୁ ପ୍ରତିଦିନ ଚାଲିଚାଲି ଯାଇଥିବା ଛୋଟଛୋଟ ଶିଶୁ ମାନେ ରାସ୍ତାରେ ପଡି ଖଣ୍ଡିଆ ଖାବରା ହେଉଛନ୍ତି ଛୋଟ ପିଲାଠୁ ସାଧାରଣ ଲୋକ। ଅନ୍ୟ ପଟେ ଏହି ରାସ୍ତା ଉପରେ ବିଶେଷ କରି ଚାରୋଟି ପଞ୍ଚାୟତ ଲୋକେ ନିର୍ଭର କରୁଥିବା ବେଳେ ବର୍ଷେ ହେବ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି।

ସେ ପଟେ ଏହି ରାସ୍ତା ଅବଧି ଶେଷ ହୋଇଥିଲେ ମଧ୍ୟ କାହିଁକି ଗ୍ରାମ୍ୟ ଉନ୍ନୟନ ବିଭାଗ ନିରବଦ୍ରଷ୍ଟା ସାଜିଛି ତାହା ବଡ଼ ପ୍ରଶ୍ନ ବାଚୀ ସୃଷ୍ଟି କରିଛି। ଖୁବ ଶୀଘ୍ର କାର୍ଯ୍ୟ ଶେଷ କରିବାକୁ ସରକାରଙ୍କୁ ଅନୁରୋଧ କରିବା ସହ ଚେତାବନୀ ଦେବାସହ ରାଜରାସ୍ତାକୁ ଓହ୍ଲାଇବାକୁ ମହାସାହାଣୀ ଗ୍ରାମ ବାସୀ ସଞ୍ଜୟ ପ୍ରଧାନ ପ୍ରତାପ ମଲିକ ରାଜକିଶୋର ମଲିକ ଆଦିତ୍ୟ ପ୍ରଧାନ ବଳରାମ ମଲିକ ଦୁଷ୍ମନ୍ତ ମଲିକ ଯଞ୍ଜଳୀ ମଲିକ ଶାନ୍ତିଲତା ମଲିକ ପ୍ରଭାତୀ ମଲିକ ଜୟନ୍ତୀ ମଲିକ ମୀନା ମଲିକ ସବିତା ମଲିକ ଅଖଜି ମଲିକ। ଏ ନେଇ ବିଭାଗର ପ୍ରତିକ୍ରିୟା ମିଳିପାରିନାହିଁ।

# ବିଏସ୍ଏନ୍ଏଲ୍ ଟେଲିକମ୍ ଆଡଭାଇଜରୀ କମିଟି ବୈଠକ ଅନୁଷ୍ଠିତ




**କେନ୍ଦ୍ରାପଡ଼ା, ୭।୭(ସଂଚାର ବ୍ୟୁରୋ):** ବିଏସ୍ଏନ୍ଏଲ୍ ଟେଲିକମ୍ ଆଡଭାଇଜରୀ କମିଟି(ଟିଏସି) ବୈଠକରେ ସଦସ୍ୟା ଶ୍ରୀମତୀ ରାଜଲକ୍ଷ୍ମୀ ଦାସ ଯୋଗଦେଇ ମହାକାଳପଡ଼ା, ମାର୍ଶାଘାଇ ସମେତ କେନ୍ଦ୍ରାପଡ଼ା ଜିଲ୍ଲାର ବିଏସ୍ଏନ୍ଏଲ୍ ଗ୍ରାହକଙ୍କ ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ। ସେ ଦୁର୍ବଳ ନେଟୱର୍କ, ବାରମ୍ବାର କଲ୍ କଟିବା, ନିମ୍ନମାନର ଭଏସ୍ ସେବା, ଧୀର ୪ଜି ଇଣ୍ଟରନେଟ୍, ଭାରତ ଫାଇବର ସଂଯୋଗ ଓ ମରାମତିରେ ବିଳମ୍ବ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ବିଦ୍ୟୁତ ବିଚ୍ଛିନ୍ନ ସମୟରେ ଟାୱାରରେ ପର୍ଯ୍ୟାପ୍ତ ବ୍ୟାଟେରୀ ବ୍ୟାକଅପ୍ ଓ ଡିଜି ସେଟ୍ ବ୍ୟବସ୍ଥା କରିବାକୁ ମଧ୍ୟ ସେ ଦାବି ଜଣାଇଥିଲେ।

ଏହାସହ କେନ୍ଦ୍ରାପଡ଼ା ବିଏସ୍ଏନ୍ଏଲ୍ କାର୍ଯ୍ୟାଳୟର ମରାମତି, ପରିଷ୍କାର-ପରିଚ୍ଛନ୍ନତା, ଗ୍ରାହକଙ୍କ ପାଇଁ ବସିବା ସୁବିଧା, ସୂଚନାଫଳକ ଓ ପର୍ଯ୍ୟାପ୍ତ କର୍ମଚାରୀ ନିଯୁକ୍ତି ପାଇଁ ମଧ୍ୟ ଦାବି କରିଥିଲେ। ବାତ୍ୟା ପ୍ରବଣ ମହାକାଳପଡ଼ା ଅଞ୍ଚଳରେ ବିପର୍ଯ୍ୟୟ ସମୟରେ ନିରବଚ୍ଛିନ୍ନ ଟେଲିକମ୍ ସେବା ସୁନିଶ୍ଚିତ କରିବାକୁ ସେ ବିଶେଷ ଗୁରୁତ୍ୱ ଦେଇଥିଲେ। ବୈଠକ ନିୟମିତ ଭାବେ ଆୟୋଜନ କରି ସମସ୍ୟାର ସମୀକ୍ଷା ଓ ସମାଧାନ କରିବାକୁ ସେ ଅନୁରୋଧ କରିଥିଲେ।

ଶେଷରେ ଟିଏସି ସଦସ୍ୟା ଭାବେ ସେବା କରିବାର ସୁଯୋଗ ଦେଇଥିବାରୁ ସେ କେନ୍ଦ୍ରାପଡ଼ା ଲୋକସଭା ସାଂସଦ ଶ୍ରୀ ବୈଜୟନ୍ତ 'ଜୟ' ପଣ୍ଡାଙ୍କୁ କୃତଜ୍ଞତା ଜଣାଇଥିଲେ।

# ବଦଳୁଛି ଭାରତୀୟ ରାଜନୀତିର ରଙ୍ଗ




ସ୍ୱାଧୀନତା ପରଠାରୁ ଭାରତୀୟ ରାଜନୀତି ବିବିଧତା, ଧର୍ମନିରପେକ୍ଷତା ଏବଂ ସମାନତାର ଆଦର୍ଶରେ ଚାଲିଥିଲା। କିନ୍ତୁ ଗତ କେଇ ଦଶକ ଧରି ଏହି ରାଜନୈତିକ ପରିଦୃଶ୍ୟରେ ଏକ ନୂତନ ଧାରା ଦେଖାଦେଇଛି- ଗୈରୀକରଣ। କେଶରୀ ରଙ୍ଗ ହିନ୍ଦୁ ଧର୍ମର ପ୍ରତୀକ ଭାବରେ ପରିଚିତ ହେବା ସହ ଏହା ଏବେ ଏକ ରାଜନୈତିକ ଆଦର୍ଶର ପ୍ରତୀକ ହୋଇ ଉଠିଛି। ଭାରତୀୟ ଜନତା ପାର୍ଟି (ବିଜେପି) ଏବଂ ଆରଏସ୍‌ଏସ୍ ପରି ସଂଗଠନଗୁଡ଼ିକର ପ୍ରଭାବରେ ରାଜନୀତିର ଏହି କେଶରୀ ରଙ୍ଗ ଦେଶର ବିଭିନ୍ନ କ୍ଷେତ୍ରରେ ପ୍ରସାରିତ ହେଉଛି। ଏହା କେବଳ ଏକ ନିର୍ବାଚନୀ ରଣନୀତି ନୁହେଁ, ବରଂ ସଂସ୍କୃତି, ଶିକ୍ଷା, ଇତିହାସ ଏବଂ ସମାଜର ପୁନର୍ନିର୍ମାଣର ଏକ ବୃହତ୍ତର ପ୍ରକ୍ରିୟା।

ଗୈରୀକରଣର ମୂଳ ହିନ୍ଦୁତ୍ୱବାଦୀ ଆଦର୍ଶରେ ନିହିତ। ଏହା ଭାରତକୁ ଏକ ହିନ୍ଦୁ ରାଷ୍ଟ୍ର ଭାବରେ ପ୍ରତିଷ୍ଠା କରିବାର ସ୍ୱପ୍ନ ଦେଖୁଛି। ୨୦୧୪ ଏବଂ ୨୦୧୯ ନିର୍ବାଚନରେ ବିଜେପିର ବିଜୟ ପରେ ଏହି ଧାରା ତୀବ୍ର ହୋଇଛି। ରାମ ମନ୍ଦିର ନିର୍ମାଣ, ଧାର୍ମିକ ଉତ୍ସବଗୁଡ଼ିକର ରାଜନୈତିକ ପ୍ରଚାର, ଗୌରକ୍ଷା ଆଇନ୍ ଏବଂ ସଂଶୋଧିତ ନାଗରିକତ୍ୱ ଆଇନ୍ (ସିଏଏ) ପରି ପଦକ୍ଷେପ ଏହାର ଉଦାହରଣ। ଏହି ପ୍ରକ୍ରିୟା କେବଳ ଉତ୍ତର ଭାରତରେ ସୀମିତ ନହେଇ ଦକ୍ଷିଣ ଏବଂ ପୂର୍ବ ଭାରତରେ ମଧ୍ୟ ପ୍ରସାରିତ ହେଉଛି। ଓଡ଼ିଶାରେ ମଧ୍ୟ ବିଜେପିର ବଢ଼ୁଥିବା ପ୍ରଭାବ ଏହାର ପ୍ରମାଣ।

ସକାରାତ୍ମକ ଦିଗ ସମ୍ପର୍କରେ ଗୈରୀକରଣର ସମର୍ଥକମାନେ କହନ୍ତି ଯେ ଏହା ଭାରତୀୟ ସଂସ୍କୃତିର ପୁନରୁତ୍ଥାନ ହେଉଛି। ଶତାବ୍ଦୀ ଧରି ବିଦେଶୀ ଶାସନ ଏବଂ ପରବର୍ତ୍ତୀ ଧର୍ମନିରପେକ୍ଷ ରାଜନୀତି ହିନ୍ଦୁ ପରମ୍ପରାକୁ କ୍ଷୁଣ୍ଣ କରିଥିଲା ବୋଲି ସେମାନେ ଯୁକ୍ତି ଦିଅନ୍ତି। ଏହା ଜାତୀୟତାବାଦକୁ ମଜବୁତ୍ କରି ଦେଶର ଏକତା ବଢ଼ାଉଛି। ଆର୍ଥିକ ସମୃଦ୍ଧି, ସୁରକ୍ଷା ଏବଂ ହିନ୍ଦୁ ପରିଚୟର ଗର୍ବ ଏହାର ଫଳ। ଉଦାହରଣସ୍ୱରୂପ, ଯୋଗ, ଆୟୁର୍ବେଦ ଏବଂ ପ୍ରାଚୀନ ଜ୍ଞାନର ପ୍ରଚାର ଏହି ଧାରାର ସକାରାତ୍ମକ ଦିଗ। ଏହା ହିନ୍ଦୁ ଭୋଟ୍ ବ୍ୟାଙ୍କକୁ ଏକତ୍ରିତ କରି ରାଜନୈତିକ ସ୍ଥିରତା ଆଣିଛି।

କିନ୍ତୁ ଏହି ଗୈରୀକରଣ ଭାରତର ବହୁତ୍ୱବାଦୀ ସମାଜର ପାଇଁ ବିପଦ ସୃଷ୍ଟି କରୁଛି। ଧର୍ମନିରପେକ୍ଷତାର ମୂଳ ଆଦର୍ଶ ଦୁର୍ବଳ ହେଉଛି। ମୁସଲିମ୍, ଖ୍ରୀଷ୍ଟିୟାନ୍ ଏବଂ ଅନ୍ୟାନ୍ୟ ସଂଖ୍ୟାଲଘୁ ସମ୍ପ୍ରଦାୟର ମଧ୍ୟରେ ଅସୁରକ୍ଷା ବଢ଼ୁଛି। ଲିଞ୍ଚିଂ, ଧାର୍ମିକ ହିଂସା ଏବଂ ମେଧାବୃତ୍ତିକ ମେରୁଦଣ୍ଡ ଭାଙ୍ଗିବାର ଘଟଣା ବଢ଼ିଛି। ଶିକ୍ଷା କ୍ଷେତ୍ରରେ ପାଠ୍ୟକ୍ରମ ପରିବର୍ତ୍ତନ, ଇତିହାସର ପୁନର୍ଲେଖନ, ସଂସ୍କୃତର ପ୍ରାଧାନ୍ୟ ଏବଂ ବିଜ୍ଞାନର ଧର୍ମୀୟ ବ୍ୟାଖ୍ୟା ଯୁବପିଢ଼ିର ବୌଦ୍ଧିକ ବିକାଶକୁ ପ୍ରଭାବିତ କରୁଛି।

ରାଜନୀତିରେ ଧର୍ମର ବ୍ୟବହାର ଭୋଟ୍ ବ୍ୟାଙ୍କ ରାଜନୀତିକୁ ପ୍ରୋତ୍ସାହିତ କରୁଛି। ବିରୋଧୀ ଦଳଗୁଡ଼ିକ ମଧ୍ୟ ଏହି ଧାରାକୁ ପ୍ରତିରୋଧ କରିବା ପାଇଁ କେତେକ କ୍ଷେତ୍ରରେ ନିଜର ଧର୍ମୀୟ କାର୍ଡ ଖେଳୁଛନ୍ତି, ଯାହା ସମଗ୍ର ରାଜନୈତିକ ବ୍ୟବସ୍ଥାକୁ ପ୍ରଦୂଷିତ କରୁଛି। ଓଡ଼ିଶା ପରି ରାଜ୍ୟରେ ଯେଉଁଠାରେ ଜଗନ୍ନାଥ ସଂସ୍କୃତି ସମନ୍ୱୟର ପ୍ରତୀକ, ସେଠାରେ ମଧ୍ୟ ଏହି ଧାରା ସ୍ଥାନୀୟ ରାଜନୀତିକୁ ପ୍ରଭାବିତ କରୁଛି। ଏହା ସାମ୍ପ୍ରଦାୟିକ ସମ୍ପର୍କକୁ ବିଘ୍ନିତ କରିପାରେ। ଗୈରୀକରଣ ଭାରତର ବିଶ୍ୱ ମଞ୍ଚରେ ଶକ୍ତିଶାଳୀ ହିନ୍ଦୁ ପରିଚୟ ପ୍ରତିଷ୍ଠା କରୁଛି ସତ, କିନ୍ତୁ ଏହା ଗଣତନ୍ତ୍ରର ମୂଳ ଆଦର୍ଶ- ସମସ୍ତ ନାଗରିକଙ୍କ ସମାନ ଅଧିକାରକୁ ଦୁର୍ବଳ କରୁଛି କି ନାହିଁ ତାହା ବିଚାର୍ଯ୍ୟ। ଭାରତ ଭଳି ଦେଶ ପାଇଁ ଧର୍ମ ଏବଂ ରାଜନୀତିର ପୃଥକୀକରଣ ଆବଶ୍ୟକ। ରାଜନୈତିକ ଦଳଗୁଡ଼ିକୁ ଉନ୍ନୟନ, ଶିକ୍ଷା ଏବଂ ଆର୍ଥିକ ନ୍ୟାୟ ଉପରେ ଧ୍ୟାନ ଦେବା ଉଚିତ୍। ଯୁବକମାନେ ଏହି ଧାରାର ଉପରେ ପ୍ରଶ୍ନ କରି ଏକ ଅନ୍ତର୍ଭୁକ୍ତିମୂଳକ ଭାରତ ଗଢ଼ିବା ଦାୟିତ୍ୱ ନେବା ଉଚିତ। ଗୈରୀକରଣ ଭାରତୀୟ ରାଜନୀତିର ଏକ ଅବିସ୍ମରଣୀୟ ପରିବର୍ତ୍ତନ ଆଣିଛି। ଏହା ଗର୍ବର ଉତ୍ସ ହୋଇପାରେ, କିନ୍ତୁ ଏହା ବିଭାଜନର ବୀଜ ମଧ୍ୟ ବୁଣିପାରେ। ଏକ ଶକ୍ତିଶାଳୀ ଏବଂ ଏକୀକୃତ ଭାରତ ପାଇଁ ଆମେ ବିବିଧତାରେ ଏକତା ଖୋଜିବା ଉଚିତ୍, ନୁହେଁ କେବଳ ଏକ ରଙ୍ଗର ପ୍ରାଧାନ୍ୟ। ରାଜନୀତି ଧର୍ମର ଦାସ ନୁହେଁ, ବରଂ ଜନସାଧାରଣଙ୍କ କଲ୍ୟାଣର ସାଧନ ହେବା ଉଚିତ।

# ଆତ୍ମାରେ ଆତ୍ମାକୁ ଦେଖ:ଅନ୍ତର୍ଜାଗରଣର ଚିରନ୍ତନ ମନ୍ତ୍ର

**ପ୍ରଭାକର ସାହୁ**

*ଆତ୍ମାରେ ଆତ୍ମାକୁ ଦେଖ, ଦେଖିଲେ ପାଇବୁ ସୁଖ,*
*ତୋର ଦେହେ ତୁହି ଦେଖ, ଦିଶୁଅଛି ଜକଜକ।*
*ଭାବି କହେ ପାମର ଅଚ୍ୟୁତ, ହେ ମୂଢ଼ମତି।। ”*



ଓଡ଼ିଆ ଭକ୍ତି ସାହିତ୍ୟ ଓ ଆଧ୍ୟାତ୍ମିକ ଚିନ୍ତାଧାରାର ଏହି ଅମୂଲ୍ୟ ପଦ କେବଳ କାବ୍ୟିକ ଉଚ୍ଚାରଣ ନୁହେଁ; ଏହା ମାନବଜୀବନର ସବୁଠାରୁ ଗଭୀର ଦାର୍ଶନିକ ସତ୍ୟର ଏକ ସରଳ, ସୁନ୍ଦର ଓ ସାରଗର୍ଭିତ ଅଭିବ୍ୟକ୍ତି। ମହାପୁରୁଷ ଅଚ୍ୟୁତାନନ୍ଦ ଦାସ ଏହି କେତେକ ପଂକ୍ତିରେ ମଣିଷର ସମସ୍ତ ଆଧ୍ୟାତ୍ମିକ ସାଧନାର ମୂଳ କଥା କହିଦେଇଛନ୍ତି— ଯାହାକୁ ତୁମେ ବାହାରେ ଖୋଜୁଛ, ସେହି ପରମ ସତ୍ୟ ତୁମ ନିଜ ଅନ୍ତରରେ ବିରାଜମାନ।

ମଣିଷର ସମଗ୍ର ଜୀବନ ମୂଳତଃ ସୁଖର ସନ୍ଧାନ। ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସେ ଧନ, ମାନ, ପଦ, ପ୍ରତିଷ୍ଠା ଓ ସମ୍ପର୍କର ମାଧ୍ୟମରେ ସୁଖକୁ ଖୋଜି ଚାଲିଥାଏ। କିନ୍ତୁ ଏକ ସଫଳତା ପରେ ଆଉ ଏକ ସଫଳତା, ଏକ ଇଚ୍ଛା ପୂରଣ ପରେ ଆଉ ଏକ ଇଚ୍ଛା ଜନ୍ମ ନେଉଥାଏ। ମଣିଷର ଅଶାନ୍ତିର ଅନ୍ତ ହୁଏ ନାହିଁ। କାରଣ ସେ ଯେଉଁ ସୁଖକୁ ବାହ୍ୟ ଜଗତରେ ଖୋଜୁଛି, ତାହାର ପ୍ରକୃତ ଉତ୍ସ ତାହାର ନିଜ ଅନ୍ତରରେ ଅବସ୍ଥିତ।

ଆଜିର ଯୁଗରେ ଏହି ସତ୍ୟ ଆହୁରି ଅଧିକ ପ୍ରାସଙ୍ଗିକ। ବୈଜ୍ଞାନିକ ଉନ୍ନତି ଓ ପ୍ରଯୁକ୍ତିର ବିପ୍ଳବ ମଣିଷ ଜୀବନକୁ ଅଭୂତପୂର୍ବ ସୁବିଧା ଦେଇଛି। ପୃଥିବୀ ଆଜି ଆଙ୍ଗୁଠିର ସ୍ପର୍ଶରେ। ତଥାପି ମାନସିକ ଚାପ, ନିଃସଙ୍ଗତା, ଅବସାଦ ଓ ଅନିଶ୍ଚିତତା ପୂର୍ବାପେକ୍ଷା ଅଧିକ ବଢ଼ିଛି। ସୋସିଆଲ ମିଡିଆରେ ହଜାର ହଜାର ସମ୍ପର୍କ ଥିଲେ ମଧ୍ୟ ମଣିଷ ନିଜ ସହିତ ଏକାକୀ। ଜୀବନର ଗତି ବଢ଼ିଛି, କିନ୍ତୁ ଜୀବନର ଗଭୀରତା କମିଯାଇଛି।

ଏହି ପରିପ୍ରେକ୍ଷୀରେ ଅଚ୍ୟୁତାନନ୍ଦଙ୍କ ବାଣୀ ଏକ ନୂତନ ଜୀବନଦୃଷ୍ଟିର ଆହ୍ୱାନ ଜଣାଏ। ସେ କହୁଛନ୍ତି— ନିଜ ଭିତରକୁ ଦେଖ, ନିଜକୁ ଜାଣ, କାରଣ ତୁମ ଦେହରେ ହିଁ ପରମ ଜ୍ୟୋତିର ପ୍ରକାଶ ଜକଜକ କରୁଛି। ମଣିଷ ଯଦି ନିଜ ଭିତରେ ଥିବା ସେହି ଚେତନାକୁ ଅନୁଭବ କରିପାରେ, ତେବେ ତା'ର ସମସ୍ତ ସନ୍ଦେହ, ଭୟ ଓ ଅଶାନ୍ତିର ଅବସାନ ହୋଇପାରେ।

ଭାରତୀୟ ଦର୍ଶନର ମୂଳ କଥା ମଧ୍ୟ ଏହା ହିଁ। ଉପନିଷଦର "ତତ୍ତ୍ୱମସି" ଓ "ଅହଂ ବ୍ରହ୍ମାସ୍ମି" ମଣିଷକୁ ସ୍ମରଣ କରାଏ ଯେ, ସେ କେବଳ ଶରୀର ନୁହେଁ, କେବଳ ମନ ନୁହେଁ; ସେ ଏକ ଅସୀମ ଚେତନାର ପ୍ରକାଶ। ଶ୍ରୀମଦ୍ ଭଗବଦ୍ ଗୀତାରେ ମଧ୍ୟ ମଣିଷକୁ ନିଜ ଆତ୍ମଶକ୍ତିରେ ନିଜକୁ ଉନ୍ନତ କରିବାକୁ ଆହ୍ୱାନ କରାଯାଇଛି। ଏହି ସମସ୍ତ ଶିକ୍ଷାର ମୂଳ ସନ୍ଦେଶ ଏକ— ମଣିଷର ମୁକ୍ତି ତା'ର ନିଜ ଅନ୍ତରରେ ନିହିତ।

ଆତ୍ମା ଏକ ସ୍ୱଚ୍ଛ ଦର୍ପଣ ସଦୃଶ। କିନ୍ତୁ ଲୋଭ, ଅହଂକାର, କ୍ରୋଧ, ଈର୍ଷା ଓ ମୋହର ଧୂଳିରେ ସେହି ଦର୍ପଣ ଆବୃତ ହୋଇଯାଏ। ଫଳରେ ମଣିଷ ନିଜ ପ୍ରକୃତ ସ୍ୱରୂପକୁ ଦେଖିପାରେ ନାହିଁ। ଆତ୍ମଦର୍ଶନର ଅର୍ଥ ହେଉଛି ଏହି ଆବରଣଗୁଡ଼ିକୁ ଧୀରେ ଧୀରେ ଦୂର କରିବା ଏବଂ ନିଜ ଅନ୍ତରର ଆଲୋକକୁ ଉନ୍ମୋଚିତ କରିବା। ଏହି ଅନ୍ତଯାତ୍ରା ପାଇଁ କୌଣସି ଜଟିଳ ସାଧନାର ଆବଶ୍ୟକତା ନାହିଁ। ପ୍ରତିଦିନ କିଛି ସମୟ ନୀରବତାରେ ବସିବା, ନିଜ ସହ କଥାହେବା, ନିଜ କାର୍ଯ୍ୟର ଆତ୍ମସମୀକ୍ଷା କରିବା ଏବଂ ମଣିଷ ଓ ପ୍ରକୃତି ପ୍ରତି ପ୍ରେମ ଓ କରୁଣା ବଢ଼ାଇବା ହିଁ ଆତ୍ମଜାଗରଣର ପ୍ରଥମ ପଦକ୍ଷେପ।

ପ୍ରକୃତରେ ପରମ ସୁଖ କୌଣସି ଭୌତିକ ଉପଲବ୍ଧିରେ ନାହିଁ; ତାହା ନିଜକୁ ଚିହ୍ନିବାରେ, ନିଜ ସହ ସାମଞ୍ଜସ୍ୟ ସ୍ଥାପନ କରିବାରେ ଏବଂ ସମଗ୍ର ସୃଷ୍ଟି ସହ ଏକାତ୍ମତା ଅନୁଭବ କରିବାରେ ନିହିତ। ଯେଉଁ ମଣିଷ ନିଜ ଭିତରେ ଥିବା ସେହି ଆତ୍ମଜ୍ୟୋତିକୁ ଦେଖିପାରେ, ସେ ବାହ୍ୟ ଝଡ଼ଝଞ୍ଜା ମଧ୍ୟରେ ମଧ୍ୟ ଅନ୍ତର୍ଶାନ୍ତିରେ ଅବସ୍ଥାନ କରିପାରେ।

ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ଏହି ପଦ ସେହିପାଇଁ କେବଳ ଏକ ଧାର୍ମିକ ଉପଦେଶ ନୁହେଁ; ଏହା ଆଜିର ଅସ୍ଥିର, ବିଭ୍ରାନ୍ତ ଓ ଭୋଗବାଦୀ ସମୟ ପାଇଁ ଏକ ଗଭୀର ମାନବିକ ଓ ଦାର୍ଶନିକ ବାର୍ତ୍ତା। ବାହାରେ ନୁହେଁ, ଭିତରେ ଦେଖ; ଅନ୍ୟଠାରେ ନୁହେଁ, ନିଜ ମଧ୍ୟରେ ଖୋଜ-କାରଣ ମଣିଷର ସମସ୍ତ ପ୍ରଶ୍ନର ଉତ୍ତର ଓ ସମସ୍ତ ସୁଖର ଉତ୍ସ ତା'ର ନିଜ ଆତ୍ମାରେ ନିହିତ ଅଛି।


ମୋବାଇଲ:୯୪୩୯୬୫୪୨୨୨





# ମଧ୍ୟପ୍ରାଚ୍ୟ ଯୁଦ୍ଧରେ ବିରାମ ଓ ଏହାର ଭବିଷ୍ୟତ



**ଡା. ରାଜକିଶୋର ପଣ୍ଡା**

ପ୍ରବନ୍ଧଟିକୁ ଲେଖିବା ବେଳକୁ ଶାନ୍ତିଚୁକ୍ତି ସ୍ୱାକ୍ଷରିତ ହେବାପରେ, ଦୀର୍ଘକାଳୀନ ଶାନ୍ତି ସ୍ଥାପନା କରିବା ଉଦ୍ଦେଶ୍ୟରେ ଆମେରିକା ଓ ଇରାନ୍ ମଧ୍ୟରେ କାତାର୍‌ର ଦୋହାଠାରେ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। ତେବେ ଏଠାରେ ପ୍ରଶ୍ନ ଉଠୁଛି କି, ଜୁନ୍ ୧୭ ତାରିଖରେ ଫ୍ରାନ୍ସର ଐତିହାସିକ ଭର୍ସାଲିସ୍ ଦୁର୍ଗଠାରେ ଦୁଇ ଦେଶ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ଶାନ୍ତି ଚୁକ୍ତି ଫଳପ୍ରଦ ହେବ ନା, ଏହା ଏକ ସାମୟିକ ଶାନ୍ତିର ବିରତି ଭାବରେ କାର୍ଯ୍ୟ କରି ପୁଣିଥରେ ଯୁଦ୍ଧକୁ ବାଟ କଢ଼ାଇ ନେବ? ପ୍ରଥମେ ଆମକୁ ଏହା ସ୍ୱୀକାର କରିବାକୁ ପଡ଼ିବ କି, ଆମେରିକା ଓ ଇସ୍ରାଏଲ ମିଳିତ ଭାବରେ ନା ଇରାନକୁ ସମ୍ପୂର୍ଣ୍ଣ ଭାବରେ ପରାସ୍ତ କରିପାରିଲେ ନା, ସେଠାରେ କ୍ଷମତାର ବା ସତ୍ତାର ପରିବର୍ତ୍ତନ ଆଣିପାରିଲେ, ଯଦିଓ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲ୍ଲୀ ଖାମିନୀଙ୍କର ମୃତ୍ୟୁ ଘଟିଲା, ଫେବୃୟାରୀ ଅଠେଇଶି ତାରିଖରେ ଇସ୍ରାଏଲୀ ବିମାନ ଆକ୍ରମଣ ଦ୍ୱାରା। ଦ୍ୱିତୀୟରେ ଚୁକ୍ତି ଅନୁଯାୟୀ ଷ୍ଟ୍ରେଟ୍ ଅଫ୍ ହୋରମୁଜ୍‌କୁ ୩୦ ଦିନ ପାଇଁ ଖୋଲାଯିବ। ଏହି ସମୟସୀମା ଭିତରେ ଇରାନ ହୋରମୁଜ୍‌ର ମୁଖ୍ୟ ପରିବହନ ମାର୍ଗରେ ବିଛାଇଥିବା ମାଇନ୍‌ସ୍‌କୁ ଅପସାରଣ କରିବ ଓ ଆମେରିକା ମଧ୍ୟ ସେଠାରେ ନିଜର ଅବରୋଧ ବ୍ୟବସ୍ଥାକୁ ହଟାଇବ।

ତେହେରାନ୍‌ର ପରମାଣୁ କାର୍ଯ୍ୟକ୍ରମକୁ ନେଇ ଆମେରିକାର ଚିନ୍ତା ଯଦିଓ ଅବ୍ୟାହତ ରହିଛି, ଏହି ପ୍ରସଙ୍ଗକୁ ସମ୍ପୂର୍ଣ୍ଣ ସମାପ୍ତ କରିବା ଓ କୌଣସି ନିର୍ଣ୍ଣାୟକ ସମାଧାନରେ ପହଞ୍ଚିବା ପାଇଁ ଷାଠିଏ ଦିନ ସମୟସୀମା ଧାର୍ଯ୍ୟ କରାଯାଇଅଛି। ବାଲିଷ୍ଟିକ୍ ମିସାଇଲ ରଖିବା ପାଇଁ ଏ ମଧ୍ୟରେ ଇରାନକୁ ଅନୁମତି ମିଳିଛି, କାରଣ ଟ୍ରମ୍ପଙ୍କ ବିଚାର ଅନୁଯାୟୀ ଯଦି ଅନ୍ୟ ଦେଶ ଯେପରିକି ସାଉଦି ଆରବ ଓ କାତାର ଆଦି ବାଲିଷ୍ଟିକ୍ ରଖିପାରୁଛନ୍ତି, ତେବେ ଇରାନ୍ କାହିଁକି ନୁହେଁ?

ଗୁରୁତ୍ୱପୂର୍ଣ୍ଣ ଏହା ଯେ ଆମେରିକା, ଇରାନକୁ ପାଖାପାଖି ତିନିଶହ ବିଲିଅନ୍ ଡଲାର ଅର୍ଥ ସହାୟତା କରିବା ପାଇଁ ଘୋଷଣା କରିଛି। ପ୍ରଦାନ କରାଯାଉଥିବା ଅର୍ଥ ଯୁଦ୍ଧ ବିପର୍ଯ୍ୟସ୍ତ ଇରାନର ପୁନଃନିର୍ମାଣରେ ବିନିଯୋଗ କରାଯିବ। ଫ୍ରାନ୍ସରେ ଚାଲିଥିବା ଜି-୩ ଶିଖର ସମ୍ମିଳନୀ ମଧ୍ୟରେ ଆମେରିକାର ଗୁପ୍ତଚର ସଂସ୍ଥା ତରଫରୁ ଏକ ଚାଞ୍ଚଲ୍ୟକର ରିପୋର୍ଟ ପ୍ରକାଶ ପାଇଥିଲା। ଏହି ରିପୋର୍ଟ ଅନୁସାରେ ତୈଳ ପରିବହନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମାର୍ଗ, ହୋର୍ମୁଜ୍‌କୁ ଇରାନ୍ ଯଦି ସମ୍ପୂର୍ଣ୍ଣ ବନ୍ଦ କରିଦିଏ, ତେବେ ଏହାର ଫଳାଫଳ ଗୋଟିଏ ପରମାଣୁ ବୋମାଠାରୁ ମଧ୍ୟ ଅଧିକ ବିପଜ୍ଜନକ ହେବ। ଏହାକୁ ବିଶ୍ଳେଷକମାନେ ଇରାନର "ଆର୍ଥିକ ପରମାଣୁ ଅସ୍ତ୍ର" ବୋଲି କହିଛନ୍ତି। ଉପରୋକ୍ତ ରିପୋର୍ଟଟି ଆହୁରି ମଧ୍ୟ ଦର୍ଶାଇଛି ଯେ, ସାମ୍ପ୍ରତିକ ସଂଘର୍ଷ ସତ୍ତ୍ୱେ, ଇରାନର ସାମରିକ ଶକ୍ତି ଦୁର୍ବଳ ହୋଇନାହିଁ ବରଂ ଏହା ଆହୁରି ଅଧିକ ବୃଦ୍ଧି ପାଇଛି। ଭବିଷ୍ୟତ ନିମନ୍ତେ ତେହେରାନ୍ ବିପୁଳ ପରିମାଣର କ୍ଷେପଣାସ୍ତ୍ର, ଅତ୍ୟାଧୁନିକ ଡ୍ରୋନ୍ ଆଦି ମହଜୁଦ୍ କରି ରଖିଛି।

ତେଣୁ ହୋର୍ମୁଜ୍ ଉପରେ ଏହାର ନିୟନ୍ତ୍ରଣ, ନିଜର ଶକ୍ତିଶାଳୀ ବାଲିଷ୍ଟିକ ମିସାଇଲ ଓ ଆନ୍ତର୍ଜାତିକ ତୈଳ ବଜାରକୁ ଅବାରିତ ପ୍ରତ୍ୟାବର୍ତ୍ତନ ଆଦି ବର୍ତ୍ତମାନ ସମୟରେ ଇରାନକୁ ସବୁଠାରୁ ଶକ୍ତିଶାଳୀ ପଶ୍ଚିମ ଏସୀୟ ରାଷ୍ଟ୍ରରେ ପରିଣତ କରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହା ମଧ୍ୟ ଇଙ୍ଗିତ କରୁଛି କି ମାସାଧିକ କାଳ ଧ୍ୱଂସଲୀଳା ଓ ବୈଶ୍ୱିକ ଅର୍ଥନୀତିକୁ ରସାତଳକୁ ନେବା ପରେ, ମଧ୍ୟପ୍ରାଚ୍ୟ ସଂଗ୍ରାମ ହେଉଛି ଟ୍ରମ୍ପଙ୍କ ରାଷ୍ଟ୍ରପତିତ୍ୱର ସବୁଠାରୁ ବୃହତ୍ ବୈଦେଶିକନୀତି ସମ୍ପର୍କିତ ବିଫଳତା।

ଏହି ବିଫଳତା ପରବର୍ତ୍ତୀ ସମୟରେ ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଆମେରିକାର କୂଟନୀତି ପ୍ରତି ନିହାତି ଭାବରେ ଯେ ଗମ୍ଭୀର ସମସ୍ୟା ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ। ଇରାନ ପରି ଦୁର୍ବଳ ରାଷ୍ଟ୍ର ବିରୋଧରେ ବିପୁଳ ବିଜୟ ହାସଲ କରିବାରେ ଆମେରିକାର ଅସାମର୍ଥ୍ୟ, ମଧ୍ୟପ୍ରାଚ୍ୟର ଅନ୍ୟ ରାଷ୍ଟ୍ରମାନଙ୍କର ଦୃଷ୍ଟିରେ ଏହାର ସ୍ଥାନକୁ ନିମ୍ନଗାମୀ କରିଛି। ଏହାଦ୍ୱାରା ଅନ୍ୟଦେଶମାନଙ୍କର ଆମେରିକା ଉପରେ ନିର୍ଭରଶୀଳତା ଆସନ୍ତା ସମୟରେ ହ୍ରାସ ପାଇବ। ଟ୍ରମ୍ପ ଏହି ଯୁଦ୍ଧରେ ନିଜର ମୁଖ୍ୟ ସହଯୋଗୀ ଇସ୍ରାଏଲ ସହ ମଧ୍ୟ ବିଶ୍ୱାସଘାତକତା କରିବା ରାସ୍ତାରେ ଅଛନ୍ତି। ସେ ତେଲ୍ ଅଭିଭ୍ ଉପରେ ଏଇଥିପାଇଁ ଚାପ ପ୍ରୟୋଗ କରିଥିଲେ କି, ନେତ୍ୟାନାହୁ ଲେବାନନ୍‌ର ଆତଙ୍କବାଦୀ ଗୋଷ୍ଠୀ ହେଜ୍‌ବୁଲ୍ଲା ଉପରେ ଆକ୍ରମଣ ବନ୍ଦ କରନ୍ତୁ। ଇସ୍ରାଏଲ୍‌ରେ ଆଗାମୀ ଅକ୍ଟୋବରରେ ହେବାକୁ ଯାଉଥିବା ନିର୍ବାଚନରେ ଇରାନ ଯୁଦ୍ଧର ବିଫଳତା ନେତ୍ୟାନାହୁଙ୍କୁ ମହଙ୍ଗା ପଡ଼ିପାରେ।

ଏହା ମଧ୍ୟରେ ଇସ୍ରାଏଲର ନାଗରିକମାନେ ପ୍ରଶ୍ନ ଉଠାଇଛନ୍ତି କି, ପରମାଣୁ କାର୍ଯ୍ୟକ୍ରମକୁ ବନ୍ଦ କରିବା ନେଇ ଇରାନ୍‌ର ପ୍ରତିଶ୍ରୁତିକୁ କେତେ ଦୂର ବିଶ୍ୱାସ କରାଯାଇପାରିବ, ଯେବେ କି ଏହି ହେତୁ ହିଁ ଆମେରିକା ଅତୀତରେ ଇରାନ୍ ଉପରେ ଲଗାଇଥିବା ବିଭିନ୍ନ ଅର୍ଥନୈତିକ କଟକଣାକୁ ଏ ମଧ୍ୟରେ ପ୍ରତ୍ୟାହାର କରି ସାରିଲାଣି। ଏହି ଶାନ୍ତି ଚୁକ୍ତିର ସିଧାସଳଖ ପ୍ରଭାବ ଆନ୍ତର୍ଜାତିକ ସ୍ତରରେ ତୈଳଦର ଉପରେ ପଡ଼ିଛି। ତେବେ ଦେଖିବାର କଥା ହେଉଛି କି ତୈଳଦର ଯୁଦ୍ଧ ପୂର୍ବରୁ ଯେତିକି ଥିଲା, ସେତିକିରେ ପହଞ୍ଚୁଛି ନା ନାହିଁ।

ଏହି ଯୁଦ୍ଧରେ ଗୋଟିଏ ଉଲ୍ଲେଖନୀୟ କଥା ଦେଖିବାକୁ ମିଳିଲା। ତାହା ହେଉଛି ପ୍ରଥମ ଥର ପାଇଁ ଇସ୍ରାଏଲ ପରି ଇରାନ ମଧ୍ୟ ଏହାର ସୀମା ବାହାରକୁ ମିଶାଇଲ ଆକ୍ରମଣ କରିବା। ଇସ୍ରାଏଲର ହେଜ୍‌ବୋଲ୍ଲା ଟାର୍ଗେଟ ଉପରେ ଆକ୍ରମଣର ଜବାବ୍ ଦେବାକୁ ଯାଇ ଇରାନ୍ ଏପରି ପଦକ୍ଷେପ ନେଇଛି। ଆଗାମୀ ସମୟରେ ଇରାନ ଇସ୍ରାଏଲ ସମ୍ପର୍କରେ ଏହି ମିଶାଇଲ ପ୍ରସଙ୍ଗ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

ଏହି ତଥାକଥିତ ଶାନ୍ତିଚୁକ୍ତି, ସେଇ ଆମେରିକୀୟମାନଙ୍କ ସକାଶେ ମଧ୍ୟ ଧକ୍କା ସଦୃଶ ହୋଇଛି ଯେଉଁମାନେ ଏହି ଯୁଦ୍ଧକୁ ଆରମ୍ଭରୁ ସମର୍ଥନ କରି ଆସୁଥିଲେ। ଏମାନଙ୍କ ମଧ୍ୟରେ ଟ୍ରମ୍ପଙ୍କର ମାଗା (ଗବଳର ଇବଜ୍ଞାରକ୍ସସମବ ଏକ୍ସରବକ୍ସ ଇଶବସଭ) ସମର୍ଥକ ଗୋଷ୍ଠୀ ଅନ୍ୟତମ, ଯେଉଁମାନଙ୍କର ମତ ଅନୁସାରେ ବିଗତ ୪୭ବର୍ଷ ଧରି ଆମେରିକା ବିରୋଧରେ ଦଣ୍ଡାୟମାନ ଇରାନ୍ ବର୍ତ୍ତମାନ ଦେଶର ସୁରକ୍ଷା କ୍ଷେତ୍ରରେ ସବୁଠାରୁ ବଡ଼ ବିପଦରେ ପରିଣତ ହୋଇଛି। ସେମାନଙ୍କର ଏହି ଭୟକୁ ଯୁଦ୍ଧ ବିରାମ ନା ସମାପ୍ତ କରିଛି ନା ହ୍ରାସ କରିଛି ବରଂ ଇରାନର ପରମାଣୁ କାର୍ଯ୍ୟକ୍ରମର ଭବିଷ୍ୟତ ବର୍ତ୍ତମାନ ସମୟରେ ଅନିଶ୍ଚିତତାର ଘେରରେ। ଏହା ମଧ୍ୟ ହୋଇପାରେ କି ଇରାନ୍ ପରମାଣୁ ପ୍ରସଙ୍ଗରେ କଥାବାର୍ତ୍ତାକୁ ବିଳମ୍ବିତ କରାଇବ, ଯେଉଁ ପର୍ଯ୍ୟନ୍ତ ଟ୍ରମ୍ପ ପଦରୁ ହଟି ନାହାନ୍ତି। ଯଦି ଇରାନ୍‌କୁ ହୋର୍ମୁଜ୍ ଦେଇ ଯାଉଥିବା ଜାହାଜମାନଙ୍କଠାରୁ ଶୁଳ୍କ ଆଦାୟ କରିବା ପାଇଁ ଅନୁମତି ଦିଆଯାଏ, ତାହାହେଲେ ଟ୍ରମ୍ପ ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଆମେରିକା ଓ ଏହାର ସହଯୋଗୀ ରାଷ୍ଟ୍ରର ପ୍ରଭାବକୁ କ୍ଷୁର୍ଣ୍ଣ କରିବା ପଥରେ ଅଗ୍ରସର ହେବେ। ଆହୁରି ମଧ୍ୟ ସମ୍ପୃକ୍ତ ଅଞ୍ଚଳରେ ଇରାନର ଆର୍ଥିକ ଓ ରଣନୈତିକ ସାମର୍ଥ୍ୟରେ ବୃଦ୍ଧି ଘଟିବ ଯାହାକି ଯୁଦ୍ଧ ପୂର୍ବରୁ ତାହା ପାଖରେ ନଥିଲା। ଯଦି ଭବିଷ୍ୟତରେ ଶାନ୍ତି ଆଲୋଚନା ବିଫଳ ହୁଏ ଓ ଇରାନ ହୋରମୁଜ୍‌କୁ ସମ୍ପୂର୍ଣ୍ଣ ଭାବରେ ବନ୍ଦ କରିଦିଏ, ତାହାହେଲେ ବିଭିନ୍ନ ଦେଶ ଜୀବାଶ୍ମ ଇନ୍ଧନ ଉପରେ ନିର୍ଭର କରିବା ହ୍ରାସ କରି ଚୀନ୍ ପ୍ରସ୍ତୁତ ସୋଲାର ପ୍ୟାନେଲ୍, ବୈଦ୍ୟୁତିକ ବାହନର ବହୁଳ ବ୍ୟବହାର କରିବାକୁ ବାଧ୍ୟ ହେବେ। ଏହାର ଅର୍ଥ ହେବ କି, ଗୋଟିଏ ନିର୍ଭରଶୀଳତାକୁ ତ୍ୟାଗ କରି ଆଉ ଗୋଟିଏ ନିର୍ଭରଶୀଳତାକୁ ଆପଣାଇବା। ବିଗତ ବର୍ଷ ରେୟାର୍ ଆର୍ଥ ମିନେରାଲ୍‌ସର ରପ୍ତାନୀ ଉପରେ ଚୀନ ଲଗାଇଥିବା ପ୍ରତିବନ୍ଧକ ସମଗ୍ର ବିଶ୍ୱକୁ ଦେଖାଇଦେଇଥିଲା କି, ବୈଶ୍ୱିକ ଆମଦାନୀ-ରପ୍ତାନୀ ବ୍ୟବସ୍ଥାରେ ବିଭିନ୍ନ ଚୋକ୍‌ପଏଣ୍ଟ (ସ୍ଥାନ ବିଶେଷ)ର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ। ଇରାନ ମଧ୍ୟ ପ୍ରମାଣିତ କରିଦେଲା କି ହୋର୍ମୁଜକୁ ବନ୍ଦ କରି, ବିଶ୍ୱର ସବୁଠାରୁ ଶକ୍ତିଶାଳୀ ସୈନ୍ୟ ବ୍ୟବସ୍ଥାକୁ ପଛକୁ ହଟିବା ପାଇଁ ସେ ବାଧ୍ୟ କରିପାରିଲା। ଯେଉଁ ଦେଶମାନଙ୍କର ଗୁରୁତ୍ୱପୂର୍ଣ୍ଣ ପରିବହନ ମାର୍ଗ ଉପରେ ନିୟନ୍ତ୍ରଣ ଅଛି, ସେମାନେ ଇରାନ ଭଳି ସମ୍ପୃକ୍ତ ମାର୍ଗକୁ ବନ୍ଦ କରି ଭବିଷ୍ୟତରେ ନିଜର ସ୍ୱାର୍ଥ ସିଦ୍ଧି କରିପାରନ୍ତି ଏବଂ ଅତୀତରେ ମଧ୍ୟ ଏହା ହୋଇ ଆସିଛି।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ସାମୁଦ୍ରିକ ବାଣିଜ୍ୟ ଅବାରିତ ଓ ବାଧାହୀନ ଭାବରେ ହେବାର ମୁଖ୍ୟ କାରଣ ହେଉଛି ଯୁକ୍ତରାଷ୍ଟ୍ରର ନୌବାହିନୀ ଜନିତ ସୁରକ୍ଷା ପ୍ରଦାନ। ମଧ୍ୟପ୍ରାଚ୍ୟ ସଙ୍କଟ ପରେ କିନ୍ତୁ ଆମେରିକାର ଶକ୍ତି ଓ ସାମର୍ଥ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନିକଟ ଅତୀତରେ ଇଣ୍ଡୋନେସିଆର ରାଷ୍ଟ୍ରପତି ଏକ ବିବୃତି ଦେଇଥିଲେ କି, ପୂର୍ବ ଏସିଆର ସତୁରୀ ପ୍ରତିଶତ ଶକ୍ତି ଆବଶ୍ୟକତା ତାଙ୍କ ଦେଶର ନିୟନ୍ତ୍ରଣରେ ଥିବା ମଲକ୍‌କା ଷ୍ଟ୍ରେଟ୍ ଦେଇ ପରିବାହିତ ହେଉଛି। ଯଦିଓ ସେ ଏଭଳି ବିବୃତି ଦେବାର କିଛି ସମୟ ପରେ ଇଣ୍ଡୋନେସିଆର ବାଣିଜ୍ୟ ମନ୍ତ୍ରାଳୟ ଏହା ସ୍ପଷ୍ଟ କରିଥିଲା କି ମଲକ୍‌କାରେ ଶୁଳ୍କ ଆଦାୟ କରିବା ପାଇଁ କୌଣସି ଯୋଜନା ନାହିଁ, ରାଷ୍ଟ୍ରପତିଙ୍କ ବିବୃତିକୁ କିନ୍ତୁ ହାଲୁକା ଭାବରେ ନେଇହେବ ନାହିଁ। ଏହି ଧାରାରେ ଆଗକୁ ଚୀନ, ତାଇୱାନ୍ ପାର୍ଶ୍ୱରେ ବାଣିଜ୍ୟିକ ଜାହାଜର ନିୟନ୍ତ୍ରଣ ଓ ରୁଷ୍ ସାମୁଦ୍ରିକ ଇଣ୍ଟରନେଟ୍ କେବୁଲକୁ ନିୟନ୍ତ୍ରଣ କରି ବୈଶ୍ୱିକ ବାଣିଜ୍ୟ ପାଇଁ ବିଷମ ସମସ୍ୟା ସୃଷ୍ଟି କରିପାରନ୍ତି। ପରିଶେଷରେ ଏତିକି ଉଲ୍ଲେଖ କରିବି ଯେ ମଧ୍ୟପ୍ରାଚ୍ୟ ସଙ୍କଟର ଫଳାଫଳ ଯାହା ହେଉ ନା କାହିଁକି, ବିଶ୍ୱବାଣିଜ୍ୟ ଉପରେ ଏହାର ପ୍ରଭାବ ସୁଦୂରପ୍ରସାରୀ ଓ ବାଣିଜ୍ୟ ବ୍ୟବସ୍ଥା ଯୁଦ୍ଧ ପୂର୍ବବର୍ତ୍ତୀ ସ୍ୱାଭାବିକ ଅବସ୍ଥାକୁ ଫେରିବାର ସମ୍ଭାବନା ଅତ୍ୟନ୍ତ କମ୍।


ମେଡିକାଲ ଅଫିସର, ଓଡ଼ିଶା ସ୍ୱାସ୍ଥ୍ୟ ସେବା, ଭୁବନେଶ୍ୱର
ମୋବାଇଲ:୮୧୪୪୦୪୨୯୯୭


# ସଂରକ୍ଷଣରେ ଯୋଗ୍ୟତା ଭିତ୍ତିକ ପ୍ରବାସ (ମେରିଟ୍ ମାଇଗ୍ରେସନ) ଉପରେ ସୁପ୍ରିମକୋର୍ଟଙ୍କ ରାୟଏକ ସାମାଜିକ ନ୍ୟାୟ ସମୀକ୍ଷା



**ରଣେନ୍ଦ୍ର ପ୍ରତାପ ସ୍ୱାଇଁ**

ଯଦି ଅନୁସୂଚିତ ଜାତି (ଝଉ), ଅନୁସୂଚିତ ଜନଜାତି(ଝଞ), ଅନ୍ୟାନ୍ୟ ପଛୁଆ ବର୍ଗ (ଡଇଉ) ଏବଂ ଦିବ୍ୟାଙ୍ଗ (ଚଙଉ) ବର୍ଗର ପ୍ରାର୍ଥୀମାନେ ଅଧିକ ମେରିଟ୍ ବା ଯୋଗ୍ୟତା ହାସଲ କରନ୍ତି, ତେବେ ସେମାନେ ପ୍ରାରମ୍ଭିକ ଯୋଗ୍ୟତା ପରୀକ୍ଷାରେ କୋହଳ ବ୍ୟବସ୍ଥାର (କ୍ସରକ୍ଷବଙ୍ଗବକ୍ସସକ୍ଟଭ) ସୁଯୋଗ ନେଇଥିଲେ ମଧ୍ୟ ଚୂଡ଼ାନ୍ତ ଚୟନ ତାଲିକାରେ ସାଧାରଣ (ଅଣ-ସଂରକ୍ଷିତ) ବର୍ଗକୁ ସ୍ଥାନାନ୍ତରିତ (ଙ୍କସଶକ୍ସବକ୍ସର) ହେବେ। ୨୩ ମାର୍ଚ୍ଚ ୨୦୨୬ରେ, ଭାରତର ଉଚ୍ଚତମ ନ୍ୟାୟାଳୟ 'ଛାୟା ବନାମ ମହାରାଷ୍ଟ୍ର ରାଜ୍ୟ (୨୦୨୬)' ମାମଲାରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି, ଯାହା ଭାରତର ସଂରକ୍ଷଣ ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନର ସମାଧାନ କରୁଛି: ଯୋଗ୍ୟତା ମାନଦଣ୍ଡରେ କୋହଳ ବ୍ୟବସ୍ଥାର ଲାଭ ଉଠାଇବା ପରେ ମଧ୍ୟ, ସଂରକ୍ଷିତ ବର୍ଗର ପ୍ରାର୍ଥୀମାନେ ଅଧିକ ମେରିଟ୍ ହାସଲ କଲେ ସାଧାରଣ ବର୍ଗକୁ ସ୍ଥାନାନ୍ତରିତ ହୋଇପାରିବେ କି? ନ୍ୟାୟାଳୟ ଏହାର ଉତ୍ତର 'ହଁ' ବୋଲି ଦେଇ ସ୍ପଷ୍ଟ କରିଛନ୍ତି ଯେ, ଯୋଗ୍ୟତା ପରୀକ୍ଷାରେ କୋହଳ ବ୍ୟବସ୍ଥା କେବଳ ପରୀକ୍ଷା ପାଇଁ ଯୋଗ୍ୟ ହେବାକୁ ପ୍ରଭାବିତ କରିଥାଏ, ମାତ୍ର ଏହା ଚୂଡ଼ାନ୍ତ ଚୟନ ପ୍ରକ୍ରିୟାରେ ପ୍ରାର୍ଥୀଙ୍କ ମେରିଟ୍ ବା ଯୋଗ୍ୟତାକୁ ହ୍ରାସ କରେନାହିଁ। ଯଦିଓ ଏହି ରାୟ ପୂର୍ବ ସାମ୍ବିଧାନିକ ଆଇନ ଶାସ୍ତ୍ର ସହିତ ଆଇନଗତ ଭାବେ ସଙ୍ଗତ ଅଟେ, ତଥାପି ଏହା ମେରିଟ୍‌ର ପ୍ରକୃତ ଅର୍ଥ, ସଂରକ୍ଷଣର ଉଦ୍ଦେଶ୍ୟ ଏବଂ ଭାରତୀୟ ସମାଜରେ ଜଡ଼ିତ ଗଠନମୂଳକ ଅସମାନତା ଉପରେ ଏକ ଗଭୀର ବିତର୍କ ସୃଷ୍ଟି କରିଛି। ମହାରାଷ୍ଟ୍ର ରାଜ୍ୟ ଶିକ୍ଷା ପରିଷଦ ଦ୍ୱାରା ଆୟୋଜିତ 'ଶିକ୍ଷକ ଯୋଗ୍ୟତା ଏବଂ ବୁଦ୍ଧିମତା ପରୀକ୍ଷା' (ଝଇଓଞ) ମାଧ୍ୟମରେ ମହାରାଷ୍ଟ୍ରରେ ଶିକ୍ଷକ ନିଯୁକ୍ତିକୁ ନେଇ ଏହି ବିବାଦ ଉପୁଜିଥିଲା। ସଂରକ୍ଷିତ ବର୍ଗର ପ୍ରାର୍ଥୀମାନେ ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଝରଞ)ରେ କୋହଳ କରାଯାଇଥିବା ଯୋଗ୍ୟତା ମାର୍କ (୬୦% ବଦଳରେ ୫୫%) ରଖି ଉତ୍ତୀର୍ଣ୍ଣ ହୋଇଥିଲେ। ତେବେ, ପରବର୍ତ୍ତୀ ସମୟରେ ଅନୁଷ୍ଠିତ ଝଇଓଞ ପରୀକ୍ଷାରେ ସେମାନେ କେତେକ ସାଧାରଣ ବର୍ଗର ପ୍ରାର୍ଥୀଙ୍କ ତୁଳନାରେ ଅଧିକ ମାର୍କ ସ୍କୋର କରିଥିଲେ। ସେମାନଙ୍କର ଅଧିକ ସ୍କୋର ସତ୍ତ୍ୱେ, ନିଯୁକ୍ତି କର୍ତ୍ତୃପକ୍ଷ ସେମାନଙ୍କୁ ସାଧାରଣ ବର୍ଗର ମେରିଟ୍ ତାଲିକାରୁ ବାଦ୍ ଦେଇଥିଲେ। ସେମାନେ ଯୁକ୍ତି ବାଢ଼ିଥିଲେ ଯେ ଯେଉଁ ପ୍ରାର୍ଥୀମାନେ ଯୋଗ୍ୟତା ପରୀକ୍ଷାରେ କୋହଳ ବ୍ୟବସ୍ଥାର ଲାଭ ଉଠାଇଛନ୍ତି, ସେମାନେ ଅଣ-ସଂରକ୍ଷିତ ଆସନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ ନାହିଁ। ବମ୍ବେ ହାଇକୋର୍ଟ ଏହି ବ୍ୟାଖ୍ୟାକୁ କାଏମ ରଖିଥିଲେ। ମାତ୍ର ଉଚ୍ଚତମ ନ୍ୟାୟାଳୟ (ସୁପ୍ରିମ୍ କୋର୍ଟ) ସେହି ନିଷ୍ପତ୍ତିକୁ ରଦ୍ଦ କରିଦେଇଥିଲେ।

ନ୍ୟାୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ସାମ୍ବିଧାନିକ ପାର୍ଥକ୍ୟକୁ ସ୍ପଷ୍ଟ କରିଛନ୍ତି: ଯୋଗ୍ୟତା ମାନଦଣ୍ଡରେ କୋହଳ ବ୍ୟବସ୍ଥା ଏବଂ ମେରିଟ୍ ମାନଦଣ୍ଡରେ କୋହଳ ବ୍ୟବସ୍ଥା ଦୁଇଟି ସମାନ ଜିନିଷ ନୁହେଁ। ଯଦି ଏହି କୋହଳ ବ୍ୟବସ୍ଥା କେବଳ ଜଣେ ପ୍ରାର୍ଥୀଙ୍କୁ ବିଚାର ପରିସରକୁ ଆଣିବାରେ ସାହାଯ୍ୟ କରୁଛି, ଏବଂ ଚୂଡ଼ାନ୍ତ ଚୟନ ସମ୍ପୂର୍ଣ୍ଣ ରୂପେ ଏକ ସମାନ ମେରିଟ୍ ମୂଲ୍ୟାଙ୍କନ ଉପରେ ଆଧାରିତ ହେଉଛି, ତେବେ ସାଧାରଣ ବର୍ଗକୁ ସ୍ଥାନାନ୍ତରିତ ହେବା ଆଇନଗତ ଭାବେ ବୈଧ ଅଟେ। ନ୍ୟାୟାଳୟ ପୂର୍ବରୁ ହୋଇଥିବା କେତେକ ଗୁରୁତ୍ୱପୂର୍ଣ୍ଣ ନଜିର (କ୍ଟକ୍ସରମରୟରଭକ୍ସଷ) ଉପରେ ନିର୍ଭର କରିଥିଲେ, ଯେପରିକି. ଇନ୍ଦ୍ରା ସାହନୀ ବନାମ ଭାରତ ସରକାର (୧୯୯୨)। ଜିତେନ୍ଦ୍ର କୁମାର ସିଂହ ବନାମ ଉତ୍ତର ପ୍ରଦେଶ ରାଜ୍ୟ (୨୦୧୦)। ବିକାଶ ସାଙ୍ଖଲା ବନାମ ବିକାଶ କୁମାର ଅଗ୍ରୱାଲ (୨୦୧୭)। ସୌରଭ ଯାଦବ ବନାମ ଉତ୍ତର ପ୍ରଦେଶ ରାଜ୍ୟ (୨୦୨୧)। ଏହି ସମସ୍ତ ରାୟ ସମ୍ମିଳିତ ଭାବେ ସେହି ସିଦ୍ଧାନ୍ତକୁ ଅଧିକ ଦୃଢ଼ କରୁଛନ୍ତି ଯେ, ମୁକ୍ତ ପ୍ରତିଯୋଗିତା ଆସନଗୁଡ଼ିକ କେବଳ ସାଧାରଣ ବର୍ଗର ପ୍ରାର୍ଥୀଙ୍କ ପାଇଁ ସଂରକ୍ଷିତ ନୁହେଁ, ବରଂ ମେରିଟ୍ ବା ଯୋଗ୍ୟତା ଭିତ୍ତିରେ ଏହା ସମସ୍ତ ପ୍ରାର୍ଥୀଙ୍କ ପାଇଁ ଉପଲବ୍ଧ ଅଟେ।

ନ୍ୟାୟାଳୟଙ୍କ ଏହି ଯୁକ୍ତି ତିନୋଟି ପ୍ରମୁଖ ସାମ୍ବିଧାନିକ ସିଦ୍ଧାନ୍ତ ଉପରେ ଆଧାରିତ। ସଂରକ୍ଷଣ ହେଉଛି ସମାନତା, ସୁବିଧା ନୁହେଁ: ସଂରକ୍ଷଣ କୌଣସି ଅନୁଗ୍ରହ ବା ଛାଡ଼ ନୁହେଁ, ବରଂ ସମ୍ବିଧାନର ଧାରା ୧୬ (ଇକ୍ସବ୍ସମକ୍ଷର ୧୬) ଅଧୀନରେ ସୁଯୋଗର ସମାନତା ହାସଲ କରିବାର ଏକ ମାଧ୍ୟମ ଅଟେ। ଯୋଗ୍ୟତା ମାର୍କ ହ୍ରାସ କରିବା, ପରୀକ୍ଷା ଫି' କୋହଳ କରିବା କିମ୍ବା ବୟସ ସୀମା କୋହଳ କରିବା ଭଳି ବ୍ୟବସ୍ଥାଗୁଡ଼ିକ କେବଳ ଏହା ନିଶ୍ଚିତ କରେ ଯେ ଯେପରି ଐତିହାସିକ ଭାବେ ଅବହେଳିତ ସମୁଦାୟଗୁଡ଼ିକ ଏହି ପ୍ରତିଯୋଗିତାମୂଳକ ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ। ପ୍ରାର୍ଥୀମାନେ ଥରେ ପ୍ରତିଯୋଗିତାରେ ପ୍ରବେଶ କରିବା ପରେ, ସେମାନଙ୍କର ଚୟନ ସମ୍ପୂର୍ଣ୍ଣ ରୂପେ ଏକ ସମାନ ମେରିଟ୍ ମାନଦଣ୍ଡ ଉପରେ ଆଧାରିତ ହେବା ଉଚିତ।

ସମାନ ସୁଯୋଗର ସିଦ୍ଧାନ୍ତ:ନ୍ୟାୟାଳୟ ଏହା ଉପରେ ଗୁରୁତ୍ୱାରୋପ କରିଛନ୍ତି ଯେ ଯୋଗ୍ୟତା ମାନଦଣ୍ଡରେ କୋହଳ ବ୍ୟବସ୍ଥା ସମସ୍ତଙ୍କ ପାଇଁ ଏକ ସମାନ ସୁଯୋଗର ପରିବେଶ ସୃଷ୍ଟି କରିଥାଏ, ଯାହା ପଛୁଆ ବର୍ଗଙ୍କୁ ସେମାନଙ୍କର ବ୍ୟବସ୍ଥାଗତ ପ୍ରତିବନ୍ଧକଗୁଡ଼ିକୁ ଅତିକ୍ରମ କରିବାରେ ସାହାଯ୍ୟ କରେ। ତେବେ, ପ୍ରତିଯୋଗିତାମୂଳକ ପର୍ଯ୍ୟାୟ ଆରମ୍ଭ ହେବା ମାତ୍ରେ, ସମସ୍ତ ପ୍ରାର୍ଥୀ ଏକ ସମାନ ମୂଲ୍ୟାଙ୍କନ ପ୍ରକ୍ରିୟା ଅଧୀନରେ ପ୍ରତିଦ୍ୱନ୍ଦ୍ୱିତା କରିଥାନ୍ତି। ତେଣୁ, ସେମାନଙ୍କୁ ସାଧାରଣ ବର୍ଗକୁ ସ୍ଥାନାନ୍ତରିତ ହେବାରୁ ବଞ୍ଚିତ କରିବା, ପୂର୍ବରୁ ନିଜର ଶ୍ରେଷ୍ଠ ଯୋଗ୍ୟତା ପ୍ରମାଣିତ କରିସାରିଥିବା ପ୍ରାର୍ଥୀମାନଙ୍କ ପ୍ରତି ଅନ୍ୟାୟ ହେବ। ନ୍ୟାୟାଳୟଙ୍କ ଦ୍ୱାରା ସ୍ପଷ୍ଟ କରାଯାଇଥିବା ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତ ହେଉଛି ଯେ, ସାଧାରଣ ବର୍ଗକୁ ସ୍ଥାନାନ୍ତରିତ (ଙ୍କସଶକ୍ସବକ୍ସସକ୍ଟଭ) ହେବା ସମ୍ପୂର୍ଣ୍ଣ ରୂପେ ନିଯୁକ୍ତି ନିୟମାବଳୀ କିମ୍ବା ବିଜ୍ଞପ୍ତିର ବ୍ୟବସ୍ଥା ଉପରେ ନିର୍ଭର କରେ। ଯଦି ନିଯୁକ୍ତି ନିୟମାବଳୀରେ ଏହି ସ୍ଥାନାନ୍ତରିତ ପ୍ରକ୍ରିୟାକୁ ସ୍ପଷ୍ଟ ଭାବେ ନିଷେଧ କରାଯାଇଥାଏ, ତେବେ ସେହି ପ୍ରତିବନ୍ଧକ ଲାଗୁ ହେବ। ମାତ୍ର ଯଦି ନିୟମାବଳୀ ଏବାବଦରେ ନୀରବ କିମ୍ବା ଅସ୍ପଷ୍ଟ ଥାଏ, ତେବେ ସାଧାରଣତଃ ଏହି ସ୍ଥାନାନ୍ତରଣ ପ୍ରକ୍ରିୟା ପାଇଁ ଅନୁମତି ଦିଆଯିବା ଉଚିତ। ମହାରାଷ୍ଟ୍ରର ନିଯୁକ୍ତି ପ୍ରକ୍ରିୟାରେ ଏଭଳି କୌଣସି ସ୍ପଷ୍ଟ ନିଷେଧାଦେଶ ନଥିଲା, ଯାହାଫଳରେ ପ୍ରାର୍ଥୀମାନଙ୍କୁ ବାଦ୍ ଦେବା ଆଇନଗତ ଭାବେ ଅସିଦ୍ଧ ବା ଅସମୀଚୀନ ଥିଲା।

ଯଦିଓ ଏହି ରାୟ ସାମ୍ବିଧାନିକ ସମାନତାକୁ ସୁଦୃଢ଼ କରୁଛି, ତଥାପି ଏହା ଏକ ଅସମାନ ସମାଜରେ ମେରିଟ୍ ବା ଯୋଗ୍ୟତାର ପ୍ରକୃତ ସ୍ୱରୂପ ଉପରେ ଏକ ଗଭୀର ବିତର୍କକୁ ସାମ୍ନାକୁ ଆଣିଛି। ଭାରତରେ ମେରିଟ୍‌ର ଚିନ୍ତାଧାରାକୁ ନିମ୍ନଲିଖିତ ବ୍ୟବସ୍ଥାଗତ ବାସ୍ତବତାଠାରୁ ଅଲଗା କରି ଦେଖାଯାଇପାରିବ ନାହିଁ: ବିଦ୍ୟାଳୟମାନଙ୍କରେ ଶିକ୍ଷା ପାଇବାରେ ଥିବା ଅସମାନତା। ଜାତିଭିତ୍ତିକ ଶିକ୍ଷାଗତ ବ୍ୟବଧାନ। କୋଚିଂ ଏବଂ ସାମାଜିକ ପୁଞ୍ଜି ପାଇବାରେ ଅସମାନତାର ସୁଯୋଗ। ଆଞ୍ଚଳିକ ଏବଂ ଭାଷାଗତ ପ୍ରତିବନ୍ଧକ। ଅନ୍ୟାନ୍ୟ ପଛୁଆ ବର୍ଗ (ଡଇଉ), ଅନୁସୂଚିତ ଜାତି (ଝଉ) ଏବଂ ଅନୁସୂଚିତ ଜନଜାତି (ଝଞ) ଭାବେ ବର୍ଗୀକୃତ ହୋଇଥିବା ସମୁଦାୟଗୁଡ଼ିକ ଐତିହାସିକ ଭାବେ ଶିକ୍ଷା ଏବଂ ସରକାରୀ ନିଯୁକ୍ତି କ୍ଷେତ୍ରରେ ବ୍ୟବସ୍ଥାଗତ ବାଦ୍ ବା ବଦ୍ଧତା ସାମ୍ନା କରିଆସିଛନ୍ତି। ତେଣୁ ମେରିଟ୍ କେବଳ ବ୍ୟକ୍ତିଗତ ଦକ୍ଷତା ଦ୍ୱାରା ନୁହେଁ, ବରଂ ସୁଯୋଗର ଭିତ୍ତିଭୂମି ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ। ସଂରକ୍ଷଣ ନୀତି ଏହି ସମସ୍ତ ଐତିହାସିକ ପ୍ରତିବନ୍ଧକକୁ ସୁଧାରିବାକୁ ଚେଷ୍ଟା କରିଥାଏ।

ସାଧାରଣତଃ ଆଲୋଚନାରେ ପ୍ରାୟତଃ ଅଣଦେଖା କରାଯାଉଥିବା ଅନ୍ୟ ଏକ ଦିଗ ହେଉଛି ବ୍ୟକ୍ତିଗତ ଅଗ୍ରଗତି ଏବଂ ସାମୂହିକ ପ୍ରତିନିଧିତ୍ୱ ମଧ୍ୟରେ ଥିବା ପାର୍ଥକ୍ୟ। ଯେତେବେଳେ ଜଣେ ସଂରକ୍ଷିତ ବର୍ଗର ପ୍ରାର୍ଥୀ ସାଧାରଣ ବର୍ଗକୁ ସ୍ଥାନାନ୍ତରିତ ହୁଅନ୍ତି: ଏହା ସେହି ବ୍ୟକ୍ତିଗତ ପ୍ରାର୍ଥୀଙ୍କୁ ଉପକୃତ କରିଥାଏ। ମାତ୍ର ଏହା ସ୍ୱତଃପ୍ରବୃତ୍ତ ଭାବେ ଅନୁଷ୍ଠାନଗୁଡ଼ିକରେ ଅବହେଳିତ ସମୁଦାୟର ଅଧିକ ପ୍ରତିନିଧିତ୍ୱକୁ ନିଶ୍ଚିତ କରେ ନାହିଁ। ଉଚ୍ଚ ଅମଲାତନ୍ତ୍ର, ଶିକ୍ଷା କ୍ଷେତ୍ର ଏବଂ ନ୍ୟାୟପାଳିକାରେ ପଛୁଆ ବର୍ଗର କ୍ରମାଗତ କମ୍ ପ୍ରତିନିଧିତ୍ୱ ହିଁ ପ୍ରକୃତ ଆହ୍ୱାନ ହୋଇ ରହିଛି। ବ୍ୟାପକ ଗଠନମୂଳକ ସଂସ୍କାର ବିନା, କିଛି ବ୍ୟକ୍ତିବିଶେଷଙ୍କ ସଫଳତା ବ୍ୟବସ୍ଥାଗତ ଅନ୍ତର୍ଭୁକ୍ତିକରଣର ବିକଳ୍ପ ହୋଇପାରିବ ନାହିଁ।

ଏହି ରାୟ ସାରା ଭାରତରେ ନିଯୁକ୍ତି ପ୍ରକ୍ରିୟା ପାଇଁ ଗୁରୁତ୍ୱପୂର୍ଣ୍ଣ ପରିଣାମ ଆଣିଦେବ। ସାଧାରଣ ବର୍ଗର ପଦବୀଗୁଡ଼ିକ ସମସ୍ତଙ୍କ ପାଇଁ ଉନ୍ମୁକ୍ତ - ଏହି ସିଦ୍ଧାନ୍ତକୁ ଅଧିକ ଦୃଢ଼ କରେ। ଯୋଗ୍ୟତା କୋହଳ ବ୍ୟବସ୍ଥା ପାଇଁ ସଂରକ୍ଷିତ ବର୍ଗର ପ୍ରାର୍ଥୀମାନଙ୍କୁ ଦଣ୍ଡିତ ବା ବଞ୍ଚିତ କରିବାରୁ ରୋକିଥାଏ। ଚୟନ ତାଲିକାରେ ମେଧାବୀ ପ୍ରାର୍ଥୀମାନଙ୍କୁ ଭେଦଭାବରୁ ସୁରକ୍ଷା ପ୍ରଦାନ କରେ। ନୂତନ ଚିନ୍ତା ବା ଆଶଙ୍କା। 'ମେରିଟ୍ ବନାମ ସଂରକ୍ଷଣ'ର ଆଖ୍ୟାନ ରାଜନୈତିକ ସ୍ତରରେ ଅପବ୍ୟବହାର ହେବାର ସମ୍ଭାବନା ରହିଛି। ଶିକ୍ଷାଗତ ସୁଯୋଗ କ୍ଷେତ୍ରରେ ଥିବା ଗଠନମୂଳକ ଅସମାନତାର ସମାଧାନ ହୋଇପାରି ନାହିଁ। ପ୍ରତିଷ୍ଠିତ ଅନୁଷ୍ଠାନଗୁଡ଼ିକରେ ପ୍ରତିନିଧିତ୍ୱର ବ୍ୟବଧାନ କ୍ରମାଗତ ଭାବେ ଲାଗି ରହିଛି।

'ଛାୟା ବନାମ ମହାରାଷ୍ଟ୍ର ରାଜ୍ୟ (୨୦୨୬)' ମାମଲାରେ ସର୍ବୋଚ୍ଚ ଅଦାଲତଙ୍କ ରାୟ ସମାନତା ଏବଂ ସଂରକ୍ଷଣର ସାମ୍ବିଧାନିକ ବ୍ୟବସ୍ଥା ସହିତ ଆଇନଗତ ଭାବେ ସଙ୍ଗତ ଅଟେ। ଏହା ସ୍ପଷ୍ଟ କରେ ଯେ ଯୋଗ୍ୟତା କୋହଳ କରିବା ଦ୍ୱାରା ମେରିଟ୍ ବା ଯୋଗ୍ୟତା ନଷ୍ଟ ହୁଏ ନାହିଁ ଏବଂ ମୁକ୍ତ ପ୍ରତିଯୋଗିତା ପ୍ରକୃତ ଅର୍ଥରେ ସମସ୍ତଙ୍କ ପାଇଁ ଉନ୍ମୁକ୍ତ ରହିବା ଆବଶ୍ୟକ। ତଥାପି, ଏହି ରାୟ ଭାରତର ସାମାଜିକ ଗଠନ ବିଷୟରେ ଏକ ମୌଳିକ ସତ୍ୟକୁ ମଧ୍ୟ ରେଖାଙ୍କିତ କରୁଛି। ମେରିଟ୍ ବା ଯୋଗ୍ୟତାକୁ ସାମାଜିକ ପ୍ରେକ୍ଷାପଟଠାରୁ ଅଲଗା କରାଯାଇପାରିବ ନାହିଁ। ସଂରକ୍ଷଣ ନୀତିଗୁଡ଼ିକ ଐତିହାସିକ ବଦ୍ଧତା ବା ବଞ୍ଚିତକରଣ, ଅସମାନ ସୁଯୋଗ ଏବଂ ବ୍ୟବସ୍ଥାଗତ ଭେଦଭାବର ସମାଧାନ କରିବା ନିରନ୍ତର ଜାରି ରଖିବା ଆବଶ୍ୟକ। କେବଳ ସେତିକିବେଳେ ହିଁ ପଛୁଆ ଏବଂ ଅବହେଳିତ ସମୁଦାୟର ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ପ୍ରକୃତ ସାମ୍ବିଧାନିକ ସମାନତାର ପ୍ରତିଶ୍ରୁତି ବାସ୍ତବ ଜୀବନର ସତ୍ୟରେ ପରିଣତ ହୋଇପାରିବ। ଦୀର୍ଘକାଳୀନ ଦୃଷ୍ଟିକୋଣରୁ ଦେଖିଲେ, ସାମାଜିକ ନ୍ୟାୟର ପ୍ରକୃତ ମାପଦଣ୍ଡ କେବଳ କିଛି ପ୍ରାର୍ଥୀ ସାଧାରଣ ବର୍ଗକୁ ସ୍ଥାନାନ୍ତରିତ ହେବା ନୁହେଁ - ବରଂ ଭାରତର ଅନୁଷ୍ଠାନଗୁଡ଼ିକ ପ୍ରକୃତ ଅର୍ଥରେ ଏହି ଦେଶର ବିବିଧତା ଏବଂ ସାମାଜିକ ଗଠନକୁ ପ୍ରତିଫଳିତ କରୁଛନ୍ତି କି ନାହିଁ, ତାହା ହିଁ ହେବ।


ବିଧାୟକ, ଆଠଗଡ଼

# ଭାରତ-ଇଣ୍ଡୋନେସିଆ ମିସାଇଲ୍ ଚୁକ୍ତିନାମା



## ଆଞ୍ଚଳିକ ସହଯୋଗ ଲାଗି ଦୁଇଦେଶ ସହମତ

## ସମୃଦ୍ଧ ହେବ ଷ୍ଟିଲ୍ ଓ ଖଣିଜ ଯୋଗାଣ ଶୃଙ୍ଖଳା

ଜାକର୍ତ୍ତା/ନୂଆଦିଲ୍ଲୀ, ୭।୭: ପ୍ରତିରକ୍ଷା ଓ ରଣନୀତିକ ସମ୍ପର୍କ କ୍ଷେତ୍ରରେ ଏସିଆ ମହାଦେଶରେ ଏକ ନୂଆ ଅଧ୍ୟାୟ ସୃଷ୍ଟି ହୋଇଛି। ଭାରତ ଓ ଇଣ୍ଡୋନେସିଆ ମଧ୍ୟରେ ସୁପରସୋନିକ୍ କ୍ରୁଜ୍ ମିସାଇଲ୍ 'ବ୍ରହ୍ମୋସ'କୁ ନେଇ ଏକ ବଡ଼ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଏତଦବ୍ୟତୀତ, କୃଷି, ଖଣିଜ ସମ୍ପଦ ବ୍ୟବହାରକୁ ନେଇ ମଧ୍ୟ ରାଜିନାମା ହୋଇ। ମଙ୍ଗଳବାର ସକାଳେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଇଣ୍ଡୋନେସିଆର ରାଷ୍ଟ୍ରପତି ପ୍ରବୋଓ ସୁବିଆଣ୍ଟୋଙ୍କ ମଧ୍ୟରେ ଏହି ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।

ଦୁଇ ଦିନିଆ ସରକାରୀ ଗସ୍ତରେ ଇଣ୍ଡୋନେସିଆର ରାଜଧାନୀ ଜାକାର୍ତ୍ତାରେ ପହଞ୍ଚିଥିବା ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସେଠାରେ ଅତ୍ୟନ୍ତ ଭବ୍ୟ ଓ ସ୍ୱାଗତ କରାଯାଇଥିଲା। ବିମାନବନ୍ଦରରେ ରାଷ୍ଟ୍ରପତି ପ୍ରବୋଓ ନିଜେ ଉପସ୍ଥିତ ରହି ପିଏମ୍ ମୋଦିଙ୍କୁ ଆଲିଙ୍ଗନ କରି ଆନ୍ତରିକତାର ସହ ସ୍ୱାଗତ ଜଣାଇଥିଲେ। ଏହାପରେ ଦୁଇ ପ୍ରମୁଖ ରାଷ୍ଟ୍ରମୁଖ୍ୟଙ୍କ ମଧ୍ୟରେ ଏକ ଉଚ୍ଚସ୍ତରୀୟ ଦ୍ୱିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ପ୍ରତିରକ୍ଷା, ବାଣିଜ୍ୟ ଏବଂ ସାମୁଦ୍ରିକ ସୁରକ୍ଷା ସହ ଜଡ଼ିତ ଅନେକ ବଡ଼ ରାଜିନାମାକୁ ଚୂଡ଼ାନ୍ତ ରୂପ ଦିଆଯାଇଛି। ଇଣ୍ଡୋନେସିଆ ସଂସଦରେ ଗର୍ଜିଛନ୍ତି ମୋଦି। ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତର ଦ୍ୱିତୀୟ ଦିନକୁ ରଣନୀତିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି।

ରାଷ୍ଟ୍ରପତି ପ୍ରବୋଓଙ୍କ ସହ ବୈଠକ ପରେ ପ୍ରଧାନମନ୍ତ୍ରୀ ମୋଦି ଇଣ୍ଡୋନେସିଆର ସଂସଦ 'କୋମ୍ପ୍ଲେକ୍ସ ପାର୍ଲେମେନ ରିପବ୍ଲିକ ଇଣ୍ଡୋନେସିଆ' ଗସ୍ତ କରିବେ। ସେଠାରେ ଆୟୋଜିତ ଏକ ବିଶେଷ କାର୍ଯ୍ୟକ୍ରମରେ ଯୋଗଦେଇ ସେ ସଂସଦର ସଦସ୍ୟମାନଙ୍କୁ ସମ୍ବୋଧିତ କରିବେ। ବିଶେଷଜ୍ଞଙ୍କ ମତରେ, ପିଏମ୍ ମୋଦୀଙ୍କ ଏହି ସମ୍ବୋଧନ ଭାରତ-ଇଣ୍ଡୋନେସିଆ ଗଣତାନ୍ତ୍ରିକ ସଂହତି ଏବଂ ଦୁଇ ଦେଶର ଶତାବ୍ଦୀ ପୁରୁଣା ଐତିହାସିକ ସମ୍ପର୍କକୁ ଏକ ନୂଆ ଦିଶା ପ୍ରଦାନ କରିବ।

ଦିନର ଶେଷ ଭାଗରେ ଜାକାର୍ତ୍ତାରେ ରହୁଥିବା ପ୍ରବାସୀ ଭାରତୀୟ ସମୁଦାୟ ପକ୍ଷରୁ ଏକ ବିଶାଳ ନାଗରିକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଯୋଗଦେଇ ଭାରତର ଦ୍ରୁତ ବିକାଶ ଯାତ୍ରା, ବିଶ୍ୱ ମାନଚିତ୍ରରେ ଭାରତର ବଢ଼ୁଥିବା ଦକ୍ଷତା ଏବଂ ଦୁଇ ଦେଶ ମଧ୍ୟରେ ଥିବା ସାଂସ୍କୃତିକ ତଥା 'ପିପୁଲ-ଟୁ-ପିପୁଲ' ଅର୍ଥାତ୍ ଜନତାଙ୍କ ସହ ଜନତାଙ୍କ ସମ୍ପର୍କକୁ ଆହୁରି ମଜବୁତ କରିବା ଉପରେ ବକ୍ତବ୍ୟ ରଖିବେ।

## ମୋଦିଙ୍କୁ ଇଣ୍ଡୋନେସିଆର ସର୍ବୋଚ୍ଚ ସମ୍ମାନ



ନୂଆଦିଲ୍ଲୀ: ଇଣ୍ଡୋନେସିଆ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସର୍ବୋଚ୍ଚ ସମ୍ମାନ ପ୍ରଦାନ କରିଛି। ଇଣ୍ଡୋନେସିଆ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସର୍ବୋଚ୍ଚ ସମ୍ମାନ 'ବିନତାଂ ଆଦିପୂର୍ଣ୍ଣା ଅଫ୍ ଦ ରିପବ୍ଲିକ୍ ଅଫ୍ ଇଣ୍ଡୋନେସିଆ'ରେ ସମ୍ମାନିତ କରାଇଥିବା ଇଣ୍ଡୋନେସିଆର ରାଷ୍ଟ୍ରପତି ପ୍ରବୋଓ ସବିଆଣ୍ଟୋ ଘୋଷଣା କରିଛନ୍ତି। ଏହାକୁ ମିଶାଇ ୩୪ଟି ଅନ୍ତର୍ଜାତୀୟ ସମ୍ମାନରେ ସମ୍ମାନିତ ହେଲେଣି ମୋଦି। ଜାକର୍ତ୍ତାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଏହି ବନ୍ଧୁତ୍ୱପୂର୍ଣ୍ଣ ସ୍ୱାଗତ ପାଇଁ ମୁଁ ମୋର ବନ୍ଧୁ ରାଷ୍ଟ୍ରପତି ପ୍ରବୋଓଙ୍କୁ କୃତଜ୍ଞତା ଜଣାଉଛି। ଗତ ବର୍ଷ ତାଙ୍କୁ ଭାରତ ଗଣତନ୍ତ୍ର ଦିବସର ମୁଖ୍ୟ ଅତିଥି ଭାବରେ ସ୍ୱାଗତ କରିବାର ସୁଯୋଗ ପାଇଥିଲି। ଆଜି ତାଙ୍କ ଆନ୍ତରିକ ନିମନ୍ତ୍ରଣରେ ଇଣ୍ଡୋନେସିଆ ଗସ୍ତରେ ଆସି ମୋତେ ବହୁତ ଖୁସି ଲାଗୁଛି। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ଆଜି ସକାଳେ ମୋତେ ଇଣ୍ଡୋନେସିଆର ସର୍ବୋଚ୍ଚ ସମ୍ମାନ ପ୍ରଦାନ କରାଯାଇଛି। ଏହି ସମ୍ମାନ ଲକ୍ଷ ଲକ୍ଷ ଭାରତୀୟଙ୍କର ଅଟେ। ଏହା ଇଣ୍ଡୋନେସିଆର ଲୋକଙ୍କ ଭାବନା, ଭାରତ ଏବଂ ଇଣ୍ଡୋନେସିଆର ଐତିହାସିକ ତଥା ଘନିଷ୍ଠ ସମ୍ପର୍କ। ମୁଁ ରାଷ୍ଟ୍ରପତି ପ୍ରବୋ, ଇଣ୍ଡୋନେସିଆ ସରକାର ଏବଂ ଏଠାରେ ଥିବା ଲୋକଙ୍କୁ ମୁଁ କୃତଜ୍ଞତା ଜଣାଉଛି।



# ଶେଖ୍ ହସିନା ବିରୋଧୀ ରାଲିରେ ବିସ୍ଫୋରଣ

ଢାକା, ୭।୭: ପଡ଼ୋଶୀ ବାଂଲାଦେଶରୁ ପୁଣି ଥରେ ହିଂସା ଓ ଅଶାନ୍ତି ଖବର ଆସିଛି। ସୋମବାର ରାଜଧାନୀ ଢାକା ନିକଟସ୍ଥ ସାଭରରେ ଏକ ରାଜନୈତିକ ରାଲି ସମୟରେ ଶକ୍ତିଶାଳୀ ବୋମା ବିସ୍ଫୋରଣ ହୋଇଛି। ରିପୋର୍ଟ ଅନୁସାରେ, ନବଗଠିତ ରାଜନୈତିକ ଦଳ ନ୍ୟାସନାଲ ସିଟିଜେନ୍ସ ପାର୍ଟି(ଏନସିପି) ଦ୍ୱାରା ଆୟୋଜିତ ଶେଖ ହସିନାଙ୍କ ବିରୋଧୀ ପ୍ରଦର୍ଶନ ସମୟରେ ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣ ସମୟରେ ଜଣେ ମହିଳା ନେତ୍ରୀ ରାଲିକୁ ସମ୍ବୋଧିତ କରୁଥିଲେ, ସେହି ସମୟରେ ହଠାତ୍ ଜନସାଧାରଣଙ୍କ ମଧ୍ୟରେ ଏକ ବୋମା ବିସ୍ଫୋରଣ ହୋଇଥିଲା, ଯାହା ଫଳରେ ସେଠାରେ ଉପସ୍ଥିତ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା ଏବଂ ଦଳାଚକଟା ଆରମ୍ଭ ହୋଇଥିଲା।

ଏହି ଘଟଣାରେ ତିନି ଜଣ ଆହତ ହୋଇଥିବା ସୂଚନା ମିଳିଛି। ଆହତମାନଙ୍କୁ ଚିକିତ୍ସା ଲାଗି ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଘଟଣାର ଏକ ଭୟଙ୍କର ଭିଡିଓ ମଧ୍ୟ ସୋସିଆଲ ମିଡିଆରେ ପ୍ରସାରିତ ହେଉଛି ,ଯେଉଁଥିରେ ଭାଷଣ ଜାରି ରହିବା ସମୟରେ ଏକ ଜୋରଦାର ବିସ୍ଫୋରଣ ଏବଂ ମଞ୍ଚରୁ ଧୂଆଁ ବାହାରୁଥିବା ଦେଖାଯାଉଛି। ବିସ୍ଫୋରଣ ପରେ, ରାଲି ସ୍ଥାନରେ ଥିବା ଲୋକମାନେ ନିଜ ନିଜ ଜୀବନ ବଞ୍ଚାଇବାକୁ ଦୌଡ଼ି ପଳାଉଥିବା ଦେଖାଯାଇଥିଲା।

## ଏକ୍ସପ୍ରେସ୍‌ୱେରେ ପରିବାର ଉପରେ ଆକ୍ରମଣ

ବେଙ୍ଗାଲୁରୁ, ୭।୭: କର୍ଣ୍ଣାଟକର ବ୍ୟସ୍ତବହୁଳ ବେଙ୍ଗାଲୁରୁ-ମହୀଶୂର ଏକ୍ସପ୍ରେସୱେରେ ଏକ ପରିବାରକୁ କିଛି ଯୁବକ ଆକ୍ରମଣ କରୁଥିବାର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହି ଆକ୍ରମଣ ହାଇୱେରେ ଯାତ୍ରା କରୁଥିବା ଅନ୍ୟ ଏକ କାରର ଡ୍ୟାସକ୍ୟାମ୍‌ରେ କଏଦ ହୋଇଛି। ଭିଡିଓରେ ଦେଖାଯାଉଛି ଯେ, କିଛି ଲୋକ ଏକ୍ସପ୍ରେସ୍‌ୱେ ମଝିରେ ଥିବା ଏକ ନୀଳ ରଙ୍ଗର କାର ଆଡ଼କୁ ଦୌଡ଼ୁଛନ୍ତି। ସେମାନେ ଜୋରଜବରଦସ୍ତି କାରର ଡୋର୍ ଖୋଲି ସମସ୍ତଙ୍କ ସମ୍ମୁଖରେ ଡ୍ରାଇଭର ସିଟରେ ବସିଥିବା ବ୍ୟକ୍ତିଙ୍କୁ ବାରମ୍ବାର ମୁଥ ମାରୁଛନ୍ତି। କାରରେ ଜଣେ ମହିଳା ଏବଂ ଜଣେ ଶିଶୁ ସମେତ ଚାରିରୁ ପାଞ୍ଚ ଜଣ ଥିବା କୁହାଯାଉଛି। ଭିଡ଼ ମଧ୍ୟରୁ ଜଣେ ଏକ ଛୋଟ ରଡ୍‌ରେ ଡ୍ରାଇଭରଙ୍କୁ ମାଡ଼ ମାରିବାର ଦେଖିବାକୁ ମିଳୁଛି। ରାସ୍ତା ଦେଇ ଯାଉଥିବା ଲୋକମାନେ ଆକ୍ରମଣକୁ ରୋକିବା ପାଇଁ ଚେଷ୍ଟା କରୁଥିବାର ଦେଖାଯାଇଥିଲା। ଭିଡିଓର ଶେଷରେ,ଆକ୍ରମଣ ସମୟରେ ଜଣେ ମହିଳା କାରରୁ ବାହାରକୁ ଆସି ଲୋକଙ୍କୁ ଅଟକିବାକୁ ଅନୁରୋଧ କରୁଛନ୍ତି। ଡ୍ରାଇଭରଙ୍କୁ କାରରୁ ଟାଣି ନେଇ ସେମାନେ ପିଟୁଥିବାର ଦେଖାଯାଉଛି।

## ବିହାରରୁ ୟୁକ୍ରେନ ମହିଳା ଗିରଫ



ନୂଆଦିଲ୍ଲୀ, ୭।୭: ୟୁକ୍ରେନର ଜଣେ ମହିଳାଙ୍କୁ ବିନା ବୈଧ କାଗଜପତ୍ରରେ ନେପାଳ ଯିବାକୁ ପ୍ରୟାସ କରୁଥିବାବେଳେ ଗିରଫ କରି ନିଆଯାଇଛି। ଏହାପରେ ଭାରତ-ନେପାଳ ସୀମାରେ ହଲଚଲ୍ ସୃଷ୍ଟି ହୋଇଛି। ମୋତିହାରୀର ହରପୁର ଥାନା ଅଞ୍ଚଳରେ ସଶସ୍ତ୍ର ସୀମା ବଳ ଏବଂ ପୁଲିସର ମିଳିତ କାର୍ଯ୍ୟାନୁଷ୍ଠାନରେ ମହିଳାଙ୍କୁ ସୈନିକ ରୋଡ଼ ନିକଟ ଜେଲକୁ ପଠାଇ ଦିଆଯାଇଛି। ପ୍ରାରମ୍ଭିକ ଯାଞ୍ଚରେ ସାମ୍ନାକୁ ଆସିଛି କି ସେ ବହୁ ସମୟରୁ ଭାରତରେ ରହୁଥିଲେ। କିନ୍ତୁ ତାଙ୍କ ପାଖରେ ରହିବା କିମ୍ବା ଯାତ୍ରା ସହ ଯୋଡ଼ି ହୋଇଥିବା ବୈଧ କାଗଜପତ୍ର ମିଳିପାରିନାହିଁ। ବିଶ୍ୱସ୍ତ ସୂତ୍ରରୁ ପୁଲିସକୁ ଖବର ମିଳିଥିଲା କି ୟୁକ୍ରେନରେ ରହୁଥିବା ଏକ ବିଦେଶୀ ମହିଳା ଭାରତ- ନେପାଳ ସୀମା ରାସ୍ତାରେ ନେପାଳ ଯିବାକୁ ପ୍ରୟାସ କରୁଛନ୍ତି। ସୂଚନା ପାଇବା ପରେ ଏସଏସବି ଏବଂ ହରପୁର ଥାନା ପୋଲିସ ମିଳିତ ଭାବେ ଅଭିଯାନ ଚଳାଇଥିଲେ ଏବଂ ସୀମା ପାର୍ କରିବା ପୂର୍ବରୁ ହିଁ ତାଙ୍କୁ ଧରି ନେଇଛନ୍ତି। ଏହି ସମୟରେ ୟୁକ୍ରେନର ଏହି ମହିଳା ସାଲୱାର ସୁଟ୍ ପିନ୍ଧିଥିଲେ। କିନ୍ତୁ ପୁଲିସ ଟିମ୍ ତାଙ୍କୁ ଚିହ୍ନି ନେଇଥିଲେ ଏବଂ ନିଜ ସହ ନେଇଯାଇଥିଲେ। ପଚରାଉଚରା ସମୟରେ ମହିଳା ଭାରତରେ ରହୁଥିବା ଏବଂ ନେପାଳ ଯିବାକୁ ଥିବା ବୈଧ କାଗଜପତ୍ର ଦେଖାଇ ପାରି ନ ଥିଲେ। ଏବେ ଯାଞ୍ଚ ଏଜେନ୍ସି ଏହା ଜାଣିବାକୁ ଚେଷ୍ଟା ଚଳାଇଛି କି ସେ ଭାରତ କେବେ ଏବଂ କେଉଁ ରାସ୍ତାରେ ଆସିଥିଲେ। ଏତେଦିନ ପର୍ଯ୍ୟନ୍ତ କେଉଁଠାରେ ଥିଲେ ଏବଂ ନେପାଳ ଯିବା ପଛରେ ତାଙ୍କର କ'ଣ ଉଦ୍ଦେଶ୍ୟ ଥିଲା। ୟୁକ୍ରେନର ଏହି ମହିଳା ସାଲୱାର ସୁଟ୍ ପିନ୍ଧିଥିଲେ। ଏଭଳି ସ୍ଥଳେ ସେ ଏକ ଭାରତୀୟ ମହିଳାଙ୍କ ଭଳି ଲାଗୁଥିଲେ, କିନ୍ତୁ ପୋଲିସ ତାଙ୍କୁ ଧରି ନେଇଛି।

## ଦାମାସକସ୍‌ରେ ବିସ୍ଫୋରଣ, ମାକ୍ରନ୍ ସୁରକ୍ଷିତ



ସିରିଆ, ୭।୭: ମଙ୍ଗଳବାର ସକାଳେ ସିରିଆର ରାଜଧାନୀ ଦାମାସକସ୍‌ରେ ବିସ୍ଫୋରଣ ହୋଇଛି। ତେବେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ୍ ସୁରକ୍ଷିତ ଥିବା ଫ୍ରାନ୍ସର ଏଲିସି ପ୍ୟାଲେସ୍ ପକ୍ଷରୁ ସୂଚନା ଦିଆଯାଇଛି। ମାକ୍ରୋନ୍ ସିରିଆର ରାଷ୍ଟ୍ରପତି ଅହମ୍ମଦ ଅଲ-ଶାରାଙ୍କ ସହ ଆଲୋଚନା କରିବା ପାଇଁ ଦାମାସକସ୍‌ରେ ଅଛନ୍ତି। ବାସାର ଅଲ-ଅସାଦଙ୍କ ୨୪ ବର୍ଷର ଶାସନର ପତନ ପରେ ସିରିଆ ଗସ୍ତ କରିଥିବା ମାକ୍ରୋନ୍ ହେଉଛନ୍ତି ପ୍ରଥମ ୟୁରୋପୀୟ ସଂଘ ନେତା। ଏହି ବିସ୍ଫୋରଣ ଦାମାସକସ୍‌ର ଶୁକ୍ରୀ ଅଲ-କ୍ୱାୱାଟଲି ରାସ୍ତାରେ ଥିବା 'ଫୋର୍ ସିଜନ୍ସ' ହୋଟେଲଠାରୁ ପ୍ରାୟ ୧୨୫ ମିଟର ଦୂରରେ ଘଟିଛି। ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଭିଡ଼ିଓରେ ଏକ ଗାଡ଼ି ନିକଟରେ ଧୂଆଁ ଓ ନିଆଁ ବାହାରୁଥିବା ଦେଖିବାକୁ ମିଳିଛି। ସୁରକ୍ଷା ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଦୁଇଟି ବିସ୍ଫୋରକ ଦ୍ରବ୍ୟ ଯୋଗୁଁ ଏହି ବିସ୍ଫୋରଣ ଘଟିଛି ଏବଂ ଏଥିରେ କିଛି ଲୋକ ଆହତ ହୋଇଛନ୍ତି। ତେବେ ରାଷ୍ଟ୍ରପତି ମାକ୍ରୋନ୍ ନିଜ ବାଟରେ ଯିବା ସମୟରେ କୌଣସି ଶବ୍ଦ ଶୁଣି ନଥିଲେ ବୋଲି ତାଙ୍କ ଅଧିକାରୀମାନେ କହିଛନ୍ତି। ବିସ୍ଫୋରଣ ସତ୍ତ୍ୱେ ମାକ୍ରୋନଙ୍କ ସିରିଆ ଗସ୍ତ ଓ ପରବର୍ତ୍ତୀ କାର୍ଯ୍ୟକ୍ରମ ଯୋଜନା ମୁତାବକ ଜାରି ରହିବ। ଆଲୋଚନା ଶେଷ କରି ସେ ନାଟୋ ସମ୍ମିଳନୀରେ ଯୋଗ ଦେବା ପାଇଁ ତୁର୍କୀ ଯାତ୍ରା କରିବେ।

### ହର୍ମୁଜ୍‌ରେ ପୁଣି ଆକ୍ରମଣ

## ୨ ଜାହାଜ ଉପରେ କ୍ଷେପଣାସ୍ତ୍ର ମାଡ଼



ତେହରାନ, ୭।୭: ହର୍ମୁଜ୍ ପ୍ରଣାଳୀରେ ପୁଣି ଥରେ ଉତ୍ତେଜନା ବୃଦ୍ଧି ପାଇଛି। ଆମେରିକୀୟ ଅଧିକାରୀଙ୍କ ସୂଚନା ଅନୁଯାୟୀ, ସୋମବାର ରାତିରେ ଇରାନର ଆଇଆରଜିସି ପ୍ରଣାଳୀ ଦେଇ ଯାଉଥିବା ଦୁଇଟି ବାଣିଜ୍ୟିକ ଜାହାଜ ଉପରେ କ୍ଷେପଣାସ୍ତ୍ର ମାଡ଼ କରିଛି। ହର୍ମୁଜ୍ ପ୍ରଣାଳୀରେ ଆକ୍ରମଣ ବନ୍ଦ କରିବା ପାଇଁ ଆମେରିକା ଏବଂ ଇରାନ ମଧ୍ୟରେ ଏକ ସପ୍ତାହ ଧରି ଚାଲିଥିବା ଚୁକ୍ତିନାମାର ଅବଧି ଶେଷ ହେବା ପରେ ଏହି ଆକ୍ରମଣ ହୋଇଛି। ଆମେରିକୀୟ ଅଧିକାରୀମାନେ କହିଛନ୍ତି, ଏହି ଆକ୍ରମଣ ପ୍ରାୟ ତିନି ସପ୍ତାହ ପୂର୍ବେ ଆମେରିକା ଏବଂ ଇରାନ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ୧୪-ସୂତ୍ରୀ ଶାନ୍ତି ଚୁକ୍ତିକୁ ମଧ୍ୟ ସଙ୍କଟରେ ପକାଇଛି। ଅନୁମାନ କରାଯାଉଛି ଯେ, ଆମେରିକା ଏବେ ଇରାନ ଉପରେ ପ୍ରତିଶୋଧମୂଳକ ଆକ୍ରମଣ କରିପାରେ।

ବ୍ରିଟେନର ୟୁକେ ସାମୁଦ୍ରିକ ବାଣିଜ୍ୟ ଅଭିଯାନ (ୟୁକେଏମଟିଓ)କହିଛି, ସୋମବାର ଦିନ ଏହା ଏକ ରିପୋର୍ଟ ପାଇଥିଲା ଯେ, ଓମାନ ଉପକୂଳରୁ ଦକ୍ଷିଣ ଦିଗରେ ଯାତ୍ରା କରୁଥିବା ଏକ ତେଲ ଟ୍ୟାଙ୍କର ଉପରେ ଅଜଣା କ୍ଷେପଣାସ୍ତ୍ର ମାଡ଼ ହୋଇଥିଲା। ଫଳରେ ସେଥିରେ ନିଆଁ ଲାଗିଯାଇଥିଲା। ଜଣେ ଆମେରିକୀୟ ଅଧିକାରୀ କହିଛନ୍ତି, ଦ୍ୱିତୀୟ ବାଣିଜ୍ୟ ଜାହାଜ ଉପରେ ମଧ୍ୟ ଇରାନୀ କ୍ଷେପଣାସ୍ତ୍ର ମାଡ଼ ହୋଇଥିଲା।

### ଅହମଦାବାଦ ସିରିଏଲ୍ ବ୍ଲାଷ୍ଟ ମାମଲା



## ୩୮ ଜଣଙ୍କ ଫାଶୀ ସଜା କାଏମ ରଖିଲେ ଗୁଜରାଟ ହାଇକୋର୍ଟ

ଅହମଦାବାଦ, ୭।୭: ଗୁଜରାଟ ହାଇକୋର୍ଟ ମଙ୍ଗଳବାର ଏକ ବଡ଼ ନିଷ୍ପତ୍ତି ଶୁଣାଇ ୨୦୦୮ ମସିହା ଅହମଦାବାଦ ସିରିଏଲ ବୋମା ବିସ୍ଫୋରଣ ମାମଲାରେ ୩୮ ଜଣ ଅଭିଯୁକ୍ତଙ୍କୁ ମୃତ୍ୟୁଦଣ୍ଡ ଏବଂ ଅନ୍ୟ ୧୧ ଜଣଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଥିବା ସ୍ପେଶାଲ କୋର୍ଟଙ୍କ ରାୟକୁ କାଏମ ରଖିବା ସହ ଏହି ଦଣ୍ଡାଦେଶ ବିରୋଧରେ କରାଯାଇଥିବା ସମସ୍ତ ଅପିଲ୍କୁ ଖାରଜ କରିଦେଇଛନ୍ତି। ଜଷ୍ଟିସ ଏ ଆଇ କୋଗଜେ ଏବଂ ଜଷ୍ଟିସ ସମୀର ଦାଭେଙ୍କୁ ନେଇ ଗଠିତ ଏକ ଡିଭିଜନ ବେଞ୍ଚ ନିମ୍ନ ଅଦାଲତଙ୍କ ନିର୍ଣ୍ଣୟକୁ ସମ୍ପୂର୍ଣ୍ଣ ସଠିକ୍ ଦର୍ଶାଇବା ସହ ଆତଙ୍କବାଦୀ ସଂଗଠନ ଇଣ୍ଡିଆନ ମୁଜାହିଦ୍ଦିନର ସଦସ୍ୟମାନଙ୍କ ସଜାକୁ ବଜାୟ ରଖିଛନ୍ତି। ବିଗତ ୨୬ ଜୁଲାଇ ୨୦୦୮ରେ ମାତ୍ର ୭୦ ମିନିଟ୍ ଭିତରେ ଅହମଦାବାଦ ସହରର ୨୧ଟି ସ୍ଥାନରେ ଏହି ସିରିଏଲ୍ ବ୍ଲାଷ୍ଟ ଘଟାଯାଇଥିଲା, ଯେଉଁଥିରେ ପ୍ରାୟ ୫୬ ଜଣ ନିରୀହ ଲୋକଙ୍କ ଜୀବନ ଯାଇଥିବା ବେଳେ ୨୦୦ରୁ ଅଧିକ ଲୋକ ଆହତ ହୋଇଥିଲେ। ବିସ୍ଫୋରଣ ସମୟରେ ସହରର କେତେକ ହସ୍ପିଟାଲକୁ ମଧ୍ୟ ଆତଙ୍କବାଦୀମାନେ ନିଜର ଟାର୍ଗେଟ୍ ବନାଇଥିଲେ। ପରବର୍ତ୍ତୀ ସମୟରେ ୨୦୨୨ ମସିହାରେ ସ୍ପେଶାଲ କୋର୍ଟ ଏହି ମାମଲାରେ ୩୮ ଜଣ ଆଇଏମ୍ ସଦସ୍ୟଙ୍କୁ ମୃତ୍ୟୁଦଣ୍ଡ ଏବଂ ଅନ୍ୟ ୧୧ ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ, ଯାହାକୁ ଏବେ ଗୁଜରାଟ ହାଇକୋର୍ଟ ସମ୍ପୂର୍ଣ୍ଣ ସ୍ୱୀକୃତି ପ୍ରଦାନ କରିଛନ୍ତି।

# ଗାଜାରୁ ହମାସ ରାଜ୍ ଶେଷ

## ପ୍ରଶାସନିକ କମିଟିକୁ କ୍ଷମତା ହସ୍ତାନ୍ତର



ଗାଜା ସିଟି, ୭।୭: ବିଗତ ପ୍ରାୟ ଦୁଇ ଦଶନ୍ଧି ଧରି ଗାଜା ଷ୍ଟ୍ରିପରେ ଶାସନ ଗାଦି ସମ୍ଭାଳିଥିବା ପାଲେଷ୍ଟାଇନର ସଶସ୍ତ୍ର ସଂଗଠନ 'ହମାସ' ସେଠାରେ ନିଜର ଶାସନ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ରୂପେ ଭଙ୍ଗ କରିବା ସହ ନିଜର ବେସାମରିକ ପ୍ରଶାସନିକ ଦାୟିତ୍ୱ ଏକ ବୈଷୟିକ (ଟେକ୍ନୋକ୍ରାଟିକ୍) କମିଟିକୁ ହସ୍ତାନ୍ତର କରିବା ପାଇଁ ବଡ଼ ନିଷ୍ପତ୍ତି ନେଇଛି। ଆମେରିକାର ମଧ୍ୟସ୍ଥତାରେ ଗତ ଅକ୍ଟୋବର ମାସରେ ଇସ୍ରାଏଲ ସହ ହୋଇଥିବା ଅସ୍ତ୍ରବିରତି ଚୁକ୍ତି ପରଠାରୁ ହିଁ ହାମାସ ପ୍ରଶାସନିକ ଦାୟିତ୍ୱରୁ ଦୂରେଇ ରହିବାକୁ ବାରମ୍ବାର ସଙ୍କେତ ଦେଇ ଆସୁଥିଲା। ଏହି ଐତିହାସିକ ନିଷ୍ପତ୍ତି ପରେ ଗାଜାରେ ଏକ ନୂତନ ପ୍ରଶାସନିକ ଗଠନ ପାଇଁ ରାସ୍ତା ସଫା ହୋଇଥିଲେ ମଧ୍ୟ, ହାମାସର ସମ୍ପୂର୍ଣ୍ଣ ନିରସ୍ତ୍ରୀକରଣ ପ୍ରସଙ୍ଗ ଏବେ ସୁଦ୍ଧା ଅମୀମାଂସିତ ହୋଇ ରହିଛି। ଗାଜାର ସରକାରୀ ଗଣମାଧ୍ୟମ କାର୍ଯ୍ୟାଳୟ ପକ୍ଷରୁ ଜାରି ଏକ ବିବୃତ୍ତିରେ ସରକାରୀ ଜରୁରୀକାଳୀନ କମିଟିର ମୁଖ୍ୟ ମହମ୍ମଦ ଅଲ-ଫାରା ନିଜ ପଦରୁ ଇସ୍ତଫା ଦେବା ସହ ଏହି ସଂଗଠନକୁ ଭଙ୍ଗ କରାଯାଇଥିବା ସ୍ପଷ୍ଟ କରିଛନ୍ତି, ଯାହାଦ୍ୱାରା ନୂତନ ଶାସନ ପ୍ରକ୍ରିୟା ସହଜ ହୋଇପାରିବ।

ହାମାସର ଏହି ପଦକ୍ଷେପ ପରେ ଏବେ ଗାଜା ଶାସନ ଦାୟିତ୍ୱ ନ୍ୟାସନାଲ କମିଟି ଫର ଦି ଆଡମିନିଷ୍ଟ୍ରେସନ ଅଫ ଗାଜା (ଏନସିଏଜି) ହାତକୁ ଯିବ, ଯାହା ଆମେରିକା ସମର୍ଥିତ ଯୋଜନା ଅନୁଯାୟୀ ବେସାମରିକ ଶାସନ ବ୍ୟବସ୍ଥାର ତଦାରଖ କରିବ।

## ଚୁକ୍ତି ନକଲେ ଧ୍ୱଂସ ହୋଇଯିବ ଇରାନ: ଟ୍ରମ୍ପ୍



ୱାଶିଂଟନ, ୭।୭: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଇରାନକୁ ଧମକ ଦେଇଛନ୍ତି। ସେ କହିଛନ୍ତି, ଇରାନ ସହିତ ଚୁକ୍ତି ନହେଲେ ଆମେରିକା ସବୁ ଧ୍ୱଂସ କରିଦେବ। ତେହେରାନର ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିକୁ ନଷ୍ଟ କରିବାର କ୍ଷମତା ୱାଶିଂଟନ ରଖିଛି। ଆମେ ଯେକୌଣସି ମତେ ଜିତିବୁ। ତେବେ ସାମରିକ କାର୍ଯ୍ୟାନୁଷ୍ଠାନ ଅପେକ୍ଷା ଆମେ ଆଲୋଚନାମୂଳକ ସମାଧାନ ଚାହୁଁଛୁ। ସେ କହିଛନ୍ତି, ମୁଁ ଆପୋଷ ବୁଝାମଣା କରିବାକୁ ପସନ୍ଦ କରିବି କାରଣ ମୁଁ ୯ କୋଟି ୧୦ ଲକ୍ଷ ଲୋକଙ୍କୁ ପ୍ରଭାବିତ କରିବାକୁ ଚାହୁଁନାହିଁ। ଆମେ ଗୋଟିଏ ଘଣ୍ଟା ମଧ୍ୟରେ ସେମାନଙ୍କର ଯୋଗାଯୋଗ ସେତୁ ଭାଙ୍ଗି ପାରିବୁ। ଆମେ ସେମାନଙ୍କର ବିଦ୍ୟୁତ ଯୋଗାଣ ବନ୍ଦ କରିପାରିବୁ। ସେମାନେ ତିଆରି କରିଥିବା ସମସ୍ତ ବଡ଼ ପ୍ଲାଣ୍ଟକୁ ନଷ୍ଟ କରିପାରିବାର କ୍ଷମତା ଆମର ରହିଛି। ସେମାନଙ୍କ ପାଖରେ ଏସବୁକୁ ପୁଣି ନିର୍ମାଣ ପାଇଁ ଏବେ ଆଉ ଟଙ୍କା ନାହିଁ। ଆମେରିକା କିଛି ଘଣ୍ଟା ମଧ୍ୟରେ ଇରାନର ବିଦ୍ୟୁତ୍ ଏବଂ ବିଦ୍ୟୁତ୍ ଉତ୍ପାଦନ ସୁବିଧାଗୁଡ଼ିକୁ ନଷ୍ଟ କରିପାରିବ। ଆମେ ଚାହିଁଲେ ସେମାନଙ୍କର ସବୁ ପ୍ଲାଣ୍ଟ ନଷ୍ଟ କରିଦେବୁ। ସେମାନେ ଏହା ଜାଣିଛନ୍ତି ବୋଲି ଟ୍ରମ୍ପ କହିଛନ୍ତି।

## ଯୁବକଙ୍କୁ ଧମକ ଦେଲେ ମୈଥିଲୀ ଠାକୁର



ନୂଆଦିଲ୍ଲୀ, ୭।୭: ବିହାରର ଦରଭଙ୍ଗା ଜିଲ୍ଲା ଅଲୀନଗର ଆସନର ଭାଜପା ବିଧାୟିକା ତଥା ପ୍ରସିଦ୍ଧ ଗାୟିକା ମୈଥିଲୀ ଠାକୁର ଏବେ ଏକ ବଡ଼ ବିବାଦରେ ଛନ୍ଦି ହୋଇପଡ଼ିଛନ୍ତି। ସୋସିଆଲ ମିଡିଆରେ ତାଙ୍କର ଏକ କଥିତ ଅଡିଓ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ସେ ଜଣେ ଯୁବକଙ୍କୁ ଗାଳିଗୁଲଜ କରିବା ସହ ଧମକ ଦେଉଥିବା ଶୁଣିବାକୁ ମିଳିଛି। ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଅଡିଓ ଅନୁଯାୟୀ, ମୈଥିଲୀ ନିଜ ନିର୍ବାଚନ ମଣ୍ଡଳୀର ଗୌତମ ଝା ନାମକ ଜଣେ ଯୁବକଙ୍କୁ ଫୋନରେ ଧମକ ଦେଇଛନ୍ତି। ଗୌତମ ନିଜେ ଗଣମାଧ୍ୟମ ସାମ୍ନାକୁ ଆସି ଏହି ଘଟଣା ବିଷୟରେ ଜଣାଇବା ସହ ବିଧାୟିକାଙ୍କ ସହ ହୋଇଥିବା କଥାବାର୍ତ୍ତାର ଅଡିଓ ମଧ୍ୟ ଶୁଣାଇଛନ୍ତି। ଗୌତମଙ୍କ କହିବା ଅନୁଯାୟୀ, ବିଧାୟିକା ମୈଥିଲୀ ତାଙ୍କୁ ପାଗଳ, ମୂର୍ଖ ବୋଲି କହିଛନ୍ତି। ଏପରିକି ସେ କହିଛନ୍ତି, ତୁମେ ଅଲୀନଗରରେ ରହିବା ଯୋଗ୍ୟ ନୁହଁ, ତୁମେ ନିଜ ଅଞ୍ଚଳ ପାଇଁ ଏକ କଳଙ୍କ। ଯଦି ଏଣିକି ଏଭଳି କାମ କଲ ଏବଂ ଜନତାଙ୍କ ଭାବନା ସହ ଖେଳିଲ, ତେବେ ମୁଁ ଯାହା କରିବି ତ କରିବି, ଭଗବାନ ମଧ୍ୟ ତୁମକୁ କ୍ଷମା କରିବେ ନାହିଁ।

## ନିର୍ବନ୍ଧ ପରେ ପ୍ରେମିକଙ୍କୁ ବିବାହ କରିଥିଲେ ସିୟା



ମୁମ୍ବାଇ, ୭।୭: ପୁଣେର ବହୁଚର୍ଚ୍ଚିତ କେତନ ଅଗ୍ରଓ୍ୱାଲ ହତ୍ୟା ମାମଲାରେ ଏବେ ଏକ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି। ସୂତ୍ର ଅନୁସାରେ, କେତନ ଅଗ୍ରୱାଲଙ୍କ ସହ ନିର୍ବନ୍ଧ ସରିବା ପରେ ମୁଖ୍ୟ ଅଭିଯୁକ୍ତ ସିୟା ଗୋୟଲ ପ୍ରେମିକ ଚେତନ ଚୌଧୁରୀଙ୍କୁ ଗୋପନରେ ବିବାହ କରିଥିଲେ। ୨୦ ବର୍ଷୀୟା ସିୟା ଓ ୨୫ ବର୍ଷୀୟ କେତନଙ୍କ ବିବାହ ଆସନ୍ତା ନଭେମ୍ବର ମାସରେ ଅନୁଷ୍ଠିତ ହେବାର ଥିଲା। ମାତ୍ର ଗତ ଜୁନ୍ ୧୮ ତାରିଖରେ ପୁଣେର ଲୋହାଗଡ଼ ଦୁର୍ଗରୁ ଖସିପଡ଼ି କେତନଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଥିଲା। ସିୟା ଏହି ବିବାହ କରିବାକୁ ଚାହୁଁନଥିବାରୁ ସେ ହିଁ କେତନଙ୍କୁ ହତ୍ୟା କରିବା ପାଇଁ ସମ୍ପୂର୍ଣ୍ଣ ଚକ୍ରାନ୍ତ ରଚିଥିଲେ ବୋଲି ପୋଲିସ ତଦନ୍ତରୁ ଜଣାପଡ଼ିଥିଲା। ପରେ ସିୟା ଏବଂ ଚେତନଙ୍କୁ ପୋଲିସ ଗିରଫ କରିଥିଲା। ଏବେ ଏହି ମାମଲାରେ ଆଉ ଏକ ଟ୍ୱିଷ୍ଟ ଆସିଛି। ପ୍ରାୟ ୪ ମାସ ପୂର୍ବରୁ ସିୟା ଏବଂ ଚେତନ ସ୍ଥାନୀୟ ସବ୍-ରେଜିଷ୍ଟ୍ରାର ଅଫିସରେ ସ୍ପେଶାଲ ମ୍ୟାରେଜ୍ ଆକ୍ଟ ଅନୁସାରେ କୋର୍ଟ ମ୍ୟାରେଜ୍ କରିଥିବା ନେଇ ଜଣାପଡ଼ିଛି।

# ଟଏଲେଟ୍ କ୍ଲିନର୍ ଇଞ୍ଜେକ୍ସନ୍ ଦେଇ ସ୍ୱାମୀଙ୍କୁ ହତ୍ୟା

### ପତ୍ନୀର ପରକୀୟା ପ୍ରୀତି



ତେଲେଙ୍ଗାନା, ୭।୭: ତେଲେଙ୍ଗାନାର ନିଜାମାବାଦ୍ ଅଞ୍ଚଳରୁ ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। ଜଣେ ମହିଳା ନିଜର ଅସୁସ୍ଥ ସ୍ୱାମୀଙ୍କୁ ଟଏଲେଟ୍ କ୍ଲିନର୍ ଇଞ୍ଜେକ୍ସନ ଦେଇ ଅତି ନିର୍ମମ ଭାବେ ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ଜଣକ ୩୫ ବର୍ଷୀୟ ପ୍ରଶାନ୍ତ ବୋଲି ଜଣାପଡ଼ିଛି, ଯିଏକି ପୂର୍ବରୁ ଗଲ୍ଫରେ କାମ କରୁଥିଲେ। ଗତ ଜୁଲାଇ ୧ ତାରିଖରେ ମୃତ ପ୍ରଶାନ୍ତଙ୍କ ମା' ପୁଲିସରେ ଏକ ଅଭିଯୋଗ ଦାୟର କରିଥିଲେ। ସେ ଜଣାଇଥିଲେ ଯେ, ଜୁନ୍ ୩୦ ରେ ତାଙ୍କ ପୁଅର ମୃତ୍ୟୁ ହୋଇଥିବା ଖବର ସେ ପାଇଲେ, କିନ୍ତୁ ପୁଅ କେବେ ବିଦେଶରୁ ଘରକୁ ଫେରିଲା ଏବଂ ମୃତ୍ୟୁ ପୂର୍ବରୁ ତାଙ୍କ ସହ କ'ଣ ଘଟିଥିଲା, ସେ ବିଷୟରେ ତାଙ୍କୁ କିଛି ଜଣାନଥିଲା। ପୁଅର ମୃତ୍ୟୁକୁ ରହସ୍ୟମୟ ଦର୍ଶାଇ ସେ ନିଜ ବୋହୂ ଉପରେ ସନ୍ଦେହ କରିଥିଲେ। ପୁଲିସ ଏହି ଅଭିଯୋଗକୁ ଭିତ୍ତି କରି ତଦନ୍ତ ଆରମ୍ଭ କରିଥିଲା।

ପୁଲିସ ତଦନ୍ତ ଏବଂ ପ୍ରମାଣ ଆଧାରରେ ଜଣାପଡ଼ିଛି ଯେ, ମୃତକଙ୍କ ସ୍ତ୍ରୀ ସନ୍ଧ୍ୟାର ଅନିଲ ନାମକ ଜଣେ ବ୍ୟକ୍ତିଙ୍କ ସହ ଅବୈଧ ସମ୍ପର୍କ ଥିଲା। ସ୍ୱାମୀ ପ୍ରଶାନ୍ତ ସେମାନଙ୍କ ପ୍ରେମ ସମ୍ପର୍କରେ ବାଧା ସାଜୁଥିବାରୁ ଉଭୟ ତାଙ୍କୁ ରାସ୍ତାରୁ ହଟାଇବାକୁ ଯୋଜନା କରିଥିଲେ। ଏହି ଭୟଙ୍କର ଷଡ଼ଯନ୍ତ୍ରରେ ସେମାନଙ୍କୁ ସହଯୋଗ କରିଥିଲା ଭେଙ୍କଟ ସାଇ ନାମକ ଆଉ ଜଣେ ଯୁବକ। ପୁଲିସର ସୂଚନା ଅନୁଯାୟୀ, ହତ୍ୟା ଯୋଜନା ମୁତାବକ ଜୁନ୍ ୨୯ ତାରିଖରେ ଅଭିଯୁକ୍ତକୁ ହତ୍ୟାକାଣ୍ଡରେ ସାହାଯ୍ୟ କରିଥିବା ସାଇ, ପ୍ରଶାନ୍ତଙ୍କ ଘରକୁ ଯାଇ ତାଙ୍କୁ ପ୍ରଚୁର ମଦ ପିଆଇଥିଲା। ଏହାପରେ ତାଙ୍କୁ ଛାତ ଉପରକୁ ନେଇ ସେଠାରୁ ତଳକୁ ଠେଲି ଦେଇଥିଲା। ଏହି ଦୁର୍ଘଟଣାରେ ପ୍ରଶାନ୍ତ ଗୁରୁତର ଆହତ ହୋଇଥିଲେ ମଧ୍ୟ ତାଙ୍କ ଜୀବନ ବଞ୍ଚି ଯାଇଥିଲା। ତରବରିଆ ଭାବେ ସନ୍ଧ୍ୟା ଏବଂ ସାଇ ତାଙ୍କୁ ପ୍ରଥମେ ସରକାରୀ ଓ ପରେ ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ, ମାତ୍ର କିଛି ସମୟ ପରେ ପୁଣି ଘରକୁ ଫେରାଇ ଆଣିଥିଲେ।

### ମନ ବୁଝିଲାନି, ଖଟରୁ ତଳକୁ ପେଲିଦେଲା

ଘରକୁ ଆଣିବା ପରେ ପ୍ରେମିକ ଅନିଲର ନିର୍ଦ୍ଦେଶରେ ସନ୍ଧ୍ୟା, ଚିକିତ୍ସା ପାଇଁ ସ୍ୱାମୀଙ୍କ ହାତରେ ଲାଗିଥିବା କ୍ୟାନୁଲା ସାହାଯ୍ୟରେ ଟଏଲେଟ୍ କ୍ଲିନର୍ ଏବଂ କେତେକ ନିଶାଦ୍ରବ୍ୟ ଇଞ୍ଜେକ୍ସନ ଦେଇ ଦେଇଥିଲା। ଏତିକିରେ ମନ ବୁଝିନଥିଲା, ପରେ ତାଙ୍କୁ ଖଟରୁ ତଳକୁ ମଧ୍ୟ ଠେଲି ଦେଇଥିଲା, ଯାହାଫଳରେ ଘଟଣାସ୍ଥଳରେ ହିଁ ପ୍ରଶାନ୍ତଙ୍କ ମୃତ୍ୟୁ ଘଟିଥିଲା। ପୁଲିସ ପଚରାଉଚରା ସମୟରେ ତିନିଜଣ ଯାକ ଅଭିଯୁକ୍ତ ଅର୍ଥାତ୍ ସନ୍ଧ୍ୟା, ତାଙ୍କ ପ୍ରେମିକ ଅନିଲ ଏବଂ ସହଯୋଗୀ ସାଇ ନିଜର ଅପରାଧ ସ୍ୱୀକାର କରିଛନ୍ତି। ପୁଲିସ ସେମାନଙ୍କୁ ଗିରଫ କରି କୋର୍ଟରେ ହାଜର କରିବା ପରେ, ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ସମସ୍ତଙ୍କୁ ହାଜତ ପଠାଇ ଦିଆଯାଇଛି।

## ରଥଯାତ୍ରା ସୁରକ୍ଷା ବ୍ୟବସ୍ଥା ନେଇ ବୈଠକ

# ମୁତୟନ କରାଯିବ ଅତ୍ୟାଧୁନିକ ଆଣ୍ଟି-ଡ୍ରୋନ୍ ସିଷ୍ଟମ୍




ଭୁବନେଶ୍ୱର,୭।୭(ସଂଚାର ବ୍ୟୁରୋ): ଆସନ୍ତା ୧୬ରେ ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା-୨୦୨୬ ଅନୁଷ୍ଠିତ ହେବ। ଏହାକୁ ସୁରକ୍ଷିତ, ଶୃଙ୍ଖଳିତ, ତ୍ରୁଟିଶୂନ୍ୟ ଓ ବିଭିନ୍ନ ସୁରକ୍ଷା ସଂସ୍ଥା ମଧ୍ୟରେ ସମନ୍ୱୟକୁ ଆହୁରି ସୁଦୃଢ଼ କରିବା ନିମନ୍ତେ ରାଜ୍ୟ ପୁଲିସ ମୁଖ୍ୟ କାର୍ଯ୍ୟାଳୟରେ ବୈଠକ ଅନୁଷ୍ଠିତ ହୋଇଛି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ ରାଜ୍ୟ ପୁଲିସର ବରିଷ୍ଠ ଅଧିକାରୀମାନଙ୍କ ସହ କେନ୍ଦ୍ରୀୟ ରିଜର୍ଭ ପୁଲିସ ବଳ, ସୀମା ସୁରକ୍ଷା ବଳ, ରେଳ ସୁରକ୍ଷା ବଳ, ଭାରତୀୟ ତଟରକ୍ଷୀ ବାହିନୀ ଭଳି ଗୁରୁତ୍ୱପୂର୍ଣ୍ଣ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ରଥଯାତ୍ରାର ସମସ୍ତ ସୁରକ୍ଷା ପ୍ରସଙ୍ଗ ଉପରେ ବିସ୍ତୃତ ସମୀକ୍ଷା କରିଥିଲେ।

ରଥଯାତ୍ରା ସମୟରେ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ, ଏନ୍ଏସଜି ଟିମ୍ ଏବଂ ଏନ୍ଏସଜି କ୍ୱିକ୍ ରେସପନ୍ସ ଟିମ୍‌ଗୁଡ଼ିକର ମୁତୟନ ଓ ରଣନୀତି ଉପରେ ବିସ୍ତୃତ ଆଲୋଚନା କରାଯାଇଛି। ଚଳିତ ବର୍ଷ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ଓଡ଼ିଶା ପୁଲିସ, ରେଳ ସୁରକ୍ଷା ବଳ ଏବଂ ଭାରତୀୟ ତଟରକ୍ଷୀ ବାହିନୀ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରି ମିଳିତ ଭାବେ କାର୍ଯ୍ୟ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ସହ ଜଳ, ସ୍ଥଳ ଓ ଆକାଶମାର୍ଗରୁ ନଜର ରଖିବା, ଜନଗହଳି ନିୟନ୍ତ୍ରଣ, ଟ୍ରାଫିକ ପରିଚାଳନା ଏବଂ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ନେଇ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ଏଥିସହ ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣର ମୁକାବିଲା ନିମନ୍ତେ ସମୁଦ୍ର ମଧ୍ୟରେ ଭାରତୀୟ ନୌସେନା, ଭାରତୀୟ ତଟରକ୍ଷୀ ଓ ଓଡ଼ିଶା ପୋଲିସ ସାମୁଦ୍ରିକ ଥାନାର ମିଳିତ ପାଟ୍ରୋଲିଂ ବ୍ୟବସ୍ଥା ସହ ଜାହାଜରେ QRT ମୁତୟନ, ଆକାଶ ମାର୍ଗରୁ ଆକ୍ରମଣକୁ ପ୍ରତିହତ କରିବା ନିମନ୍ତେ ଡ୍ରୋନ ଓ ଆଣ୍ଟି ଡ୍ରୋନ୍ ସିଷ୍ଟମ୍‌ର ବ୍ୟବସ୍ଥା କରାଯାଇଛି ।

# ମାଓ ଡମ୍ପ ଠାବ, ମାରଣାସ୍ତ୍ର ଓ ଟିଫିନ ବୋମା ଜବତ

ନୂଆପଡ଼ା,୭।୭(ସଂଚାର ବ୍ୟୁରୋ): ନୂଆପଡ଼ା ଜିଲ୍ଲାରେ ସୁରକ୍ଷାକର୍ମୀଙ୍କୁ ପୁଣି ଏକ ବଡ଼ ସଫଳତା ମିଳିଛି। ଜିଲ୍ଲାର ବୋଡ଼େନ ଥାନା ଅନ୍ତର୍ଗତ ପାଟଧରା ଜଙ୍ଗଲର ବରପାଟ ଡଙ୍ଗରରୁ ଏକ ବିଶାଳ ମାଓ ଡମ୍ପ ଠାବ କରାଯାଇଛି। ସୁରକ୍ଷା ବାହିନୀର କଡ଼ା ଚେକିଂ ଓ ମିଳିତ ସର୍ଚ୍ଚ ଅପରେସନ ବେଳେ ଏହି ମାଓ ସାମଗ୍ରୀଗୁଡ଼ିକୁ ଜବତ କରାଯାଇଛି, ଯାହା ମାଓବାଦୀଙ୍କ ଏକ ବଡ଼ ଯୋଜନାକୁ ପଣ୍ଡ କରିଦେଇଛି। କୌଣସି ଗୁପ୍ତ ସୂତ୍ରରୁ ବିଶେଷ ଖବର ପାଇ ଜିଲ୍ଲା ପୁଲିସର ଡିଭିଏଫ୍ ଓ ସିଆରପିଏଫ୍‌ର ଏକ ମିଳିତ ଟିମ୍ ପାଟଧରା ଜଙ୍ଗଲ ଭିତରେ ଘେରାବନ୍ଦୀ କରି ଏକ ବଡ଼ ଧରଣର ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲେ। ଜଙ୍ଗଲର ଦୁର୍ଗମ ଅଞ୍ଚଳ ବରପାଟ ଡଙ୍ଗରରେ ମାଓବାଦୀମାନେ ଲୁଚାଇ ରଖିଥିବା ଏହି କ୍ୟାମ୍ପକୁ ସୁରକ୍ଷାକର୍ମୀମାନେ ଖୋଜି ବାହାର କରିବାରେ ସଫଳ ହୋଇଥିଲେ।



ଉକ୍ତ ମାଓ କ୍ୟାମ୍ପରୁ ପୁଲିସ ବିପୁଳ ପରିମାଣର ନକ୍ସଲ ବ୍ୟବହୃତ ସାମଗ୍ରୀ ସହ ମାରଣାସ୍ତ୍ର ଜବତ କରିଛି। ଜବତ ହୋଇଥିବା ସାମଗ୍ରୀ ମଧ୍ୟରେ ୨ଟି ଦେଶୀ ବନ୍ଧୁକ ଓ ଗୋଟିଏ କାର୍ବାଇନ, ୨ଟି ଟିଫିନ ବୋମା ଓ ୮୩ ରାଉଣ୍ଡ ଜୀବନ୍ତ ଗୁଳି, ବ୍ୟାପକ ପରିମାଣର ଜିଲୋଟିନ୍, ଗନ୍ ପାଉଡର ଓ ତାର, ବ୍ୟାଟେରୀ, ମେଡିସିନ ଓ ପ୍ରଚାର ପାଇଁ ବ୍ୟବହୃତ ଅନେକ ମାଓ ପୁସ୍ତିକା ରହିଛି। ଏହି ସଫଳତା ସମ୍ପର୍କରେ ନୂଆପଡ଼ା ଏସପି ଅମ୍ରିତପାଲ ସିଂ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ବିସ୍ତୃତ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଗତ ମାର୍ଚ୍ଚ ୩୧ ତାରିଖରେ ନୂଆପଡ଼ା ଜିଲ୍ଲାକୁ ଆନୁଷ୍ଠାନିକ ଭାବେ 'ମାଓମୁକ୍ତ' ଘୋଷଣା କରାଯାଇଥିଲା। ତେବେ ଜିଲ୍ଲାର ସାଧାରଣ ଜନତାଙ୍କ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦିଆଯାଉଛି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି ଓ ସମ୍ପୃକ୍ତ ଜଙ୍ଗଲରେ ପୁଲିସ ପାଟ୍ରୋଲିଂକୁ ମଧ୍ୟ ବଢ଼ାଇ ଦିଆଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସବୁଜ ବଳୟ...

ହିତାଧିକାରୀଙ୍କୁ ୧,୪୮୮.୫୨ କୋଟି ଟଙ୍କାର ଜୀବିକା ଭିତ୍ତିକ କାର୍ଯ୍ୟକ୍ରମରେ ସାମିଲ କରାଯାଇଛି। ରାଜ୍ୟର ଅନାବାଦୀ ପ୍ରମୁଖ ପଦକ୍ଷେପ ବାବଦରେ ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କାମ୍ପା ଯୋଜନାରେ ଆସନ୍ତା ବର୍ଷ ପାଇଁ ୨୦,୫୬୨ ହେକ୍ଟର ଅଧିକ ଜଙ୍ଗଲ ଜମିରେ ଚାରା ରୋପଣର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଜାପାନ ଅନ୍ତର୍ଜାତୀୟ ସହଯୋଗ ସଂସ୍ଥାର ସହାୟତାରେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ (ଓଏଫ୍ଏସ୍‌ଡିପି-୨) ମାଧ୍ୟମରେ ୧,୨୧୦ଟି ବନ ସୁରକ୍ଷା ସମିତିକୁ ସାମିଲ କରାଯାଉଛି। ଉପକୂଳ ଅଞ୍ଚଳର ସୁରକ୍ଷା ପାଇଁ କେନ୍ଦ୍ର ସରକାରଙ୍କ 'ମିଷ୍ଟି' ଯୋଜନାରେ ୮୯ ହେକ୍ଟର ଅଞ୍ଚଳରେ ହେନ୍ତାଳ ବନ ସୃଷ୍ଟି ଓ 'ଏକ୍ସରିକ୍' ଯୋଜନାରେ ୨,୪୦୫ ହେକ୍ଟର କ୍ଷୟ ହୋଇଥିବା ଲୁଣା ଜଙ୍ଗଲର ପୁନରୁଦ୍ଧାର କରାଯାଉଛି। ଏଥିସହ ବଜ୍ରପାତରୁ ରକ୍ଷା ପାଇବା ପାଇଁ ଗତ ଆର୍ଥିକ ବର୍ଷରେ ୧୭.୯୦ ଲକ୍ଷ ତାଳ ଚାରା ରୋପଣ କରାଯାଇଛି। ଗତ ୧ରୁ କେନ୍ଦ୍ର ଓ ରାଜ୍ୟର ମିଳିତ ସହଯୋଗରେ ଏକ ନୂତନ ଯୋଜନା 'ବିକଶିତ ଭାରତ - ରୋଜଗାର ଗ୍ୟାରେଣ୍ଟି ଏବଂ ଆଜୀବିକା ମିଶନ (ଗ୍ରାମୀଣ)' କାର୍ଯ୍ୟକାରୀ ହେଉଛି, ଯାହା ଚାରା ରୋପଣ ସହ ଲୋକଙ୍କୁ ରୋଜଗାରକ୍ଷମ କରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ଏକ ପେଡ୍ ମା କେ ନାମ' ଅଭିଯାନକୁ ଓଡ଼ିଶାବାସୀ ଏକ ଜନ ଆନ୍ଦୋଳନରେ ପରିଣତ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଛନ୍ତି। ଗତ ବର୍ଷ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ଓଡ଼ିଶାରେ ଦିନକରେ ୧ କୋଟି ୯୯ ଲକ୍ଷ ଚାରା ରୋପଣ କରାଯାଇଥିଲା ଏବଂ 'ମେରି ଲାଇଫ୍' ପୋର୍ଟାଲରେ ୮ କୋଟି ୧୨ ଲକ୍ଷ ଚାରାରୋପଣର ତଥ୍ୟ ଅପଲୋଡ୍ କରାଯାଇଛି। ଚଳିତ ବର୍ଷ ଭାରତ ସରକାରଙ୍କ ପକ୍ଷରୁ ରାଜ୍ୟ ପାଇଁ ୩ କୋଟି ୭୬ ଲକ୍ଷ ଚାରା ରୋପଣର ଲକ୍ଷ୍ୟ ରହିଛି। ବିକାଶ ଏବଂ ପରିବେଶ ପରସ୍ପର ବିରୋଧୀ ନୁହଁନ୍ତି, ବରଂ ପରିପୂରକ ବୋଲି ଦର୍ଶାଇ ମୁଖ୍ୟମନ୍ତ୍ରୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ପରିବେଶବିତ୍‌ମାନଙ୍କୁ ସରକାରୀ ନିୟମାବଳୀର କଡ଼ାକଡ଼ି ପାଳନ ପାଇଁ ଦାବି କରିବାକୁ ଆହ୍ୱାନ ଦେଇଛନ୍ତି। ଶେଷରେ ସେ ସମସ୍ତ ରାଜ୍ୟବାସୀଙ୍କୁ ବହୁଳ ଭାବେ ଗଛ ଲଗାଇ ଏକ ସୁସ୍ଥ ଓ ସବୁଜ ସୁନ୍ଦର ଓଡ଼ିଶା ଗଠନ କରିବାକୁ ନିବେଦନ କରିଛନ୍ତି। ସମାରୋହରେ ସମ୍ମାନିତ ଅତିଥି ଭାବେ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ଯୋଗଦେଇଥିବା ବେଳେ ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା ଓ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଡକ୍ଟର କେ. ମୁରୁଗେଶନଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ, ସାମାଜିକ ସଂଗଠନର ପ୍ରତିନିଧି ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

### ଫିଟନେସ ନଥିଲେ...

ସେହିଭଳି ପଞ୍ଜିକରଣ, ପରମିଟ୍ କିମ୍ବା ବୀମା ନିୟମ ଉଲ୍ଲଙ୍ଘନ କ୍ଷେତ୍ରରେ ମଧ୍ୟ କଡ଼ା ଆଭିମୁଖ୍ୟ ପୋଷଣ କରିବା ପାଇଁ କୁହାଯାଇଛି। ତେବେ ଏହି ପଦକ୍ଷେପରେ ପାରଦର୍ଶିତା ଲାଗି କୁହାଯାଇଛି ଯେ ଯଦି ଏଭଳି କୌଣସି ଗାଡ଼ିକୁ ଏନଫୋର୍ସମେଣ୍ଟ ଅଧିକାରୀ ଜବତ କରନ୍ତି କିମ୍ବା ନ କରନ୍ତି, ଉଭୟ କ୍ଷେତ୍ରରେ ସେମାନେ କାର୍ଯ୍ୟାନୁଷ୍ଠାନର ଉଚିତ୍ କାରଣ ଦର୍ଶାଇବେ। ସମଗ୍ର ରାଜ୍ୟରେ ସଡ଼କ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ପୁଲିସ ପ୍ରଶାସନ ସହ ସମନ୍ୱୟ ରକ୍ଷା କରାଯିବା ସହ ବାହନ ଓ ଇ-ଚାଲାଣ ଡାଟାବେସ୍‌ରେ ଅଲର୍ଟ ବ୍ୟବସ୍ଥାର ସହାୟତା ମଧ୍ୟ ନିଆଯାଉଛି। ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ କୌଣସି ବି ଅଧିକାରୀ ସଡ଼କ ସୁରକ୍ଷା ନିୟମ ଉଲ୍ଲଙ୍ଘନକାରୀଙ୍କ ପ୍ରତି ନରମ ଆଭିମୁଖ୍ୟ ପୋଷଣ ନ କରିବାକୁ କୁହାଯାଇଛି। ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ କୁହାଯାଇଛି ଯେ ସଡ଼କ ଦୁର୍ଘଟଣା ହ୍ରାସକୁ ମିଶନ ଭାବରେ ଗ୍ରହଣ କରିବାକୁ ସରକାରଙ୍କ ନିର୍ଦ୍ଦେଶ ରହିଛି। ନିୟମ ଉଲ୍ଲଙ୍ଘନକାରୀଙ୍କ ଯୋଗୁଁ ନିରୀହ ଜୀବନ ଅକାଳରେ ଚାଲିଯାଉଛି। ବିନା ଫିଟନେସ ଗାଡ଼ି ଯୋଗୁଁ ଦୁର୍ଘଟଣା ବଢ଼ୁଛି। ପୂର୍ବରୁ କେବଳ ଜରିମାନା ଜାରି ହେଉଥିବା ବେଳେ ପଞ୍ଜିକରଣ ରଦ୍ଦ ଭଳି ଆଭିମୁଖ୍ୟ ନିଆଯାଉଛି। ତେବେ ଏହି ବିନା ଫିଟନେସ ଗାଡ଼ି ଚଳାଚଳ କ୍ଷେତ୍ରରେ ସୁଧାର ଆସିବ ବୋଲି ଆହୁରି କଡ଼ା ଆଭିମୁଖ୍ୟ ଗ୍ରହଣର ଆବଶ୍ୟକତା ରହିଛି। ତେବେ ଏଭଳି କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ନ ହେବାକୁ ସମସ୍ତ ସଡ଼କ ବ୍ୟବହାରକାରୀ ସଡ଼କ ସୁରକ୍ଷା ନିୟମ ପାଳନ କରିବାକୁ ଅନୁରୋଧ କରାଯାଇଛି।

### ମହାପ୍ରଭୁଙ୍କ ରଥଯାତ୍ରା...

ଅପରେଶଙ୍କୁ ଦୃଷ୍ଟିରେ ରଖି ଚଳିତ ବର୍ଷ ପାଖାପାଖି ଦୁଇ ଶହ ଓଏଏସ୍ ଅଫିସରଙ୍କୁ ବିଭିନ୍ନ ସ୍ଥଳରେ ମୁତୟନ କରାଯାଉଛି। ସେହିଭଳି ଚଳିତ ବର୍ଷ ଅଧିକ ସଂଖ୍ୟକ ପୁଲିସ ଅଧିକାରୀଙ୍କୁ ବି ମୁତୟନ କରାଯିବ। ପୁରୀ ଓ ଏହାର ଆଖପାଖରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଉଥିବା ବେଳେ ଉଭୟ ଜଳପଥ ଓ ଆକାଶପଥ ଉପରେ ନଜର ରଖାଯାଉଛି। ଗୁଣ୍ଡିଚା ଯାତ୍ରାଠାରୁ ବାହୁଡ଼ା ପର୍ଯ୍ୟନ୍ତ ପୁରୀ ସହରରେ ଯେଭଳି କୌଣସି ସମସ୍ୟା ନ ଉପୁଜେ ସେଥିପାଇଁ ବିଦ୍ୟୁତ୍, ଜଳଯୋଗାଣ, ପରିମଳ, ପରିବହନ ଆଦି ପରିଚାଳନା କରୁଥିବା ସଂସ୍ଥାଗୁଡ଼ିକୁ ସତର୍କ କରିଆଯାଇଛି। ଇତିମଧ୍ୟରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପୁରୀ ଗସ୍ତ କରିବା ସହ ଜଳଯୋଗାଣ ସ୍ଥିତିର ସମୀକ୍ଷା କରିଛନ୍ତି। ସୁରକ୍ଷାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ବଡ଼ଦାଣ୍ଡରେ ରଥଖାଦ୍ୟ ବିତରଣ ଉପରେ କଟକଣା ଲାଗିଛି। ଏଥିପାଇଁ ଅନ୍ୟ ସ୍ଥାନ ଚିହ୍ନଟ ହୋଇଛି। ପୁରୀ ରଥଯାତ୍ରା ଉପରେ ସମଗ୍ର ବିଶ୍ୱର ନଜର ରହିଥିବା ବେଳେ ରାଜ୍ୟ ସରକାର ଚଳିତ ବର୍ଷ ଯେଉଁଭଳି ଅଭୂତପୂର୍ବ ପଦକ୍ଷେପ ଗ୍ରହଣ କରିଛନ୍ତି, ମହାପ୍ରଭୁଙ୍କ କୃପାରୁ ତାହା ରଥଯାତ୍ରାକୁ ନିଶ୍ଚିତ ଶୃଙ୍ଖଳିତ କରିବ ବୋଲି ଭକ୍ତ ମହଲରେ ଆଶା କରାଯାଉଛି।

### ଭୟାବହ ଭୂସ୍ଖଳନ...

କରିଛନ୍ତି। ସେ କହିଛନ୍ତି ଯେ, ଲୋକନିର୍ମାଣ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ସେହି ସ୍ଥାନରୁ ମାଟି ଓ ଆବର୍ଜନା ହଟାଇବା ପାଇଁ ଠିକାଦାରଙ୍କୁ ବହୁ ପୂର୍ବରୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଠିକାଦାରମାନେ ଏହି ନିର୍ଦ୍ଦେଶକୁ ଗୁରୁତ୍ୱ ଦେଇନାହାନ୍ତି। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଧ୍ୟାନନାଡ଼ ଓ ଆଖପାଖ ଜିଲ୍ଲା ପାଇଁ 'ରେଡ୍ ଆଲର୍ଟ' ଜାରି କରାଯାଇଛି। ଆଗାମୀ ୨୪ ଘଣ୍ଟା ମଧ୍ୟରେ ୨୦୪ ମିମିରୁ ଅଧିକ ବର୍ଷା ହେବାର ଆଶଙ୍କା ରହିଛି। ସେହି ଅଞ୍ଚଳରେ ରହୁଥିବା ସ୍ଥାନୀୟ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଉଛି। ରାଜ୍ୟ ଜରୁରୀକାଳୀନ ପରିଚାଳନା କେନ୍ଦ୍ରର ସୂଚନା ଅନୁଯାୟୀ, ପ୍ରବଳ ବନ୍ୟା ଯୋଗୁଁ ପ୍ରାୟ ୧୦୦ ରୁ ଅଧିକ ରାସ୍ତା ଭାଙ୍ଗିରୁଜି ନଷ୍ଟ ହୋଇଯାଇଛି। ଫଳରେ ଶତାଧିକ ଲୋକ ବାସହରା ହୋଇପଡ଼ିଛନ୍ତି।

### ଦୁଇଦେଶର ସମ୍ପର୍କକୁ...

ମହମ୍ମଦ ହାଟ୍ଟାଙ୍କୁ ସୁରକ୍ଷିତ ଭାବେ ଭାରତ ଆଣିଥିଲେ, ତାହା ଦୁଇ ଦେଶକୁ ଅଧିକ ନିକଟତର କରିଥିଲା। ୧୯୪୭ ମସିହାରେ ଡଚ୍ ଔପନିବେଶିକ ଶାସନ ବିରୁଦ୍ଧରେ ଚାଲିଥିବା ଇଣ୍ଡୋନେସିଆର ଜାତୀୟ ବିପ୍ଳବରେ ବିଜୁ ପଟ୍ଟନାୟକ ନିଜ ଜୀବନକୁ ବାଜି ଲଗାଇ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କ ଅନୁରୋଧରେ, ବିଜୁ ପଟ୍ଟନାୟକ ଡଚ୍ ସେନାର କଡ଼ା ପ୍ରତିବନ୍ଧକକୁ ଭାଙ୍ଗି ଇଣ୍ଡୋନେସିଆର ଶୀର୍ଷ ବିଦ୍ରୋହୀ ନେତାମାନଙ୍କୁ ଉଦ୍ଧାର କରିଥିଲେ। ସେମାନଙ୍କ ସ୍ୱାଧୀନତା ସଂଗ୍ରାମ ପ୍ରତି ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ହେବା ପରେ ଡଚ୍ମାନେ ଇଣ୍ଡୋନେସିଆକୁ ପୁଣିଥରେ ନିଜ ଅଧୀନକୁ ନେବାକୁ ଚେଷ୍ଟା କରିଥିଲେ। ଏକ ବଡ଼ ଧରଣର ସାମରିକ ଆକ୍ରମଣ ଆରମ୍ଭ କରିଥିଲେ। ସେମାନେ ସ୍ୱାଧୀନତା ଆନ୍ଦୋଳନକୁ ଦବାଇବା ପାଇଁ ଜାକର୍ତ୍ତାରେ ଇଣ୍ଡୋନେସିଆର ପ୍ରଧାନମନ୍ତ୍ରୀ ସୁତାନ ସାହରିର ଏବଂ ଉପ-ରାଷ୍ଟ୍ରପତି ମହମ୍ମଦ ହାଟ୍ଟାଙ୍କୁ ଗୃହବନ୍ଦୀ କରି ରଖିଥିଲେ। ଏହି ସମୟରେ ନେହରୁ ୩୧ ବର୍ଷୀୟ ଯୁବକ ବିଜୁ ପଟ୍ଟନାୟକଙ୍କୁ ଏକ ଗୁପ୍ତ ଅପରେସନର ଦାୟିତ୍ୱ ଦେଇଥିଲେ। ୧୯୪୭ ଜୁଲାଇ ମସିହାରେ, ବିଜୁ ପଟ୍ଟନାୟକ ଏବଂ ତାଙ୍କ ସହ-ପାଇଲଟ୍ ତଥା ପତ୍ନୀ ଜ୍ଞାନ ପଟ୍ଟନାୟକ ଭାରତରୁ 'ଡାକୋଟା' ବିମାନ ଉଡ଼ାଇ ଇଣ୍ଡୋନେସିଆ ଆକାଶ ମାର୍ଗରେ ପ୍ରବେଶ କରିଥିଲେ। ଡଚ୍ ସେନା ବିମାନକୁ ଗୁଳି କରି ଖସାଇ ଦେବାକୁ ଧମକ ଦେଇଥିଲେ। ଜବାବରେ ବିଜୁ ପଟ୍ଟନାୟକ କହିଥିଲେ ଯେ ଯେକୌଣସି ଶତ୍ରୁତାପୂର୍ଣ୍ଣ ପଦକ୍ଷେପ ବଦଳରେ ଭାରତୀୟ ଆକାଶ ମାର୍ଗରେ ଡଚ୍ ବିମାନଗୁଡ଼ିକୁ ମଧ୍ୟ ଟାର୍ଗେଟ୍ କରାଯିବ। ଶେଷରେ ବିଜୁ ପଟ୍ଟନାୟକ ସିଙ୍ଗାପୁର ଦେଇ ସାହରିର ଏବଂ ହାଟ୍ଟାଙ୍କୁ ସଫଳତାର ସହ ଧରି ୨୪ ଜୁଲାଇ ୧୯୪୭ରେ ନୂଆଦିଲ୍ଲୀରେ ପହଞ୍ଚିଥିଲେ।

### ବୈତରଣୀରେ ନାହିଁ...

କ୍ୟୁସେକରେ ପହଞ୍ଚି ସ୍ଥିର ରହିବ ବୋଲି ଆକଳନ କରାଯାଇଛି। ପ୍ରଥମେ ବର୍ଷାଜଳ ନରାଜ ଦେଇ ନିଷ୍କାସନ କରାଯିବ ଓ ତା'ପରେ ହୀରାକୁଦରୁ ଜଳ ଛଡ଼ାଯିବ। ତେଣୁ ତଳ ମୁଣ୍ଡର ଜିଲ୍ଲାଗୁଡ଼ିକରେ ବଡ଼ ଧରଣର ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ନାହିଁ ବୋଲି ଜଳ ସମ୍ପଦ ସର୍ବୋଚ୍ଚ ଯନ୍ତ୍ରୀ ଶ୍ରୀ ରାଉତ ସ୍ପଷ୍ଟ କରିଛନ୍ତି।

### ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ...

ସୂର୍ଯ୍ୟୋଦୟକୁ ତିଥି ନ ଥିଲେ ତାହା ବିଚାରକୁ ନିଆଯାଏନାହିଁ ବୋଲି ମୁକ୍ତି ମଣ୍ଡପ ପଣ୍ଡିତ ସଭା ସ୍ପଷ୍ଟ କରିଛନ୍ତି। ସେହି ଆଧାରରେ ଆସନ୍ତା ୧୫ ତାରିଖ ମଧ୍ୟାହ୍ନରୁ ଦ୍ୱିତୀୟା ତିଥି ଆସୁଥିବା ବେଳେ ଉଦୟ ପର୍ବ ଅନୁଯାୟୀ କେବଳ ୧୬ ତାରିଖରେ ହିଁ ଦ୍ୱିତୀୟା ପାଳନ ହୋଇପାରିବ ବୋଲି ଆଗୁଆ ସ୍ପଷ୍ଟ କରିଛନ୍ତି ଗଜପତି ମହାରାଜା। ଇତିମଧ୍ୟରେ ଇସ୍କନ ଗଭର୍ଣ୍ଣିଂ ବଡି ଅଧ୍ୟକ୍ଷ ପରିବର୍ତ୍ତନ ହୋଇଛନ୍ତି। କୋଲକାତାରୁ ଅନ୍ତର୍ଜାତୀୟ ଇସ୍କନ ସଂସ୍ଥା ପରିଚାଳିତ ହେବା ନେଇ ବାଟ ଫିଟିଛି।

### ପୃଥକ୍ ଦୁର୍ଘଟଣାରେ...

ଖଜୁରୀଜୁଆଣି ଛକ ନିକଟରେ ବାଇକକୁ ପଛପଟୁ ଥର ଧକ୍କା ଦେଇଥିଲା। ଫଳରେ ୨ ବାଇକ ଆରୋହୀ ଗାଡ଼ି ସହ ଛିଟିକି ପଡ଼ିଥିଲେ। ଘଟଣାସ୍ଥଳରେ ଉଭୟଙ୍କର ମୃତ୍ୟୁ ଘଟିଥିଲା। ଘଟଗାଁ ପୁଲିସ୍ ମୃତଦେହ ଜବତ କରି ବ୍ୟବଚ୍ଛେଦ ସକାଶେ ପଠାଇଛି। ସେହିପରି ସୁନ୍ଦରଗଡ଼ କିଞ୍ଜିରକେଲା ଥାନା ଅନ୍ତର୍ଗତ ପାତକୀଜୋର ନିକଟରେ ଘଟିଛି ଆଉ ଏକ ମର୍ମନ୍ତୁଦ ଦୁର୍ଘଟଣା। କାର ଓ କମାଣ୍ଡର ଗାଡ଼ି ମୁହାଁମୁହିଁ ଧକ୍କା ହେବାରୁ ୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୮ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

## ଅନୁବ୍ରତ ମଣ୍ଡଳଙ୍କ ପାର୍ଟି ଅଫିସରେ ତାଲା

କୋଲକାତା, ୭।୭(ସଂଚାର ବ୍ୟୁରୋ): ମଙ୍ଗଳବାର ସକାଳେ କିଛି ଯୁବକ ଅନୁବ୍ରତ ମଣ୍ଡଳଙ୍କ ବାସଭବନ ନିକଟରେ ଥିବା ଦଳୀୟ କାର୍ଯ୍ୟାଳୟରେ ପହଞ୍ଚି ତାଲା ପକାଇ ଦେଇଥିବା ଅଭିଯୋଗ ହୋଇଛି। ସେମାନେ କାର୍ଯ୍ୟାଳୟକୁ ତାଲା ପକାଇ ଦାବି କରିଥିଲେ ଯେ ନିର୍ବାଚନ ପରବର୍ତ୍ତୀ ହିଂସା ସେହି ସ୍ଥାନରୁ ସଂଗଠିତ ହୋଇଥିଲା। ସକାଳେ ତୃଣମୂଳ କର୍ମୀମାନେ କାର୍ଯ୍ୟାଳୟ ଖୋଲିବାକୁ ଆସିଥିଲେ। ଏହାର କିଛି ସମୟ ପରେ ଯୁବକମାନେ ସେମାନଙ୍କୁ ଚାଲିଯିବାକୁ ନିର୍ଦ୍ଦେଶ ଦେଇଥିଲେ ଏବଂ ପରିସରକୁ ତାଲା ପକାଇ ଦେଇଥିଲେ।

## ଆଳୁ ଚାଷୀଙ୍କ କୃଷି କାର୍ଯ୍ୟାଳୟ ଘେରାଉ

କୋଲକାତା, ୭।୭(ସଂଚାର ବ୍ୟୁରୋ): ରାଜ୍ୟର ଆଳୁ ଚାଷୀମାନେ କୃଷି ବିଭାଗ ନିକଟରେ କ୍ଷତିପୂରଣ ପାଇଁ ଆବେଦନପତ୍ର ପ୍ରଦାନ କରିଥିଲେ। ସେମାନେ ଅଭିଯୋଗ କରିଛନ୍ତି ଯେ, ଏହି ଆବେଦନପତ୍ରଗୁଡ଼ିକ ଦାଖଲ କରିବା ସତ୍ତ୍ୱେ ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ କୌଣସି କ୍ଷତିପୂରଣ ମିଳିନାହିଁ। ମଙ୍ଗଳବାର କ୍ଷତିଗ୍ରସ୍ତ ଚାଷୀମାନେ ସେମାନଙ୍କର ଦାବି ଜଣାଇବା ପାଇଁ କୃଷି ବିଭାଗକୁ ଯାଇଥିଲେ। ତେବେ ଅଭିଯୋଗ ହୋଇଛି ଯେ, ସେହି ସମୟରେ କାର୍ଯ୍ୟାଳୟରେ କୌଣସି ଅଧିକାରୀ ଉପସ୍ଥିତ ନଥିଲେ। କୌଣସି ଅଧିକାରୀଙ୍କୁ ନ ପାଇ ହତାଶ ହୋଇ ଚାଷୀମାନେ ଉତ୍ତେଜିତ ହୋଇ ମୟନାଗୁଡ଼ି ବ୍ଲକ କୃଷି ବିଭାଗ କାର୍ଯ୍ୟାଳୟ ଘେରାଉ କରିଥିଲେ। ସେମାନେ ମୟନାଗୁଡ଼ିରୁ ଧୂପଗୁଡ଼ି ଯିବା ରାସ୍ତାରେ ନୂତନ ବଜାର ଅଞ୍ଚଳରେ ରାସ୍ତା ଅବରୋଧ କରି ପ୍ରତିବାଦ ମଧ୍ୟ କରିଥିଲେ। ଫଳରେ ଯାତାୟାତରେ ପ୍ରବଳ ଅସୁବିଧା ସୃଷ୍ଟି ହୋଇଥିଲା। ପୁଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ରାସ୍ତା ଅବରୋଧ ହଟାଇବା ପାଇଁ ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ। ତେବେ, ଚାଷୀମାନେ ବ୍ଲକ କୃଷି ବିଭାଗ କାର୍ଯ୍ୟାଳୟ ଘେରାଉ ଜାରି ରଖିଥିଲେ।

## ଅସ୍ଥାୟୀ କର୍ମଚାରୀଙ୍କ ବିକ୍ଷୋଭ

କୋଲକାତା,୭।୭(ସଂଚାର ବ୍ୟୁରୋ): ଖଡ଼ଗପୁର ପୌରସଭାର ଅସ୍ଥାୟୀ କର୍ମଚାରୀମାନେ ଦରମା ବୃଦ୍ଧି, ସମାନ କାମ ପାଇଁ ସମାନ ଦରମା, ସରକାରୀ ନିୟମ ଅନୁଯାୟୀ ସମସ୍ତ ଅସ୍ଥାୟୀ କର୍ମଚାରୀଙ୍କୁ ସରକାରୀ ସୁବିଧା ପ୍ରଦାନ, ଫଟୋ ପରିଚୟପତ୍ର ପ୍ରଦାନ, ୬୦ ବର୍ଷ ବୟସରେ ପହଞ୍ଚିବା ପରେ ଅବସର ପରବର୍ତ୍ତୀ ଭତ୍ତା ଏବଂ ଅନ୍ୟାନ୍ୟ ସୁବିଧା ପ୍ରଦାନ ଦାବି କରି ପ୍ରତିବାଦ ଓ ଧର୍ମଘଟ ଆରମ୍ଭ କରିଛନ୍ତି। ସେମାନେ ପୌରସଭା ଫାଟକରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମଙ୍ଗଳବାର ସକାଳେ ଏହି ପ୍ରତିବାଦ କରାଯାଇଥିଲା। ଖଡ଼ଗପୁର ପୌରସଭା ଦ୍ୱାରା ପ୍ରାୟ ୧ ହଜାର ୨୬୦ ଅସ୍ଥାୟୀ କର୍ମଚାରୀ ନିଯୁକ୍ତି ପାଇଛନ୍ତି।

## ପୌରସଭା ଅଧ୍ୟକ୍ଷଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ

କୋଲକାତା,୭।୭(ସଂଚାର ବ୍ୟୁରୋ): ରାଜ୍ୟରେ ସରକାର ପରିବର୍ତ୍ତନ ହେବା ପରଠାରୁ ତୃଣମୂଳ କଂଗ୍ରେସ ଗୋଟିଏ ପରେ ଗୋଟିଏ ପୌରସଭାର ନିୟନ୍ତ୍ରଣ ହରାଉଛି। ମୁର୍ଶିଦାବାଦର ଜଙ୍ଗିପୁର ଏହି ତାଲିକାରେ ସାମିଲ ହେବାରେ ସଦ୍ୟତମ ସ୍ଥାନ। ବିରୋଧୀ ଦଳ ପୁଣିଥରେ ପୌରସଭାର ଅଧ୍ୟକ୍ଷ ମାଫିଜୁଲ ଇସଲାମଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଛନ୍ତି। ମଙ୍ଗଳବାର ଅପରାହ୍ନରେ ୧୧ ଜଣ ପୌରସଭା କାଉନସିଲର ଏହି ପ୍ରସ୍ତାବରେ ସ୍ୱାକ୍ଷର କରିଛନ୍ତି। ଯଦିଓ ସେମାନେ ସମସ୍ତେ ମୂଳତଃ ତୃଣମୂଳ କଂଗ୍ରେସ ଟିକେଟରେ ନିର୍ବାଚିତ ହୋଇଥିଲେ, ସେମାନେ କହିଛନ୍ତି ଯେ ସେମାନେ ଆଉ ଦଳ ସହିତ ମେଳ ଖାଉନାହାନ୍ତି। ଏହି ଅସନ୍ତୁଷ୍ଟ କାଉନସିଲର ସଦସ୍ୟମାନେ ଅଭିଯୋଗ କରିଛନ୍ତି ଯେ ବର୍ତ୍ତମାନର ଅଧ୍ୟକ୍ଷ ପର୍ଯ୍ୟାପ୍ତ ନାଗରିକ ସେବା ଯୋଗାଇବାରେ ବିଫଳ ହୋଇଛନ୍ତି।

## ବିଭିନ୍ନ ସ୍ଥାନରେ ଇଡିର ତଲାସୀ

କୋଲକାତା,୭।୭(ସଂଚାର ବ୍ୟୁରୋ): ତୃଣମୂଳ କଂଗ୍ରେସ ଦଳର ବ୍ୟାଙ୍କ ଆକାଉଣ୍ଟଗୁଡ଼ିକ ଏବେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ନଜରରେ ରହିଛି। ସୂତ୍ର ଅନୁଯାୟୀ ଇଡି ଦଳର ଆକାଉଣ୍ଟଗୁଡ଼ିକର କାରବାରର ତଦନ୍ତ ଆରମ୍ଭ କରିଛି। ଏହି ସମ୍ପର୍କରେ ମଙ୍ଗଳବାର ସକାଳେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଦଳଗୁଡ଼ିକ କୋଲକାତାର ବିଭିନ୍ନ ସ୍ଥାନରେ ତଲାସୀ କରିଥିଲେ।

## ବେଆଇନ ନିବେଶ ସଂସ୍ଥାର ମାଲିକ ଗିରଫ

କୋଲକାତା,୭।୭(ସଂଚାର ବ୍ୟୁରୋ): ବିପୁଳ ପରିମାଣର ରିଟର୍ଣ୍ଣର ପ୍ରଲୋଭନ ଦେଖାଇ ନିବେଶକମାନଙ୍କୁ ପ୍ରଲୋଭିତ କରିବା ସହ ନିୟମ ଉଲ୍ଲଂଘନ କରି ବଜାରରୁ ୩୪ କୋଟି ଟଙ୍କା ସଂଗ୍ରହ କରିଥିବା ଅଭିଯୋଗରେ ହରିୟାଣା ପୁଲିସ ଏକ ବେଆଇନ ନିବେଶ ସଂସ୍ଥାର ମାଲିକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଓ୍ୱାଜିର କବୀରଙ୍କୁ ହରିୟାଣା ପୁଲିସ ତାଲତଲା ଅଞ୍ଚଳରୁ ଗିରଫ କରିଛି। ତାଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ହରିୟାଣା ନିଆଯାଇଛି। ପୁଲିସ ସୂତ୍ର ଅନୁଯାୟୀ, ଅଭିଯୁକ୍ତମାନେ ଏକ ଚିଟ୍ ଫଣ୍ଡ କମ୍ପାନୀ ପ୍ରତିଷ୍ଠା କରିଥିଲେ। ଏଜେଣ୍ଟମାନଙ୍କ ମାଧ୍ୟମରେ ଲୋକଙ୍କୁ ଫାର୍ମରେ ଟଙ୍କା ନିବେଶ କଲେ ଯଥେଷ୍ଟ ଲାଭ ମିଳିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଏହି ପ୍ରସ୍ତାବରେ ପ୍ରଲୋଭିତ ହୋଇ ଅନେକ ସ୍ଥାନୀୟ ଲୋକଙ୍କ ସହିତ ହରିୟାଣାର ବାସିନ୍ଦା କମ୍ପାନୀରେ ନିବେଶ କରିଥିଲେ। ନିର୍ଦ୍ଧାରିତ ସମୟ ପରେ ପ୍ରତିଶ୍ରୁତି ଅନୁଯାୟୀ ରିଟର୍ଣ୍ଣ ବିଫଳ ହେବା ପରେ, ଠକ ନିବେଶକମାନେ ହରିୟାଣାର ହିସାର ଥାନାରେ ଅଭିଯୋଗ କରିଥିଲେ। କମ୍ପାନୀ ଉପରେ ମୋଟ ୩୪ କୋଟି ଆଦାୟ କରିବାର ଅଭିଯୋଗ ରହିଛି। ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପୁଲିସ ତଦନ୍ତ ଆରମ୍ଭ କରିଥିଲା ଏବଂ ଅଭିଯୁକ୍ତ କୋଲକାତାରେ ଥିବା ଜାଣିବାକୁ ପାଇଥିଲା। ପରବର୍ତ୍ତୀ ସମୟରେ ହରିୟାଣା ପୁଲିସର ଏକ ଦଳ କୋଲକାତାରେ ପହଞ୍ଚି ତାଲତଲା ପୁଲିସ ସହାୟତାରେ ରବିବାର ରାତିରେ ଚଢ଼ାଉ ପରେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

## ସିପିଏମ୍ ନେତ୍ରୀଙ୍କ ଗାଡ଼ି ଉପରକୁ ଅଣ୍ଡାମାଡ଼

କୋଲକାତା,୭।୭(ସଂଚାର ବ୍ୟୁରୋ): ଶୀତଳକୁଚିରେ ସିପିଏମ୍ ନେତ୍ରୀ ମିନାକ୍ଷୀ ମୁଖାର୍ଜୀଙ୍କ କାର ଉପରକୁ ଅଣ୍ଡା ମାଡ଼ କରାଯାଇଥିଲା। ମଙ୍ଗଳବାର ସକାଳେ ଘଟିଥିବା ଏହି ଘଟଣାକୁ ନେଇ ଶୀତଳକୁଚି ବଜାର ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଏଦିନ, ମିନାକ୍ଷୀ ଶିତଳକୁଚି ବ୍ଲକର ନଗର ସିଙ୍ଗିମାରି ଗାଁରେ ମୃତ ସିପିଏମ କର୍ମୀ ମଣ୍ଟୁ ମିୟାଁଙ୍କ ପରିବାରକୁ ଭେଟିବାକୁ ଯାଇଥିଲେ। ସେ ଫେରୁଥିବା ସମୟରେ ତାଙ୍କ କାରଟି ଶୀତଳକୁଚି ଛକରେ ପ୍ରବେଶ କରିବା ମାତ୍ରେ ଅଣ୍ଡା ମାଡ଼ କରାଯାଇଥିଲା। ତେବେ ଶୀତଳକୁଚି ପୁଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲା। ବିଜେପି ନେତାମାନେ ଦାବି କରିଛନ୍ତି ଯେ, ସିପିଏମ୍ ଏକ ଅପ୍ରାକୃତିକ ମୃତ୍ୟୁ ମାମଲାକୁ ରାଜନୀତିକରଣ କରି ଶାନ୍ତିପୂର୍ଣ୍ଣ ଶିତଳକୁଚି ଅଞ୍ଚଳରେ ଅଶାନ୍ତିର ବାତାବରଣ ସୃଷ୍ଟି କରିବାକୁ ଚେଷ୍ଟା କରୁଛି। ଫଳସ୍ୱରୂପ ସାଧାରଣ ନାଗରିକମାନେ ସେମାନଙ୍କ ଉପରେ ଅଣ୍ଡା ଫିଙ୍ଗି ପ୍ରତିବାଦ କରିଥିଲେ।

## ୧୧ରୁ ଚାଲିବ ପୁରୀ-କୋରାପୁଟ ତ୍ରି-ସାପ୍ତାହିକ ଏକ୍ସପ୍ରେସ୍



ଭୁବନେଶ୍ୱର,୭।୭(ସଂଚାର ବ୍ୟୁରୋ): ଓଡ଼ିଶାରେ ରେଳ ସଂଯୋଗକୁ ଆହୁରି ସୁଦୃଢ଼ କରିବା ଦିଗରେ ଭାରତୀୟ ରେଳପଥ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି। ଗତକାଲି ପୁରୀ ରେଳ ଷ୍ଟେସନରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଦ୍ୱାରା ଶୁଭାରମ୍ଭ ପରେ ପୁରୀ- କୋରାପୁଟ- ପୁରୀ ତ୍ରି-ସାପ୍ତାହିକ ଏକ୍ସପ୍ରେସ ବର୍ତ୍ତମାନ ନିୟମିତ ଭାବେ ଚଳାଚଳ କରିବ। ଏହି ଟ୍ରେନ ଆସନ୍ତା ୧୧ରୁ ପୁରୀରୁ ଓ ୧୨ରୁ କୋରାପୁଟରୁ ନିୟମିତ ଭାବେ ଚଳାଚଳ କରିବ। ଟ୍ରେନ ନଂ. ୧୮୪୦୭ ପୁରୀ- କୋରାପୁଟ ତ୍ରି-ସାପ୍ତାହିକ ଏକ୍ସପ୍ରେସ ୧୧ରୁ ପ୍ରତି ସୋମବାର, ଗୁରୁବାର ଓ ଶନିବାର ଚଳାଚଳ କରିବ। ଟ୍ରେନଟି ସକାଳ ୭ଟାରେ ପୁରୀରୁ ଛାଡ଼ି ସେହିଦିନ ରାତି ସାଢ଼େ ୧୧ଟାରେ କୋରାପୁଟରେ ପହଞ୍ଚିବ। ସେହିପରି ଟ୍ରେନ ନଂ.୧୮୪୦୮ କୋରାପୁଟ- ପୁରୀ ତ୍ରି-ସାପ୍ତାହିକ ଏକ୍ସପ୍ରେସ ୧୨ରୁ ପ୍ରତି ମଙ୍ଗଳବାର, ଶୁକ୍ରବାର ଓ ରବିବାର ଚଳାଚଳ କରିବ। ଏହା ସକାଳ ୫ଟାରେ କୋରାପୁଟରୁ ଛାଡ଼ି ସେହିଦିନ ରାତି ୧୦ଟା୨୦ ମିନିଟ୍‌ରେ ପୁରୀରେ ପହଞ୍ଚିବ।

## ବିଜେପିରେ ମିଶିଲେ କର୍ଲାମୁଣ୍ଡା ବ୍ଲକ୍‌ର ୩ ମହିଳା ସରପଞ୍ଚ

କର୍ଲାମୁଣ୍ଡା,୭।୭(ସଂଚାର ବ୍ୟୁରୋ): ଭବାନୀପାଟଣାଠାରେ ବିଜେପି ପକ୍ଷରୁ ଆୟୋଜିତ ଶ୍ୟାମ ପ୍ରସାଦ ମୁଖାର୍ଜୀଙ୍କ ୧୨୫ତମ ଜୟନ୍ତୀ ସମାରୋହ ଅବସରରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲାର ବହୁ ସରପଞ୍ଚ, ସମିତି ସଭ୍ୟ, ବରିଷ୍ଠ ନେତା ବିଜେପିରେ ସାମିଲ ହୋଇଥିଲେ। କର୍ଲାମୁଣ୍ଡା ବ୍ଲକ୍‌ର ତିନି ଜଣ ସରପଞ୍ଚ ମଧ୍ୟ ଦଳରେ ଯୋଗଦେଇଥିଲେ। ସେମାନେ ହେଲେ କର୍ଲାମୁଣ୍ଡା ସରପଞ୍ଚ ସ୍ୱର୍ଣ୍ଣଲତା ସାହୁ, ରାଜପୁର ସରପଞ୍ଚ କୌଶଲ୍ୟା ରଣା, ରେଗଡ଼ା ସରପଞ୍ଚ ଦୀପ୍ତିରାଣୀ ସାହୁ। ସେହିପରି କର୍ଲାମୁଣ୍ଡାର ପୂର୍ବତନ ସରପଞ୍ଚ ଶେଷଦେବ ସାହୁ, ଓ୍ୱାର୍ଡମେମ୍ବର ଖଗେଶ୍ୱର ସାହୁ, ଜଳନ୍ଧର ସାହୁ, ଯୁବ ସଂଗଠକ ବରୁଣ ସାହୁ ମଧ୍ୟ ବିଜେପିରେ ସାମିଲ ହୋଇଥିବା ଜଣାପଡ଼ିଛି। ଏହି ଉତ୍ସବରେ ବିଧାନସଭାରେ ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ଜିଲ୍ଲା ସଭାପତି ଯୁଗଳ କିଶୋର ପୋଢ଼, ରାଜ୍ୟ ଉପସଭାପତି ଭବେନ୍ଦ୍ର ପଣ୍ଡା, ଧର୍ମଗଡ଼ ବିଧାୟକ ସୁଧୀର ପାଟଯୋଶୀ, ପୂର୍ବତନ ଜିଲ୍ଲା ସଭାପତି ଦେବେନ୍ଦ୍ର ମହାନ୍ତିଙ୍କ ସମେତ ବହୁ ବରିଷ୍ଠ ନେତା ଉପସ୍ଥିତ ରହି ସେମାନଙ୍କୁ ଦଳକୁ ସ୍ୱାଗତ କରିଥିଲେ।

# ତ୍ରୁଟିପୂର୍ଣ୍ଣ ବହିକୁ ନେଇ ବର୍ଷିଲା ବିଜେଡି

## ବିଜେପି ସରକାରରେ କଥାରେ ରହୁନି ତାଳମେଳ




ଭୁବନେଶ୍ୱର,୭।୭(ସଂଚାର ବ୍ୟୁରୋ): ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କ ପାଠ୍ୟ ପୁସ୍ତକରେ ମାଳ ମାଳ ତ୍ରୁଟି ରହିଛି। ଯାହାର ସୁଧାର କରିବା ପରିବର୍ତ୍ତେ ଡବଲ ଇଞ୍ଜିନ ବିଜେପି ସରକାର ଓଡ଼ିଶାର ପ୍ରାକ୍ ଶିକ୍ଷା ବ୍ୟବସ୍ଥାକୁ ନଷ୍ଟ କରିବାରେ ଲାଗି ପଡ଼ିଛନ୍ତି। ବିଜେଡି ପକ୍ଷରୁ ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେପି ସରକାର ବିରୋଧରେ ବର୍ଷିଛି। ଚାନ୍ଦବାଲି ବିଧାୟକ ତଥା ବରିଷ୍ଠ ସାଧାରଣ ସମ୍ପାଦକ ବ୍ୟୋମକେଶ ରାୟ, ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ଚିନ୍ମୟ ସାହୁ ଓ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାନେତ୍ରୀ ଇପ୍‌ସିତା ସାହୁ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ବିଧାୟକ ଶ୍ରୀ ରାୟ କହିଛନ୍ତି ଯେ ପାଠ୍ୟ ପୁସ୍ତକରେ ୨୦୦୦ରୁ ଊର୍ଦ୍ଧ୍ୱ ତ୍ରୁଟି ରହିଛି। ତ୍ରୁଟିପୂର୍ଣ୍ଣ ପୁସ୍ତକଗୁଡ଼ିକ ପ୍ରତ୍ୟାହାର କରିବା ନେଇ ସରକାରୀ ସ୍ତରରେ ଘୋଷଣା କରାଯାଇଥିଲା। କିନ୍ତୁ ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ ଓ ସଚିବ କାହାରି କଥାରେ କୌଣସି ତାଳମେଳ ରହୁନାହିଁ। ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଓ ସଚିବଙ୍କ ମଧ୍ୟରେ ତର୍କ ବିତର୍କ ଲାଗି ରହିଛି। ବିଜେପି ସରକାରରେ ବିଧି ବ୍ୟବସ୍ଥା ସଠିକ୍ ଭାବେ ରହୁନାହିଁ। ଏହିଭଳି ପରିସ୍ଥିତିରେ ଛାତ୍ରଛାତ୍ରୀମାନଙ୍କ ଅଭିଭାବକ ପିଲାଙ୍କ ଭବିଷ୍ୟତ ନେଇ ଚିନ୍ତିତ ରହୁଛନ୍ତି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ପ୍ରାକ ଶିକ୍ଷାର ସମୟ ଥିବା ବେଳେ ତାହା ଭୁଶୁଡ଼ି ପଡ଼ିଲାଣି। ଆଗାମୀ ଦିନରେ ଏହା ବିରୁଦ୍ଧରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ରାଜରାସ୍ତାକୁ ଓହ୍ଲାଇ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ। ଆସନ୍ତା ୯ରୁ ୧୫ ତାରିଖ ପର୍ଯ୍ୟନ୍ତ ଶିକ୍ଷା ବଞ୍ଚାଅ ଅଭିଯାନକୁ ନେଇ ରାଜ୍ୟବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ କରାଯିବ। ସେହିପରି ଶ୍ରୀ ସାହୁ କହିଛନ୍ତି ଯେ ତ୍ରୁଟିକୁ ଲୁଚାଇବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଲୋକଙ୍କୁ ଠକିବାରେ ଲାଗିଛନ୍ତି। ତ୍ରୁଟିକୁ ଶିକ୍ଷା ମନ୍ତ୍ରୀ ଖଣ୍ଡନ କରିବା ବେଳେ ସଚିବ ଅନ୍ୟ ପ୍ରତିକ୍ରିୟା ଦେଉଛନ୍ତି। କାହାରି କଥାରେ ସାମଞ୍ଜସ୍ୟ ରହୁନାହିଁ। ଆଉ କିଛି ମାସ ପରେ ପିଲାଙ୍କ ପରୀକ୍ଷା ହେବ। କିନ୍ତୁ ତ୍ରୁଟିପୂର୍ଣ୍ଣ ପୁସ୍ତକ ପ୍ରତ୍ୟାହାର କରି ନୂତନ ପୁସ୍ତକ ପ୍ରକାଶ ପାଇଁ ନୋଟିଫିକେସନ୍ ହେଉନାହିଁ।

## ମୋହନଲାଲଙ୍କ ନିକଟରେ ୧୦ଟି ହାତୀ ଦାନ୍ତ

ନୂଆଦିଲ୍ଲୀ,୭।୭: ମାଲାୟାଲମ ସୁପରଷ୍ଟାର ମୋହନଲାଲଙ୍କ ନିକଟରେ ରହିଛି ୧୦ଟି ହାତୀ ଦାନ୍ତ ଓ ହାତୀଦାନ୍ତରେ ତିଆରି ୪୬ କେଜିର ୧୩ଟି ମୂର୍ତ୍ତି। ଏହି ଘୋଷଣା ଏହି ସମୟରେ କରାଯାଇଛି ଯେତେବେଳେ ଅଭିନେତାଙ୍କ ଉପରେ ଅବୈଧ ଭାବେ ହାତୀ ଦାନ୍ତ ରଖିବାର ଏକ ପୁରୁଣା ମାମଲା ଚାଲୁ ରହିଛି। ବନ ଅଧିକାରୀଙ୍କ ଅନୁସାରେ ମୋହନଲାଲ ପୂର୍ବରୁ ୪ହାତୀ ଦାନ୍ତ ଥିବାର ସୂଚନା ଦେଇଥିଲେ। ଏବେ ଏମନେସ୍ଟି(କ୍ଷମା) ସ୍କିମ ଅନୁସାରେ ସେ ୬ଆହୁରି ହାତୀ ଦାନ୍ତ ସହ ହାତୀ ଦାନ୍ତରେ ନିର୍ମିତ ୧୩ମୂର୍ତ୍ତିର ସୂଚନା ଦେଇଛନ୍ତି। ଏହି ମୂର୍ତ୍ତିରେ ଭଗବାନ କୃଷ୍ଣ, ଭଗବାନ ରାମ ଏବଂ ତିରୁପତି ବାଲାଜୀଙ୍କ ମୂର୍ତ୍ତି ସାମିଲ ରହିଛି। କୁହାଯାଉଛି କି ଏହି ସମସ୍ତ ମୂର୍ତ୍ତିର ପ୍ରାୟ ଓଜନ ୪୬କିଲୋଗ୍ରାମ ପାଖାପାଖି ଅଟେ। ମୋହନଲାଲ କହିଛନ୍ତି କି ଅଧିକ ହାତୀ-ଦାନ୍ତ ତାଙ୍କୁ ଉତ୍ତରାଧିକାରୀ ସୂତ୍ରରୁ ମିଳିଥିଲା କିମ୍ବା ପୁରସ୍କାର ସ୍ୱରୂପ ମିଳିଥିଲା। ଆଶା ରହିଛି କି ବନ ବିଭାଗ ଘୋଷିତ ଜିନିଷ ସତ୍ୟତା ଖୋଜିବା ଲାଗି ଡିଏନଏ କିମ୍ବା ଅନ୍ୟ ଯାଞ୍ଚ କରିବ।

## ଇ-୨୦ ବିରୋଧୀଙ୍କୁ ନୀତିନ ଗଡକରୀଙ୍କ ଚ୍ୟାଲେଞ୍ଜ୍

ନୂଆଦିଲ୍ଲୀ,୭।୭: କେନ୍ଦ୍ର ସଡ଼କ ପରିବହନ ଏବଂ ରାଜମାର୍ଗ ମନ୍ତ୍ରୀ ନୀତିନ ଗଡକରୀ ଇଥାନଲ୍ ମିଶ୍ରିତ ପେଟ୍ରୋଲ୍‌ର ସମାଲୋଚକମାନଙ୍କୁ ଏକ ବଡ଼ ଚ୍ୟାଲେଞ୍ଜ ଦେଇଛନ୍ତି। ଦେଶରେ ଇ-୨୦ ବିକ୍ରିକୁ ବାଧ୍ୟତାମୂଳକ କରାଯିବା ପରେ ଗାଡ଼ିର ମାଇଲେଜ୍ କମିଯାଉଥିବା ଓ ଇଞ୍ଜିନରେ ସମସ୍ୟା ଦେଖାଦେଉଥିବା ନେଇ ଅଭିଯୋଗ ହେଉଛି। ଏହାର ଜବାବରେ ମନ୍ତ୍ରୀ କହିଛନ୍ତି ଯେ, ଯଦି ଏହି ଇନ୍ଧନ ଯୋଗୁଁ କୌଣସି ଗୋଟିଏ ବି ଗାଡ଼ି ଖରାପ ହୋଇଛି, ତେବେ ତାର ନାଁ ସାମ୍ନାକୁ ଅଣାଯାଉ।

## ସୁପ୍ରିମକୋର୍ଟ ଓ ହାଇକୋର୍ଟଙ୍କ ଆଦେଶ କ୍ରମେ ପେନ୍‌ସନ୍ ଦିଅ: ପୂର୍ତ୍ତ ସଂଗଠନ

ଭୁବନେଶ୍ୱର,୭।୭(ସଂଚାର ବ୍ୟୁରୋ): ଡିଏଲ୍ଆର, ଏନ୍ଏମ୍ଆର ଓ ଓ୍ୱାର୍କଚାର୍ଜଡ୍ କର୍ମଚାରୀମାନେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରି ଆସିଥିବାରୁ ଓସିସି(ପି) ରୁଲସ୍ ୧୯୯୨ ନିୟମ ଆଧାରରେ ଏମାନେ ପେନସନ୍ ପାଇବାକୁ ହକଦାର ବୋଲି ପେନସନ୍ ସମ୍ବନ୍ଧୀୟ ବିଭିନ୍ନ ମକଦ୍ଦମାକୁ ହାଇକୋର୍ଟ ବିଚାର କରି ସରକାରଙ୍କୁ ଆଦେଶ ଦେଇଥିଲେ ମଧ୍ୟ ବିଭାଗୀୟ ସଚିବ କୋର୍ଟଙ୍କ ଆଦେଶକୁ ମାନୁନାହାନ୍ତି ବୋଲି ଓଡ଼ିଶା ପୂର୍ତ୍ତ ଅବସରପ୍ରାପ୍ତ ଓ୍ୱାର୍କଚାର୍ଜଡ୍/ରେଗୁଲାର କର୍ମଚାରୀ ସଂଘ ଗୁରୁତର ଅଭିଯୋଗ କରିଛି। ସଂଘର ସଭାପତି ଅରୁଣ କେଶରୀ ପରିଡ଼ା ଓ ସାଧାରଣ ସମ୍ପାଦକ ଗଗନ ଭଞ୍ଜ ଏକ ପ୍ରେସ୍ ଇସ୍ତାହାରରେ କହିଛନ୍ତି ଯେ ୩୫ ରୁ ୪୦ ବର୍ଷ ସେବା ଦେଇ କର୍ମଚାରୀମାନେ ଚାକିରିରୁ ଅବସର ଗ୍ରହଣ କରୁଛନ୍ତି। ପେନ୍‌ସନ୍ ପାଇବା ତାଙ୍କର ହକ୍ ପ୍ରାପ୍ୟ ହୋଇଥିଲେ ମଧ୍ୟ ସରକାର ପେନ୍‌ସନ୍ ଦେଉନାହାନ୍ତି। ବରଂ ସରକାର ମକଦ୍ଦମାଖୋର ହୋଇ ପେନ୍‌ସନ୍ ନ ଦେବା ପାଇଁ ହାଇକୋର୍ଟ ଦେଇଥିବା ପେନସନ୍ ସମ୍ବନ୍ଧୀୟ ଆଦେଶ ବିରୋଧରେ ସୁପ୍ରିମକୋର୍ଟରେ ଏସଏଲପି ରୁଜୁ କରି ସରକାରଙ୍କ ରାଜକୋଷରୁ କୋଟି କୋଟି ଟଙ୍କା ଅର୍ଥ ବ୍ୟୟ କରୁଛନ୍ତି। ଆଉ ମଧ୍ୟ ସରକାର ରୁଜୁ କରିଥିବା ଏସଏଲପିକ ସୁପ୍ରିମକୋର୍ଟ ଖାରଜ କରିଦେବା ପରେ ବି ବିଭାଗୀୟ ସଚିବ ପେନସନ୍ ନ ଦେଇ ବିଭିନ୍ନ ଆଳରେ ସମୟ ଗଡ଼ାଉଛନ୍ତି। ଏପରିକି ସଚିବମାନେ କୋର୍ଟ ଅବମାନନା ମକଦ୍ଦମାର ସମ୍ମୁଖୀନ ହେଉଥିବାରୁ ସରକାରଙ୍କ ପକ୍ଷରୁ ନିଯୁକ୍ତ ସରକାରୀ ଓକିଲ କୋର୍ଟରେ ବାରମ୍ବାର ସମୟ ମାଗିବା ଏହା ମଧ୍ୟ ଏକ ଜ୍ୱଳନ୍ତ ଉଦାହରଣରେ ପରିଣତ ହୋଇଛି। ପେନ୍‌ସନ୍ ସମ୍ବନ୍ଧୀୟ ମାମଲା କୋର୍ଟରେ ରୁଜୁ କରିବା ପାଇଁ ଜଣେ ଆବେଦନକାରୀଙ୍କୁ ଏକାଧିକ ବାର ମକଦ୍ଦମା କରିବାକୁ ପଡ଼ୁଛି।

# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ନିକଟରେ ମାଲକାନଗିରି ବିଧାୟକଙ୍କ ଦାବି



**ମାଲକାନଗିରି, ୭।୭ (ସଂଚାର ବ୍ୟୁରୋ):** ଓଡ଼ିଶାର ପଛୁଆ ଓ ଆଦିବାସୀ ପ୍ରଧାନ ମାଲକାନଗିରି ଜିଲ୍ଲାରେ ଉଚ୍ଚଶିକ୍ଷାର ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇ ମାଲକାନଗିରି ବିଧାୟକ ନରସିଂହ ମାଡ଼କାମି ଦିଲ୍ଲୀରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କାର୍ଯ୍ୟାଳୟରେ ସାକ୍ଷାତ୍ କରି ମାଲକାନଗିରିରେ ଏକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ଆବେଦନ ପତ୍ର ପ୍ରଦାନ କରିଛନ୍ତି।

ଜୁଲାଇ ୬ ତାରିଖରେ ଲେଖିଥିବା ପତ୍ରରେ ବିଧାୟକ ଶ୍ରୀ ମାଡ଼କାମି ଉଲ୍ଲେଖ କରିଛନ୍ତି ଯେ, ମାଲକାନଗିରି ଓଡ଼ିଶାର ସେହି କେତେକ ଜିଲ୍ଲା ମଧ୍ୟରୁ ଅନ୍ୟତମ ଯେଉଁଠାରେ ଏ ପର୍ଯ୍ୟନ୍ତ ରାଜ୍ୟ କିମ୍ବା କେନ୍ଦ୍ରୀୟ କୌଣସି ବିଶ୍ୱବିଦ୍ୟାଳୟ ନାହିଁ। ସେ ଏହାକୁ ଦକ୍ଷିଣ ଓଡ଼ିଶାର ଆଦିବାସୀ ସମ୍ପ୍ରଦାୟ ପାଇଁ ଏକ "ଐତିହାସିକ ଓ ରୂପାନ୍ତରକାରୀ ଉପହାର" ହେବ ବୋଲି ବର୍ଣ୍ଣନା କରିଛନ୍ତି। ପତ୍ରରେ କୁହାଯାଇଛି, "ମାଲକାନଗିରି ଜିଲ୍ଲା ଛତିଶଗଡ଼, ତେଲେଙ୍ଗାନା ଓ ଆନ୍ଧ୍ରପ୍ରଦେଶ ସହ ସୀମାନ୍ତ ସ୍ପର୍ଶ କରିଥିବାରୁ ଏହା ଉଚ୍ଚଶିକ୍ଷା ପାଇଁ ଏକ ଆଦର୍ଶ କେନ୍ଦ୍ର ହୋଇପାରିବ।"

# ନାହିଁ ନାହିଁରେ ଚାଲିଛି ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ




**ବେତନଟୀ, ୭।୭ (ସଂଚାର ବ୍ୟୁରୋ):** ବେତନଟୀ ବ୍ଲକରେ ମୋଟ ସତରଟି ନୂତନ ଅନୁଦାନ ପ୍ରାପ୍ତ ହାଇସ୍କୁଲ ଅଛି, ସେଥିରେ ମୋଟ ୨୬୧୧ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବାର ଜଣାପଡ଼ିଛି । କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏହିକି ଯେ ଏହିପରି ବିଦ୍ୟାଳୟ ଗୁଡିକରେ ସରକାରଙ୍କ ଦ୍ୱାରା ନୂତନ ନିଯୁକ୍ତିର ବ୍ୟବସ୍ଥା ନଥିବାରୁ ହାଇସ୍କୁଲ ଗୁଡିକ ଶିକ୍ଷକ ଶୂନ୍ୟ ହେବାକୁ ବସିଲାଣି । ଯେଉଁ କେତୋଟି ବିଦ୍ୟାଳୟରେ କିଛି ଶିକ୍ଷକ ଅଛନ୍ତି ତାହା ମଧ୍ୟ ନିକଟ ଭବିଷ୍ୟତରେ ଖାଲି ପଡ଼ିଯିବ । ଏଣୁ ଶିକ୍ଷାର ଅଭିବୃଦ୍ଧି ପାଇଁ ଖୋଲା ଯାଇଥିବା ବିଦ୍ୟାଳୟ ଗୁଡିକ ନିକଟରେ ବନ୍ଦ ହେବା ସ୍ୱାଭାବିକ ।

ବେତନଟୀ ବ୍ଲକ ଅନ୍ତର୍ଗତ ଜିପି ହାଇସ୍କୁଲ ଧନପୁରରେ ୧୪୫ ଜଣ ଛାତ୍ରଛାତ୍ରୀ ପଢୁଥିବା ବେଳେ ଆସନ୍ତା ମାସ ଠାରୁ ଖେଳ ଶିକ୍ଷକଙ୍କ ହାତର ବିଦ୍ୟାଳୟ ଚାଲିବ । ଅନ୍ୟ କୌଣସି ଶିକ୍ଷକ ନଥିବାରୁ ପିଲାମାନଙ୍କ ଭବିଷ୍ୟତ କଣ ହେବ ତାହା ଭଗବାନ ଜାଣନ୍ତି । ସେହିପରି ହୀରାଲାଲ ହାଇସ୍କୁଲ ଆମ୍ବଯୋଡ଼ା ମଧ୍ୟ ଅଗଷ୍ଟ ମାସ ଠାରୁ ଖେଳ ଶିକ୍ଷକଙ୍କ ହାତରେ ରହିବ। ପଞ୍ଚପଲ୍ଲୀ ହାଇସ୍କୁଲରେ ପ୍ରଧାନ ଶିକ୍ଷକ, କଳା ଶିକ୍ଷକ, ସଂସ୍କୃତ ଶିକ୍ଷକ ନଥିବାରୁ ଛାତ୍ରଛାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବେତନଟୀ ବ୍ଲକର ଏକ ଅଗ୍ରଣୀ ହାଇସ୍କୁଲ ରଘୁନାଥ ହାଇସ୍କୁଲ ରାଇକମାରେ ୨୯୩ ଜଣ ପିଲା ପଢୁଥିବା ବେଳେ ଜଣେ ଗଣିତ, ଜଣେ ବିଜ୍ଞାନ ଓ ଜଣେ ହିନ୍ଦୀ ଶିକ୍ଷକ ଅଛନ୍ତି । ଠିକ ସେହିଭଳି କଣ୍ଟିପୁର ହାଇସ୍କୁଲ ଅଗାମି ଫେବୃଆରୀ ମାସରୁ ଜଣେ ଶିକ୍ଷକରେ ସ୍କୁଲ ଚାଲିବ ଏହିପରି ହାଇସ୍କୁଲ ଗୁଡିକରେ ଯଦି ସରକାର ଖୁବ ଶୀଘ୍ର ଶିକ୍ଷକ ଓ କର୍ମଚାରୀ ନିଯୁକ୍ତି ନକରନ୍ତି ତେବେ ଘଣ୍ଟା ବାଜିବା ନିଶ୍ଚିତ ବନ୍ଦ ହେବ ।

ସରକାର ଏହି ବିଷୟ ପ୍ରତି ଦୃଷ୍ଟି ନଦେଲେ ଶିକ୍ଷାର ଅଭିବୃଦ୍ଧି ପାଇଁ ଖୋଲି ଥିବା ବିଦ୍ୟାଳୟ ଗୁଡିକ ନିକଟରେ ବନ୍ଦ ହେବା ନିଶ୍ଚିତ । ଯାହା ଫଳରେ ଗାଁ ଗଣ୍ଡା ରେ ରହୁଥିବା ପିଲାମାନେ ପାଠପଢ଼ାରୁ ବଞ୍ଚିତ ହେବେ । ସତର ଟି ହାଇସ୍କୁଲ ମଧ୍ୟରୁ ସତଟି ହାଇସ୍କୁଲ ରେ ଇନଚାର୍ଜ ପ୍ରଧାନ ଶିକ୍ଷକ ଥିବା ବେଳେ ଅଧିକାଂଶ ବିଦ୍ୟାଳୟ ରେ ଶିକ୍ଷକ, କ୍ଲର୍କ, ପିଅନ ନାହାନ୍ତି । ଅଂଚଳର ଶିକ୍ଷାବିତ, ବୁଦ୍ଧିଜୀବୀ ଏଥି ପ୍ରତି ଘୋର ଉଦବେଗ ପ୍ରକାଶ କରିବାସହ ତୁରନ୍ତ ନିଯୁକ୍ତି ଦାବି କରିଛନ୍ତି ।

## ଆର୍‌ଆଇଙ୍କୁ ଆକ୍ରମଣ ଘଟଣା, ଅଭିଯୁକ୍ତ ଗିରଫ



**ବାଲିଆପାଳ,୭।୭ (ସଂଚାର ବ୍ୟୁରୋ):** ମହିଳା ରାଜସ୍ୱ ନିରୀକ୍ଷକଙ୍କୁ ଆକ୍ରମଣ ଘଟଣାରେ ଅଭିଯୁକ୍ତ ଗିରଫ। ସୂଚନା ଅନୁସାରେ ଗତ ଫେବୃଆରୀ ୧୨ ତାରିଖରେ ବାଲିଆପାଳ ବ୍ଲକ ଅନ୍ତର୍ଗତ ଶ୍ରୀରାମପୁର ପଞ୍ଚାୟତର କାର୍ଯ୍ୟରତ ମହିଳା ରାଜସ୍ୱ ନିରୀକ୍ଷକ ସରୋଜିନୀ ଟୁଟୁ ବାଲିଆପାଳ ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ କ୍ଷେତ୍ର ପରିଦର୍ଶନ ପାଇଁ ପାଳପଡା ଗ୍ରାମକୁ ଯାଇଥିଲେ । ହଠାତ୍ କିଛି କାରଣ ନଥାଇ ରାସ୍ତାରେ ଉକ୍ତ ଗ୍ରାମର ଅଭୟ ଦାସ ବୋଲି ଜଣେ ଅସାମାଜିକ ବ୍ୟକ୍ତି ରାଜସ୍ୱ ନିରୀକ୍ଷକଙ୍କ ଗାଡ଼ି ଅଟକାଇ ତାଙ୍କୁ ନାଲି ଆଖି ଦେଖାଇ ଆଙ୍ଗୁଳି ଉଠାଇ ଧମକ ଦେଇଥିଲେ । ମାନସିକ ଏବଂ ଶାରୀରିକ ନିର୍ଯ୍ୟାତନାର ଶିକାର ହୋଇଥିବା ନେଇ ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ ନିରିକ୍ଷକ। ଦୀର୍ଘ ପାଞ୍ଚ ମାସ ପରେ ଆଜି ଅନ୍ୟ ଏକ ମାମଲାରେ ଅଭିଯୁକ୍ତ ଅଭୟ ଦାସ ସିଂଲା ଥାନାକୁ ଯାଇଥିବା ବେଳେ ବାଲିଆପାଳ ପୋଲିସ ଖବର ପାଇ ଅଭିଯୁକ୍ତ ଗିରଫ କରିବା ସହିତ କେସ ନମ୍ବର ୮୪/୨୬ ରେ କୋର୍ଟ ଚାଲାଣ କରିଛି ।

# କେବେ ନିୟମିତ ହେବେ ଓଟିଇଟି ଗଣଶିକ୍ଷକ ଓ ଶିକ୍ଷୟିତ୍ରୀ ?



**ଫୁଲବାଣୀ,୭।୭ (ସଂଚାର ବ୍ୟୁରୋ):** ରାଜ୍ୟ ସରକାର ନିୟମ ଆଣିଥିଲେ କି ଯେଉଁ ଗଣ ଶିକ୍ଷକମାନେ ଓଟିଇଟି ପାସ୍ କରିବେ, ସେମାନଙ୍କୁ ନିୟମିତ କରାଯିବ। କନ୍ଧମାଳ ଜିଲାରେ ବହୁ ଗଣ ଶିକ୍ଷକ ଓଟିଇଟି ପାସ୍ କରିଥିଲେ ହେଁ ସେମାନଙ୍କୁ ନିୟମିତ କରାଯାଉନାହିଁ । ସେହିପରି ୮ ବର୍ଷ କାର୍ଯ୍ୟ କଲେ ନିୟମିତ ହେବାର ସରକାରୀ ଗାଇଡ ଲାଇନ ରହିଛି । ତାହାକୁ ମଧ୍ୟ କାର୍ଯ୍ୟକାରୀ କରାଯା ନାହିଁ। ତେଣୁ ଆମକୁ ତୁରନ୍ତ ନିୟମିତ କରିବା ଦାବିରେ କନ୍ଧମାଳ ଜିଲାର ଗଣ ଶିକ୍ଷକମାନେ ସୋମବାର ଆସି ଜିଲାପାଳଙ୍କୁ ଭେଟି ଦାବି ପତ୍ର ପ୍ରଦାନ କରିଛନ୍ତି ୨୦୦୮ ମସିହାରୁ ଆମେ ଗଣ ଶିକ୍ଷକ ଭାବେ ଅତି ଅଳ୍ପ ଦରମାରେ କାର୍ଯ୍ୟ କରି ଆସୁଛୁ। ଯାହା ଦୈନିକ ମଜୁରିଆଙ୍କ ପ୍ରାପ୍ତ ଅର୍ଥ ରାଶିଠାରୁ କମ । ଏହି ଦରମାରେ ପରିବାର ପ୍ରତିପୋଷଣ କରି ପିଲା ମାନଙ୍କୁ ଉଚ୍ଚ ଶିକ୍ଷା ଦେଇ ପାରୁନୁ । ଆମ୍ଭ ମାନଙ୍କ ମଧ୍ୟରୁ ଅନେକଙ୍କ ଅବସର ନେବା ସମୟ ଆସିଲାଣି । କେତେକ ଅବସର ନେଇ ସାରିଲେଣି। ଆମ୍ଭଙ୍କୁ ଅନ୍ୟ ଶିକ୍ଷକଙ୍କ ପରି ସରକାର ସବୁ କାର୍ଯ୍ୟରେ ନିୟୋଜିତ କରୁଛନ୍ତି । ଏବେ ସଦ୍ୟ ସମାପ୍ତ ଏସ୍ଆଇଆର, ସେନସସରେ କାର୍ଯ୍ୟ କରିଛୁ। ଆଉ କେତେ ଦିନ ଆମକୁ ଅଣଦେଖା କରାଯିବ ବୋଲି ଶିକ୍ଷକମାନେ କହିଛନ୍ତି।

୨୦୧୬ ମସିହା ଡିସେମ୍ବର ୧୫ ତାରିଖ ପତ୍ର ସଂଖ୍ୟା ୨୪୯୬୮ରେ ଗଣଶିକ୍ଷକ ମାନେ ଯୁକ୍ତ ୨ ସିଟି, ଓଟିଇଟି ପାସ କରିବା ସହ ନିୟମିତ ୮ ବର୍ଷ କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିଲେ ଚାକିରୀରେ ନିୟମିତ ହେବେ ବୋଲି ସରକାରଙ୍କ ଗାଇଡଲାଇନରେ ଅଛି । ଅନ୍ୟ ଜିଲାରେ ଓଟିଇଟି ପାସ୍ କରିଥିବା ଗଣ ଶିକ୍ଷକମାନେ ନିୟମିତ ହୋଇ ସାରିଲେଣି । କିନ୍ତୁ ଆମ କନ୍ଧମାଳ ଜିଲାରେ ୨୦୨୪, ୨୦୨୫, ୨୦୨୬ ଶିକ୍ଷା ବର୍ଷରେ ନିୟମିତ ୮ ବର୍ଷ ପୁରଣ କରିବା ସହ ଓଟିଇଟି ପାସ୍ କରିଥିଲେ ସୁଦ୍ଧା ଆମ୍ଭକୁ ନିୟମିତ କରାଯାଉନାହିଁ । ତେଣୁ ଆମକୁ ତୁରନ୍ତ ନିୟମିତ କରନ୍ତୁ ବୋଲି ଗଣ ଶିକ୍ଷକମାନେ ଜିଲା ସଭାପତି କୁଶ ନାୟକ, ଉପ୍ ସଭାପତି ରଜିତ ଦିଗାଲ, ନାଗାର୍ଜୁନ ପ୍ରଧାନ, ଧ୍ରୁବଳ ବଳିଆରସିଂ, ପ୍ରଶ୍ନ ନାୟକ, ବୃନ୍ଦାବନ ପ୍ରଧାନ, ବବିତା ନାୟକ, ପୁଷ୍ପାଞ୍ଜଳି ମଲିକ, ରାଧିକା ଗଣ୍ଡା କହିଛନ୍ତି।

## ଭୁତୁମୁଣ୍ଡି ମହାନଦୀ ପୋଲ ଉପରୁ ଡେଇଁ ପଡ଼ିଲେ ବୃଦ୍ଧ



**ପାରାଦ୍ୱୀପ,୭।୭ (ସଂଚାର ବ୍ୟୁରୋ):** ଭୁତମୁଣ୍ଡାଇ ମହାନଦୀ ପୋଲ ଉପରୁ ଜଣେ ୬୬ ବର୍ଷର ବୃଦ୍ଧ ଡେଇଁ ପଡିଥିବା ଘଟଣା ଘଟିଛି। କିନ୍ତୁ ସୌଭାଗ୍ୟବଶତଃ ତଳେ ନଦୀରେ ମାଛ ଧରୁଥିବା କୈବର୍ତ୍ତ ମାନଙ୍କ ଜାଲରେ ପଡିଯିବାରୁ ତାଙ୍କ ଜୀବନ ବଞ୍ଚିଯାଇଛି। ମୃତ୍ୟୁ ମୁଖରୁ ବଞ୍ଚିଯାଇଥିବା ବୃଦ୍ଧ ଜଣଙ୍କ ହେଲେ ପଞ୍ଚାନନ ସୁତାର। ଘର ପାନପଲି, ମଲିପୁରାଅଞ୍ଚଳରେ।

ସୂଚନା ଅନୁଯାୟୀ, ଆଜି ପଞ୍ଚାନ ଭୁତମୁଣ୍ଡାଇ ମହାନଦୀ ପୋଲ ଉପରକୁ ଆସି ହଠାତ୍ ନଦୀକୁ ଡେଇଁ ପଡିଥିଲେ। ସେହି ସମୟରେ ତଳେ କିଛି କୈବର୍ତ୍ତମାନେ ନଦୀରେ ଜାଲ ପକାଇ ମାଛ ଧରୁଥିଲେ। ବୃଦ୍ଧ ଜଣକ ସିଧା ସେମାନଙ୍କ ଜାଲ ଉପରେ ପଡିବାରୁ ଗଭୀର ପାଣିକୁ ଯିବାରୁ ବର୍ତ୍ତିଯାଇଥିଲେ। ତୁରନ୍ତ କୈବର୍ତ୍ତ ମାନେ ଓ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିଥିଲେ। ତାଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପୂର୍ଣ୍ଣ ହେବାରୁ କଟକକୁ ସ୍ଥାନାନ୍ତରିତ କରାଯାଇଛି।

## ସାପ କାମୁଡ଼ାରେ ୨ ବର୍ଷର ଶିଶୁ ମୃତ

**ରାଇଘର, ୭।୭ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ପତ୍ରକୋଟି ନିକଟସ୍ଥ ଗୋରୁ ବଜାର ସାହିରେ ସାପ କାମୁଡ଼ାରେ ଜଣେ ୨ ବର୍ଷର ଶିଶୁପୁତ୍ରଙ୍କ ମୃତ୍ୟୁ ଘଟିଥିବା ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ମୃତ ଶିଶୁଟି ହେଲେ ହେମନ୍ତ ହରିଜନଙ୍କ ୨ ବର୍ଷର ପୁଅ ହନଙ୍କ ହରିଜନ। ସୂଚନା ଅନୁଯାୟୀ, ପରିବାର ଲୋକେ ଦିନମଜୁରି କାମକୁ ଯାଇଥିବା ବେଳେ ଶିଶୁଟି ଘରେ ଖେଳୁଥିଲା। ଏହି ସମୟରେ ଏକ ବିଷାକ୍ତ ସାପ ଶିଶୁଟିଙ୍କ ଗୋଡ଼ରେ କାମୁଡ଼ି ଦେଇଥିଲା। ପରିବାର ସଦସ୍ୟମାନେ ଘଟଣା ଜାଣିବା ପରେ ତୁରନ୍ତ ଶିଶୁଟିଙ୍କୁ ନିକଟସ୍ଥ ଚିକିତ୍ସାଳୟକୁ ନେଇଥିଲେ। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଉଦୟ ବିହାରରେ ଦିନ ଦ୍ୱିପ୍ରହରେ ବନ୍ଧୁକ ଓ କଟୁରୀ ଲଗାଇ ଲୁଟ୍ ଉଦ୍ୟମ



**ପାରାଦ୍ୱୀପ,୭।୭(ସଂଚାର ବ୍ୟୁରୋ):** ଶିଳ୍ପ ନଗରୀ ପାରାଦ୍ୱୀପର ଉଦୟବିହାର ଅଞ୍ଚଳରେ ଆଜି ସକାଳ ୧୧ଟା ସମୟରେ ଦିନ ଦ୍ୱିପ୍ରହରେ ଏକ ଚାଞ୍ଚଲ୍ୟକର ଲୁଟ ଉଦ୍ୟମ ଘଟଣା ଘଟିଛି। ଦୁଇ ଜଣ ଦୁର୍ବୃତ୍ତ କଳା ରଙ୍ଗର ଏକ ଗାଡିରେ ଆସି ଏକ ବ୍ୟବସାୟୀଙ୍କ ଘରେ ପଶି ବନ୍ଧୁକ ଓ କଟୁରୀ ଦେଖାଇ ଲୁଟ କରିବାକୁ ଉଦ୍ୟମ କରିଥିଲେ। ଏହି ଘଟଣା ପରେ ସମଗ୍ର ଉଦୟବିହାର ଅଞ୍ଚଳରେ ଆତଙ୍କର ମାହୋଲ ସୃଷ୍ଟି ହୋଇଛି। ଦୁର୍ବୃତ୍ତ ଦୁଇ ଜଣ ଘର ଲୋକଙ୍କୁ ବନ୍ଧୁକ ଲଗାଇ ଘରେ ଥିବା ଟଙ୍କା ଓ ସୁନା ଗହଣା ଦାବି କରିଥିଲେ। ଏତିକି ବେଳେ ଘରର ମହିଳା ଜଣକ ଚିତ୍କାର କରିବା ସହ ପଡୋଶୀମାନଙ୍କୁ ଡାକିଥିଲେ। ଆଖପାଖିରୁ ଲୋକେ ଦୌଡି ଆସୁଥିବା ଦେଖି ଦୁର୍ବୃତ୍ତମାନେ କିଛି ନ ନେଇ ସେମାନେ ଯେଉଁ କଳା ଗାଡିରେ ଆସିଥିଲେ ସେଥିରେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଖବର ପାଇ ଥାନା ଅଧିକାରୀଙ୍କ ନେତୃତ୍ୱରେ ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଟ୍ରକ ଧକ୍କାରେ ସାଇକେଲ ଆରୋହୀ ମୃତ



**ବାରିପଦା, ୭।୭ (ସଂଚାର ବ୍ୟୁରୋ):** ଆଜି ପୂର୍ବାହ୍ନରେ ରାଇରଙ୍ଗପୁର ଟାଉନଥାନା ଅନ୍ତର୍ଗତ ଶିମିଳିନାଳି ଗ୍ରାମର ଚାଷୀ ବୀର ମହାନ୍ତ(୬୮) ନିଜ ସାଇକେଲ ଯୋଗେ ରାଇରଙ୍ଗପୁର ସହରକୁ ଘରର ତେଲ ଲୁଣ, ସବଜି କିଣିବାକୁ ଆସିଥିଲେ। ଘରକୁ ଫେରୁଥିବା ସମୟରେ ଗୋଲେଇ ଛକରେ ଯାଉଥିବାବେଳେ ପଛଆଡ଼କୁ ଏକ ମାଲ୍ ବୋଝେଇ ବ ଟ୍ରକ (ଏଡ଼ଏଲ୍୦୨କ୍ୟୁ୯୩୧୯) ଧକ୍କା ଦେବା ଫଳରେ ସାଇକେଲ ସହ ନିରିହ ବୃଦ୍ଧ ପେଶି ହୋଇଯାଇଥିଲେ। ଏହାକୁ ନେଇ ଉକ୍ତ ସ୍ଥାନରେ ଉତ୍ତେଜନା ଦେଖା ଦେଇଥିଲା । ଖବର ପାଇ ରାଇରଙ୍ଗପୁର ଟାଉନ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କୁ ଉଦ୍ଧାର କରିବା ସହ ରାଇରଙ୍ଗପୁର ଡାକ୍ତରଖାନାକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ପୋଲିସ ସାଇକେଲ ଓ ଟ୍ରକକୁ ଜବତ କରିବା ସହ ଏକ କେଶ ମାମଲା ୨୧୨/୨୬ ମାମଲା ରୁଜୁ କରି ଘଟଣାକୁ ତଦନ୍ତ କରୁଛନ୍ତି ।

## ଆସିକା ସାଂସଦଙ୍କ ହିଞ୍ଜିଳିକାଟୁ ଗସ୍ତ



**ହିଞ୍ଜିଳିକାଟୁ, ୭।୭ (ସଂଚାର ବ୍ୟୁରୋ):** ଆସିକା ସାଂସଦ ଅନିତା ଶୁଭଦର୍ଶିନୀ ଆଜି ହିଞ୍ଜିଳିକାଟୁ ଗସ୍ତ କରିଛନ୍ତି। ବି. ନୂଆଗଡ ସ୍ଥିତ ଏମଆରଏଫ ଓ ଏମସିସି ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ଆବର୍ଜନାକୁ କିଭଳି ପୃଥକ ପୃଥକ କରି ଖତରେ ପରିଣତ କରିହେବ ତାହା ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସୁକାନ୍ତ ଚନ୍ଦ୍ର ବେଉରାଙ୍କ ସହ ଆଲୋଚନା କରିଥିଲେ | ସ୍ୱୟଂ ସହାୟିକା ଗୋଷ୍ଠୀ କାର୍ଯ୍ୟକୁ ନେଇ ସାଂସଦ ସନ୍ତୋଷ ପ୍ରକଟ କରିଥିବା ବେଳେ ସହରର ଆଉ କିଛି ସମସ୍ୟାର ସମାଧାନ ପାଇଁ ଆଲୋଚନା କରିଥିଲେ। ଗସ୍ତ ବେଳେ ପୌରପରିଷଦର କିଛି କର୍ମଚାରୀ ଉପସ୍ଥିତ ଥିଲେ।

# ଶ୍ରୀକ୍ଷେତ୍ରରୁ ଶାବର ଶ୍ରୀକ୍ଷେତ୍ରକୁ ଗଡ଼ିଲା ନୂତନ ଟ୍ରେନ




**କୋରାପୁଟ,୭।୭ (ସଂଚାର ବ୍ୟୁରୋ):** ପୁରୀଠାରୁ କୋରାପୁଟକୁ ନୂତନ ଟ୍ରେନର ଗତକାଲି ଶୁଭାରମ୍ଭ ହୋଇଥିଲା ଏବଂ ଆଜି କୋରାପୁଟ ଷ୍ଟେସନ ଠାରେ ପହଞ୍ଚିଥିଲା। ଏହାକୁ ନେଇ କୋରାପୁଟ ବିଧାୟକ ରଘୁରାମ ମାଛ ସାମ୍ବାଦିକ ସମ୍ମିଳନୀ କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ଟ୍ରେନ ଚଳାଚଳ କରିବା ଦ୍ୱାରା ପର୍ଯ୍ୟଟନର ନୂତନ ଦୁଆର ଖୋଲିଲା ବୋଲି ସେ କହିବା ସହ ବ୍ୟବସାୟିକ ଅଭିବୃଦ୍ଧି ଘଟିବ କହିଛନ୍ତି। ଏହି ଟ୍ରେନ ଚଳାଚଳ ଦ୍ୱାରା ଦକ୍ଷିଣ ଓଡିଶା ସହ ପଶ୍ଚିମ ଓ ପୂର୍ବ ଓଡ଼ିଶା ସହ ସଂଯୋଗୀକରଣ ହୋଇଛି। ବର୍ତ୍ତମାନ ଉକ୍ତ ଟ୍ରେନ ସାପ୍ତାହିକ ତିନି ଦିନ ଚଳାଚଳ କରିବ। ଭବିଷ୍ୟତରେ ଏହାକୁ ପ୍ରତିଦିନ କରିବାକୁ ଦାବି ରଖାଯିବ । ସମୟ ସାରଣୀ ପରିବର୍ତ୍ତନ କରିବାକୁ ଯେଉଁ ଦାବି ରହିଛି ତାହାକୁ ନେଇ କେନ୍ଦ୍ର ରେଳମନ୍ତ୍ରୀଙ୍କ ନିକଟରେ ଦାବି ଉପସ୍ଥାପନା କରାଯିବ ବୋଲି ସେ ପ୍ରତିଶୃତି ଦେଇଛନ୍ତି।

ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସଭାପତି ଶିବ ମୁଦୁଲି, କୋରାପୁଟ ମଣ୍ଡଳ ସଭାପତି ୱାଇ ସତ୍ୟ ନାରାୟଣ, ବିଜେପି ନେତା ନୃପେନ୍ଦ୍ର ନାରାୟଣ ବାଘ, ନରସିଂହ ପଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଆଜି ସକାଳେ ପୁରୀରୁ କୋରାପୁଟ ଠାରେ ଉକ୍ତ ଟ୍ରେନ ପହଞ୍ଚିବା ପରେ କୋରାପୁଟ ବିଧାୟକ ରଘୁରାମ ମାଛସହ ଶତାଧିକ ବିଜେପି ନେତା ଓ କର୍ମୀଙ୍କ ସହ କୋରାପୁଟ ସହରର ଅନେକ ବ୍ୟକ୍ତି ଉପସ୍ଥିତ ରହି ସ୍ୱାଗତ କରିଥିଲେ।

# କଣ୍ଟିପୁର ଗ୍ରାମରେ ନୂତନ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମିତ



**ଯାଜପୁର ରୋଡ୍,୭।୭(ସଂଚାର ବ୍ୟୁରୋ):** ସ୍ଥାନିୟ ଅଂଚଳର ବିକାଶ ଏବଂ ପ୍ରାକ୍-ବିଦ୍ୟାଳୟ ଶିକ୍ଷାର ଉନ୍ନତି ପାଇଁ ଦାନଗଦୀ ବ୍ଲକ୍ ଅନ୍ତର୍ଗତ ଓଲ୍ଲଳ ପଂଚାୟତର କଂଟିପୁର ଗ୍ରାମରେ ନୀଳାଚଳ ଇସ୍ପାତ ନିଗମ (ଏନଆଇଏନଏଲ) ପକ୍ଷରୁ ଏକ ନୂତନ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ କରାଯାଇଛି। ଏହି ନୂତନ କେନ୍ଦ୍ରକୁ ଏନଆଇଏନଏଲର ପରିଚାଳନା ନିର୍ଦ୍ଦେଶକ ଏବଂ ମୁଖ୍ୟ ନିର୍ବାହୀ ଅଧିକାରୀ ପଦ୍ମପାଳ ସ୍ଥାନୀୟ ଅଂଚଳ ପାଇଁ ଉତ୍ସର୍ଗୀକୃତ କରିଥିଲେ।

ଏହି ଅବସରରେ ଓଲ୍ଲଳ ସରପଂଚ ଲକ୍ଷ୍ମୀପ୍ରିୟା ଜେନା, ଏନଆଇଏନଏଲର ଚିଫ୍ ହ୍ୟୁମ୍ୟାନ୍ ରିସୋର୍ସେସ୍ ଅଫିସର ଅନିମେଶ ସାମନ୍ତ ଏବଂ ଟାଟା ଷ୍ଟିଲ୍ ଫାଉଣ୍ଡେସନର କଳିଙ୍ଗନଗର ଇମ୍ପାକ୍ଟ କ୍ଲଷ୍ଟର ମୁଖ୍ୟ ଦେବାଞ୍ଜନ ମୁଖାର୍ଜୀଙ୍କ ସମେତ ସ୍ଥାନୀୟ ଗ୍ରାମବାସୀଙ୍କ ସମେତ ଏନଆଇଏନଏଲ୍ ଓ ଟାଟା ଷ୍ଟିଲ୍ ଫାଉଣ୍ଡେସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସ୍ଥାନୀୟ ଅଂଚଳର ଶିଶୁମାନଙ୍କୁ ଏକ ସୁରକ୍ଷିତ ଏବଂ ଅନୁକୂଳ ପରିବେଶରେ ଶିକ୍ଷାଦାନ ଉଦ୍ଦେଶ୍ୟରେ ନିର୍ମିତ ଏହି ନୂତନ ଅଙ୍ଗନବାଡ଼ି କେନ୍ଦ୍ରରେ ଏକ ପ୍ରଶସ୍ତ ମୁଖ୍ୟ ହଲ୍, ରୋଷେଇ ଘର, ସ୍ୱତନ୍ତ୍ର ଷ୍ଟୋର ରୁମ୍ ଏବଂ ଶୌଚାଳୟ ବ୍ୟବସ୍ଥା ରହିଛି।

## ମଛୁଆ ଗ୍ରାମକୁ ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ତୃତୀୟ ପୋଷ୍ୟ ଗ୍ରାମ ଭାବେ ଗ୍ରହଣ

**୨୮ତମ ପ୍ରତିଷ୍ଠା ଦିବସ ପୂର୍ବରୁ ବୃହତ୍ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ**



**ନୀଳଗିରି,୭।୭ (ସଂଚାର ବ୍ୟୁରୋ):** ବନ ମହୋତ୍ସବ ସପ୍ତାହ ପାଳନ ଓ ଫକୀରମୋହନ ବିଶ୍ୱବିଦ୍ୟାଳୟର ୨୮ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ମଛୁଆ ଗ୍ରାମରେ ଏକ ବୃହତ୍ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ଭାରତ ସରକାରଙ୍କ 'ଉନ୍ନତ ଭାରତ ଅଭିଯାନ' ଅଧୀନରେ ମଛୁଆ ଗ୍ରାମକୁ ବିଶ୍ୱବିଦ୍ୟାଳୟର ତୃତୀୟ ପୋଷ୍ୟ ଗ୍ରାମ ଭାବେ ଗ୍ରହଣ କରାଯାଇଛି।

ଏହାପୂର୍ବରୁ ବିଶ୍ୱବିଦ୍ୟାଳୟ ନୂଆପାଢ଼ୀ ଓ ମର୍ଦ୍ଦରାଜପୁର ଗ୍ରାମକୁ ପୋଷ୍ୟ ଗ୍ରାମ ଭାବେ ଗ୍ରହଣ କରିଥିଲେ। ତୃତୀୟ ଗ୍ରାମ ଭାବେ ମଛୁଆ ଗ୍ରାମକୁ ସାମିଲ କରିବା ଫଳରେ ସ୍ଥାୟୀ ଗ୍ରାମୀଣ ବିକାଶ ଓ ସମାଜ ସହ ବିଶ୍ୱବିଦ୍ୟାଳୟର ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସେ ବିଶ୍ୱବିଦ୍ୟାଳୟର ଶିକ୍ଷାଗତ ଉତ୍କର୍ଷ ସହ ସାମାଜିକ ଦାୟିତ୍ୱବୋଧକୁ ସମାନ ଗୁରୁତ୍ୱ ଦେବାର ଦୃଷ୍ଟିଭଙ୍ଗୀକୁ ବ୍ୟକ୍ତ କରିଥିଲେ। ସେ କହିଥିଲେ ଯେ, ନିକଟ ଭବିଷ୍ୟତରେ 'ଉନ୍ନତ ଭାରତ ଅଭିଯାନ' ଅଧୀନରେ ଆଉ ଦୁଇଟି ଗ୍ରାମକୁ ପୋଷ୍ୟ ଗ୍ରାମ ଭାବେ ଗ୍ରହଣ କରି ସେଠାରେ ବିକାଶମୂଳକ କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରାଯିବ ଏବଂ ବିଶ୍ୱବିଦ୍ୟାଳୟ- ସମାଜ ସହଭାଗିତାକୁ ଆହୁରି ସୁଦୃଢ଼ କରାଯିବ।

# ବଡ଼ଗାଁ ଡିଗ୍ରୀ କଲେଜରେ ନିଶାମୁକ୍ତ ଅଭିଯାନ




**ବଡ଼ଗାଁ, ୭।୭ (ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ସ୍ଥିତ ପଞ୍ଚାୟତ ସମିତି ଡିଗ୍ରୀ କଲେଜ ପରିସର ରେ ଆଜି ନିଶା ନିବାରଣ ସଚେତନତା ସଭା ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ କଲେଜ ର ଅଧ୍ୟକ୍ଷ ହେମନ୍ତ କୁମାର ପଣ୍ଡାଙ୍କ ପୌରହିତ୍ୟରେ ସଚେତନତା ସଭା ଆୟୋଜିତ ହୋଇଥିଲା। ଏଥିରେ ଅଧ୍ୟାପିକା ଅଧ୍ୟାପକମାନେ ଅଂଶଗ୍ରହଣ କରି ନିଶାର କୁପ୍ରଭାବ ସମ୍ବନ୍ଧ ରେ ଛାତ୍ରୀ ଛାତ୍ର ମାନଙ୍କୁ ଅବଗତ କରାଇଥିଲେ।

ଏହି ସଭାରେ ଛାତ୍ରୀଛାତ୍ର ମାନଙ୍କ ନିଜସ୍ୱ ଅନୁଭୂତି ସମ୍ବଳିତ ଭାବରେ ଆଦାନ ପ୍ରଦାନ ହୋଇଥିଲା। ସେମାନଙ୍କ ବିଭିନ୍ନ ପ୍ରଶ୍ନ ର ଉତ୍ତର ଅଧ୍ୟାପିକା ବନଜା ରାଣୀ ଷଡ଼ଙ୍ଗୀ ଓ ଅଧ୍ୟାପିକା ମାଳବିକା ସାମଲ ପ୍ରଦାନ କରିଥିଲେ। ପରେ ଅଧ୍ୟାପକ ତାପସ କର ଓ ଲକ୍ଷ୍ମୀକାନ୍ତ ସାହୁ ଙ୍କ ନେତୃତ୍ୱ ରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରାରେ ଛାତ୍ରୀ ଛାତ୍ର ମାନେ ନିଶା ନିବାରଣ ସମ୍ବନ୍ଧିତ ସ୍ଲୋଗାନ ଦେଇ ପରିକ୍ରମା କରିଥିଲେ।

ରାଜ୍ୟ ସରକାର ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶ ଅନୁଯାୟୀ ପ୍ରତ୍ୟେକ ଶିକ୍ଷା ଅନୁଷ୍ଠାନକୁ ନିଶାମୁକ୍ତ ଅଞ୍ଚଳ ଘୋଷଣା କରାଯିବ। ଏହି କ୍ରମରେ ବଡ଼ଗାଁ ଡିଗ୍ରୀ କଲେଜର ପାଞ୍ଚଶହ ମିଟର ଭିତରେ ଥିବା ସମସ୍ତ ଦୋକାନ ବଜାରକୁ ତନଖି ଏଗୁଡ଼ିକରେ କୌଣସି ମାଦକ ଦ୍ରବ୍ୟର ବିକ୍ରୟ ର ନିଷେଧ ପାଇଁ ଏହି ପ୍ରୟାସ ପ୍ରଣିଧାନ ଯୋଗ୍ୟ ବୋଲି ଗୃହୀତ ହୋଇଛି।

## ନେତା ବଦଳିଲେ, ଦଳ ବଦଳିଲା

# କାକଟପୁର ନିର୍ବାଚନମଣ୍ଡଳୀର ଦୁର୍ଦ୍ଦଶା ବଦଳିଲା ନାହିଁ

**କାକଟପୁର/ଅସ୍ତରଙ୍ଗ, ୭।୭ (ସଂଚାର ବ୍ୟୁରୋ):** ୧୯୫୭ରୁ ଜୁଲାଇ ୨୦୨୬। ୬୯ ବର୍ଷ। ପୁରୀ ଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀରେ କେତେ ସରକାର ଆସିଲେ ଗଲେ। କେତେ ବିଧାୟକ ଶପଥ ନେଲେ। କିନ୍ତୁ ଅସ୍ତରଙ୍ଗ, କାକଟପୁର, ଗୋପ ଓ କୋଣାର୍କର ଲୋକଙ୍କ ଭାଗ୍ୟ ସେହି ଅନ୍ଧାରରେ।

ଏତେ ବର୍ଷ, ଏତେ ନେତା, ଏତେ ଦଳ। କିନ୍ତୁ ଫଳ କଣ? ଅସ୍ତରଙ୍ଗର ମତ୍ସ୍ୟଜୀବୀ ଆଜି ବି ଫିସିଂ ହାର୍ବର ପାଇଁ ଅପେକ୍ଷା। ପ୍ରତି ନିର୍ବାଚନରେ ପ୍ରତିଶ୍ରୁତି, ପରେ ଫାଇଲ୍ ବନ୍ଦ। ସାରା ନିର୍ବାଚନ ମଣ୍ଡଳୀରେ ଗୋଟିଏ ଶୀତଳ ଭଣ୍ଡାର ନାହିଁ। ଚାଷୀ ଦାଦନଙ୍କ ପାଖରେ ଲୁଟୁଛି। କେନାଲ ଅଛି କିନ୍ତୁ ପାଣି ନାହିଁ। ପାନ ଚାଷୀ ବସ୍ତା ପରି ଗାଡ଼ିରେ ଲଦା ହୋଇ ନୟାହାଟ ଦୌଡୁଛନ୍ତି। ଏହା କି ୬୯ ବର୍ଷର ବିକାଶ? ଏହି ପ୍ରଶ୍ନ ଉଠାଇଛନ୍ତି ସମାଜସେବୀ ତଥା ପୂର୍ବତନ ସେନା କର୍ମଚାରୀ ବିଦ୍ୟାଧର ନାୟକ। ସେ ସିଧା କହିଛନ୍ତି, "ଶିକ୍ଷା କ୍ଷେତ୍ର ଦେଖନ୍ତୁ। ୧୦୦ଜଣ ଗ୍ରାଜୁଏଟଙ୍କ ମଧ୍ୟରୁ ମାତ୍ର ୧୦ ଜଣ ସରକାରୀ ଚାକିରୀ, ୨୦ ଜଣ ବେସରକାରୀ ଚାକିରୀ। ବାକି ୭୦ ଜଣ ବେକାର। ଏହା କି ଆପଣଙ୍କ ସଫଳତା?"

ସେ ନେତା ଓ କୁଜି ନେତାଙ୍କୁ ଆଉ କଡା ଭାଷାରେ ଟାର୍ଗେଟ କରିଛନ୍ତି। "ନିର୍ବାଚନ ଆସିଲେ ୫ କୋଟି ଆସେ। ନେତା ୧ କୋଟି ନିଜ ପକେଟରେ ପୁରାନ୍ତି। ବାକି ୪ କୋଟିରୁ କୁଜି ନେତାଙ୍କୁ ୧କୋଟି ଲେଖାଏଁ। ସେମାନେ ୫୦ ଲକ୍ଷ ଜନତାଙ୍କୁ ଫିଙ୍ଗି ବାକି ୫୦ ଲକ୍ଷ ହଜମ କରନ୍ତି। ଆଉ କୁଜି ନେତାଙ୍କ ପାଖରେ ଭୁବନେଶ୍ୱର, କଟକ, କାକଟପୁର, ଅସ୍ତରଙ୍ଗରେ ବଡ ବଡ ପ୍ଲଟ୍, ଦାମୀ ଗାଡ଼ି। କେଉଁଠି କାମ କରୁଛ? ଜନତାଙ୍କ ରକ୍ତ ଶୋଷି କରି ଏତେ ସମ୍ପତି?"

ବିଦ୍ୟାଧର ବାବୁଙ୍କ କଥା ଏବେ ଘରେ ଘରେ ଚର୍ଚ୍ଚା। ସେ କହିଛନ୍ତି, "ନେତାଙ୍କ ବିକାଶ ହୋଇଛି, ଆପଣଙ୍କର ନୁହେଁ। ଆପଣ ମଦ-ମାଂସ ଓ ୫ଶହ ଟଙ୍କାରେ ନିଜ ୫ ବର୍ଷ ବିକି ଦେଉଛନ୍ତି।"

ସତରେ, ଫିସିଂ ହାର୍ବର ପ୍ରତିଶ୍ରୁତିରେ ମଲା, ଶୀତଳ ଭଣ୍ଡାର ଭାଷଣରେ ମଲା, ଜଳସେଚନ କାଗଜରେ ମଲା। ବଞ୍ଚିଲା କେବଳ ନେତାଙ୍କ ବ୍ୟାଙ୍କ ବାଲାନ୍ସ। ହେ ଭୋଟର, ଆଉ ନିଜ ଆତ୍ମସମ୍ମାନକୁ ୫ଶହ ଟଙ୍କାରେ ନିଲାମ କରନ୍ତୁ ନାହିଁ। ଏଥର ଭୋଟ ଦେବା ପୂର୍ବରୁ ବିଗତ ୬୯ ବର୍ଷର ହିସାବ ମାଗନ୍ତୁ।

| ମସିହା | ଦଳ | ବିଧାୟକଙ୍କ ନାମ |
|---|---|---|
| ୧୯୫୭ | ତଥ୍ୟ ଉପଲବ୍ଧ ନାହିଁ | ଭରତ ଦାଶ |
| ୧୯୬୧ | କଂଗ୍ରେସ | ଉପେନ୍ଦ୍ର ମହାନ୍ତି |
| ୧୯୬୭ | ସିପିଆଇ | ଗତିକୃଷ୍ଣ ସ୍ୱାଇଁ |
| ୧୯୭୧ | ଉତ୍କଳ କଂଗ୍ରେସ | ସୁରେନ୍ଦ୍ର ନାଥ ନାୟକ |
| ୧୯୭୪ | କଂଗ୍ରେସ | ବୃନ୍ଦାବନ ପାତ୍ର |
| ୧୯୭୭ | ଜନତା ପାର୍ଟି | ସୁରେନ୍ଦ୍ର ନାଥ ନାୟକ |
| ୧୯୮୦ | କଂଗ୍ରେସ | ବୈକୁଣ୍ଠ ନାଥ ସ୍ୱାଇଁ |
| ୧୯୮୫ | ଜନତା ପାର୍ଟି | ସୁରେନ୍ଦ୍ର ନାଥ ନାୟକ |
| ୧୯୯୦ | ଜନତା ପାର୍ଟି | ସୁରେନ୍ଦ୍ର ନାଥ ନାୟକ |
| ୧୯୯୫ | କଂଗ୍ରେସ | ବୈକୁଣ୍ଠ ନାଥ ସ୍ୱାଇଁ |
| ୨୦୦୦ | ବିଜେଡି | ସୁରେନ୍ଦ୍ର ନାଥ ନାୟକ |
| ୨୦୦୪ | ବିଜେଡି | ସୁରେନ୍ଦ୍ର ନାଥ ନାୟକ |
| ୨୦୦୯ | ବିଜେଡି | ରବି ମଲ୍ଲିକ |
| ୨୦୧୪ | ବିଜେଡି | ସୁରେନ୍ଦ୍ର ସେଠୀ |
| ୨୦୧୯ | ବିଜେଡି | ତୁଷାର କାନ୍ତି ବେହେରା |
| ୨୦୨୪ | ବିଜେଡି | ତୁଷାରକାନ୍ତି ବେହେରା |

ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟଜଳ ଯୋଗାଣ ଓ ପରିମଳଖଣ୍ଡ, ଭୁବନେଶ୍ୱର
ପ୍ଲଟସଂଖ୍ୟା-୧୨୧୪(ଅଂଶ), ତପୋବନ, ଖଣ୍ଡଗିରି, ଭୁବନେଶ୍ୱର -୩୦

OFFICE OF THE SUPERINTENDING ENGINEER
RURAL WATER SUPPLY AND SANITATION DIVISION, BHUBANESWAR.
Plot no.-1214(Part), Tapovan, Khandagiri, Bhubaneswar-30.
E-Mail: eebbsrrwss@gmail.com

**QUOTATION CALL NOTICE No. 07 of 2026-27**

Superintending Engineer, RWS&S Division, Bhubaneswar on behalf of the Governor of Odisha invites quotations in sealed covers for Procurement of Reagents/ Materials for Bacteriological Laboratory unit for State Water Testing Laboratory, Bhubaneswar as stated below from authorised Dealer / Distributor / supplier under following terms and conditions

| | | |
|---|---|---|
| 1 | Nature of work | Procurement of Reagents/ Materials for Bacteriological Laboratory unit for State Water Testing Laboratory, Bhubaneswar |
| 2 | No. of Item: | 5 (Five) |
| 3 | Time for completion | 15 (Fifteen) days |
| 4 | Cost of bidding document : | Rs.2000.00 |
| 5 | The quotation document will be available in O/o the Superintending Engineer, RWS&S Division, Bhubaneswar or can be downloaded from www.khordha.nic.in | From Dt.09.07.2026 (10.00 AM) to dt.21.07.2026 (1.00 PM) |
| 6 | Last date and time for submission Quotation Papers in the quotation box kept in the O/o the Superintending Engineer, RWS&S Division, Bhubaneswar | 21.07.2026 up to 4.00 P.M |
| 7 | Date & time of opening of Quotation: | Dt. 22.07.2026 at 11.00 A.M in Office of the Superintending Engineer, RWS&S Division, Bhubaneswar |

Subsequent corrigendum if any shall display in the Office Notice Board.

Superintending Engineer,
RWS&S Division, Bhubaneswar

# ମିଳିତ ପ୍ରୟାସରେ ଗଢୁଛି ବିକାଶ ରଥ: ଅପରାଜିତା

## ସାଢ଼େ ୧୨ କୋଟିର ଷ୍ଟାଡିୟମ୍ ଓ ଇନ୍‌ଡୋର ହଲ୍ କାମ ଆରମ୍ଭ



ଭୁବନେଶ୍ୱର,୭।୭(ସଂଚାର ବ୍ୟୁରୋ): ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥକୁ ସମସ୍ତ ବର୍ଗର ଲୋକେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଟାଣିବା ଭଳି ବିକାଶ ରଥକୁ ଆଗକୁ ବଢ଼ାଇବା ପାଇଁ ଦଳ, ମତ ନିର୍ବିଶେଷରେ ସମସ୍ତଙ୍କ ମିଳିତ ପ୍ରୟାସ ହିଁ ସଫଳତାର ମୂଳ ଚାବିକାଠି। ସାଧାରଣ ଜନତାଠାରୁ ଆରମ୍ଭ କରି ଗ୍ରାମ, ପଞ୍ଚାୟତ, ବ୍ଲକ, ବିଧାନସଭା କ୍ଷେତ୍ର, ସଂସଦୀୟ କ୍ଷେତ୍ରର ପ୍ରତିନିଧିଙ୍କ ସମେତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ପ୍ରୟାସ ବିକାଶର ଗତିକୁ ତ୍ୱରାନ୍ୱିତ କରୁଛି। ପଞ୍ଚାୟତସ୍ତରୀୟ ଛୋଟ ମିଟିଂରୁ ଆରମ୍ଭ କରି ଅଭିଯୋଗ ଶୁଣାଣିରେ ଜନସାଧାରଣଙ୍କ ଅଭିଯୋଗ ଓ ଦାବି ଶୁଣି ତା'ର ସମାଧାନ ବାଟ ବାହାର କରିବା ହିଁ ସେବା ଓ ବିକାଶର ରାଜନୀତି। ଏକ ବ୍ଲକ୍‌ସ୍ତରୀୟ ଷ୍ଟାଡିୟମ୍ ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ଏହା କହିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ।

ଆଜି ବେଗୁନିଆ ନିର୍ବାଚନମଣ୍ଡଳୀ, ବେଗୁନିଆ ବ୍ଲକ ଅନ୍ତର୍ଗତ ବେଗୁନିଆ ପଞ୍ଚାୟତର କୁସୁପଲ୍ଲା ଗ୍ରାମରେ ପ୍ରାୟ ୧୨ କୋଟି ୫୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ଅତ୍ୟାଧୁନିକ ବ୍ଲକସ୍ତରୀୟ ଷ୍ଟାଡିୟମ୍ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ପ୍ରାୟ ୮.୫ ଏକର ଜମି ଉପରେ ନିର୍ମାଣ ହେବାକୁ ଥିବା ଏହି ଆଧୁନିକ ଷ୍ଟାଡିୟମ୍‌ରେ କ୍ରିକେଟ୍, ଫୁଟବଲ, ଭଲିବଲ, ବ୍ୟାଡମିଣ୍ଟନ ସମେତ ବିଭିନ୍ନ କ୍ରୀଡ଼ାର ସୁବିଧା ସହ ଏକ ଇନ୍‌ଡୋର ଷ୍ଟାଡିୟମ୍ ମଧ୍ୟ ରହିବ। ଦୀର୍ଘଦିନ ଧରି ବେଗୁନିଆ ଅଞ୍ଚଳର ଯୁବକଯୁବତୀ ଓ କ୍ରୀଡ଼ାପ୍ରେମୀଙ୍କର ଏକ ଉନ୍ନତ ଷ୍ଟାଡିୟମ୍ ପାଇଁ ଦାବି ରହିଥିଲା। ସେହି ଦାବିକୁ ଗୁରୁତର ସହ ନେଇ ଶ୍ରୀମତୀ ଷଡ଼ଙ୍ଗୀ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ପରେ ପ୍ରକଳ୍ପଟି ଅନୁମୋଦନ ପାଇଥିଲା ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଷ୍ଟାଡିୟମ୍ ନିର୍ମାଣ ପରେ ବେଗୁନିଆର ଯୁବ ପ୍ରତିଭାମାନେ ନିଜ ଅଞ୍ଚଳରେ ଉନ୍ନତ କ୍ରୀଡ଼ା ସୁବିଧା ପାଇବେ ଏବଂ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ନିଜର ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ସୃଷ୍ଟି ହେବ ବୋଲି କହିଛନ୍ତି ସାଂସଦ। ପ୍ରକଳ୍ପଟି ଆସନ୍ତା ଦେଢ଼ ବର୍ଷ ଅର୍ଥାତ୍ ୨୦୨୭ ଡିସେମ୍ବର ସୁଦ୍ଧା ସମ୍ପୂର୍ଣ୍ଣ ହେବ।

କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପ୍ରଶାନ୍ତ ଜଗଦେବ, ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ବେଗୁନିଆର ବିଜେପି ବିଧାୟକ ପ୍ରାର୍ଥୀ ପ୍ରକାଶ ବିଜୁଳି, ବେଗୁନିଆ ପଞ୍ଚାୟତ ସମିତି ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଉପାଧ୍ୟକ୍ଷା ସାବିତ୍ରୀ ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟ ଅନାଦି ସାହୁ, ବେଗୁନିଆ ସରପଞ୍ଚ ସତ୍ୟନାରାୟଣ ପ୍ରଧାନ, ସମିତି ସଭ୍ୟ ପ୍ରକାଶ ଚନ୍ଦ୍ର ବଳିୟାରସିଂ,ସାଂସଦଙ୍କ ପ୍ରତିନିଧି ତଥା ଖୋର୍ଦ୍ଧା ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ବିଦ୍ୟୁତ କୁମାର କାଣ୍ଡି, ବିଭୁ ବଳିୟାରସିଂ, ପ୍ରଫୁଲ୍ଲ ଦଳେଇ ଓ ଅନ୍ୟାନ୍ୟ ବହୁ ଜନପ୍ରତିନିଧି ଓ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ।

# ରଥଯାତ୍ରା ପାଇଁ ଏନ୍‌ଏସ୍‌ଜି କମାଣ୍ଡୋଙ୍କ ମକଡ୍ରିଲ୍

● ଆତଙ୍କବାଦୀ କାର୍ଯ୍ୟକଳାପକୁ ପ୍ରତିହତ କରିବାକୁ ହେଲା ଅଭ୍ୟାସ

ପୁରୀ,୭।୭(ସଂଚାର ବ୍ୟୁରୋ): ଆସନ୍ତା ୧୬ ତାରିଖରେ ହେବାକୁ ଥିବା ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ପୁରୀରେ ଏନ୍‌ଏସ୍‌ଜି କମାଣ୍ଡୋଙ୍କ ମକଡ୍ରିଲ୍। ପୁରୀ ଗୁଣ୍ଡିଚା ମନ୍ଦିର ନିକଟରେ ଏନ୍‌ଏସ୍‌ଜି କମାଣ୍ଡୋ ଓ ଏନ୍‌ଡିଆର୍‌ଏଫ୍ ଟିମ୍ ପକ୍ଷରୁ ମକଡ୍ରିଲ କରାଯାଇଛି। ଶ୍ରୀମନ୍ଦିର ସୁରକ୍ଷା ସହ ସମ୍ଭାବ୍ୟ ଆତଙ୍କବାଦୀ କାର୍ଯ୍ୟକଳାପକୁ ପ୍ରତିହତ କରିବା ସକାଶେ ଏହି ମକଡ୍ରିଲ୍ କରାଯାଉଛି। ରଥଯାତ୍ରା ପୂର୍ବରୁ ପୁରୀ ଜିଲ୍ଲା ପ୍ରଶାସନ ଓ ଓଡ଼ିଶା ପୁଲିସ ପକ୍ଷରୁ ସୁରକ୍ଷା, ଜନଗହଳି ନିୟନ୍ତ୍ରଣ ଓ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ବ୍ୟାପକ ମକ୍ ଡ୍ରିଲ୍ କରାଯାଇଛି। ଓଡ଼ିଶା ପୁଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ ଓ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଲକ୍ଷ ଲକ୍ଷ ଭକ୍ତଙ୍କ ସୁରକ୍ଷା ପାଇଁ ଏହି ପ୍ରସ୍ତୁତି କରାଯାଇଛି।

ପୁରୀ ରେଳ ଷ୍ଟେସନରେ କୌଣସି ଆତଙ୍କବାଦୀ ଆକ୍ରମଣ କିମ୍ବା ବୋମା ବିସ୍ଫୋରଣ ଭଳି ଜରୁରୀ ପରିସ୍ଥିତିରେ ଯାତ୍ରୀମାନଙ୍କୁ କିପରି ସୁରକ୍ଷିତ ଉଦ୍ଧାର କରାଯାଇପାରିବ, ତା'ର ଅଭ୍ୟାସ କରାଯାଇଛି। ପ୍ରବଳ ଗରମ ବା ଗହଳି ଯୋଗୁଁ କେହି ଅସୁସ୍ଥ ହେଲେ ତାଙ୍କୁ ତୁରନ୍ତ ଡାକ୍ତରଖାନା ପହଞ୍ଚାଇବା ପାଇଁ 'ଗ୍ରୀନ୍ କରିଡର'ର ମକ୍ ଡ୍ରିଲ୍ କରାଯାଇଛି।



ଶ୍ରୀମନ୍ଦିର ଓ ବଡ଼ଦାଣ୍ଡ ଆଖପାଖ ଅଞ୍ଚଳକୁ ସୁରକ୍ଷିତ ରଖିବା ପାଇଁ ସ୍ପେଶାଲ୍ ସ୍କ୍ୱାଡ୍ ପକ୍ଷରୁ ଯାଞ୍ଚ ଅଭ୍ୟାସ ମଧ୍ୟ କରାଯାଇଛି। ପୁରୀ ଟାଉନ ଥାନା ପରିସରରେ ଥିବା ଇଣ୍ଟିଗ୍ରେଟେଡ୍ କଣ୍ଟ୍ରୋଲ୍ ରୁମ୍ ମାଧ୍ୟମରେ ସମସ୍ତ ବିଭାଗ କିପରି ଏକାଠି କାମ କରିବେ, ତା' ମଧ୍ୟ ପରଖାଯାଇଛି।

## ରାଜଧାନୀରେ ବୁଲିଲା ଖଣ୍ଡା

## ଦୋକାନୀଙ୍କୁ ହାଣିଲେ ଦୁର୍ବୃତ୍ତ

ଭୁବନେଶ୍ୱର,୭।୭(ସଂଚାର ବ୍ୟୁରୋ): ରାଜଧାନୀରେ ପୁଣି ହୋଇଛି ହଣାକଟା। ରାତି ଅଧରେ ଲକ୍ଷ୍ମୀ ସାଗରରେ ବୁଲିଲା ଖଣ୍ଡା। ଦୁର୍ବୃତ୍ତଙ୍କ ଆକ୍ରମଣରେ ଦୋକାନୀ ଓ ମହିଳା ଲହୁଲୁହାଣ ହୋଇଛନ୍ତି। ଖଣ୍ଡା ଚୋଟରେ ଆହତ ହୋଇଥିବା ଯୁବକ ଜଣଙ୍କ ହେଲେ ଉଦୟ କିରଣ। ଉଦୟ କିରଣ ଓ ମହିଳାଙ୍କୁ ଉଦ୍ଧାର କରାଯାଇ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ଡାକ୍ତରମାନେ ନଜର ରଖିଛନ୍ତି। ମିଳିଥିବା ସୂଚନାନୁସାରେ, ଭୁବନେଶ୍ୱର ଷ୍ଟେସନ ବଜାର ଅଞ୍ଚଳରେ ଜଣେ ପାନ ଦୋକାନୀ ଗତକାଲି ବିଳମ୍ବିତ ରାତି ଦୋକାନ ବନ୍ଦ କରି ଘରକୁ ଫେରୁଥିଲେ। ତେବେ ଏହି ସମୟରେ ରାମୁଲୁ ନାମକ ଯୁବକ ଅନ୍ୟ କିଛି ସହଯୋଗୀଙ୍କ ସହ ଆସି ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ରାମୁଲୁର ଖଣ୍ଡା ଚୋଟରେ ଉଦୟ ଗୁରୁତର ଭାବେ ଆହତ ହୋଇଛନ୍ତି। ତାଙ୍କ ମୁଣ୍ଡ ଓ ଶରୀରର ବିଭିନ୍ନ ସ୍ଥାନ ଆଘାତ ଲାଗିଛି। ତାଙ୍କୁ ବଞ୍ଚାଇବାକୁ ଯାଇ ଜଣେ ମହିଳା ମଧ୍ୟ ଦୁର୍ବୃତ୍ତଙ୍କ ଆକ୍ରମଣ ଶିକାର ହୋଇଛନ୍ତି। ତାଙ୍କ ମୁଣ୍ଡରେ ମଧ୍ୟ ଗଭୀର କ୍ଷତ ସୃଷ୍ଟି ହୋଇଛି। ଉଭୟଙ୍କୁ ଉଦ୍ଧାର କରାଯାଇ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଖବର ପାଇ ଲକ୍ଷ୍ମୀସାଗର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ବେଳେ ଦୁର୍ବୃତ୍ତଙ୍କୁ ଚିହ୍ନଟ ପାଇଁ ସିସିଟିଭି ଯାଞ୍ଚ କରାଯାଉଛି।

## ରମାଦେବୀ କ୍ୟାମ୍ପସ୍‌ରେ ଉତ୍ତେଜନା, ପୁଲିସ୍ ମୁତୟନ



ଭୁବନେଶ୍ୱର,୭।୭ (ସଂଚାର ବ୍ୟୁରୋ): ଭୁବନେଶ୍ୱରସ୍ଥିତ ରମାଦେବୀ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ମଙ୍ଗଳବାର ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି। କ୍ୟାମ୍ପସ ଭିତରକୁ ଅଣଛାତ୍ରଛାତ୍ରୀ ପ୍ରବେଶକୁ ବିରୋଧ କରି ବିଶ୍ୱବିଦ୍ୟାଳୟର ଛାତ୍ରୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏପରିକି ଛାତ୍ରୀମାନେ ବିଶ୍ୱବିଦ୍ୟାଳୟର ସମସ୍ତ ଗେଟ୍‌ରେ ତାଲା ପକାଇ ଏହାର ପ୍ରତିବାଦ କରିଛନ୍ତି। ବିଶ୍ୱବିଦ୍ୟାଳୟ ପରିସରକୁ ଅଣଛାତ୍ରଛାତ୍ରୀଙ୍କ ପ୍ରବେଶ ଉପରେ ରୋକ ଲଗାଇବାକୁ ଠୋସ୍ ପଦକ୍ଷେପ ନେବା ସକାଶେ ସେମାନେ ଦାବି କରିଛନ୍ତି। ଏଥିସହ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସକାଶେ ଘଟଣାସ୍ଥଳରେ ୩ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଛି। ଏପରିକି ପୁଲିସ ଅଧିକାରୀ ପହଞ୍ଚି ଛାତ୍ରୀମାନଙ୍କୁ ବୁଝାଶୁଝା କରୁଥିବା ବେଳେ କ୍ୟାମ୍ପସରେ ଉତ୍ତେଜନା ଜାରି ରହିଛି।

## କାରରେ ବ୍ରାଉନ୍‌ସୁଗର ବେପାର: ବାପ-ପୁଅ ଗିରଫ



ଭୁବନେଶ୍ୱର,୭।୭(ସଂଚାର ବ୍ୟୁରୋ): କଳା କାରରେ ଧଳା ଜହର। ବାପ- ପୁଅଙ୍କ ବ୍ରାଉନସୁଗର ବେପାର। ଭୁବନେଶ୍ୱର ମଇଁଷିଆ ଖାଲରେ ଅବକାରୀ ଟିମର ଚଢ଼ାଉ। ଦିନରେ ଗାଡ଼ିରେ ବ୍ରାସୁଗର ରଖୁଥିଲେ। ରାତି ହେଲେ ଭୁବନେଶ୍ୱରର ବିଭିନ୍ନ ବସ୍ତି ଅଞ୍ଚଳରେ ବିକ୍ରି କରୁଥିଲେ। ଖବର ପାଇ ଅବକାରୀ ବିଭାଗର ସ୍ୱତନ୍ତ୍ର ଟିମ୍ ମଇଁଷିଆ ଖାଲ ବସ୍ତିରେ ଚଢ଼ଉ କରି ବାପ ପୁଅ ଗ୍ୟାଙ୍ଗକୁ ଗିରଫ କରିଛି। ବାପା ପୁଅଙ୍କ ସହ ସହଯୋଗୀଙ୍କୁ ମଧ୍ୟ ଉଠାଇ ଆଣିଛି ପୋଲିସ। ଗିରଫ ବାପ-ପୁଅ ବିଜୟ ମହାନ୍ତି ଏବଂ ଓମ୍ ପ୍ରକାଶ ମହାନ୍ତି ଜେଲରୁ ଫେରି ଏକ ସରକାରୀ ଆପାର୍ଟମେଣ୍ଟରେ ବେପାର ଚଳାଉଥିଲେ। ଦାମୀ କାରରେ ବୁଲି ବୁଲି ପୁଅ ବ୍ରାଉନସୁଗରକୁ ବିକ୍ରି କରୁଥିଲା। ସେମାନଙ୍କ ନିକଟରୁ ବିପୁଳ ପରିମାଣର ବ୍ରାଉନସୁଗର ଜବତ ହୋଇଛି।

## ସୌମ୍ୟରଞ୍ଜନ ହତ୍ୟା ମାମଲା | ଜେଲରେ ଥିବା ଅଭିଯୁକ୍ତଙ୍କୁ ଜେରା କରିବ କ୍ରାଇମବ୍ରାଞ୍ଚ

ଭୁବନେଶ୍ୱର,୭।୭(ସଂଚାର ବ୍ୟୁରୋ): ବାଲିଅନ୍ତାରେ ସୌମ୍ୟରଞ୍ଜନଙ୍କୁ ପିଟିପିଟି ହତ୍ୟା କରାଯିବା ଘଟଣାରେ ଆଜି ଝାରପଡ଼ା ଜେଲ୍‌ରେ ପହଞ୍ଚିଛି କ୍ରାଇମବ୍ରାଞ୍ଚ ଟିମ୍। ଏହି ବର୍ବର କାଣ୍ଡରେ ପୀଡ଼ିତାଙ୍କୁ ଅସଦାଚରଣ କରିବା ଘଟଣାର ହେବ ଛାନଭିନ୍। ବାଲିଅନ୍ତା ପୁଲିସ ଦ୍ୱାରା ଗିରଫ ହୋଇଥିବା ୧୧ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ୮ ଜଣଙ୍କୁ ଜେରା କରିବ କ୍ରାଇମବ୍ରାଞ୍ଚ। ପ୍ରଥମ ତିନି ଜଣଙ୍କୁ ରିମାଣ୍ଡରେ ନେଇ ପଚରାଉଚରା ବେଳେ ମିଳିଥିଲା ଗୁରୁତ୍ୱପୂର୍ଣ୍ଣ ତଥ୍ୟ। ଆଜି ପୁଣି ତଦନ୍ତ କରିବାକୁ ଡିଏସପି ରତ୍ନପ୍ରଭା ଶତପଥୀଙ୍କ ନେତୃତ୍ୱରେ ଟିମ୍ ପହଞ୍ଚିଛି। କେସ୍‌ର ତୁରନ୍ତ ଚାର୍ଜସିଟ୍ ପାଇଁ ଅଣ୍ଟା ଭିଡ଼ିଛି କ୍ରାଇମବ୍ରାଞ୍ଚ। ତେଣୁ ଘଟଣାରେ



ଗିରଫ ଅଭିଯୁକ୍ତଙ୍କ ବୟାନ ରେକର୍ଡ କରିବା ପାଇଁ ଝାରପଡ଼ା ଜେଲରେ ଥିବା ଅଭିଯୁକ୍ତଙ୍କୁ ପଚରାଉଚରା କରିବ ଟିମ୍। ବିଶେଷକରି ସୌମ୍ୟରଞ୍ଜନ ହତ୍ୟା ମାମଲା ସହ ସେଠାରେ ପୀଡ଼ିତାଙ୍କୁ ହୋଇଥିବା ଅସଦାଚରଣ ମାମଲାର କ୍ରାଇମ୍ ବ୍ରାଞ୍ଚ୍ ତଦନ୍ତ କରୁଛି।

ସୂଚନାଯୋଗ୍ୟ ଯେ ଗତ ମେ' ୭ ତାରିଖରେ ବାଲିଅନ୍ତା ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର କାଜ ନିକଟରେ ପୁଲିସ ଉପସ୍ଥିତିରେ ସୌମ୍ୟରଞ୍ଜନଙ୍କୁ ପିଟିପିଟି ଲୋକେ ହତ୍ୟା କରିଥିଲେ। ସୌମ୍ୟରଞ୍ଜନ ହତ୍ୟା ମାମଲାରେ ବିବାଦକୁ ଆସିଥିବା ଆଇପିଏସ୍ ଅଧିକାରୀ ତଥା ଏଡିଜି ଦୟାଲ ଗଙ୍ଗୱାରଙ୍କୁ ଇତିମଧ୍ୟରେ ନିଲମ୍ବିତ କରାଯିବା ସହ ତାଙ୍କ ବିରୋଧରେ ବିଚାର ବିଭାଗୀୟ ତଦନ୍ତ ମଧ୍ୟ ଆରମ୍ଭ ହୋଇଛି।

## ଆନ୍ଧ୍ରରେ ଦାଦନ ଖଟୁଥିବା ନାବାଳକଙ୍କ ମୃତ୍ୟୁ

ରାୟଗଡ଼ା,୭।୭(ସଂଚାର ବ୍ୟୁରୋ): ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ ଡଙ୍ଗାସିଲ ପଞ୍ଚାୟତ ଅନ୍ତର୍ଗତ ବେଡ଼ାପଦର ଗ୍ରାମର ଜଣେ ନାବାଳକ ଦାଦନଙ୍କ ଆନ୍ଧ୍ର ପ୍ରଦେଶର ବିଶାଖାପାଟଣାଠାରେ ବିଦ୍ୟୁତ ଆଘାତରେ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ କାଡୁ ମାଝୀଙ୍କ ୧୫ ବର୍ଷୀୟ ପୁତ୍ର କମଳ ଲୋଚନ ମାଝୀ। ଏପଟେ ପରିବାର ଲୋକ ପୁଅର ମୃତଦେହ ଫେରିବାକ ବାଟକୁ ଅପେକ୍ଷା କରି ବସିଛନ୍ତି। ମିଳିଥିବା ସୂଚନାନୁଯାୟୀ, ପ୍ରାୟ ମାସେ ତଳେ କମଳ ବିଶାଖାପାଟଣାକୁ ଦାଦନ ଶ୍ରମିକ ଭାବେ କାମ କରିବାକୁ ଯାଇଥିଲେ। ସେଠାରେ ଏକ ଘରୋଇ କୋଠା ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିଲେ। ତେବେ ଗତ ୪ ତାରିଖରେ ଗାଧୁଆ ଘରେ ବିଦ୍ୟୁତ ଶର୍ଟସର୍କିଟ ଯୋଗୁଁ କମଳ ଲୋଚନଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା। ଏହି ଘଟଣାକୁ ୪ ଦିନ ବିତିଯାଇଥିଲେ ମଧ୍ୟ ମୃତ ନାବାଳକଙ୍କ ମୃତଦେହ ଅଦ୍ୟାବଧି ତାଙ୍କ ଗାଁ ବେଡ଼ାପଦରରେ ପହଞ୍ଚିନାହିଁ। ଏହାକୁ ନେଇ ପରିବାର ଓ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସହ ଉଦ୍‌ବେଗ ପ୍ରକାଶ ପାଇଛି। ମୃତଦେହକୁ ସୁରକ୍ଷିତ ଭାବେ ଗ୍ରାମକୁ ଫେରାଇ ଆଣିବା ପାଇଁ ଶ୍ରମ ବିଭାଗ ନିକଟରେ ଦାବି ହୋଇଛି।



୪ ଦିନ ହେଲାଣି ଫେରିନି ଶବ

## କାଣୀ ନଦୀରେ ୫୦ ଫୁଟର ଘାଇ

● ବୁଡ଼ିଗଲା ଚାଷଜମି, ଜଳବନ୍ଦୀ ଅବସ୍ଥାରେ ଲୋକେ

ଭୁବନେଶ୍ୱର,୭।୭(ସଂଚାର ବ୍ୟୁରୋ): ରାଜ୍ୟରେ ଲଗାଣ ବର୍ଷା ଯୋଗୁଁ ଲୋକଙ୍କ ଦୁର୍ଦ୍ଦଶା ବଢ଼ିଛି। ଯାଜପୁର ଜିଲ୍ଲା ବୈତରଣୀ ନଦୀର ଜଳସ୍ତର ବୃଦ୍ଧି ପାଇଛି। ଫଳରେ ଏହାର ଶାଖା କାଣୀ ନଦୀରେ କଣ୍ଟପଡ଼ା ନିକଟରେ ୫୦ ଫୁଟର ଘାଇ ସୃଷ୍ଟି ହୋଇଛି। ଘାଇଟି ନଦୀବନ୍ଧର ଡାହାଣ ପାର୍ଶ୍ୱରେ ଅର୍ଥାତ୍ ଚାଷ ଜମି ପାଖରେ ହୋଇଛି। ଫଳରେ ମଲିକାପୁର, ଦୁଦୁରାଅଣ୍ଟା, ଶୁଶୁଆ, ମଙ୍ଗଳପୁର, କନିକାପଡ଼ା ଆଦି ପଞ୍ଚାୟତର ଚାଷ ଜମିରେ ବନ୍ୟା ଜଳ ପ୍ରଭାବିତ ହୋଇଛି। କିଛି ତଳି ଅଞ୍ଚଳରେ ବନ୍ୟା ଜଳ ପ୍ରବେଶ କରିଥିବା ଜଣାପଡ଼ିଛି। ଏହାଛଡ଼ା ମଲିକାପୁରଠାରୁ କଣ୍ଟପଡ଼ା ପର୍ଯ୍ୟନ୍ତ ଡାହାଣପାର୍ଶ୍ୱସ୍ଥ ନଦୀବନ୍ଧ ପ୍ରାୟ ୧ କିମି ପର୍ଯ୍ୟନ୍ତ ଧସିଯାଇଛି। ସେହିପରି ବୈତରଣୀ ବନ୍ୟା ଜଳରେ ୬୦ ଫୁଟର ଅସ୍ଥାୟୀ ରାସ୍ତା ବୁଡ଼ିଯାଇଛି। ନଦୀରେ ପାଣି ଆସିବା ଦ୍ୱାରା ରାସ୍ତାଟି ସମ୍ପୂର୍ଣ୍ଣ ବୁଡ଼ିଯିବା ପରେ ଯାତାୟାତ ଠପ୍ ହେବା ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ସ୍କୁଲ, କଲେଜ ଓ ଡାକ୍ତରଖାନାକୁ ଯାତାୟାତ ଲାଗି ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେତୁ ଭଙ୍ଗାଯିବା ପରେ ପ୍ରଶାସନ ଯାତାୟାତ ସୁବିଧା କରିବାକୁ ପ୍ରତିଶ୍ରୁତି ଦେଇଥିଲେ ବି କିଛି ନ କରିବାରୁ ଗ୍ରାମବାସୀ ନିଜେ ଅସ୍ଥାୟୀ ରାସ୍ତା କରିଥିଲେ। ତେବେ ବନ୍ୟା ଜଳରେ ଏହା ବୁଡ଼ିଯାଇଛି। ସେହିପରି ତଳିଆ ଅଞ୍ଚଳଗୁଡ଼ିକ ଜଳବନ୍ଦୀ ଅବସ୍ଥାରେ ଅଛନ୍ତି।

## କଲ୍ୟାଣସିଂହପୁର ଭିଡ଼ ହିଂସା ❯ ୨୪ ଅଭିଯୁକ୍ତଙ୍କ ଟିଆଇ ପରେଡ୍

ରାୟଗଡ଼ା,୭।୭(ସଂଚାର ବ୍ୟୁରୋ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁରରେ ଘଟିଥିବା ବହୁଚର୍ଚ୍ଚିତ ଭିଡ଼ ହିଂସା ମାମଲାରେ ସୋମବାର ବିଷମକଟକ ଉପକାରାଗାରରେ ୨୪ ଜଣ ଅଭିଯୁକ୍ତଙ୍କ ଟେଷ୍ଟ ଆଇଡେଣ୍ଟିଫିକେଶନ (ଟିଆଇ) ପରେଡ୍ କରାଯାଇଛି। ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ପୂଜା ଜୈନଙ୍କ ଉପସ୍ଥିତିରେ ପୀଡ଼ିତା ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିଥିବା ସୂଚନା ମିଳିଛି। ଟିଆଇ ପରେଡ୍ ସମୟରେ ପୀଡ଼ିତା ଘଟଣା ସମ୍ପର୍କରେ ବୟାନ ଦେବା ସହ କେଉଁ ପରିସ୍ଥିତିରେ ତାଙ୍କ ଉପରେ ଆକ୍ରମଣ ହୋଇଥିଲା, ସେନେଇ ମାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ବିସ୍ତୃତ ବିବରଣୀ ଦେଇଥିଲେ। ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିବା ବେଳେ ବିଷମକଟକ ଏସ୍‌ଡିପିଓ ସନ୍ତୋଷିନୀ ଓରାମ ଓ ସ୍ଥାନୀୟ ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

ପୀଡ଼ିତାଙ୍କ ଗୋପନୀୟତା ରକ୍ଷା ପାଇଁ ଗଣମାଧ୍ୟମକୁ କାରାଗାର ପରିସରଠାରୁ ଦୂରରେ ରହିବାକୁ ପୁଲିସ ଅନୁରୋଧ କରିଥିଲା। ଏସ୍‌ପି ରାଜ ପ୍ରସାଦ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ଏହି ଭିଡ଼ ହିଂସା ଘଟଣାରେ ପର୍ଯ୍ୟାୟ କ୍ରମେ ୨୪ ଜଣଙ୍କୁ ଗିରଫ କରାଯାଇଛି। ପ୍ରଥମେ ସେମାନଙ୍କୁ ରାୟଗଡ଼ା ଉପକାରାଗାରରେ ରଖାଯାଇଥିଲା। ପରେ ଟିଆଇ ପରେଡ୍ ସୁବିଧା ପାଇଁ ସେମାନଙ୍କୁ ବିଷମକଟକ ଉପକାରାଗାରକୁ ସ୍ଥାନାନ୍ତର କରାଯାଇଥିଲା। ଟିଆଇ ପରେଡ୍ ପରେ କଲ୍ୟାଣସିଂହପୁର ଥାନାରୁ ଷ୍ଟେଟ୍ ବ୍ୟାଙ୍କ ଛକ ପର୍ଯ୍ୟନ୍ତ ପୁଲିସ ପକ୍ଷରୁ ଫ୍ଲାଗ୍ ମାର୍ଚ୍ଚ କରାଯାଇଥିଲା।

ସୂଚନାଯୋଗ୍ୟ ଯେ ଗତ ଜୁନ୍ ୧୬ ତାରିଖରେ ପିଲାଚୋର ଗୁଜବକୁ କେନ୍ଦ୍ର କରି ପ୍ରାୟ ୫୦୦ରୁ ଅଧିକ ଲୋକ ବାହାର ରାଜ୍ୟର ଜଣେ ସ୍ୱେଚ୍ଛାସେବୀ ଯୁବକ ଓ ଯୁବତୀଙ୍କୁ ଆକ୍ରମଣ କରିଥିଲେ। ଯୁବତୀଙ୍କ ସହ ଅସଦାଚରଣ ହୋଇଥିବା ମଧ୍ୟ ଅଭିଯୋଗ ହୋଇଥିଲା। ଘଟଣାଟି ଜାତୀୟ ସ୍ତରରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ଫଳରେ ଓଡ଼ିଶା ପୁଲିସର ଡିଜିପି ଏହାକୁ 'ରେଡ୍ ଫ୍ଲାଗ୍ କେସ୍' ଭାବେ ଘୋଷଣା କରି କ୍ରାଇମ ବ୍ରାଞ୍ଚ ସହଯୋଗରେ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ।

## ଭୁବନେଶ୍ୱର ବିମାନ ବନ୍ଦରରୁ ପୁଣି ମାରିଜୁଆନା ଜବତ

## ବ୍ୟାଙ୍କକ୍‌ରୁ ଆଣୁଥିବା ବେଳେ ଧରାପଡ଼ିଲେ ଯାତ୍ରୀ




ଭୁବନେଶ୍ୱର,୭।୭ (ସଂଚାର ବ୍ୟୁରୋ): ସ୍ଥାନୀୟ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ପୁଣି ମାରିଜୁଆନା ଜବତ ହୋଇଛି। ଡିଆର୍‌ଆଇ ଓ କଷ୍ଟମ ବିଭାଗ ବିପୁଳ ପରିମାଣର ମାରିଜୁଆନା ଜବତ କରିଛି। ବ୍ୟାଙ୍କକ୍‌ରୁ ଭୁବନେଶ୍ୱର ଚାଲାଣ ବେଳେ ଜବତ ହୋଇଛି। ଜବତ ନିଶାଦ୍ରବ୍ୟର ମୂଲ୍ୟ ପ୍ରାୟ ୫ କୋଟି ଟଙ୍କା ହେବ। ସନ୍ଦେହ ହେବାରୁ ବ୍ୟାଗ୍ ଚେକିଂ ବେଳେ ଜଣେ ଅଭିଯୁକ୍ତ ଧରାପଡ଼ିଛନ୍ତି। ଯାତ୍ରୀଙ୍କୁ ଅଟକ ରଖିଛି କଷ୍ଟମ୍ ବିଭାଗ। ତେବେ ଏହି ମାରିଜୁଆନା କୁଆଡ଼େ ଯାଉଥିଲା। ଭୁବନେଶ୍ୱରରୁ କିଏ ଅର୍ଡର କରିଥିଲେ? ବ୍ୟାଙ୍କକ୍‌ରୁ ଆଣୁଥିବା ଯାତ୍ରା ଜଣଙ୍କ ଏକା ଥିଲେ ନା ଆଉ କିଏ ସାଙ୍ଗରେ ଥିଲେ? ଏହି ଚାଲାଣ ପଛରେ କେଉଁ ନିଶା ମାଫିଆ ରାକେଟ୍‌ର ଲିଙ୍କ୍ ରହିଛି? ଏହିସବୁ ଦିଗ ଉପରୁ ପରଦା ହଟାଇବା ସକାଶେ ଉକ୍ତ ଯାତ୍ରୀଙ୍କୁ ପଚରାପଚରା ଜାରି ରହିଛି।

## ଶିଶୁକୁ ଝୁଣିଦେଲା କୁକୁର




ବ୍ରହ୍ମପୁର,୭।୭(ସଂଚାର ବ୍ୟୁରୋ): ୬ ବର୍ଷର ଶିଶୁକୁ ଝୁଣିଦେଲା କୁକୁର। କୁକୁର କାମୁଡ଼ାରେ ପ୍ରଥମ ଶ୍ରେଣୀର ଶିଶୁ ଗୁରୁତର। ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ମହାନଳାରେ ଘରୋଇ ବିଦ୍ୟାଳୟ ନିକଟରେ କୁକୁର ଆତଙ୍କ। ଛାତ୍ରୀଟି ପରିସ୍ରା କରିବା ପାଇଁ ବାହାରକୁ ଆସିଥିବା ବେଳେ ହଠାତ୍ ତାକୁ କୁକୁର ଆକ୍ରମଣ କରିଥିବା ସୂଚନା ମିଳିଛି। ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଓ ସ୍ଥାନୀୟ ଲୋକେ ଉଦ୍ଧାର କରି ଶିଶୁଟିକୁ ନିକଟସ୍ଥ ଆଡ଼ପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶିଶୁକୁ ଭର୍ତ୍ତି କରିଛନ୍ତି।

## ବେଆଇନ ବନ୍ଧୁକ ରଖି ଗିରଫ ହେଲେ ୪ ଯୁବକ

ଭଞ୍ଜନଗର,୭।୭(ସଂଚାର ବ୍ୟୁରୋ): ବେଆଇନ ବନ୍ଧୁକ ରଖି ଫସିଛନ୍ତି ୪ ଯୁବକ। ସେମାନଙ୍କଠାରୁ ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଥାନା ପୁଲିସ୍ ୨ଟି ଦେଶୀ ପିସ୍ତଲ ଓ ୨ଟି ଜୀବନ୍ତ ଗୁଳି ଜବତ କରିଛି। ଏନେଇ ଆଜି ଭଞ୍ଜନଗର ଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଏସଡିପିଓ ଡଃ ଦୀପକ କୁମାର ମିଶ୍ର। ଗିରଫ ହୋଇଥିବା ସମସ୍ତ ଅଭିଯୁକ୍ତ ଭଞ୍ଜନଗର ଅଞ୍ଚଳର ବୋଲି ଜଣାପଡ଼ିଛି। ତେବେ



ସମ୍ପୃକ୍ତ ଅଭିଯୁକ୍ତମାନେ କୌଣସି ଅପରାଧ ଘଟାଇବା ପାଇଁ କିମ୍ବା ଅନ୍ୟ କାହାକୁ ଯୋଗାଇବା ପାଇଁ ଏହି ବେଆଇନ ବନ୍ଧୁକ ପାଖରେ ରଖିଥିଲେ, ସେ ସଂକ୍ରାନ୍ତରେ ପୁଲିସ୍ ଅଧିକ ଖୋଳତାଡ଼ ଜାରି ରଖିଛି। ଅନ୍ୟପକ୍ଷରେ ଭଞ୍ଜନଗର ଉପଖଣ୍ଡ ପୁଲିସ ଅନ୍ତର୍ଗତ ବିଭିନ୍ନ ଥାନାଞ୍ଚଳରୁ ଗତ କିଛି ମାସ ମଧ୍ୟରେ ୪୦ରୁ ଊର୍ଦ୍ଧ୍ୱ ବେଆଇନ୍ ବନ୍ଧୁକକୁ ପୁଲିସ ଜବତ କରିଥିବା ନେଇ ଏସ୍‌ଡିପିଓ ପ୍ରତିକ୍ରିୟା ରଖିଛନ୍ତି।

## ବିଦ୍ୟାଳୟ ଛାତରୁ ଖସିଲା ସିଲିଂ, ବର୍ତ୍ତିଲେ ଛାତ୍ରଛାତ୍ରୀ



ବୌଦ୍ଧ,୭।୭(ସଂଚାର ବ୍ୟୁରୋ): ବିଦ୍ୟାଳୟ ଛାତରୁ ଖସିଲା ସିଲିଂ। ବୌଦ୍ଧ ହରଭଙ୍ଗା ବ୍ଲକ୍ ଧଳପୁର ପଞ୍ଚାୟତର ରାଜେନ୍ଦ୍ର ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଘଟଣ ଘଟିଛି। ଲଗାଣ ବର୍ଷା ଯୋଗୁ ବିଦ୍ୟାଳୟ ଛାତରୁ ସିଲିଂ ଖସିପଡ଼ିଥିବା ସୂଚନା ମିଳିଛି। ହରଭଙ୍ଗା ବ୍ଲକ୍‌ରେ ବର୍ଷାକୁ ଦୃଷ୍ଟିରେ ରଖି ସମସ୍ତ ସ୍କୁଲ ଛୁଟି ଘୋଷଣା କରିଥିଲେ ଜିଲ୍ଲାପାଳ। ଆଜି ସକାଳୁ ଛାତ୍ରଛାତ୍ରୀ ସ୍କୁଲ ଆସିବା ପରେ ଛାତରୁ ସିଲିଂ ଖସିପଡ଼ିଥିଲା। ସେହିପରି ଦୁଇ ଦିନ ତଳେ ଲଗାଣ ବର୍ଷାରେ ବୌଦ୍ଧ ସହକାରୀ ବୟନ ଶିଳ୍ପ ନିର୍ଦ୍ଦେଶକଙ୍କ କୋଠରୀର ସିଲିଂ ଖସିଥିଲା। ସୌଭାଗ୍ୟବଶତଃ ସିଲିଂ ଖସିବା ବେଳକୁ ସେହି ସ୍ଥାନରୁ ଉଠି ଆସିଥିଲେ ବୟନଶିଳ୍ପ ନିର୍ଦ୍ଦେଶକ। ଫଳତଃ ସେ ଏକ ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଥିଲେ। ତେବେ ଦୁର୍ବଳ ଛାତ ଥିବା ବେଳେ ଛାତକୁ ଖୁବ୍‌ଶୀଘ୍ର ମରାମତି କରା ନ ଗଲେ ଆଗାମୀ ଦିନରେ ବର୍ଷା ବଢ଼ିଲେ କାର୍ଯ୍ୟାଳୟ ପ୍ରତି ବଡ଼ ବିପଦ ସୃଷ୍ଟି ହେବା ଆଶଙ୍କା ରହିଛି।

### ତେଜିଲା ମା'ହସ୍ତୀବାହିନୀଙ୍କ ବିଜେସ୍ଥଳୀ ସ୍ଥାନାନ୍ତର ବିବାଦ

# ଦେବୋତ୍ତରରେ ଶତାଧିକ ଗ୍ରାମବାସୀଙ୍କ ଅଭିଯୋଗ

● ମନ୍ଦିର ଥାଇ ନୂଆ ମନ୍ଦିର କାହିଁକି?

● ବିଜେସ୍ଥଳୀ ବଦଳିଲେ ଗାଁ ଉପରେ ମାଡ଼ିଆସିବ ବିପଦ

ଭୁବନେଶ୍ୱର,୭।୭(ସଂଚାର ବ୍ୟୁରୋ): ଗଡିରାଉତ ପାଟଣାର ଅଧିଷ୍ଠାତ୍ରୀ ଦେବୀ ମା' ହସ୍ତୀବାହିନୀଙ୍କ ବିଜେସ୍ଥଳୀ ପରିବର୍ତ୍ତନକୁ କେନ୍ଦ୍ର କରି ବିବାଦ ତେଜିବାରେ ଲାଗିଛି। ଗ୍ରାମସଭାରେ ସଂଖ୍ୟାଗରିଷ୍ଠ ଲୋକେ ଏହି ସ୍ପର୍ଶକାତର ଘଟଣାରେ ଦେବୋତ୍ତର ବିଭାଗର ହସ୍ତକ୍ଷେପକୁ ବିରୋଧ କରିଛନ୍ତି। ଠାକୁରାଣୀଙ୍କ ବିଜେସ୍ଥଳୀ ଓ ମନ୍ଦିର ଅକ୍ଷତ ଥିବା ବେଳେ ଅନ୍ୟତ୍ର ନୂଆ ମନ୍ଦିର କରି ସେଠାରେ ଠାକୁରାଣୀଙ୍କୁ ସ୍ଥାପନ କରିବା କେତେଦୂର ଯୁକ୍ତିଯୁକ୍ତ ବୋଲି ପ୍ରଶ୍ନ ଉଠାଇଛନ୍ତି। ଶତାଧିକ ଗ୍ରାମବାସୀ ଦେବୋତ୍ତର ଭବନରେ ପହଞ୍ଚି ଏହି ଅଣପାରମ୍ପରିକ ନିଷ୍ପତ୍ତି ପରିବର୍ତ୍ତନ ପାଇଁ ଦରଖାସ୍ତ ଦେଇଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, କଟକ ତହସିଲ, ମୌଜା-ଗଡ଼େଇ ଗଡିରାଉତ ପାଟଣା, ଖାତା ନମ୍ବର-୫୦୭, ପ୍ଲଟ ନଂ- ୧୫୫୮ ଓ ୧୫୫୯ରେ ହସ୍ତୀବାହିନୀ ଠାକୁରାଣୀଙ୍କ ବିଜେସ୍ଥଳୀ। ତହସିଲ ରେକର୍ଡରେ ଏହାର କିସମ ଦେବସ୍ଥଳୀ ଭାବେ ଉଲ୍ଲେଖ ରହିଛି। ଏହାର ମାର୍ଫତଦାର ଖୋଦ ଦେବୋତ୍ତର କମିଶନର। ମନ୍ଦିର ପରିଚାଳନା ପାଇଁ ଦେବୋତ୍ତର ବିଭାଗ ପକ୍ଷରୁ ଏକ ଟ୍ରଷ୍ଟ ବୋର୍ଡ ଗଠନ ହୋଇଛି। ଏହି



ବୋର୍ଡର କାର୍ଯ୍ୟକାଳ ଗତ ୧୭ରେ ସରିଯାଇଛି। ଏହାର କିଛିଦିନ ପୂର୍ବରୁ ସଦସ୍ୟମାନେ ଠାକୁରାଣୀଙ୍କ ମନ୍ଦିର ଅନ୍ୟତ୍ର ନିର୍ମାଣ କରିବା ପାଇଁ ପ୍ରସ୍ତାବ ଦେଇଥିଲେ, ଯାହାକି ଦେବୋତ୍ତର ଆଇନସିଦ୍ଧ ନୁହେଁ। ତଥାପି ତରବରିଆ ଭାବେ ଦେବୋତ୍ତର କର୍ତ୍ତୃପକ୍ଷ ଟ୍ରଷ୍ଟ ବୋର୍ଡର ଏହି ନିଷ୍ପତ୍ତିକୁ ମଞ୍ଜୁରୀ ଦେଲେ। ଟ୍ରଷ୍ଟ ବୋର୍ଡ ପକ୍ଷରୁ ନୂଆ ମନ୍ଦିର ନିର୍ମାଣ ପାଇଁ ଦିଆଯାଇଥିବା ୪୭ ଲକ୍ଷ ୨୨ ହଜାର ୧୪୨ ଟଙ୍କାର ଅଟକଳ ଓ ନକ୍ସାକୁ ମଞ୍ଜୁର କରି ନୂଆ ମନ୍ଦିର ନିର୍ମାଣ ପାଇଁ ଅନୁମତି ଦେଲେ। ଦେବୋତ୍ତର ଭବନରେ ୩୪ ବର୍ଷ ହେବ କୌଣସି ଯନ୍ତ୍ରୀ ନାହାନ୍ତି। ତେଣୁ ମନ୍ଦିର କିମ୍ବା ଅନ୍ୟ ନିର୍ମାଣର ନକ୍ସା ମଞ୍ଜୁର ଅଣଯନ୍ତ୍ରୀମାନେ କରୁଛନ୍ତି, ଯାହାକି ନେଇ ପ୍ରଶ୍ନ ଉଠିଛି। ଏହି ଘଟଣା ପ୍ରଚାରିତ ହେବା ପରେ ଅସନ୍ତୋଷ ଦେଖାଦେଇଥିଲା। ଠାକୁରାଣୀଙ୍କ ବିଜେସ୍ଥଳୀ ଅକ୍ଷତ ଥିବାବେଳେ ପାଖାପାଖି ୫୦ ଲକ୍ଷ ଟଙ୍କା ଖର୍ଚ୍ଚ କରି ନୂଆ ମନ୍ଦିରକୁ ଠାକୁରାଣୀଙ୍କୁ ଉଠାଇନେବା ଭଳି ଅଣପରମ୍ପରାକୁ ବିରୋଧ କରିଥିଲେ। ଯଦିବା ଠାକୁରାଣୀଙ୍କ ନୂଆ ମନ୍ଦିର ହେବ, ତେବେ ବିଜେସ୍ଥଳୀରେ ନହୋଇ ଅନ୍ୟତ୍ର ଏକ ଘରବାରି କିସମ ଜମିରେ କରିବା ସହ କାହାର ସ୍ୱାର୍ଥ ନିହିତ ବୋଲି ସେମାନେ ପ୍ରଶ୍ନ ଉଠାଇଥିଲେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର

Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ସରକାରୀ ମଦ ବିକ୍ରୟ ସଂସ୍ଥାରେ କାର୍ଯ୍ୟରତ କର୍ମଚାରୀଙ୍କ ଦରମା ୨୫% ବୃଦ୍ଧି

ଚେନ୍ନାଇ,୭।୭: ତାମିଲନାଡୁର ମୁଖ୍ୟମନ୍ତ୍ରୀ ଜୋସେଫ ବିଜୟଙ୍କ ସରକାର ରାଜ୍ୟ ସରକାରୀ ମଦ ବିକ୍ରୟ ସଂସ୍ଥା ଟିଏଏସଏମଏସି (ତାମିଲନାଡୁ ଷ୍ଟେଟ୍ ମାର୍କେଟିଂ କର୍ପୋରେସନ)ରେ କାର୍ଯ୍ୟରତ କର୍ମଚାରୀଙ୍କ ଦରମାକୁ ୨୫ ପ୍ରତିଶତ ବୃଦ୍ଧି କରିଛନ୍ତି। ଗତ ୨୦ ବର୍ଷ ମଧ୍ୟରେ ଏହା ପ୍ରଥମ ବଡ଼ ବେତନ ସଂଶୋଧନ ବୋଲି ସରକାର କହିଛନ୍ତି। ସରକାରଙ୍କ କହିବା ଅନୁସାରେ, ଏହି ନିଷ୍ପତ୍ତିର ମୁଖ୍ୟ ଉଦ୍ଦେଶ୍ୟ ହେଉଛି TASMAC ଦୋକାନରେ ଦୁର୍ନୀତିକୁ ରୋକିବା ଏବଂ ଗ୍ରାହକଙ୍କଠାରୁ ମଦ ବୋତଲ ପିଛା ଅତିରିକ୍ତ ୧୦ ଟଙ୍କା ଆଦାୟ କରାଯାଉଥିବା ଅଭିଯୋଗକୁ ବନ୍ଦ କରିବା। ଦୀର୍ଘ ଦିନ ଧରି ଗ୍ରାହକମାନେ ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ଟଙ୍କା ନେଉଥିବା ନେଇ ଅଭିଯୋଗ କରୁଥିଲେ। ତେଣୁ ଏହାର ସମାଧାନ ପାଇଁ ବିଜୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଏନେଇ ରାଜ୍ୟର ଆବକାରୀ ମନ୍ତ୍ରୀ ବିଗ୍ନେଶ କହିଛନ୍ତି, କର୍ମଚାରୀଙ୍କ ବେତନ ବୃଦ୍ଧି ହେଲେ ସେମାନେ ଗ୍ରାହକଙ୍କଠାରୁ ଅତିରିକ୍ତ ଅର୍ଥ ଆଦାୟ କରିବାର ପ୍ରବୃତ୍ତିରୁ ଦୂରେଇ ରହିବେ। ଏହା ଦ୍ୱାରା ଦୁର୍ନୀତି କମିବା ସହ ଟିଏଏସଏମଏସି ଦୋକାନଗୁଡ଼ିକରେ ସ୍ୱଚ୍ଛତା ଓ ଜବାବଦେହିତା ବଢ଼ିବ ବୋଲି ସରକାର ଆଶା କରୁଛନ୍ତି। ସେ ଆହୁରି କହିଛନ୍ତି ଯେ, ଟିଏଏସଏମଏସି କର୍ମଚାରୀଙ୍କ ବେତନରେ ଗତ ୨୦ ବର୍ଷ ଧରି କୌଣସି ବଡ଼ ଧରଣର ସଂଶୋଧନ ହୋଇନଥିଲା। ନୂଆ ବେତନ ବ୍ୟବସ୍ଥା କର୍ମଚାରୀଙ୍କ କଲ୍ୟାଣ ସୁନିଶ୍ଚିତ କରିବା ସହ ଦୀର୍ଘ ଦିନର ଅଭିଯୋଗର ସମାଧାନ କରିବ ବୋଲି ସେ କହିଛନ୍ତି। ଏହି ବେତନ ବୃଦ୍ଧି କେବେଠାରୁ ଲାଗୁ ହେବ, ସେ ନେଇ ବିସ୍ତୃତ ସୂଚନା ଏପର୍ଯ୍ୟନ୍ତ ପ୍ରକାଶ ପାଇ ନାହିଁ।

ଏହି ଘୋଷଣା ପୂର୍ବରୁ ମୁଖ୍ୟମନ୍ତ୍ରୀ ଜୋସେଫ ବିଜୟ ମନ୍ଦିର, ମସଜିଦ, ଚର୍ଚ୍ଚ ଭଳି ଉପାସନା ସ୍ଥଳ, ଶିକ୍ଷାନୁଷ୍ଠାନ ଏବଂ ବସଷ୍ଟାଣ୍ଡର ୫୦୦ ମିଟର ମଧ୍ୟରେ ଥିବା ୭୧୭ଟି ଟିଏଏସଏମଏସି ମଦ ଦୋକାନ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସରକାରଙ୍କ ସୂଚନା ଅନୁସାରେ, ତାମିଲନାଡୁରେ ମୋଟ ୪,୭୬୫ଟି ଟିଏଏସଏମଏସି ଦୋକାନ ରହିଛି। ସେଥିମଧ୍ୟରୁ ୨୭୬ଟି ଉପାସନା ସ୍ଥଳ ନିକଟରେ, ୧୮୬ଟି ଶିକ୍ଷାନୁଷ୍ଠାନ ପାଖରେ ଏବଂ ୨୫୫ଟି ବସଷ୍ଟାଣ୍ଡ୍ ନିକଟରେ ଥିବାରୁ ସେଗୁଡ଼ିକୁ ବନ୍ଦ କରାଯାଉଛି।

ସରକାର ଏହାକୁ ଏକ ସାମାଜିକ ସଂସ୍କାର ପଦକ୍ଷେପ ବୋଲି ବର୍ଣ୍ଣନା କରିଛନ୍ତି। ଏହି ନିଷ୍ପତ୍ତିକୁ ବିଭିନ୍ନ ରାଜନୈତିକ ଦଳ ମଧ୍ୟ ସ୍ୱାଗତ କରିଛନ୍ତି। ଅଭିନେତା ଓ ରାଜନେତା କମଲ ହାସନ ଅଧିକ ମଦ ଦୋକାନ ବନ୍ଦ କରିବାକୁ ସରକାରଙ୍କୁ ଆହ୍ୱାନ କରିଥିବା ବେଳେ, କଂଗ୍ରେସ ସାଂସଦ ମାଣିକମ ଠାକୁର ଏହାକୁ ଦୀର୍ଘ ଦିନର ଜନଦାବିର ପୂରଣ ବୋଲି କହିଛନ୍ତି। ସେ କହିଛନ୍ତି, ଏହି ପଦକ୍ଷେପ ମହିଳା, ଛାତ୍ରଛାତ୍ରୀ ଏବଂ ସାଧାରଣ ଲୋକଙ୍କ ସୁରକ୍ଷାକୁ ଆହୁରି ସୁଦୃଢ଼ କରିବ।



# ଜୁନ୍‌ରେ ବିକ୍ରିହେଲା ୮୧,୫୩୧ଟି ଗାଡ଼ି



ଭୁବନେଶ୍ୱର,୭।୭:ଚଳିତବର୍ଷ ଜୁନ୍ ମାସରେ ଓଡ଼ିଶାରେ ୮୧,୫୩୧ଟି ଗାଡ଼ି ବିକ୍ରି ହୋଇଛି। ଗତବର୍ଷ ଜୁନ୍‌ରେ ହୋଇଥିବା ମୋଟ ୬୭,୯୧୩ଟି ଗାଡ଼ି ବିକ୍ରି ତୁଳନାରେ ଏହା ୨୦.୦୫ ପ୍ରତିଶତ ଅଧିକ। ଫେଡେରେସନ ଅଫ୍ ଅଟୋମୋବାଇଲ ଡିଲର୍ସ ଆସୋସିଏସନ୍ସ (ଏଫ୍ଏଡିଏ) ରିପୋର୍ଟରୁ ଏହା ଜଣାଯାଇଛି। ରାଜ୍ୟରେ ଜୁନ୍ ମାସରେ ବିକ୍ରି ହୋଇଥିବା ମୋଟ ଗାଡ଼ି ମଧ୍ୟରୁ ଦୁଇ ଚକିଆ ଯାନ ସଂଖ୍ୟା ୬୪,୬୭୬ ରହିଛି। ଗତବର୍ଷ ଜୁନ୍ ତୁଳନାରେ ଦୁଇ ଚକିଆ ବିକ୍ରି ୨୧.୦୪ ପ୍ରତିଶତ ଅଧିକ ହୋଇଛି। ସେହିଭଳି ୩ ଚକିଆ ଯାନ ବିକ୍ରି ସଂଖ୍ୟା ୨୬୨୪ରେ ପହଞ୍ଚିଛି। ଗତବର୍ଷ ଜୁନ୍ ତୁଳନାରେ ଏଥିରେ ୩୮.୩୨ ପ୍ରତିଶତ ବୃଦ୍ଧି ଘଟିଛି। ବାଣିଜ୍ୟିକ ଯାନ ବିକ୍ରି ୧୦.୨୦ ପ୍ରତିଶତ ବୃଦ୍ଧି ଘଟି ୨୫୬୧ରେ ପହଞ୍ଚିଛି। ଯାତ୍ରୀବାହୀ ଯାନ ବିକ୍ରିରେ ୨୬.୩୨ ପ୍ରତିଶତ ବୃଦ୍ଧି ହୋଇ ୮୩୯୦ରେ ପହଞ୍ଚିଛି। ଅନ୍ୟପକ୍ଷରେ ଜୁନ ମାସରେ ଟ୍ରାକ୍ଟର ବିକ୍ରି ୧.୫୭ ପ୍ରତିଶତ ହ୍ରାସ ପାଇ ୨୯୫୬ ୟୁନିଟ୍‌ରେ ରହିଛି। ଗତବର୍ଷ ଜୁନରେ ରାଜ୍ୟରେ ୩୦୦୩ଟି ଟ୍ରାକ୍ଟର ବିକ୍ରି ହୋଇଥିଲା। ନିର୍ମାଣ ଉପକରଣ ବିକ୍ରିରେ ୪୭.୨୩ ପ୍ରତିଶତର ବଡ଼ ହ୍ରାସ ଘଟିଛି। ଗତବର୍ଷ ଜୁନ୍ ମାସରେ ରାଜ୍ୟରେ ୬୧୪ଟି ନିର୍ମାଣ ଉପକରଣ ବିକ୍ରି ହୋଇଥିବାବେଳେ ଚଳିତବର୍ଷ ଜୁନ୍‌ରେ ଏହା ୩୨୪ଟିକୁ ହ୍ରାସ ପାଇଛି। ଏହି ପରିପ୍ରେକ୍ଷୀରେ ଏଫ୍ଏଡିଏ ଓଡ଼ିଶା ଅଧ୍ୟକ୍ଷ ଅଖିଳ ପୋଦ୍ଦାର କୁହନ୍ତି, ଜୁନ୍ ମାସରେ ଗାଡ଼ି ବିକ୍ରି ସାମଗ୍ରିକ ଭାବେ ଭଲ ରହିଛି। ଆଜି ପର୍ଯ୍ୟନ୍ତ ଅନ୍ୟ କୌଣସି ଜୁନ୍ ମାସରେ ଏତେ ସଂଖ୍ୟକ ଗାଡ଼ି ବିକ୍ରି ହୋଇ ନଥିଲା। ରାଜ୍ୟରେ ଇଭି ବିକ୍ରି ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି। ଜିଏସ୍‌ଟି ହ୍ରାସ ସହିତ ଇଭି ସବ୍‌ସିଡିର ପ୍ରତିଫଳନ ବିକ୍ରିରେ ଦେଖିବାକୁ ମିଳିଛି। ଆଗାମୀ ଦିନରେ ରାଜ୍ୟରେ ଗାଡ଼ି ବିକ୍ରି ଆହୁରି ଭଲ ରହିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

# ବଢ଼ିବ ମୋବାଇଲ୍ ବିଲ, ଏବେ ଗଣିବାକୁ ହେବ ୧୫% ଅଧିକ ଟଙ୍କା



ନୂଆଦିଲ୍ଲୀ,୭।୭:ଆଗାମୀ ୩ରୁ ୪ ମାସ ମଧ୍ୟରେମୋବାଇଲ ଟାରିଫ୍ ଆଉ ୧୨ରୁ ୧୫% ବଢ଼ିପାରେ। ମାତ୍ର ୩+୧ ଟେଲିକମ୍ ସେବା ପ୍ରଦାନକାରୀଙ୍କ ସହିତ ପ୍ରାଇସିଂ ବାତାବରଣ ଅଧିକ ଅନୁକୂଳ ହୋଇଯାଇଛି। ଫଳରେ ୪ ମାସ ମଧ୍ୟରେ ଟାରିଫ ବଢ଼ିପାରେ ବୋଲି ସେଣ୍ଟ୍ରମ ଇନଷ୍ଟିଚ୍ୟୁସନାଲ ରିସର୍ଚ୍ଚ ପକ୍ଷରୁ ପ୍ରସ୍ତୁତ ଏକ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଟେଲିକମ୍ ଶିଳ୍ପର ଆର୍ଥିକ ପ୍ରଦର୍ଶନକୁ ନେଇ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ,ଜୁନ୍ ତ୍ରୟମାସରେ ୩ଟି ଯାକ ଘରୋଇ ଟେଲିକମ୍‌ଅପରେଟରଙ୍କ ୟୁଜରପିଛାହାରାହାରିରାଜସ୍ୱ(ଏଆରପିୟୁ) ୧ରୁ ୧.୫% ବଢ଼ିପାରେ।ଉପଭୋକ୍ତା ୨ଜିରୁ ୪ଜି ଏବଂ ୫ଜିକୁ ଯାଉଛନ୍ତି।ପୋଷ୍ଟପେଡ୍ ଗ୍ରାହକ ସଂଖ୍ୟା ବଢ଼ୁଥିବାରୁ କମ୍ପାନିଗୁଡ଼ିକର ରାଜସ୍ୱ ବୃଦ୍ଧି ପାଇବ ବୋଲି ରିପୋର୍ଟରେ କୁହାଯାଇଛି।

# ଭାରତର ଏହି ୫ ରାଜ୍ୟ କରୁଛନ୍ତି କମାଲ
## ମୁଣ୍ଡପିଛା ଆୟରେ ଜାତୀୟ ହାରକୁ ଟପିଲେ



ନୂଆଦିଲ୍ଲୀ,୭।୭:ଭାରତର ଅର୍ଥନୀତି କ୍ଷେତ୍ରରେ ୫ ରାଜ୍ୟ ବିଶେଷ ସଫଳତା ହାସଲ କରିଛନ୍ତି। ଭାରତର ଦିଲ୍ଲୀ, କର୍ଣ୍ଣାଟକ, ତେଲେଙ୍ଗାନା ତାମିଲନାଡୁ ଓ ଗୁଜରାଟ। ଏହି ୫ଟା ରାଜ୍ୟ ବିଶ୍ୱ ବ୍ୟାଙ୍କର ଉଚ୍ଚ-ମଧ୍ୟମ-ଆୟ ବର୍ଗରେ ଶ୍ରେଣୀରେ ଆସୁଛନ୍ତି। ହେଲେ ଜାତୀୟ ହାରରେ ଭାରତର ମୁଣ୍ଡ ପିଛା ଆୟ ନିମ୍ନ-ମଧ୍ୟମ-ଆୟ ଅର୍ଥନୀତି ଭାବରେ ରହିଛି। ବିଶ୍ୱ ବ୍ୟାଙ୍କର ବର୍ଗୀକରଣ ଏବଂ ରାଜ୍ୟ ଆୟ ତଥ୍ୟକୁ ଆଧାର କରି ମନିକଣ୍ଟ୍ରୋଲ୍ ଏହି ରିପୋର୍ଟ ପ୍ରକାଶ କରିଛି। ଜାଣି ଆଶ୍ଚର୍ଯ୍ୟ ଲାଗୁଛି ଯେ ୨୦୨୨ରେ ଦେବାଳିଆ ଘୋଷିତ ହୋଇଯାଇଥିବା ଶ୍ରୀଲଙ୍କା ମାତ୍ର ୩ ବର୍ଷରେ ମୁଣ୍ଡ ପିଛା ଆୟ ତୁଳନାରେ ଭାରତକୁ ଟପିଯାଇଛି। ଶ୍ରୀଲଙ୍କା, ଭିଏତନାମ ଏବଂ ଫିଲିପାଇନ୍ସକୁ ଉଚ୍ଚ-ଆୟ ବର୍ଗରେ ସାମିଲ ହୋଇଛନ୍ତି। ମୁଣ୍ଡପିଛା ଆୟରେ ରାଜଧାନୀ ଦିଲ୍ଲୀ ସବୁଠାରୁ ଆଗରେ ରହିଛି। ଦିଲ୍ଲୀର $6,217 (ପ୍ରାୟ ୫.୯୩ ଲକ୍ଷ ଟଙ୍କା) ପ୍ରତି ବ୍ୟକ୍ତି ଆୟ ରହିଛି। ଏହା ପଛକୁ ରହିଛି କର୍ଣ୍ଣାଟକ (୫.୩୨ ଲକ୍ଷ ଟଙ୍କା)। ଏହାପରେ ତେଲେଙ୍ଗାନା (୫.୧୫ ଲକ୍ଷ ଟଙ୍କା), ତାମିଲନାଡୁ (୫.୦୮ ଲକ୍ଷ ଟଙ୍କା) ଏବଂ ଗୁଜରାଟ (୪.୫୧ ଲକ୍ଷ ଟଙ୍କା) ରହିଛି। ଏହି ୫ ରାଜ୍ୟ ବିଶ୍ୱ ବ୍ୟାଙ୍କର ଉଚ୍ଚ-ମଧ୍ୟମ ଆୟ କଟଅଫ୍ ଅତିକ୍ରମ କରିସାରିଛି।

ଅନ୍ୟପକ୍ଷରେ, ତିନୋଟି ପ୍ରମୁଖ ରାଜ୍ୟ ତାଲିକାରୁ ଅଳ୍ପକେ ବଞ୍ଚିଛି। ମହାରାଷ୍ଟ୍ରର ମୁଣ୍ଡପିଛା ଆୟ, ୪.୪୧ ଲକ୍ଷ ଟଙ୍କା, କଟଅଫ୍ ଠାରୁ ମାତ୍ର $୮ କିମ୍ବା ୭୬୩ ଟଙ୍କା କମିଯାଇଛି। ସେହିପରି ହରିଆଣାର ପ୍ରତି ବ୍ୟକ୍ତି ଆୟ ୪.୪୦ ଲକ୍ଷ ରହିଛି। ବିଶ୍ୱ ବ୍ୟାଙ୍କ କଟଅଫ୍କୁ ଏହା ତ $୯ ବା ୮୫୮ ଟଙ୍କ କମ ରହିଛି। କେରଳର ମୁଣ୍ଡପିଛା ଆୟ ମଧ ବିଶ୍ୱବ୍ୟାଙ୍କର ମାନଦଣ୍ଡଠାରୁ ମାତ୍ର ୨୬ କିମ୍ବା ୨,୪୮୦ ଟଙ୍କା କମ ରହିଛି। କେରଳର ମୁଣ୍ଡ ପିଛା ଆୟ ରହିଛି ୪.୩୯ ଲକ୍ଷ ଟଙ୍କା। ଏହାର ବିପରୀତରେ ବିହାର ଦେଶର ଏକ ବଡ଼ ରାଜ୍ୟ ହୋଇବି ସବୁଠାରୁ ଗରିବ ରାଜ୍ୟ ଭାବରେ ରହିଛି। ଯାହାର ମୁଣ୍ଡପିଛା ଆୟ ୯୮୪ ଡଲାର (ପ୍ରାୟ ୯୩,୮୯୫ ଟଙ୍କା)। ଏହାପରେ ଉତ୍ତର ପ୍ରଦେଶ (୧.୩୩ ଲକ୍ଷ ଟଙ୍କା) ଏବଂ ଝାଡ଼ଖଣ୍ଡ (୧.୪୦ ଲକ୍ଷ ଟଙ୍କା) ରହିଛି। ବିହାର, ଉତ୍ତର ପ୍ରଦେଶ ଏବଂ ଝାଡ଼ଖଣ୍ଡର ଲୋକଙ୍କ ହାରାହାରି ଆୟ ନେପାଳ ଏବଂ ଉପସାହାରା ଆଫ୍ରିକୀୟ ଦେଶଗୁଡ଼ିକ ତୁଳନାରେ କମ୍। ଭାରତର ରାଜ୍ୟଗୁଡ଼ିକ ମଧ୍ୟରେ ଆର୍ଥିକ ଅସମାନତା ବୃଦ୍ଧି ପାଇଛି। ରାଜ୍ୟଗୁଡ଼ିକ ମଧ୍ୟରେ ବ୍ୟବଧାନ ୧୯୯୪-୯୫ରେ ୦.୨୩୦ ରୁ ୨୦୨୫-୨୬ ରେ ୦.୨୬୧କୁ ବୃଦ୍ଧି ପାଇଛି। ୯୦ ତମ ଏବଂ ୧୦ ତମ ପ୍ରତିଶତରେ ରାଜ୍ୟଗୁଡ଼ିକ ମଧ୍ୟରେ ବ୍ୟବଧାନ ୨.୩୮ ରୁ ୩.୭୩ କୁ ବୃଦ୍ଧି ପାଇଛି, ଯାହା ବର୍ଦ୍ଧିତ ଅର୍ଥନୈତିକ ବିଭାଜନକୁ ପ୍ରତିଫଳିତ କରୁଛି।

କେଉଁ ରାଜ୍ୟ ଆଗେଇଲା କିଏ ପଛରେ ପଡ଼ିଲା ?ତିନି ଦଶନ୍ଧି ପୂର୍ବେ, ଉତ୍ତର ପ୍ରଦେଶ ଏବଂ ଓଡ଼ିଶାର ଆୟ ସ୍ତର ପ୍ରାୟ ସମାନ ଥିଲା, କିନ୍ତୁ ଆଜି, ଓଡ଼ିଶାର ମୁଣ୍ଡପିଛା ଆୟ ଉତ୍ତର ପ୍ରଦେଶ ତୁଳନାରେ ୭୫% ଅଧିକ। ସେହିପରି, ଝାଡ଼ଖଣ୍ଡ ଏବଂ ଆସାମ ଦିନ ସମାନ ସ୍ଥିତିରେ ଥିଲେ, କିନ୍ତୁ ୨୦୨୫-୨୬ରେ, ଆସାମ ମୁଣ୍ଡପିଛା ଆୟ ଝାଡ଼ଖଣ୍ଡ ତୁଳନାରେ ୪୮% ଅଧିକ ଥିଲା। ପଞ୍ଜାବରେ ଏକ ବଡ଼ ପରିବର୍ତ୍ତନ ଦେଖାଯାଇଛି। ୧୯୯୪-୯୫ରେ ସମସ୍ତ ପ୍ରମୁଖ ରାଜ୍ୟ ମଧ୍ୟରେ ସର୍ବାଧିକ ଆୟ ଥିବା ପଞ୍ଜାବ ଏବେ ରାଜସ୍ଥାନ ସ୍ତରକୁ ଖସିଯାଇଛି ଏବଂ ଅନ୍ୟ ୭ଟି ରାଜ୍ୟ ତୁଳନାରେ ବି ପଛରେ ପଡ଼ିଯାଇଛି। ସୂଚନା ଥାଉକି, ବିଶ୍ୱ ବ୍ୟାଙ୍କ ଦେଶଗୁଡ଼ିକର ମୁଣ୍ଡପିଛା ଆୟ ମାପିବା ପାଇଁ ଆଟଲାସ୍ ପଦ୍ଧତି ବ୍ୟବହାର କରେ। ଏହି ପଦ୍ଧତି ମୁଦ୍ରାସ୍ଫୀତି ଏବଂ ମୁଦ୍ରା ହ୍ରାସର ପ୍ରଭାବକୁ କମ କରିବା ପାଇଁ ଏବଂ ସଠିକ୍ ତୁଳନା ପାଇଁ ତିନି ବର୍ଷ ମଧ୍ୟରେ ବିନିମୟ ହାରର ହାରାହାରି ଆକଳନ କରେ।

# ମାରୁତି କାର୍‌ରେ ୨ ଲକ୍ଷ ପର୍ଯ୍ୟନ୍ତ ରିହାତି

ନୂଆଦିଲ୍ଲୀ, ୭।୭:ମାରୁତି ସୁଜୁକି ପକ୍ଷରୁ ଆରେନା ସୋରୁମ୍‌ଗୁଡ଼ିକରେ ବିକ୍ରି ହେଉଥିବା ମଡେଲ୍‌ଗୁଡ଼ିକ ଉପରେ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରିହାତି ଘୋଷଣା କରାଯାଇଛି। ଜୁଲାଇ ମାସରେ ଏହି ରିହାତି ସହିତ ଗ୍ରାହକମାନେ ଏକ୍ସଚେଞ୍ଜ ବୋନସ୍, ସ୍କ୍ରାପେଜ୍ ଲାଭ, ଲୟାଲ୍‌ଟି ରିୱାର୍ଡ ଓ ସଂସ୍ଥାଗତ ଅଫର ପାଇପାରିବେ। ମାରୁତି ସୁଜୁକି ଭିକ୍ଟୋରିସ୍ ଉପରେ ସର୍ବାଧିକ ୨ ଲକ୍ଷ ଟଙ୍କାର ରିହାତି ପ୍ରଦାନ କରାଯାଉଛି। ଜୁଲାଇ ମାସରେ ଏସ୍‌ୟୁଭି, ସେଡାନ, ହାଚ୍‌ବ୍ୟାକ୍ ଓ ଏସ୍‌ୟୁଭି ବିକ୍ରି ବଢ଼ାଇବା ଲକ୍ଷ୍ୟ ନେଇ କମ୍ପାନି ଏହି ରିହାତି ଘୋଷଣା କରିଛି। ଗ୍ରାହକମାନେ ମାରୁତି ଏସ୍ ପ୍ରେସୋ ଉପରେ ୩୭,୫୦୦ ଟଙ୍କା ପର୍ଯ୍ୟନ୍ତ, ଅଲ୍‌ଟୋ କେ୧୦ ଉପରେ ୫୨,୫୦୦ ଟଙ୍କା ପର୍ଯ୍ୟନ୍ତ, ଟୁର୍ ଏଚ୍୧ ଉପରେ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ, ସେଲେରିଓ ଉପରେ ୩୭,୫୦୦ ଟଙ୍କା ପର୍ଯ୍ୟନ୍ତ, ୱାଗନ୍‌ଆର୍‌ରେ ୫୨,୫୦୦ ଟଙ୍କା ପର୍ଯ୍ୟନ୍ତ, ମାରୁତି ଟୁର୍ ଏଚ୍୩ ଉପରେ ୭୦ ହଜାର ଟଙ୍କା ପର୍ଯ୍ୟନ୍ତ, ଇକୋ ଉପରେ ୩୭,୫୦୦ ଟଙ୍କା ପର୍ଯ୍ୟନ୍ତ, ମାରୁତି ଟୁର୍-ଭି ଉପରେ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ, ମାରୁତି ସ୍ୱିଫ୍ଟ ଉପରେ ୪୫ ହଜାର ଟଙ୍କା ପର୍ଯ୍ୟନ୍ତ ଓ ମାରୁତି ବ୍ରିଜା ଉପରେ ୫୫ ହଜାର ଟଙ୍କା ପର୍ଯ୍ୟନ୍ତ ରିହାତି ମିଳିବ। କିନ୍ତୁ କମ୍ପାନି ପକ୍ଷରୁ ଡିଜାୟାର ଓ ଏର୍ଟିଗା ଉପରେ କୌଣସି ରିହାତି ଘୋଷଣା କର ଯାଇନାହିଁ।






# ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୬,୭୩୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୪,୫୦୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୬,୭୩୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୩୪,୫୦୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୬,୭୩୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୩୪,୫୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୬,୮୮୦ ଟଙ୍କା ଓ ୨୨ କ୍ୟାରଟେ ୧,୩୪,୬୫୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୪୯,୪୬୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୭,୦୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୬,୭୩୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୩୪,୫୦୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୫୦,୦୦୦ ଟଙ୍କା ହୋଇଛି ।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୨.୧୫ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୭ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୬୫ ପଇସା ରହିଛି । ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ ।

## ବିଦ୍ୟୁତ୍ ଆଘାତରେ ଉଠା ଜଳସେଚନ କର୍ମଚାରୀ ମୃତ



ଗରଦପୁର,୭।୭ (ସଂଚାର ବ୍ୟୁରୋ): ପାଟକୁରା ଥାନା ଅନ୍ତର୍ଗତ ଗରଦପୁର ଉଠାଜଳସେଚନ ସବଡିଭିଜନ କାର୍ଯ୍ୟାଳୟ କର୍ମଚାରୀ ସଂଘର ପୂର୍ବତନ ସମ୍ପାଦକ ରଂଜନ କୁମାର ପାଣି (୬୨) ଙ୍କ ଆଜି ସକାଳୁ ବିଦ୍ୟୁତ୍ ଆଘାତରେ ହୋଇଛି । ସ୍ୱର୍ଗତ ପାଣି ନିଜ ବାସଭବନ ଗରଦପୁର ଠାରେ ପାଣିମଟର ଚାଲୁ କରୁଥିବା ସମୟରେ ତାଙ୍କୁ ଶକ୍ତ ବିଦ୍ୟୁତ୍ ଆଘାତ ଲାଗିଥିଲା । ଏହି ଦୁର୍ଘଟଣା ପରେ ତାଙ୍କୁ ଚିକିତ୍ସା ପାଇଁ ତୁରନ୍ତ ପାଟକୁରା ଡାକ୍ତରଖାନାକୁ ନିଆ ଯାଇଥିଲା । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ତେବେ ଏ ସମ୍ବନ୍ଧରେ ପାଟକୁରା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତାଙ୍କ ମରଶରୀରକୁ ବ୍ୟବଚ୍ଛେଦପାଇଁ କେନ୍ଦ୍ରାପଡା ପଠାଇ ଦିଆଯାଇଥିଲା । ବ୍ୟବଚ୍ଛେଦପରେ ତାଙ୍କ ମରଶରୀରକୁ ଗ୍ରାମକୁ ଆଣି ଏକ ଶୋଭାଯାତ୍ରରେ ଚିତ୍ରୋତ୍ପଳା ନଦୀ କୂଳ ଶ୍ମସାନ କୁ ନିଆଯାଇ ଶବ ଦାହା କରାଯାଇଥିଲା । ବଡପୁଅ ପ୍ରଶାନ୍ତ ପାଣି ମୁଖାଗ୍ନି ଦେଇଥିଲେ । ଶୋଭାଯାତ୍ରରେ ସ୍ଥାନୀୟ ସମିତିସଭ୍ୟ ତଥା ବିଜେଡିର ବରିଷ୍ଠ ନେତା ଦିଲିପ କୁମାର ପଣ୍ଡା, ବିଧାୟକ ପ୍ରତିନିଧି କ୍ଷିତିଶ ଚନ୍ଦ୍ର ଦାସ, ପାଖଡ ସରପଞ୍ଚଙ୍କ ପ୍ରତିନିଧି ପ୍ରତାପ ସ୍ୱାଇଁ, ଗରଦପୁର ସରପଞ୍ଚଙ୍କ ପ୍ରତିନିଧି ରମାକାନ୍ତ ବେହେରା ,ଭବାନୀ ଶଙ୍କର ପାଣି, ଶିବ ପ୍ରସାଦ ପଣ୍ଡା , ଗୌରାଙ୍ଗ ରାଥ, ରାଜା ସାହୁ, ଅଜିତ ପଣ୍ଡା, ନିହାର ମିଶ୍ର, ଶୁଭମ ପାଣି ପ୍ରମୁଖ ସାମିଲ ହୋଇଥିଲେ ।

# ଏନ୍ତୁଡ଼ିଶାଳରୁ ବାହାରିଲା ଭକ୍ତିର ସ୍ନେହରଥ

### ନବକଳେବର ସାକ୍ଷୀ ଦେଉଳି ମଠରୁ ଶ୍ରୀକ୍ଷେତ୍ର ଅଭିମୁଖେ ଯାତ୍ରା

### ଫଳ ନୁହେଁ ପ୍ରଭୁ, ଏହା ଆମର ହୃଦୟ - ପ୍ରାଚୀ କୂଳ



କାକଟପୁର/ଅସ୍ତରଙ୍ଗ,୭।୭ (ସଂଚାର ବ୍ୟୁରୋ): ସ୍ନାନ ପୂର୍ଣ୍ଣିମାର ଶୀତଳ ସ୍ପର୍ଶ ପରେ ଜ୍ୱରଜର୍ଜରିତ ହୋଇ ଶାୟିତ ହୋଇଛନ୍ତି କରୁଣାର ସାଗର ଶ୍ରୀଜଗନ୍ନାଥ। ନୀଳାଚଳର ଅଣସର ଘରେ ଏବେ ଚାଲିଛି ଦଇତାପତିଙ୍କ ଅବିରତ ସେବା। ଆଉ ସେହି ସମୟରେ ପ୍ରଭୁଙ୍କ ଏନ୍ତୁଡ଼ିଶାଳ, ପ୍ରାଚୀ କୂଳର ହୃଦୟ କାକଟପୁର ଦେଉଳି ମଠରୁ ଉଠିଲା ଏକ ନୀରବ କିନ୍ତୁ ଗଭୀର ଆର୍ତ୍ତନାଦ। ପ୍ରଭୁ ଶୀଘ୍ର ସୁସ୍ଥ ହୋଇ ରଥରେ ବାହାରନ୍ତୁ - ଏହି ଗୋଟିଏ କାମନାକୁ ବୁକୁରେ ଧରି ମଙ୍ଗଳବାର ପ୍ରାଚୀ କୂଳରୁ ଶ୍ରୀକ୍ଷେତ୍ର ଅଭିମୁଖେ ଯାତ୍ରା କଲା ଏକ ସ୍ୱତନ୍ତ୍ର ସୁସଜ୍ଜିତ ଶଗଡ଼। ଏହା କେବଳ କାଠର ଶଗଡ଼ ନୁହେଁ । ଏହା ହେଉଛି ଲକ୍ଷ ଲକ୍ଷ ଭକ୍ତଙ୍କ ଚକ୍ଷୁର ଲୁହରେ ଧୋଇ ହୋଇଥିବା ଭକ୍ତିର ରଥ।

ନୀଳାଚଳ ଓ ଦେଉଳି ମଠର ସମ୍ପର୍କ କେବଳ ଭୌଗୋଳିକ ନୁହେଁ, ଏହା ଆତ୍ମାର। ପ୍ରତି ନବକଳେବରରେ ଯେତେବେଳେ ଦାରୁବ୍ରହ୍ମ ସନ୍ଧାନରେ ଦଇତାପତିମାନେ ମା ମଙ୍ଗଳାଙ୍କ ଏହି ପବିତ୍ର ପୀଠରେ ଆଶ୍ରୟ ନିଅନ୍ତି। ମା’ ଙ୍କ ସ୍ୱପ୍ନାଦେଶ ବିନା ଦାରୁ ମିଳେନି। ତେଣୁ ଏହି ମାଟିକୁ କୁହାଯାଏ ପ୍ରଭୁଙ୍କ ଏନ୍ତୁଡ଼ିଶାଳ। ସେହି ପବିତ୍ର ମାଟିର ଗନ୍ଧ ଆଉ ଆଶୀର୍ବାଦ ନେଇ ଆଜି ବାହାରିଲା ଶଗଡ଼। ଫୁଲର ସୁଗନ୍ଧ, ଚନ୍ଦନର ଶୀତଳତା ଆଉ ଗେରୁଆ ବସ୍ତ୍ରର ଶୋଭାରେ ସଜେଇ ହୋଇଥିଲା ଯେମିତି ଓହ୍ଲାଇ ଆସିଥିବା ରଥ। ବଳଦ ଦୁଇଟିଙ୍କ ଗଳାରେ ବାଜୁଥିବା ଘଂଟିର ଧ୍ୱନି ଯେମିତି କହୁଥିଲା - "ହେ କରୁଣାସିନ୍ଧୁ, ଆମେ ଆସୁଛୁ ତୁମ ପାଖକୁ"। ଶଗଡ଼ର ପ୍ରତି କାଠରେ ଲାଗିଥିଲା ଚାଷୀର ଝାଳ। ଉପରେ ସଜା ହୋଇଥିଲା ପ୍ରାଚୀ କୂଳର ମାଟିରୁ ଫୁଟିଥିବା ପ୍ରଥମ ଫଳ - ଆମ୍ବର ମିଠା, ପଣସର ଗନ୍ଧ, ନଡ଼ିଆର ପବିତ୍ରତା, କଦଳୀର କୋମଳତା, ପିଜୁଳି ଓ ଖଜୁରୀର ସ୍ନେହ। ମଝିରେ ବିରାଜମାନ ଥିଲା ତୁଳସୀ ଓ ପଦ୍ମ।

ପ୍ରାଚୀ ସଂସ୍କୃତି ସୁରକ୍ଷା ସମିତିର ପ୍ରଭାସ ପୃଷ୍ଟିଙ୍କ କଣ୍ଠରେ ଥିଲା ସ୍ନେହ ଆଉ ଗଭୀରତା, "ଏହା ଆମର ଶତାବ୍ଦୀ ପୁରୁଣା ରକ୍ତର ପରମ୍ପରା। ପ୍ରାଚୀ କୂଳର ପ୍ରତି ଘରର ଫଳ ଏହି ଶଗଡ଼ରେ ଯାଏ। ଆମର ଦୃଢ଼ ବିଶ୍ୱାସ - ଭକ୍ତି ହିଁ ସବୁଠୁ ବଡ ଔଷଧ। ଏହି ଫଳ ନିଶ୍ଚୟ ପ୍ରଭୁଙ୍କୁ ସ୍ପର୍ଶ କରିବ"।

ସମିତିର କାଳୀ ପ୍ରସାଦ ସ୍ୱାଇଁ କହିଥିଲେ , "ଆଜି ଆମର ଏହି ସ୍ନେହର ନୈବେଦ୍ୟ ଗ୍ରହଣ କରନ୍ତୁ। ପ୍ରଭୁ ଶୀଘ୍ର ସୁସ୍ଥ ହୁଅନ୍ତୁ"।

ଶ୍ରୀକ୍ଷେତ୍ରେ ପହଂଚିବା ପରେ ଦଇତାପତି ସେବାୟତଙ୍କ କରକମଳ ମାଧ୍ୟମରେ ଏହି ପବିତ୍ର ଫଳଭାର ଲାଗିହେବ ପ୍ରଭୁଙ୍କ ଅଣସର ଘରେ। ଶାସ୍ତ୍ର କୁହେ, ଅଣସରରେ ଫଳ ଓ ପଥି ହିଁ ପ୍ରଭୁଙ୍କ ଜ୍ୱର ଔଷଧ। ପ୍ରାଚୀ କୂଳର ଶେଷ କଥା ଗୋଟିଏ - "ଏହି ଶଗଡ଼ଟି କାଠ ନୁହେଁ ପ୍ରଭୁ। ଏହା କୋଟି କୋଟି ପ୍ରାଣର ପ୍ରାର୍ଥନାକୁ ବହି ନେଉଥିବା ଜୀବନ୍ତ ରଥ। ଆଷାଢ଼ରେ ତୁମେ ରଥରେ ବାହାର।

## ଘଣ୍ଟ ବାଡ଼େଇ ଅଭିନବ ଉପାୟରେ ପ୍ରତିବାଦ



କେନ୍ଦ୍ରାପଡା,୭।୭ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ବ୍ଲକ ଅନ୍ତର୍ଗତ ଜହ୍ନିମୂଳ ଗ୍ରାମରେ ଗ୍ରାମୀୟ ଉନ୍ନୟନ ବିଭାଗ ପକ୍ଷରୁ ଚଣ୍ଡିବଜାରଠାରୁ ବଡଫୋଗଡ ଭାୟା ଜହ୍ନିମୁଳ ଦେଇ ଦେଢ଼ କିଲୋମିଟର ରାସ୍ତାକୁ ଠିକାଦାର ଜଣକ ଠିକାରେ ନେଇ କାମ କରୁନଥିବାରୁ ଗ୍ରାମବାସୀମାନେ ଅକଥନୀୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ଗ୍ରାମକୁ ରାସ୍ତା ନ ହେବାରୁ ୫ କିଲୋମିଟର ବାଟ ବୁଲିବାକୁ ପଡୁଛି । ଚାଷ ଜମି ପାଇଁ ଟ୍ରାକ୍ଟର ମଧ୍ୟ ଯାଇପାରୁନାହିଁ । ସାମାନ୍ୟ ବର୍ଷା ହେଲେ ଆଣ୍ଠୁଏ ଲେଖା କାଦୁଅ ହେଉଛି । ଡ୍ରେନେଜ୍‌ର ଉଦ୍‌ବୃତ ଜଳକୁ ଅବରୋଧ କରି ଗ୍ରାମବାସୀମାନେ କ୍ଷୁଦ୍ର ଡ୍ୟାମ୍‌ର ସୁବିଧା ଦେବାର ବ୍ୟବସ୍ଥା କରିଥିବାରୁ ଗ୍ରାମବାସୀମାନେ ପ୍ରତୀୟମାନ ହୋଇ ଗ୍ରାମ ବିଭାଗର ନିର୍ବାହୀ ଅଧିକାରୀଙ୍କୁ ସମ୍ମାନୀତ କରିଛନ୍ତି । ଠିକାଦାର ଜଣକ ଦୀର୍ଘ ଦୁଇବର୍ଷ ହେଲା କାମ ନ କରି ଅନ୍ୟ ଆଡେ କାମ କରୁଛନ୍ତି। ତୁରନ୍ତ ଏହି ରାସ୍ତାକୁ ସମ୍ପୂର୍ଣ୍ଣ କରିବା ପାଇଁ ଗ୍ରାମର ବାପିନ୍ କୁମାର ମଲ୍ଲ, ପ୍ରଶାନ୍ତ କୁମାର ଓଝା, ଅମୀୟ କୁମାର ମଲ୍ଲିକ, ପ୍ରଫୁଲ୍ଲ କୁମାର ରାଉଳ, ରାଇରତନ ମୁଦୁଲି, ଦିବାକାର ବାରିକ ପ୍ରମୁଖ ଏକ ଅଭିନବ ଉପାୟରେ ଘ ବାଡେଇ ପ୍ରତିବାଦ ଜଣାଇଛନ୍ତି ।

## ବଙ୍ଗଳାଗୁଡା ପୋଲର ଉଭୟ ପାର୍ଶ୍ୱର ଆପ୍ରୋଚ୍ ରୋଡ୍ ଦବିଲା



କୋରାପୁଟ,୭।୭ (ସଂଚାର ବ୍ୟୁରୋ):ନିର୍ମାଣ ସରିବାର କିଛି ମାସ ମଧ୍ୟରେ ନୂତନ ବ୍ରିଜ୍‌ର ସୁରକ୍ଷାକୁ ନେଇ ଉଠିଛି ବଡ଼ ପ୍ରଶ୍ନ। କୋରାପୁଟକୁ ରାୟଗଡା ସହ ସଂଯୋଗ କରୁଥିବା ୩୨୬ ନମ୍ବର ଜାତୀୟ ରାଜପଥର ବଙ୍ଗଳାଗୁଡା ନିକଟ ଚବେରି ନଦୀ ଉପରେ ନିର୍ମିତ ନୂତନ ପୋଲର ଉଭୟ ପାର୍ଶ୍ୱରେ ମାଟି ଅତଡା ଖସିବା ସହ ଆପ୍ରୋଚ୍ ରୋଡ୍ ଦବିବା ଏବଂ ପିଚୁ ରାସ୍ତାରେ ଫାଟ ସୃଷ୍ଟି ହେବା ଘଟଣା ସ୍ଥାନୀୟ ଲୋକଙ୍କ ଚିନ୍ତା ବଢ଼ାଇ ଦେଇଛି। ଅଞ୍ଚଳବାସୀଙ୍କ ଆଶଙ୍କା, ଯଦି ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏହି ସମସ୍ୟା ପ୍ରତି ତୁରନ୍ତ ଦୃଷ୍ଟି ନ ଦିଅନ୍ତି ଏବଂ ଆବଶ୍ୟକ ମରାମତି କାର୍ଯ୍ୟ ଆରମ୍ଭ ନ କରନ୍ତି, ତେବେ ଆଗାମୀ ଦିନରେ ଏହା ଏକ ବଡ଼ ଦୁର୍ଘଟଣାର କାରଣ ପାଲଟିପାରେ।

ସୂଚନା ଅନୁସାରେ, ଚବେରି ନଦୀ ଉପରେ ନିର୍ମିତ ଏହି ପୋଲ ଦେଇ ପ୍ରତିଦିନ ଶତାଧିକ ଛୋଟ ଓ ବଡ଼ ଯାନବାହନ ଚଳାଚଳ କରୁଛି। କୋରାପୁଟ, ରାୟଗଡା ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳଗୁଡ଼ିକ ମଧ୍ୟରେ ଯାତାୟାତ ଓ ବାଣିଜ୍ୟିକ କାର୍ଯ୍ୟକଳାପ ପାଇଁ ଏହା ଏକ ପ୍ରମୁଖ ସଡ଼କ ସଂଯୋଗ। କିନ୍ତୁ ବର୍ତ୍ତମାନ ପୋଲର ଦୁଇ ପାର୍ଶ୍ୱରେ ମାଟି ଧସିବା, ରାସ୍ତା ଦବିବା ଏବଂ ପିଚୁ ସ୍ତରରେ ଫାଟ ସୃଷ୍ଟି ହେବା ଭଳି ଘଟଣା ଏହାର ସ୍ଥାୟୀତ୍ୱ ଓ ନିର୍ମାଣ ଗୁଣବତ୍ତାକୁ ନେଇ ପ୍ରଶ୍ନ ସୃଷ୍ଟି କରିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ବର୍ଷା ପାଣି ଠିକ୍ ଭାବେ ନିଷ୍କାସନ ନ ହେବା, ରାସ୍ତା ଉପରେ ପାଣି ଜମି ରହିବା ଏବଂ ପାର୍ଶ୍ୱ ସୁରକ୍ଷା ବ୍ୟବସ୍ଥା ଦୁର୍ବଳ ଥିବାରୁ ସମସ୍ୟା ଦିନକୁ ଦିନ ଗୁରୁତର ହେଉଛି। ବିଶେଷକରି ଭାରୀ ଯାନବାହନ ଚଳାଚଳ ସମୟରେ ରାସ୍ତା ଅଧିକ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ରହିଛି। ରାତ୍ରି ସମୟରେ ଏହି ମାର୍ଗ ଦେଇ ଅନେକ ଯାନବାହନ ଯାତାୟାତ କରୁଥିବାରୁ ଯେକୌଣସି ସମୟରେ ଅଘଟଣ ଘଟିପାରେ ବୋଲି ସ୍ଥାନୀୟ ଲୋକେ ଆଶଙ୍କା ପ୍ରକାଶ କରିଛନ୍ତି।

ସେମାନଙ୍କ ଅଭିଯୋଗ, ସମସ୍ୟା ସ୍ପଷ୍ଟ ଭାବେ ଦୃଶ୍ୟମାନ ହେଉଥିଲେ ମଧ୍ୟ ଏପର୍ଯ୍ୟନ୍ତ ସ୍ଥାୟୀ ସମାଧାନ ଦିଗରେ କୌଣସି ପଦକ୍ଷେପ ନିଆଯାଇନାହିଁ। ଏହି ଘଟଣାକୁ ନେଇ ସାମାଜିକ କର୍ମୀ ଓ ସ୍ଥାନୀୟ ପ୍ରତିନିଧିମାନେ ମଧ୍ୟ ଉଦ୍‌ବେଗ ପ୍ରକାଶ କରିଛନ୍ତି।

## ଗୃହରକ୍ଷୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ବୋରିଗୁମ୍ମା,୭।୭ (ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲା ବୋରିଗୁମ୍ମା ସଦର ଥାନା ପରିସରରେ ଥାନା କର୍ମଚାରୀ ପକ୍ଷରୁ ଅବସର ଗ୍ରହଣ କରିଥିବା ଗୃହରକ୍ଷୀ ତଥା ସହରର ଚର୍ଚ୍ଚିତ ଚେହେରା ଜି.ପ୍ରଶାନ୍ତ ରାଓ (ଏଣ୍ଡୁ ଭାଇନା)ଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି | ତାଙ୍କ ଦୀର୍ଘ ୩୦ ବର୍ଷର ନିଜର ପ୍ରଶାସନିକ ଦାୟିତ୍ୱକୁ ଦକ୍ଷତାର ସହ ତୁଲାଇଥିବା ବେଳେ ଅନ୍ୟପଟେ ପରିବେଶ ସୁରକ୍ଷା ଓ ପ୍ରତିଦିନ ଭୋର ସକାଳୁ ଫୁଲ ତଳି ଆଣି ସହରର ସମସ୍ତ ମଠ ମନ୍ଦିର ମାନଙ୍କୁ ଯୋଗାଇବା ପ୍ରତି ତାଙ୍କର ନିଷ୍ଠା ଓ ସମର୍ପଣ ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି | ତାଙ୍କ ନେତୃତ୍ୱ ଓ ପ୍ରେରଣାରେ ସହରର ମୁଖ୍ୟ ଛକରେ ଥିବା ତ୍ରିନାଥ ମନ୍ଦିରରେ ପ୍ରତି ରବିବାର ତ୍ରିନାଥମେଳାରେ ନିରନ୍ତର ଅବଦାନକୁ ସେ ଯୁବପିଢ଼ିଙ୍କ ପାଇଁ ଏକ ଅନୁକରଣୀୟ ଉଦାହରଣ ସାଜିଛନ୍ତି । ସବୁ ସମୟ ରେ ଲୋକଙ୍କ ସାଥିରେ ରହିଥିବା ଏହି ସରଳ ବ୍ୟକ୍ତି ଜି. ପ୍ରଶାନ୍ତ ରାଓ (ଏଣ୍ଡୁ ଭାଇନା)ଙ୍କ କାର୍ଯ୍ୟଶୈଳୀ, କାର୍ଯ୍ୟଦକ୍ଷତା, ଅମାୟିକ ବନ୍ଧୁତା ଏବଂ ସମସ୍ତଙ୍କ ପ୍ରତି ଥିବା ତାଙ୍କର ନିଷ୍ଠାପର ସହଯୋଗକୁ ମନେପକାଇବା ସହ ତାଙ୍କର ଉତ୍ତମ ସ୍ୱାସ୍ଥ୍ୟ କାମନା କରିଥିଲେ । ନିକଟରେ ଅବସର ନେଇଥିବା ଗୃହରକ୍ଷୀ ଏଣ୍ଡୁ ଭାଇନାଙ୍କୁ ବୋରିଗୁମ୍ମା ବଣିକସଙ୍ଘ ସଭାପତି ସୂର୍ଯ୍ୟ ନାରାୟଣ ଆଚାରୀଙ୍କ ସମେତ ସହରବାସୀ ଅବସର କାଳୀନ ଶୁଭେଚ୍ଛା ଓ ସମ୍ବର୍ଦ୍ଧନା ଜଣାଇଥିବା ବେଳେ ସ୍ଥାନୀୟ ଲୋକେ ଏହାକୁ ଅଞ୍ଚଳ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି କହିଛନ୍ତି |

## ଆଦର୍ଶ ଶିକ୍ଷକଙ୍କୁ ଓଡ଼ିଶାର ଜାତୀୟ ଆଇକନ୍ -୨୦୨୬ ରେ ସମ୍ମାନୀତ



କେନ୍ଦ୍ରାପଡା,୭।୭(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ବ୍ଲକ ଆଦର୍ଶ ବିଦ୍ୟାଳୟର ଶିକ୍ଷକ ସେକ୍ ନିଆଜୁଦ୍ଦିନ୍‌ଙ୍କୁ ନ୍ୟାସନାଲ୍ ଆଇକନ୍ ଅଫ୍ ଓଡିଶା ଆୱାର୍ଡ -୨୦୨୬ରେ ସମ୍ମାନୀତ କରାଯାଇଛି। ଭୁବନେଶ୍ୱର ଜୟଦେବ ବିହାରଠାରେ ଥିବା ଉତ୍କଳ ରଙ୍ଗମଂଚ କେଳୁ ଚରଣ ମହାପାତ୍ରଙ୍କ ଓଡିଶୀ ରିସର୍ଚ୍ଚ ସେରରେ ଆୟୋଜିତ ଏକ ସମାରୋହରେ ଆଦର୍ଶ ଶିକ୍ଷକ ସେକ୍ ନିଆଜୁଦ୍ଦିନ୍‌ଙ୍କୁ ଜାତୀୟ ଆଇକନ୍ ଅଫ୍ ଓଡିଶା -୨୦୨୬ ରେ ସମ୍ମାନୀତ କରାଯାଇଛି । ଏଥିପାଇଁ ନିଆଜୁଦ୍ଦିନ୍‌ଙ୍କୁ ମାନପତ୍ର, ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଛି । ଶିକ୍ଷା ମୁଖ୍ୟ ଏ.ଆଇ. ଡାଟା ବିଜ୍ଞାନର ମୁଖ୍ୟ ଡଃ. ଚିନ୍ମୟ କୁମାର ନାୟକ, ଆଇ.ଏଚ୍.ଆର୍.ସିର ରାଜ୍ୟ ସଭାପତି ଇ.ଆର୍ ସନ୍ତୋଷ କୁମାର ହୋତା, ରାଜ୍ୟ ସିଭିଲ୍ ପୋଟ୍ରେକ୍ସନ୍ ଲିଗାଲ୍ ସର୍ଭିସ୍‌ର ଭଗବାନ୍ ପାତ୍ର ପ୍ରମୁଖ ଉପସ୍ଥିତ ରହି ସମ୍ବର୍ଦ୍ଧିତ କରିଥିଲେ । ପ୍ରକାଶଥାଉକି ଆଦର୍ଶ ଶିକ୍ଷକ ସେକ୍ ନିଆଜୁଦ୍ଦିନ୍ ପୂର୍ବରୁ ମଧ୍ୟ ଶ୍ରେଷ୍ଠ ଶିକ୍ଷକ ଭାବେ ସମ୍ମାନୀତ ହୋଇଥିଲେ । ଶିକ୍ଷକ ଏହି ସମ୍ମାନରେ ସମ୍ମାନୀତ ହେବାପରେ ଡେରାବିଶ ଆଦର୍ଶ ବିଦ୍ୟାଳୟରେ ଖୁସିର ଲହରୀ ଖେଳି ଯାଇଛି ।

## ସ୍ୱାଭିମାନ ଅଞ୍ଚଳରେ ଆଇଟିଡିଏ ପକ୍ଷରୁ ବୃହତ ଜାଫ୍ରା ଚାଷର ଶୁଭାରମ୍ଭ



ମାଲକାନଗିରି,୭।୭ (ସଂଚାର ବ୍ୟୁରୋ): ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ନିର୍ଦ୍ଦେଶକ୍ରମେ ଆଇଟିଡିଏ ପ୍ରକଳ୍ପ ପ୍ରଶାସକଙ୍କ ପଦକ୍ଷେପ କ୍ରମେ ଚିତ୍ରକୋଣ୍ଡା ବ୍ଲକର ସ୍ୱାଭିମାନ ଅଞ୍ଚଳରେ ସେତୁ ଯୋଜନା ଅଧୀନରେ ଏକ ବୃହତ ଜାଫ୍ରା ଚାରା ରୋପଣ କାର୍ଯ୍ୟକ୍ରମ ସଫଳତାର ସହ ଆରମ୍ଭ ହୋଇଯାଇଛି। ଗୁଣ୍ଡାୱାଡା ପଞ୍ଚାୟତର ଘାଟୁକୋଣ୍ଡା, ପୋପୁଲୁର ପଞ୍ଚାୟତର ସାଦେରି ଏବଂ କୁର୍ମାନୁର ପଞ୍ଚାୟତର ଆଲୁରକୋଟା ଗ୍ରାମରେ ଏହି କାର୍ଯ୍ୟକ୍ରମ ଏକ ସମୟରେ ଆରମ୍ଭ କରାଯାଇଛି। ଏହି ଅଭିଯାନ ମାଧ୍ୟମରେ ପ୍ରାୟ ୧,୦୦୦ ହେକ୍ଟର ଜମିରେ ୮ ଲକ୍ଷ ଜାଫ୍ରା ଚାରା ରୋପଣ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି, ଯାହାଦ୍ୱାରା ଅଞ୍ଚଳର ପ୍ରାୟ ୧,୫୦୦ ଅନୁସୂଚିତ ଜନଜାତି ପରିବାର ଉପକୃତ ହେବେ। ବିଶେଷ କରି କୋଣ୍ଡା ରେଡ୍ଡୀ, ପରଜା, କନ୍ଧ, ଗଦବା, କୋଟିଆ ଓ ଦିଦାୟୀ ଭଳି ଆଦିବାସୀ ସମ୍ପ୍ରଦାୟଙ୍କୁ ଏହା ଆଗାମୀ ଦିନରେ ଏକ ସ୍ଥାୟୀ ଜୀବିକାର ସୁଯୋଗ ଯୋଗାଇଦେବ।

ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜାଫ୍ରା ମଞ୍ଜି ସଂଗ୍ରହ ଓ ବଜାରରେ ଏହାର ବିକ୍ରି ମାଧ୍ୟମରେ ସ୍ଥାନୀୟ ଲୋକଙ୍କ ଆର୍ଥିକ ସ୍ଥିତି ସୁଧାରିବା ସହ ପରିବେଶର ସନ୍ତୁଳନ ରକ୍ଷା କରିବା ଏବଂ ସବୁଜିମା ବୃଦ୍ଧି କରିବା। ଏହା ସହିତ ଏହି ଜାଫ୍ରା ଚାଷ ଅଞ୍ଚଳରେ ଚାଲିଥିବା ବେଆଇନ ଗଞ୍ଜେଇ ଚାଷକୁ ସମ୍ପୂର୍ଣ୍ଣ ରୂପେ ନିପାତ କରିବାରେ ଜିଲ୍ଲା ପ୍ରଶାସନକୁ ବଡ଼ ସହାୟତା କରିବ। ଜିଲ୍ଲାପାଳଙ୍କ ସହ ଆଲୋଚନା ସମୟରେ ଆଦିବାସୀ ସମ୍ପ୍ରଦାୟ ବେଆଇନ ଗଞ୍ଜେଇ ଚାଷ ଛାଡି ଏହି ସ୍ଥାୟୀ ଚାଷକୁ ଆପଣେଇବା ପାଇଁ ସ୍ୱେଚ୍ଛାକୃତ ଭାବେ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅଭିଯାନକୁ ସଫଳ କରି ସ୍ୱାଭିମାନ ଅଞ୍ଚଳର ବିକାଶ ଧାରାକୁ ଆଗକୁ ବଢ଼ାଇବା ପାଇଁ ଜିଲ୍ଲା ପ୍ରଶାସନ ଓ ଆଇଟିଡିଏ ପକ୍ଷରୁ ସ୍ଥାନୀୟ ଜନସାଧାରଣଙ୍କୁ ସହଯୋଗ କରିବା ପାଇଁ ଅପିଲ କରାଯାଇଛି।

## ସୁବର୍ଣ୍ଣରେଖା ମହାବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା



ବାଲିଆପାଳ,୭।୭ (ସଂଚାର ବ୍ୟୁରୋ): ସୁବର୍ଣ୍ଣରେଖା ମହାବିଦ୍ୟାଳୟ, ବାଲିଆପାଳ ପକ୍ଷରୁ ଶିକ୍ଷା ବିଭାଗର ପ୍ରାଧ୍ୟାପକ ଶ୍ରୀ ସଚ୍ଚିନ୍ଦ୍ରନାଥ ଦତ୍ତ, ସହାୟକ ଶ୍ରୀ ପ୍ରଦୀପ କୁମାର ଦାସ ଏବଂ ସହାୟିକା ଶ୍ରୀମତୀ କାଞ୍ଚନ ସେଠୀଙ୍କ ଅବସର ଉପଲକ୍ଷେ ଏକ ଭାବପୂର୍ଣ୍ଣ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଶ୍ରୀମତୀ ଶାନ୍ତିଲତା ଗିରିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ଇଂରାଜୀ ବିଭାଗର ପ୍ରାଧ୍ୟାପକ ଶ୍ରୀ ବିକାଶ ଚନ୍ଦ୍ର ଜେନା ଓ ରାଜନୀତି ବିଜ୍ଞାନ ବିଭାଗର ବରିଷ୍ଠ ଅଧ୍ୟାପକ ଡ. ରଞ୍ଜନ କୁମାର ପାଢ଼ୀ ବକ୍ତବ୍ୟ ରଖି ଅବସରପ୍ରାପ୍ତ କର୍ମଚାରୀମାନଙ୍କର ନିଷ୍ଠା, କର୍ମଦକ୍ଷତା ଓ ମହାବିଦ୍ୟାଳୟ ପ୍ରତି ସେମାନଙ୍କ ଅବଦାନକୁ ପ୍ରଶଂସା କରିଥିଲେ। ସଭାରେ ଅବସରପ୍ରାପ୍ତ ତିନିଜଣଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ସ୍ମାରକ ପ୍ରଦାନ କରାଯାଇ ସେମାନଙ୍କର ସୁସ୍ୱାସ୍ଥ୍ୟ, ଦୀର୍ଘାୟୁ ଓ ସୁଖମୟ ଅବସର ଜୀବନ କାମନା କରାଯାଇଥିଲା। ଶେଷରେ ବାଣିଜ୍ୟ ବିଭାଗର ବରିଷ୍ଠ ଅଧ୍ୟାପକ ଶ୍ରୀ ସତ୍ୟନାରାୟଣ ସାହୁ ଉପସ୍ଥିତ ସମସ୍ତ ଅତିଥି, ଅଧ୍ୟାପକ, ଅଧ୍ୟାପିକା ଅଣଶିକ୍ଷକ କର୍ମଚାରୀ ଏବଂ ସହଯୋଗୀମାନଙ୍କୁ ଧନ୍ୟବାଦ ଜଣାଇ ସଭାର ସମାପ୍ତି ଘୋଷଣା କରିଥିଲେ।

## ଆସ ଖେଳିବା, ଆସ ଶିଖିବା କାର୍ଯ୍ୟକ୍ରମ ଶୁଭାରମ୍ଭ

କେନ୍ଦ୍ରାପଡା,୭।୭(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ବ୍ଲକ୍ ସମ୍ମିଳନୀ କକ୍ଷରେ ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ରକେଟ୍ ଲର୍ଣ୍ଣିଙ୍ଗ୍ ଅନୁଷ୍ଠାନର ମିଳିତ ପ୍ରୟାସରେ ଆସ ଖେଳିବା, ଆସ ଶିଖିବା ଏକ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି । କେନ୍ଦ୍ରାପଡାର ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ୦ ରୁ ୬ ବର୍ଷର ଶିଶୁଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ନୂତନ ପ୍ରାରମ୍ଭିକ ଶିକ୍ଷା ପଦକ୍ଷେପ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଣୀ ସୁଷମା ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡିସି ପୋଷଣ ସଂଜୟ ପାତ୍ର, ଡିପିଏ ପୋଷଣ ସୁନିତା ବେହେରା, ଡିପିସି ମମତା ମନୋରଂଜନ ଦାସ, ଡିପିଏ ମମତା ଶୁଭେନ୍ଦୁ ଦାସ ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରାରମ୍ଭିକ ଶୈଶବ ଶିକ୍ଷାକୁ ସୁଦୃଢ଼ କରିବା, ଶିଶୁମାନଙ୍କର ସର୍ବାଙ୍ଗୀନ ବିକାଶକୁ ପ୍ରୋତ୍ସାହନ ଦେବା ଏବଂ ଆସ ଖେଳିବା ଆସ ଶିଖିବା କାର୍ଯ୍ୟକ୍ରମର ବିସ୍ତୃତ ଭାବେ ଆଲୋଚନା କରି ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା ।

## ବନମହୋତ୍ସବ ପାଳିତ

କୋରାପୁଟ,୭।୭ (ସଂଚାର ବ୍ୟୁରୋ): ୭୭ତମ ବନମହୋତ୍ସବ ଅବସରରେ କୋରାପୁଟ ବନଖଣ୍ଡ ପକ୍ଷରୁ ସୋମବାର ସ୍ଥାନୀୟ ସହିଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ ନିକଟସ୍ଥ ପାହାଡ଼ ଅଞ୍ଚଳରେ ଜିଲ୍ଲାସ୍ତରୀୟ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପାହାଡ଼ ଅଞ୍ଚଳକୁ ସବୁଜ ବନାନୀରେ ପରିଣତ କରିବା ଉଦ୍ଦେଶ୍ୟରେ ବ୍ୟାପକ ବୃକ୍ଷରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣ କରି ଅଭିଯାନର ଶୁଭାରମ୍ଭ କରିଥିଲେ। ସେ “ମା’ଙ୍କ ନାମରେ ଗଛଟିଏ” ଏବଂ “ସୁନ୍ଦର କୋରାପୁଟ, ସବୁଜ କୋରାପୁଟ” ବାର୍ତ୍ତା ଦେଇ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଅତି କମରେ ଗୋଟିଏ ଗଛ ଲଗାଇ ତାହାର ଯତ୍ନ ନେବାକୁ ଆହ୍ୱାନ କରିଥିଲେ। ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ଓ ସୁସ୍ଥ ସମାଜ ଗଠନ ପାଇଁ ବୃକ୍ଷରୋପଣର ଗୁରୁତ୍ୱ ସମ୍ପର୍କରେ ସେ ଆଲୋକପାତ କରିଥିଲେ। ବିଭିନ୍ନ ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ, ବିଏସଏଫ୍ ଯବାନ ଏବଂ ସ୍ଥାନୀୟ ଜନସାଧାରଣ ବୃକ୍ଷରୋପଣ କାର୍ଯ୍ୟରେ ସକ୍ରିୟ ଭାବେ ସାମିଲ ହୋଇଥିଲେ।

### ଫିରିଙ୍ଗିଆ ପୁଲିସର ଅଭିନବ ପ୍ରୟାସ

## ଲଗାଣ ବର୍ଷାରେ ଅସହାୟ ପରିବାରକୁ ରିଲିଫ ବାଣ୍ଟିଲେ



ଫୁଲବାଣୀ,୭।୭ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ରେ ଲଗାଣ ବର୍ଷା ଲାଗିରହିଥିବା ବେଳେ ଅଧିକାଂଶ ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଗଛ ଡାଳ ଉପୁଡି ପଡିବା ସହ ଘର ଭାଙ୍ଗି ବହୁ କ୍ଷୟ କ୍ଷତି ହୋଇଥିବା ଦେଖିବାକୁ ମିଳିଛି। ତେବେ ସାଧାରଣ ଅସହାୟ ଲୋକେ ବର୍ଷାରେ ଘରୁ ବାହାରିବା ଅସମ୍ଭବ ହୋଇ ପଡ଼ିଥିବା ବେଳେ ବାହାରେ କୁଲି ମଜୁରୀ କରି ପରିବାର ପ୍ରତିପୋଷଣ କରିବାରେ ବର୍ଷା ଯୋଗୁଁ ଅସମ୍ଭବ ହୋଇ ପଡିଛି । ଏହି ପରିସ୍ଥିତି ରେ ଫିରିଙ୍ଗିଆ ଥାନା ଅଧିକାରୀ ମୁରଲୀ ଧର ସାହୁ ନିଜ ଚେଷ୍ଟା ରେ ଥାନା ର ଅନ୍ୟ ଅଫିସର ଙ୍କୁ ଧରି ଫିରିଙ୍ଗିଆ ବ୍ଲକ ରେ ଘର ଭାଙ୍ଗିଥିବା ଓ ଅସହାୟ ଅବସ୍ଥାରେ ଥିବା ପରିବାର କୁ ଭେଟି ଚୁଡା, ଚିନି, ବିସ୍କୁଟ, କଦଳୀ ମହମ ବତୀ ଇତ୍ୟାଦି ପ୍ରଦାନ କରିଛନ୍ତି। ତେବେ ଏହି ରିଲିଫ ବଣ୍ଟନ କାର୍ଯ୍ୟକ୍ରମ ରେ ଥାନା ଅଧିକାରୀ ଙ୍କ ସହ ଏସ ଆଇ ଅଜୟ କୁମାର ସାହୁ, ଏସ ଆଇ ଦୀପକ ରାଉତ, ଏ ଏସ ଆଇ ପ୍ରିୟ ରଞ୍ଜନ ନାୟକ, ଏ ଏସ ଆଇ ବିଜୟ ନାୟକ ଥାନାରେ କାର୍ଯ୍ୟରତ ଗୃହ ରକ୍ଷି ମିଶି ରତଙ୍ଗ ପଞ୍ଚାୟତ ର କଟା କନ୍ଦେଲି, ସିଙ୍ଗା ବାଡ଼ି, ବାଇ ମାହା , ଡାଙ୍ଗେଡି କିଆ ଭଳି ବିଭିନ୍ନ ଗାଁକୁ ଯାଇ ଅସହାୟ ବୃଦ୍ଧ ବୃଦ୍ଧା ଓ ଘର ଭାଙ୍ଗିଥିବା ପରିବାର କୁ ସହାୟତା ପ୍ରଦାନ କରିଛନ୍ତି । ଆଗାମୀ ଦିନରେ ମଧ୍ୟ ବିଭିନ୍ନ ଗାଁରେ ଲୋକ ସମ୍ପର୍କ ବଢ଼ାଇବା ସହ ଅସହାୟ ଲୋକଙ୍କୁ ବିଭିନ୍ନ କ୍ଷେତ୍ରରେ ସହଯୋଗ କରାଯିବ

## ଜିଲ୍ଲା କାର୍ଯ୍ୟାଳୟ ଆଗରେ ବାସଚ୍ୟୁତ ପରିବାରର ଧାରଣା



କେନ୍ଦ୍ରାପଡା,୭।୭ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ଗ୍ରାମାଂଚଳ ଥାନା ଅନ୍ତର୍ଗତ ସୁଜନପୁର ଗ୍ରାମରେ ୭୦ ବର୍ଷ ବୟସ୍କ ଅରୁଣ ମଲ୍ଲିକଙ୍କ ବାସଗୃହକୁ ବଳପୂର୍ବକ ବାସଚ୍ୟୁତ କରିଥିବା ପ୍ରତିବାଦରେ ନ୍ୟାୟ ଦାବି ପାଇଁ ଜିଲ୍ଲା କାର୍ଯ୍ୟାଳୟ ଆଗରେ ପରିବାର ଲୋକ ଧାରଣାରେ ବସି ରହିଛନ୍ତି । ଗତ ଏପ୍ରିଲ୍ ୭ ତାରିଖ ପରିବାର ଲୋକ ଘରେ ଶୋଇଥିବାବେଳେ କିଛି ଅସାମାଜିକ ବ୍ୟକ୍ତି ଘର ଭିତରେ ପ୍ରବେଶ କରି ପରିବାର ଲୋକଙ୍କୁ ମାଡ ମାରି ଘରର ସମସ୍ତ ଆସବାବ ପତ୍ର ଫୋପାଡି ଦେବା ସହ ଏମାନଙ୍କୁ ଗ୍ରାମରେ ତଡିଦେଇଥିବା ଥାନାରେ ଅଭିଯୋଗ ହୋଇଥିଲା । ଥାନା ଅଧିକାରୀ ଅଭିଯୁକ୍ତ ମାନଙ୍କ ବିରୁଦ୍ଧରେ ଏକ ମାମଲା ରୁଜୁକରି ହାତବାନ୍ଧି ବସିଛନ୍ତି । ପାଲଟା ଏହି ପରିବାର ଲୋକଙ୍କ ନାମରେ ଚୋରୀ କେଶ୍‌ରେ ମିଥ୍ୟା ମାମଲା ରୁଜୁ କରାଇଛନ୍ତି। ଏ ସମ୍ପର୍କରେ ପରିବାର ଲୋକ ମାନ୍ୟବର ମୁଖ୍ୟମନ୍ତ୍ରୀ, ପୋଲିସ୍ ମହାନିର୍ଦ୍ଦେଶକ, ଗ୍ରାମାଂଚଳ ଆଇଜିଙ୍କୁ ଅଭିଯୋଗ କରି କୌଣସି ସୁଫଳ ନ ମିଳିବାରୁ ପରିବାରର ସମସ୍ତ ସଦସ୍ୟ ଜିଲ୍ଲା କାର୍ଯ୍ୟାଳୟ ଆଗରେ ଧାରଣାରେ ବସି ରହିଛନ୍ତି । ତୁରନ୍ତ ଏମାନଙ୍କୁ ନ୍ୟାୟ ପ୍ରଦାନ କରିବାକୁ ପରିବାର ଲୋକ ଦାବି କରିଛନ୍ତି ।

## ସାଗରପାଲିରେ ଗ୍ରୀନ ମେମୋରୀ କ୍ୟାମ୍ପେନର ନିଆରା ବନମହୋତ୍ସବ



ସୁନ୍ଦରଗଡ,୭।୭ (ସଂଚାର ବ୍ୟୁରୋ): ଜଳବାୟୁ ପରିବର୍ତ୍ତନ, ଜଙ୍ଗଲ କ୍ଷୟ, ଜୈବ ବିବିଧତାର ହ୍ରାସ ଓ ବଢୁଥିବା ପରିବେଶ ପ୍ରଦୂଷଣ ଆଜି ସମଗ୍ର ବିଶ୍ୱ ପାଇଁ ଗମ୍ଭୀର ଚିନ୍ତାର ବିଷୟ। ଏଭଳି ସମୟରେ ବୃକ୍ଷରୋପଣ ସହିତ ଜଳ, ଜମି, ଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ସମନ୍ୱିତ ସୁରକ୍ଷା ଏକ ସୁସ୍ଥ ଭବିଷ୍ୟତର ମୂଳ ଆଧାର ବୋଲି ବାର୍ତ୍ତା ଦେଇ ସାଗରପାଲି ଗ୍ରାମରେ ‘ଗ୍ରୀନ ମେମୋରୀ କ୍ୟାମ୍ପେନ’ ପକ୍ଷରୁ ନିଆରା ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି।

ସ୍ୱେଚ୍ଛାସେବୀ ଅନୁଷ୍ଠାନ ‘ସେବକ’ର ସହଯୋଗରେ ପରିଚାଳିତ ଏହି ଅଭିଯାନ ଜୀବନର ସ୍ମରଣୀୟ ଦିବସକୁ ବୃକ୍ଷରୋପଣ ସହିତ ଯୋଡ଼ିବାର ଏକ ଅଭିନବ ପ୍ରୟାସ। ଜନ୍ମଦିନ, ବିବାହ ବାର୍ଷିକୀ, ପ୍ରିୟଜନଙ୍କ ସ୍ମୃତି କିମ୍ବା ଅନ୍ୟ ସ୍ମରଣୀୟ ଦିନରେ ଗଛଟିଏ ଲଗାଇ ତାହାକୁ ଆଜୀବନ ସୁରକ୍ଷା କରିବାକୁ ଏହି କ୍ୟାମ୍ପେନ ଆହ୍ୱାନ ଦେଉଛି।

ଚଳିତ ବନ ମହୋତ୍ସବ ସପ୍ତାହ ଅବସରରେ ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ସାଗରପାଲି ଗ୍ରାମରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣର ମହତ୍ତ୍ୱ ବର୍ଣ୍ଣନା କରିଥିଲେ। ସେ କହିଥିଲେ ଯେ, “ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ବୃକ୍ଷ ହିଁ ମଣିଷର ଏକମାତ୍ର ସାଥୀ।” ତେଣୁ ପ୍ରତ୍ୟେକ ଲୋକ ଗଛ ଲଗାଇବା ସହିତ ତାହାର ଯତ୍ନ ନେବାକୁ ନିଜର ଦାୟିତ୍ୱ ଭାବେ ଗ୍ରହଣ କରିବା ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ। ‘ସେବକ’ର କାର୍ଯ୍ୟକ୍ରମ ନିର୍ଦ୍ଦେଶକ ତଥା ‘ଗ୍ରୀନ ମେମୋରୀ କ୍ୟାମ୍ପେନ’ର ପ୍ରତିଷ୍ଠାତା ଦିଗାମ୍ବର ଉପାଧ୍ୟାୟ ଉଦ୍‌ବୋଧନ ଦେଇ କହିଥିଲେ ଯେ, ଗଛ ଲଗାଇବା ସହିତ ଜଙ୍ଗଲ, ଜଳାଶୟ, ପକ୍ଷୀ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ। ଜୀବନର ପ୍ରତ୍ୟେକ ସ୍ମରଣୀୟ ଦିବସକୁ ଗଛ ରୋପଣ ସହିତ ଯୋଡ଼ି ତାହାକୁ ଆଜୀବନ ସୁରକ୍ଷା କରିବାକୁ ସେ ଆହ୍ୱାନ ଦେଇଥିଲେ।

ସାଗରପାଲିର ଏହି ବନ ମହୋତ୍ସବ କେବଳ ବୃକ୍ଷରୋପଣ କାର୍ଯ୍ୟକ୍ରମ ନୁହେଁ, ବରଂ ପ୍ରକୃତି ସଂରକ୍ଷଣକୁ ଏକାଠି କରିଥିବା ଏକ ସବୁଜ ଆନ୍ଦୋଳନର ବାର୍ତ୍ତା ଦେଇଥିଲା।

## କଳିଙ୍ଗନଗର ରୋଟାରୀ କ୍ଲବ ତରଫରୁ ଚାରାରୋପଣ କାର୍ଯ୍ୟକ୍ରମ



ଯାଜପୁର ରୋଡ଼, ୭।୭ (ସଂଚାର ବ୍ୟୁରୋ): ପ୍ରକୃତି ଓ ମାନବ ସମାଜ ମଧ୍ୟରେ ସନ୍ତୁଳନ ରକ୍ଷା କରିବାରେ ବୃକ୍ଷର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବୃକ୍ଷ କେବଳ ପରିବେଶକୁ ସବୁଜ ସୁନ୍ଦର ରଖି ନଥାଏ ବରଂ ମାନବ ଜୀବନର ଅସ୍ତିତ୍ୱକୁ ସୁରକ୍ଷିତ ରଖିଥାଏ। ସମଗ୍ର ବିଶ୍ୱରେ ତାପମାତ୍ରା ବୃଦ୍ଧି, ଅନିୟମିତତା ବର୍ଷା,ପ୍ରାକୃତିକ ବିପର୍ଯ୍ୟୟ ଓ ପରିବେଶ ପ୍ରଦୂଷଣ ଭଳି ଗଭିର ସମସ୍ୟାକୁ ମୁକାବିଲା କରିବା ପାଇଁ ବ୍ୟାପକ ବୃକ୍ଷରୋପଣ ଓ ଜଙ୍ଗଲ ସୁରକ୍ଷା ହେଉଛି ସର୍ବୋତମ ଉପାୟ। ଏହାକୁ ଆଖି ଆଗରେ ରଖି ସାରା ରାଜ୍ୟରେ ୭୭ତମ ବନ ମହୋତ୍ସବ ସପ୍ତାହ ପାଳନ କରାଯାଉଥିବା ବେଳେ ଆଜି ବ୍ୟାସନଗର କଲେଜର ପ୍ରତିଷ୍ଠା ଦିବସ ଅବସରରେ କଳିଙ୍ଗନଗର ରୋଟାରି କ୍ଲବ ଓ କଲେଜର ଆଲୁମିନି ସଦସ୍ୟଙ୍କ ମିଳିତ ସହଯୋଗରେ କଲେଜ ପରିସରରେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ରୋଟାରି କ୍ଲବର ସଭାପତି ରୋଟାରୀୟାନ ଡ଼ଃ ଦେବସ୍ମିତା ସାହୁ ଓ ସମ୍ପାଦକ ରୋଟାରୀୟାନ ଅରୁଣ କୁମାର ବେହେରାଙ୍କ ସମେତ ସମସ୍ତ ରୋଟାରି ପରିବାରର ସଦସ୍ୟ ଓ କଲେଜର ଅଧ୍ୟକ୍ଷଙ୍କ ସମେତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ମାନେ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ପୁଷ୍ପଲତା ମିଶ୍ର

# ବାନ୍ଧି ରଖିଲେ ବନ୍ଧୁ ସୁନ୍ଦର



ବାନ୍ଧି ଜାଣିଲେ ବନ୍ଧୁ ସୁନ୍ଦର ଏହାର ଅର୍ଥ ହେଉଛି ଯିଏ ସମ୍ପର୍କକୁ ସ୍ନେହ, ବିଶ୍ୱାସ, ସମ୍ମାନ ଓ ଦାୟିତ୍ୱର ସୂତ୍ରରେ ବାନ୍ଧି ରଖିବାକୁ ଜାଣେ, ସେହି ବ୍ୟକ୍ତି ହିଁ ପ୍ରକୃତ ବନ୍ଧୁ ଏବଂ ତାଙ୍କର ବନ୍ଧୁତ୍ୱ ସୁନ୍ଦର ହୁଏ। ଜୀବନରେ ବନ୍ଧୁତ୍ୱ ଏକ ଅମୂଲ୍ୟ ସମ୍ପଦ। ଧନ ସମ୍ପତ୍ତି କିମ୍ବା ପଦ ମର୍ଯ୍ୟାଦାଠାରୁ ମଧ୍ୟ ଜଣେ ସତ୍ୟ ବନ୍ଧୁର ମୂଲ୍ୟ ଅଧିକ।ସୁଖରେ ସମସ୍ତେ ପାଖରେ ରୁହନ୍ତି, କିନ୍ତୁ ଦୁଃଖ ସମୟରେ ଯିଏ ସାହସ ଦିଏ ସାଥୀ ହୋଇ ଠିଆ ହୁଏ, ସେହି ହେଉଛି ପ୍ରକୃତ ବନ୍ଧୁ।

ମନୋଜ ଆଉ ସରିତା ଦୁଇ ସାଙ୍ଗ, ଏକାଠି ଖାଇବା, ଖେଳିବା ସହିତ ସାଙ୍ଗ ହୋଇ ବୁଲିବାକୁ ବହୁତ ପସନ୍ଦ ଦୁଇଜଣଙ୍କର।

ମନୋଜର ବାପା ଥିଲେ ଚାଷୀ, ଚାଷ କରି ଗୁଜୁରାଣ ମେଣ୍ଟାଉଥିଲେ। କିନ୍ତୁ ସରିତା ଥିଲା ଧନୀ ଘରର ଝିଅ ବାପା ମାଆଙ୍କର ଏକ ମାତ୍ର ଅଲିଅଳି ଝିଅ। ବାପା ଜଣେ ବଡ଼ ଅଫିସର୍ ଥିଲେ। ରୂପରେ ଗୁଣରେ ଅପସରା ପରି, ଏ ଦୁଇ ଜଣଙ୍କର ଖେଳିବା ବୁଲିବା ଦେଖି ସରିତାର ବାପା କୁଞ୍ଜ ବିହାରୀ ଦାସ ଚିନ୍ତାରେ ପଡ଼ିଥିଲେ। ଝିଅ ଯଦି ମନୋଜକୁ ଭଲ ପାଇ ବସିବ ବହୁତ ଅଡୁଆ ହେଇ ଯିବ। ସରିତାକୁ ଭଲ ବର ଘର ଦେଖି ବିବାହ ଦେବି। ନିଜ ସମାସ୍କନ୍ଦ ରେ ବନ୍ଧୁ ବାନ୍ଧିବି, ଏହା ଚିନ୍ତା କରି କୁଞ୍ଜ ବିହାରୀ ମନୋଜକୁ ଡକାଇ ପଠାଇଲେ। ଠିକ୍ ସମୟ ରେ ମନୋଜ ଆସି ପହଁଚିଲା, କହିଲା, ମଉସା ମତେ ଖୋଜୁ ଥିଲେ କି, ମୁଁ କଲେଜ ନ ଯାଇ ଆପଣଙ୍କ ପାଖକୁ ପଳେଇ ଆସିଲି। କଣ କହିବାର ଅଛି କୁହନ୍ତୁ ମୁଁ କଲେଜ ଯିବି। ସରିତାର ବାପା କହିଲେ ସରିତାର ବାହାଘର ଠିକ୍ କରିବାକୁ ପଡ଼ିବ ସବୁ ଦାୟିତ୍ୱ ତୁମେ ହିଁ ବୁଝିବ ମୋର ଆଉ କିଏ ଅଛି ଯେ ବୁଝିବ। ଆଉ ଗୋଟିଏ କଥା ସରିତାର ତ ଭାଇ ନାହିଁ ତେଣୁ ତୁମେ ହିଁ ତାର ଭାଇ ଭଳି ସବୁ କାମ କରିବା, ତୁମେ ମୋର ମଧ୍ୟ ଗୋଟେ ପୁଅ।

ବନ୍ଧୁତ୍ୱ କେବଳ ପରିଚୟ ରେ ସୀମିତ ନୁହେଁ।ଏହା ବିଶ୍ୱାସ, ସହଯୋଗ ,ତ୍ୟାଗ ଓ ସହାନୁଭୂତି ଉପରେ ଗଢ଼ି ଉଠେ। ଜଣେ ଭଲ ବନ୍ଧୁ କେବଳ ପ୍ରଶଂସା କରେ ନାହିଁ,ଆବଶ୍ୟକ ସମୟରେ ଭୁଲ୍ କୁ ଦେଖାଇ ସଠିକ୍ ପଥରେ ଚାଲିବାକୁ ମଧ୍ୟ ପ୍ରେରଣା ଦିଏ। ସରିତା ଅଧିକ ପାଠ ପଢ଼ିବା ପାଇଁ ସହରକୁ ଚାଲିଗଲା। ମନୋଜ ଗାଁ କଲେଜ ରେ ପଢ଼ିବା ସହିତ ବାପା ଙ୍କୁ ମଧ୍ୟ ଚାଷ ବାସ ରେ ସାହାଯ୍ୟ କରୁଥାଏ। ସରିତା ମଝିରେ ମଝିରେ ଗାଁକୁ ଆସେ ଆଉ ସେ ମନୋଜ ସହ ବୁଲିବା ଠାରୁ ଆରମ୍ଭ କରି ଏକାଠି ବସା ଉଠା କରୁଥାଏ। ଦିନେ ସରିତା ସିଢି ପାହାଚ ରୁ ଓହ୍ଲାଇଲା ବେଳେ ଅସାବଧାନତା ରେ ପଡ଼ିଗଲା। ସରିତାର ବାପା କୁଞ୍ଜବାବୁ ସରିତାକୁ ମେଡିକାଲ ନେଇ ଗଲେ। ଗୋଡ ଭାଙ୍ଗି ଯାଇଥାଏ, ଏ କଥା ଶୁଣି ମନୋଜ ଯାଇ ମେଡିକାଲରେ ପହଁଚି ଗଲା। ସରିତା ଭଲ ହେବା ପର୍ଯ୍ୟନ୍ତ ଭାଇ ଭଳି ତାକୁ ଜଗି ରହିଲା, ଭଲ କରି ଘରକୁ ଆଣିଲା। ସମ୍ପୂର୍ଣ୍ଣ ଭଲ ହେବା ପର୍ଯ୍ୟନ୍ତ ମନୋଜ ସରିତା ପାଖେ ପାଖେ ରହି ତାର ଯତ୍ନ ନେଇଥାଏ।ସତ ବନ୍ଧୁ କେବେ ବି ବିପଦରେ ସାଥୀ ଛାଡ଼ି ଯାଏ ନାହିଁ। ସବୁ ପରିସ୍ଥିତି ରେ ନିଜ ବନ୍ଧୁର ସୁଖ ଦୁଃଖର ସହଭାଗୀ ହୁଏ।ତେଣୁ ମୁଁ ତୋତେ ସରିତା କେମିତି ଛାଡ଼ି ଚାଲି ଯିବି। କିଛି ଦିନ ପରେ ସରିତାର ବାହାଘର ଠିକ୍ ହେଇଛି, ପୁଅଟି ବାଙ୍ଗାଲୋରରେ ଇଞ୍ଜିନିୟର ଅଛି। ବିଭାଘର ଆରମ୍ଭଠାରୁ ଝିଅ ବିଦାୟ ପର୍ଯ୍ୟନ୍ତ ଅଣ୍ଟା ଭିଡ଼ି ସବୁ କାମ କରି ଟିକେ ବିଶ୍ରାମ ନେଉଥାଏ ମନୋଜ। ସରିତା, ମନୋଜ ପାଖକୁ ଆସି କହିଲା ମନୋଜ ଭାଇ ତୁମେ ଏତେ ସ୍ୱାର୍ଥପର ହୋଇଗଲ ,ବୁଝି ପାରିଲନି ମୋ ମନର କଥାକୁ, ପଢି ପାରିଲନି ମୋ ହୃଦୟ ଯନ୍ତ୍ରଣାକୁ ତୁମ ଆଦରର ଫୁଲକୁ ପର ହାତକୁ ଟେକି ଦେଇ ନିଶ୍ଚିନ୍ତରେ ନିଶ୍ୱାସ ମାରୁଛ। ମୁଁ ତୁମକୁ କିଛି କହି ପାରିଲିନି ବୋଲି ତୁମେ କିଛି ବୁଝି ପାରିଲ ନାହିଁ ତୁମେ ଭାବୁଛ ତୁମର ଗୋଟେ କଣ୍ଟା ତୁମର ଗଲା। ନାରେ ହୁଣ୍ଡି ତୁ ଠିକ୍ ସେ ମତେ ବୁଝିପାରିଲୁନି, ଆମ ସମସ୍ତଙ୍କର କର୍ତ୍ତବ୍ୟ ହେଉଛି ସ୍ୱାର୍ଥପରତାକୁ ଦୂରେଇ ସତ୍ୟ, ସ୍ନେହ ଓ ସହଯୋଗର ଆଧାରରେ ବନ୍ଧୁତ୍ୱ ଗଢ଼ି ତୋଳିବା, ଏହି ପରି ବନ୍ଧୁତ୍ୱ ଜୀବନକୁ ସୁନ୍ଦର, ସାର୍ଥକ ଓ ଆନନ୍ଦମୟ କରିଥାଏ। ମୁଁ ତୋର ପ୍ରକୃତ ବନ୍ଧୁ ସରିତା, ମୁଁ ତୋତେ ବହୁତ ଭଲ ପାଏ, ତେଣୁ ତୋ ବନ୍ଧୁ ତୋ ଭାଇ ପରି ସବୁ କାମ କରି ତୋତେ ତୋ ଶାଶୁ ଘରେ ଛାଡ଼ି ଆସିବି ଏହି ବନ୍ଧୁ ଯୁଗେ ଯୁଗେ ଅମର ହୋଇ ରହିବ। କଥାରେ ନାହିଁ "ବାନ୍ଧି ଜାଣିଲେ ପରା ବନ୍ଧୁ ସୁନ୍ଦର "।

ଭୁବନେଶ୍ୱର, ମୋବାଇଲ୍ː ୯୩୩୮୨୯୪୬୫୭

# ଧୋକା

ସତ୍ୟନାରାୟଣ ପ୍ରଧାନ



ବର ଗାଁ ମୁଣ୍ଡରେ ଆସି ପହଞ୍ଚି ଗଲାଣି। ବାଜା ବାଣ ବାଲା ପ୍ରସ୍ତୁତ କନ୍ୟା ଘର ଲୋକଙ୍କୁ ଚମକେଇ ଦେବାକୁ। ବରଯାତ୍ରୀ ନାଚ କରିବା ଲାଗି ପୁରା ଅଥୟ। ହେଲେ କନ୍ୟା ଘର ଲୋକଙ୍କର ଦେଖା ନ ଥିଲା ଆସି ପାଛୋଟି ନେବାକୁ। ଢେର ସମୟ ଅପେକ୍ଷା କଲା ପରେ ବାହାଘର ମଧ୍ୟସ୍ତି ପରାମର୍ଶରେ ବର ପକ୍ଷ ଲୋକ କନ୍ୟା ଘର ଅଭିମୁଖେ ବାହାରି ପଡିଲେ। ପାରିବାରିକ କାରଣ ପାଇଁ ଡାକିବାରେ ବିଳମ୍ବ ହୋଇଗଲା ବୋଲି ଝିଅର ବାପା ହାତଯୋଡି କ୍ଷମା ପ୍ରାର୍ଥନା କଲେ। ଘର ଭିତରୁ ପାଟିଗୋଳ ଶୁଭୁଥିଲା। କେହି ଜଣେ ବଡ଼ ପାଟିରେ ଚାଲି ଯିବାକୁ କହୁଥିଲା। ସେଇ କଣ୍ଠସ୍ୱର ଝିଅଟିଏ ବୋଲି ବାରି ହୋଇ ପଡୁଥିଲା। ବରପକ୍ଷ ଲୋକଙ୍କ ଅତିଥି ସତ୍କାରରେ ବ୍ୟାଘାତ ଦେଖା ଯିବାରୁ ପ୍ରକୃତ ଘଟଣା ଜାଣିବା ପାଇଁ ଆସିଥିବା ଲୋକଙ୍କୁ ମନରେ ସନ୍ଦେହ ଖେଳି ଯାଇଥିଲା। ବାହା ହେବାକୁ ଥିବା ଝିଅଟି ପରିବାର ଲୋକଙ୍କୁ ସିଧା ମନା କରି ଦେଇଥିଲା ବେଦୀକୁ ଯିବା ପାଇଁ। ବୁଝା ସୁଝା କଲେ ବି କିଛି ସୁଫଳ ମିଳି ପାରି ନ ଥିଲା। ନିଜ ସମ୍ମାନକୁ ଆଖି ଆଗରେ ରଖି ବର ପକ୍ଷ ଲୋକ ଆଉ ବେଶି ନିନ୍ଦା ଥଟ୍ଟା ପରିହାସ ପାତ୍ର ନ ହୋଇ ଫେରି ଯାଇଥିଲେ।

ଝିଅଟି ଖୁସି ହୋଇ ସେ ଭଲ ପାଉଥିବା ପୁଅକୁ ସେମାନଙ୍କୁ ଆଉ ବିବାହ କରିବାରେ ଅସୁବିଧା ହେବ ନାହିଁ ବୋଲି ରାତି ପାହି ସକାଳ ହେଲେ ଜଣାଇ ଦେବ ବୋଲି ନିଷ୍ପତ୍ତି ନେଇଥିଲା। ଝିଅଟି ମନରେ ଚିନ୍ତା କରିଥିଲା ଏ ଘଟଣା କିଛି ଦିନ ବିତିଯିବା ପରେ ପୁଣି ସମସ୍ତଙ୍କ ମନରୁ ଲିଭିଯିବ। ଝିଅଟି ଖୁସିରେ ଫୋନ୍ କରି ବିବାହ ଭାଙ୍ଗି ଦେଇଛି କହିବାରୁ ସେପଟୁ ଆଉ ସେ ସବୁର ଦରକାର ନାହିଁ ଶୁଣିବାକୁ ମିଳିଥିଲା। ସେ ପୁଅଟି କେବଳ ଶେଷ ମେସେଜରେ ଲେଖିଥିଲା , ତୁମେ ଚାହିଁଥିଲେ ବିବାହ ତାରିଖ ସ୍ଥିର ହେବା ପୂର୍ବରୁ ମୋ ସହିତ ବିବାହ କରି ପାରିଥାନ୍ତ। ହେଲେ ତୁମେ ଆଉ କାହାର ହେବାକୁ ଯାଉଛ ବୋଲି ସାରା ଦୁନିଆ ଜାଣିବା ପରେ କିପରି ପୁଣି ତୁମକୁ ଯେ ଗ୍ରହଣ କରି ପାରିବି। ଝିଅଟି ସେ କଥା ଶୁଣି ପଥର ପାଲଟି ଯାଇଥିଲା। ଜୀବନରେ ଅନ୍ୟକୁ ଧୋକା ଦେଇ ସେଇ ଧୋକା ନିଜେ ଖାଇବ ବୋଲି ସ୍ୱପ୍ନରେ ସୁଦ୍ଧା କଳ୍ପନା କରି ନ ଥିଲା। ଗାଁ ସାରା ଲୋକ ତାକୁ ଯେତେବେଳେ ବାଉଳି ବୋଲି କହୁଥିଲେ ତାକୁ ବଞ୍ଚି କି ମରିଗଲା ପରି ଅନୁଭବ ହେଉଥିଲା।

ଅଣ୍ଟିଆ, ଯାଜପୁର, ମୋବାଇଲ୍ː୯୧୭୮୩୧୩୬୪୪



## ବହି ପାଠ ଯଦି ଭୁଲ ହୋଇଯାଏ

ଡଃ ନାରାୟଣ ଚନ୍ଦ୍ର ସେନାପତି

ଦେଖିନାହୁଁ କେବେ ମାଆ ବାଗ୍ଦେବୀଙ୍କୁ
ଭାବିଛୁ ଅଛନ୍ତି ପଢ଼ା ବହିରେ
ବହିର ପାଠରେ ଲୁଚି ଲୁଚି ଦେଖି
ଖୁସି ଦେଉଛନ୍ତି କେତେ ଶ୍ରଦ୍ଧାରେ।

କେତେ ଜ୍ଞାନୀ ଗୁଣୀ ଲେଖିଥାନ୍ତି ବହି
ତଥ୍ୟ ତତ୍ତ୍ୱ ଜ୍ଞାନ ସବୁ ପରଖି
ତାକୁ ଛାତ୍ର ଛାତ୍ରୀ ଭାବୁଥାନ୍ତି ବେଦ
ଭକତି ଭାବରେ ନାଆନ୍ତି ମାଖି।

ପିଲାଙ୍କ ବିଶ୍ୱାସ ଭରସା ବହିରେ
ପାଠକୁ ଭାବନ୍ତି ସଂପୂର୍ଣ୍ଣ ସତ୍ୟ
ତାକୁ ପଢି ବୁଝି ଲଗାନ୍ତି କାମରେ
ପୂଜା କରିଥାନ୍ତି ହୃଦରେ ନିତ୍ୟ।

ଆମରି ସଂସ୍କୃତି ଆମ ପରମ୍ପରା
ଆମ ପୂର୍ବଜଙ୍କ ଗାଥା ସେଠାରେ
ତାକୁ ପଢି ଜାଣି ଦକ୍ଷ ହୋଇଯାନ୍ତି
କାମରେ ଲଗାଇ ମନ ଯୋଗରେ।

ଯଦି ବହି ପାଠ ଭୁଲ ହୋଇଥାଏ
ପିଲା ଶିଖି ଥାଏ ସେଇ ଭୁଲ କୁ
କାମରେ ଲଗାଇ ନିର୍ବୋଧ ପାଲଟେ
ଆଦରେ ବାଧ୍ୟରେ ଦୁଃଖ କଷ୍ଟକୁ।

ଭୁଲ୍ ପାଠ ପଢ଼ି ଭୁଲ କରିଥାଏ
ଶେଷରେ ପାଲଟେ ଭୁଲ ମଣିଷ
ନିଜତ୍ୱ ହରାଏ ବ୍ୟକ୍ତିତ୍ୱ ଲିଭାଏ
ଭୁଲ୍ ହାତେ ଗଢେ ଭୁଲ ସ୍ୱଦେଶ।

ଯିଏ ଯେତେ ଭୁଲ କରେ ଏ ମହୀରେ
ସିଏ ସେ ପାଠରେ ସେତେ ଦୁର୍ବଳ
ଭୁଲ୍ ସୂତ୍ରରେ ଭୁଲ କୌଶଳେ
ଗଢିଛି କି କିଏ ଠିକ୍ ଦେଉଳ।

ନ ଥାଏ ସଭିଙ୍କ ସୁବିଧା ସୁଯୋଗ
ଠିକ୍ ପାଠ କେବେ ବୁଝିବା ପାଇଁ
ବହି ଭୁଲ ପାଠ ପଢ଼ି କରେ କାମ
ଖୁସି ଆନନ୍ଦକୁ ଜାଳିବା ପାଇଁ।

ବହି ପାଠ ଯଦି ଭୁଲ ହୋଇଯାଏ
ପିଲା ମୂଳଦୁଆ ହୁଏ ଦୁର୍ବଳ
ତା ଉପରେ ଯଦି ପ୍ରାସାଦ ଗଢ଼ିବା
ଜୀବନ କହିବ ମୋତେ ସମ୍ଭାଳ।
:
ବହି ପାଠ ଯଦି ଠିକ୍ ନ ଥାଏ
ଡାକ୍ତର ଗଢିବେ ଅଜସ୍ର ରୋଗୀ
କୃଷକ ଶିକ୍ଷକ ଯନ୍ତ୍ରୀ ତନ୍ତ୍ରୀ ମନ୍ତ୍ରୀ
ଦେଶ ଛାଡି ନିଷ୍ଟେ ହେବେ ବୈରାଗୀ।

ବହି ପାଠେ ଥାଏ ଜୀବନ ନାଟିକା
ମୁମୂର୍ଷୁ କୁ କରେ ଶକ୍ତ ଜୀବନ୍ତ
ଭୁଲ୍ ହୋଇଗଲେ ଅମଣିଷ ଗଢେ
ସମାଜ ସଭ୍ୟତା ଦେଖଇ ଅନ୍ତ।

ବହି ପାଠ ଯଦି ଭୁଲ ହୋଇଯାଏ
ତିଆରି ହୁଅନ୍ତି ଅଜ୍ଞାନ ପିଢ଼ି
ସକଳ ବିପତ୍ତି ପଛେ ପଛେ ଆସି
ଜୀବନ ବେକକୁ ଦିଅନ୍ତି ମୋଡ଼ି।

ଜମ୍ବିରା,କେନ୍ଦୁଝର



## ଦାରୁବ୍ରହ୍ମ ଜଗନ୍ନାଥ

ଡଃ ତାନଶ୍ରୀ ପାଣିଗ୍ରାହୀ

ଆହେ ଜଗବନ୍ଧୁ ହେ କରୁଣା ସିନ୍ଧୁ
ମିଛମାୟା ଏ ଜଗତ
ହେ ଚକାନୟନ ପ୍ରଭୁ ବିଶ୍ୱପ୍ରାଣ
ତୁମେ ହିଁ ତ ଏକା ସତ୍ୟ...

କେଉଁ ପୁଷ୍ପ ଦେଇ ପୂଜିବି ତୁମ୍ଭଙ୍କୁ
ତୁମ୍ଭେ ତ ମୋ ପ୍ରାଣଧନ
କେଉଁ ଚନ୍ଦନରେ ସଜାଇବି ନାଥ
ତୁମେ ମୋ ହୃଦଚନ୍ଦନ...
କେଉଁ ଭୋଗ ପ୍ରଭୁ ଦେବି ମୁଁ ତୁମକୁ
ସବୁ ତ ତୁମରି ଦାନ
କେଉଁ ଅଳଙ୍କାରେ ସଜାଇବି ମୁଁହିଁ
ତୁମ୍ଭେ ମୋ ହୃଦ ରତନ...

କେଉଁ ରୂପ ତୁମ ଆଙ୍କିବି ହେ ପ୍ରଭୁ
ଖୋଜେ ମୋ ବେନି ନୟନ
ତୁମେ ହିଁ ସୃଷ୍ଟି ତୁମେ ହିଁ ବିଳୟ
ତୁମେ ହିଁ ସର୍ବ ମହାନ...

ହେ କଳାସାଆନ୍ତ ଅନାଥର ନାଥ
ତୁମ ସୃଷ୍ଟି ଏ ଜଗତ
ଭକ୍ତିର ନୈବେଦ୍ୟ କରେ ପ୍ରଣିପାତ
ଦାରୁବ୍ରହ୍ମ ଜଗନ୍ନାଥ ॥

ଆଚାର୍ଯ୍ୟା, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ବାଲିଆ,ବାଲେଶ୍ୱର
ମୋବାଇଲ୍ː ୯୩୩୭୩୦୪୨୯୫





## ମୋ ଭାଷା

ଡ. ଭାରତୀ ହୋତା

ମୋ ଭାଷା
ଯା 'ଡେଣାରେ ଯୋଡ଼ି ହୋଇଥାଏ କିଛି ଅମୀୟ ଭାବ
ସେ 'ଉଡ଼ି ବୁଲେ ଡେଣା ଝାଡ଼ି ଝାଡ଼ି
ତୁମ ଗୁମ ସୁମ କୋଠରୀ ଯାଏଁ
ପୁଣି ଆକାଶମୁହାଁ ହୁଏ
ପବନ ଦୋଳିରେ ।।
ଗୋଟେ ଇପ୍ସିତ ଶବ୍ଦ ରାସ୍ତା ଖୋଜୁ ଥାଏ
ଯାହା ବଖାଣି ବସେ ହୃଦୟର କଥା ପୁଟୁଳି
ଭାଷାର ତ ନ ଥାଏ
ଜାତି, ଗୋତ୍ର
ଦେଶ,କାଳ, ପାତ୍ର
ନା ରଙ୍ଗ ନା ସ୍ୱାଦ
ଥରେ ଭାବର ମାଠିଆ ଭରିଗଲେ
ବରଷି ଯାଏ
ଗୀତ ହୋଇ
କବିତାର ଛନ୍ଦ ହୋଇ
ଅକୁହା କାହାଣୀ ହୋଇ ।।
ଏଇ ଦେଖ!
ଏଥର ମୋ ପୃଥିବୀରେ
ଭାଷା -ମେଘଦୂତ
ଏହା ଖାଲି ଆଖିକୁ ପଢ଼େନା
ପଢିନିଏ ଛାତିତଳ ନିମୁଜ କୋଠରୀର ବେଦନା
ବା ଇନ୍ଦ୍ରଧନୁର ରଙ୍ଗ ମାଖିଥିବା ଓଠତଳର
ନୀରବ ଇସ୍ତାହାର ।।
ସତରେ !
ଭାଷା କେବେ ଅଲଗା ହୁଏନି
ଜାତି, ଧର୍ମ ବର୍ଣ୍ଣକୁ ନେଇ
ଭାଷା କେବେ ଦେହର ରଙ୍ଗ ଖୋଜେନା
ଖୋଜୁଥାଏ କେବଳ
ଗୋଟେ ନିରାପଦ ଗଛର ଡାଳ
ଯେଉଁଠି ବସି ସେ ପକ୍ଷୀ ପରି ଗୀତ ଗାଇବାକୁ ।।

ପ୍ରଧାନ ଶିକ୍ଷୟତ୍ରୀ
ସରକାରୀ ପ୍ରାଥମିକ ବିଦ୍ୟାଳୟ, ଚାଲମୁଣ୍ଡା
ଖରୀଆର ରୋଡ଼
ନୂଆପଡ଼ା





## ହୀନ କି ଜାଣିବ ମାନର ମାନ

ନିବେଦିତା ପଣ୍ଡା

ଅଭିମାନ ଆଉ ସ୍ୱାଭିମାନ ନେଇ
ମଣିଷ ଗଢ଼େ ସଂସାର,
ସ୍ୱାଭିମାନହୀନ ମଣିଷର ପାଇଁ
ସଂସାର ସାଜେ ଜହର।
ହୀନ ଜନ କେବେ ଜାଣେନା ସମ୍ମାନ
ସ୍ନେହ ସମ୍ପର୍କ ଆବେଗ,
ମାନ ମହତ୍ୱକୁ ନଥାଏ ନଜର
ମନେ ଥାଏ ଅହଂ ଭାବ।
ଛଳନାର ମୁଖା ପିନ୍ଧିଥାଏ ସେ'ତ
ସ୍ୱାର୍ଥପର ଦୁନିଆରେ,
ସ୍ୱାର୍ଥକୁ ପୁରଣ କରିବାକୁ ସିଏ
ଅନେକ ବାହାନା କରେ।
ଖେଳିଥାଏ ପୁଣି କା' ଜୀବନ ସହ
ପରିଣତି କଥା ଭୁଲି,
କ୍ଷଣିକ ସୁଖରେ ମାତି ଭୁଲ୍ କରେ
ଅବାଟରେ ଯାଏ ଚାଲି।
ନିଜର ଖୁସିକୁ ପ୍ରାଧାନ୍ୟ ଦେଇ ସେ
ଅନ୍ୟକୁ ଦିଏ ଯାତନା,
ସୁଖ ବଦଳରେ କିଣିନିଏ ଦୁଃଖ
ରଖି ସ୍ୱାର୍ଥର ଭାବନା।
ବୁଝି ସେ ପାରେନା କାହାରି ମନର
ହୃଦୟ ତଳର ବ୍ୟଥା,
ନଥାଏ ତାହାର ବୁଝିବା ଦକ୍ଷତା
ରହେ ନାହିଁ ବଦାନ୍ୟତା।
ରହେ ନାହିଁ ତାର ଦରଦୀର ଭାଓ୍ୱ
ମନ ପରିଭାଷା ପାଇଁ,
ସ୍ୱାର୍ଥପର ହୋଇ ଦୁନିଆରେ ବଞ୍ଚେ
ନିଜ ପ୍ରାଧାନ୍ୟ ହରାଇ।
ନିଜର ସ୍ୱାର୍ଥରେ ବଞ୍ଚୁଥିବା ବ୍ୟକ୍ତି
କରେନା କା'ର ଉନ୍ନତି,
ସମାଜ ଜାତିର କଳଙ୍କ ସାଜି ସେ
କରଇ ନିଜର କ୍ଷତି।
ନିର୍ଦ୍ଦୟ ପଣରେ ବଞ୍ଚଇ ସ୍ୱାର୍ଥରେ
ସମ୍ମାନ କରଇ କ୍ଷୁର୍ଣ୍ଣ ,
ଆତ୍ମସ୍ୱାର୍ଥୀ ହୋଇ ବଞ୍ଚିଥାଏ ବୋଲି
ସମ୍ପର୍କ ବି ହୁଏ ଛିନ୍ନ।

ରାଉରକେଲା




## ପ୍ରକୃତିः ଏକ ଅନନ୍ତ କବିତା

ସୌମ୍ୟା ସୁମନା ମହାନ୍ତି

ସବୁଜ ବନର ଛାୟା ତଳେ,
ଗାଏ ପବନ ମଧୁର ତାଳେ ।
ଝରଣା ଜଳର କଳକଳ ସ୍ୱର,
ଭରିଦିଏ ମନେ ଆନନ୍ଦର ଘର ।

ପାହାଡ଼ ଶିଖରେ ସୂର୍ଯ୍ୟର ହସ,
ସୁନାର କିରଣ ଭରେ ଉଲ୍ଲାସ ।
ନୀଳ ଆକାଶେ ଭାସେ ମେଘ,
ସ୍ୱପ୍ନର ଛବି ଆଙ୍କେ ଅନେକ ।

ପକ୍ଷୀର କୁହୁକୁହୁ ସ୍ୱର ତାଳେ ,
ଫୁଲର ସୁଗନ୍ଧ ଭାସେ ପଥ ତଳେ ।
ନଦୀ ବହିଯାଏ ଗୀତ ଗାଇ,
ଜୀବନର କଥା ସାଥିରେ ନେଇ ।

ବର୍ଷା ଆଗମନେ ମାଟିର ବାସ,
ମନେ ଭରିଦିଏ ଅପୂର୍ବ ଉଲ୍ଲାସ ।
ଧାନ କ୍ଷେତରେ ଦୋଳି ଶୀଷ,
ପ୍ରକୃତି ଗାଏ ସମୃଦ୍ଧିର ଗୀତ ।

ସଞ୍ଜ ନଇଁଲେ ରକ୍ତିମ ଗଗନ,
ସୂର୍ଯ୍ୟ ବିଦାୟେ ଦିଏ ସମ୍ଭାଷଣ ।
ତାରା ଫୁଟନ୍ତି ନୀଳ ଆକାଶେ,
ନିରବ ସୌନ୍ଦର୍ଯ୍ୟ ହସେ ପ୍ରକାଶେ ।

ଋତୁ ବଦଳେ ସମୟ ସାଥେ,
ନୂଆ ରଙ୍ଗ ଭରେ ଧରଣୀ ପଥେ ।
ପ୍ରକୃତି ଶିଖାଏ ଜୀବନର ମନ୍ତ୍ର,
ପ୍ରେମ ଓ ଶାନ୍ତି ତାହାର ତନ୍ତ୍ର ।

ସହଦେବଖୁଣ୍ଟା, ବାଲେଶ୍ୱର





## ଯାହାକୁ ଯିଏ ରସିଲା

ସ୍ୱାଗତିକା ସାହୁ

ଯାହାକୁ ଯିଏ ରସିଲା ଲୋ,
ଅନ୍ତର ଅର୍ପିଣ ରହିଲା
ଅଭିମାନ ଅବଶେଷ ଝରିଗଲା,
ଅମୃତ ଆନନ୍ଦ ପାଇଲା।।
ଅରୁଣ ଆଭା ଅମ୍ବରେ ଖେଳେ,
ଅଳିକୁଳ ଅଳି ଯେ ଗାଏ।
ଅବନୀ ଅଙ୍ଗେ ଅପୂର୍ବ ଶୋଭା,
ଅନୁରାଗ ଉଛୁଳି ଯାଏ।।
ଅକ୍ଷୟ ଆଶା ଅନ୍ତରେ ଜାଗେ,
ଅଶ୍ରୁରେ ଭିଜେ ନୟନ।
ଅପରୂପ ରୂପ ଅବଲୋକନେ,
ଅର୍ଥ ପାଏ ଏ ଜୀବନ।।
ଅଳକା ଅଳିନ୍ଦେ ଅର୍ଚ୍ଚନା ଫୁଟେ,
ଅଗରୁ ଅତର ମହକେ।
ଅମଳ ଭକତି ଅର୍ଘ୍ୟ ସମର୍ପି,
ଅଭୀଷ୍ଟ ସକଳ ସିଦ୍ଧି ରଖେ।।



ଅବନୀ ଅମ୍ବର ଅନୁରଣିତ,
ଅଖଣ୍ଡ ହରିଗୁଣ ଗାନ।
ଅନ୍ତର ଆକାଶେ ଅରୁଣ ଉଦୟ,
ଅମର ହୁଏ ଭକ୍ତ ପ୍ରାଣ।।

ଅଧରେ ଅମିୟ ନାମ ଝଙ୍କାର,
ଅନୁଭବ ଅତୁଳନୀୟ।
ଅନ୍ତିମ ବେଳେ ଅଭୟ ମିଳିଲେ,
ଅବସାନ ହେବ ଧନ୍ୟ।।

ଅନୁକ୍ଷଣ ଅନ୍ତରେ ଅନୁରାଗ,
ଅବିରତ ଆରତି ଜଳେ।
ଅଭିମାନ ଅନ୍ଧାର ଅପସରି,
ଅମିୟ ଆଲୋକ ଢଳେ।।



ଅଖିଳ ଅଚଳ ଅଭୟ ମାଗେ,
ଅର୍ଚ୍ଚନା ଅର୍ଘ୍ୟ ଧରି।
ଅବିଚଳ ଭକତି ଅନ୍ତରେ ରଖି,
ଅନ୍ତେ ମିଳେ ଶ୍ରୀହରି।।

ଅଳକା ଅଳିନ୍ଦେ ଅର୍ଚ୍ଚନା ଫୁଟେ,
ଅଗରୁ ଅତର ମହକେ।
ଅମଳ ଭକତି ଅର୍ଘ୍ୟ ସମର୍ପି,
ଅଭୀଷ୍ଟ ସକଳ ସିଦ୍ଧି ରଖେ।।
ଯାହାକୁ ଯିଏ ରସିଲା ଥରେ,
ଅନ୍ୟ ରସ ନ ଲାଗଇ।
ଅବିରତ ଭକ୍ତି ଅନ୍ତରେ ଫୁଟେ,
ଆତ୍ମା ପ୍ରଭୁରେ ଲୀନ ହୋଇ।।

ଉମରକୋଟ, ନବରଙ୍ଗପୁର

### ବିଦ୍ୟାଳୟରେ ଶିକ୍ଷକ ଅଭାବ

# ୬ଟି ଶ୍ରେଣୀ ପାଇଁ ମାତ୍ର ଜଣେ ଶିକ୍ଷୟିତ୍ରୀ



**ଖଲ୍ଲିକୋଟ,୭।୭(ସଂଚାର ବ୍ୟୁରୋ):** କୌଣସି ଦୁର୍ଗମ କିମ୍ବା ଉପାନ୍ତ ଅଞ୍ଚଳ ନୁହେଁ । ବରଂ ଗଞ୍ଜାମ ଖଲ୍ଲିକୋଟ ବିଜ୍ଞାପିତ ଅଞ୍ଚଳ ପରିଷଦର ଏକ ବିଦ୍ୟାଳୟରେ ଶିକ୍ଷକ ଅଭାବ । ବିଇଓ ଅଫିସର ନାକତଳେ ଥିବା ଏକ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାସ୍ତବ ଚିତ୍ର । ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ ନିଦ୍ରାରେ ଥିବା ଅଭିଯୋଗ ହୋଇଛି । ଏପରି ସ୍ଥିତିରେ ବିଦ୍ୟାଳୟରେ ତାଲା ପକାଇବାକୁ ଚେତାବନୀ ଦେଇଛନ୍ତି ଅଭିଭାବକ। ଖଲ୍ଲିକୋଟ ବିଜ୍ଞାପିତ ଅଞ୍ଚଳ ପରିଷଦର ୨ ନମ୍ବର ୱାର୍ଡରେ ଥିବା ନେତାଜୀ ପ୍ରାଥମିକ ବିଦ୍ୟାଳୟ । ବିଇଓ ଅଫିସଠାରୁ ମାତ୍ର ୫ଶହ ମିଟର ଦୂରରେ ଥିବା ଏହି ସ୍କୁଲରେ ଶିଶୁ ବାଟିକାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୪୮ ଜଣ ଛାତ୍ରଛାତ୍ରୀ ପଢୁଛନ୍ତି । କିନ୍ତୁ ସେମାନଙ୍କୁ ପାଠ ପଢ଼ାଇବା ପାଇଁ ଅଛନ୍ତି ମାତ୍ର ଜଣେ ଶିକ୍ଷୟିତ୍ରୀ । ପୂର୍ବରୁ ଏହି ବିଦ୍ୟାଳୟରେ ୨ ଜଣ ଶିକ୍ଷୟିତ୍ରୀ କାର୍ଯ୍ୟରତ ଥିଲେ । ପ୍ରାୟ ଛଅ ମାସ ତଳେ ଜଣେ ଶିକ୍ଷୟିତ୍ରୀଙ୍କ ବଦଳି ପରେ ଆଉ କାହାକୁ ନିଯୁକ୍ତି ଦିଆଯାଇନାହିଁ । ଫଳରେ ଜଣେ ଶିକ୍ଷୟିତ୍ରୀ ସମସ୍ତ ଶ୍ରେଣୀର ପାଠପଢ଼ା ସହ ଅଫିସ କାମ, ମଧ୍ୟାହ୍ନ ଭୋଜନ ତଦାରଖ ଏବଂ ଅନ୍ୟାନ୍ୟ ଦାୟିତ୍ୱ ତୁଲାଉଛନ୍ତି । ଏନେଇ ଶିକ୍ଷୟିତ୍ରୀ ବିଇଓଙ୍କୁ ଲିଖିତ ଭାବେ ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନି । ଅଭିଭାବକମାନେ ବାରମ୍ବାର ଏନେଇ ଅଭିଯୋଗ କରିଛନ୍ତି। ହେଲେ ସମାଧାନ ନହେବାରୁ ପିଲାଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ପଡ଼ିଛନ୍ତି। ଆଗାମୀ ଦିନରେ ବିଦ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି । ଅନ୍ୟପଟେ ବିଇଓ କହୁଛନ୍ତି, ଏହି ସମସ୍ୟା ସେ ଦାୟିତ୍ୱ ନେବା ପୂର୍ବରୁ ଥିଲା । ଆସନ୍ତା ୧୦ ଦିନ ମଧ୍ୟରେ ଆଉ ଜଣେ ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତି ଦିଆଯିବ । ବିଇଓ ଅଫିସ ପାଖରେ ଥିବା ବିଦ୍ୟାଳୟରେ ଶିକ୍ଷକ ଅଭାବ ଦୂର ନହେବା ଶିକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବିଇଓଙ୍କ ୧୦ ଦିନର ପ୍ରତିଶ୍ରୁତି କେତେ ଦୂର କାର୍ଯ୍ୟକାରୀ ହେଉଛି ତାକୁ ଅପେକ୍ଷା ।

● ଯୋଗାଣ ସହାୟକଙ୍କ ଆନ୍ଦୋଳନ ଡାକ

## ୧୦ରୁ ଡ୍ୟୁଟି ବନ୍ଦ ଓ ଅନଶନ, ସରକାରଙ୍କୁ ଚେତାବନୀ



**କେସିଙ୍ଗା,୭।୭(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲାର କେସିଙ୍ଗା ବ୍ଲକ ଅଧୀନ ବିଭିନ୍ନ ଗ୍ରାମ ପଞ୍ଚାୟତରେ କାର୍ଯ୍ୟରତ ଯୋଗାଣ ସହାୟକମାନେ ଦରମା ବୃଦ୍ଧି ସହ ବିଭିନ୍ନ ଦାବି ପୂରଣ ଦାବିରେ ଆସନ୍ତା ୧୦ ତାରିଖରୁ ଡିଉଟି ବନ୍ଦ କରି ଅନଶନ ଆନ୍ଦୋଳନରେ ସାମିଲ ହେବାକୁ ନିଷ୍ପତ୍ତି ନେଇଥିବା ବୋଲି ସେମାନଙ୍କ ପକ୍ଷରୁ ଦାବି କରାଯାଇଛି। ଯୋଗାଣ ସହାୟକମାନଙ୍କ କହିବା ଅନୁସାରେ, ଦୀର୍ଘଦିନ ଧରି ଦରମା ବୃଦ୍ଧି ଏବଂ ଅନ୍ୟାନ୍ୟ ସମସ୍ୟାର ସମାଧାନ ପାଇଁ ସରକାରଙ୍କ ନିକଟରେ ଦାବି ଜଣାଇ ଆସୁଥିଲେ ମଧ୍ୟ ସେଥିପାଇଁ କୌଣସି ସକାରାତ୍ମକ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ସେମାନେ ଆନ୍ଦୋଳନର ପଥ ବାଛିବାକୁ ବାଧ୍ୟ ହୋଇଥିବା କହିଛନ୍ତି। ଯଦି ଘୋଷିତ କାର୍ଯ୍ୟକ୍ରମ ଅନୁଯାୟୀ ଯୋଗାଣ ସହାୟକମାନେ ଡିଉଟି ବନ୍ଦ କରନ୍ତି, ତେବେ ସରକାରୀ ଯୋଗାଣ ବ୍ୟବସ୍ଥା ଏବଂ ସାଧାରଣ ହିତାଧିକାରୀଙ୍କୁ ସେବା ପ୍ରଦାନରେ ବାଧା ସୃଷ୍ଟି ହେବାର ଆଶଙ୍କା ରହିଛି। ତେବେ ଏହି ଆନ୍ଦୋଳନ ସମ୍ପର୍କରେ ଜିଲ୍ଲା ପ୍ରଶାସନ କିମ୍ବା ସମ୍ପୃକ୍ତ ସରକାରୀ ବିଭାଗର ପ୍ରତିକ୍ରିୟା ଏପର୍ଯ୍ୟନ୍ତ ମିଳିନାହିଁ।

## ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ଚାରା ରୋପଣ ହୋଇଛି



**ସୁବର୍ଣ୍ଣପୁର,୭।୭(ସଂଚାର ବ୍ୟୁରୋ):** ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ଙ୍କ ଆଦେଶ କ୍ରମେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ତରଫରୁ ବନ ମହୋତ୍ସବ ସପ୍ତାହ ପାଳନ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଜୁଡ଼ିସିଆଲ ଅଫିସର କଲୋନୀ, ସୋନପୁର ଠାରେ ଏକ ସମୂହ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ର ଅଧ୍ୟକ୍ଷ ତଥା ଜିଲ୍ଲା ଜଜ ଗିରିଜା ପ୍ରସାଦ ମହାପାତ୍ର ଯୋଗ ଦେଇ କାର୍ଯ୍ୟକ୍ରମ କୁ ଉଦଘାଟନ କରିଥିଲେ । ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ଦିଲ୍ଲୀପ କୁମାର ବିଶ୍ୱାଳ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ବିଶ୍ୱ ବିଶ୍ୱତ କର, ସିଭିଲ କୋର୍ଟ ରେଜିଷ୍ଟ୍ରାର ପ୍ରଜ୍ଞା ପାରମିତା ପ୍ରତିହାରୀ, ବରିଷ୍ଠ ଦେୱାନୀ ଜଜ ଗଗନ ସାହୁ, ମହିଳା କୋର୍ଟ ବିଚାରପତି ବବିତା ପାତ୍ର, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ର ସଚିବ ଦେବାଶିଷ ଦାସ, ଉପଖଣ୍ଡ ସ୍ତରୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୁଶାନ୍ତ କୁମାର ନାୟକ, ଜିଲ୍ଲା ଓକିଲ ସଂଘ ର ସଭାପତି ପ୍ରତାପ କୁମାର ପୁରୋହିତ, ଉପସଭାପତି ଶମ୍ଭୁ ପ୍ରସାଦ ବିଶି, ସମ୍ପାଦକ ପ୍ରିୟଜିତ ମିଶ୍ର, ଆଇନ ଗତ ସହାୟତା ପ୍ରତିରକ୍ଷା ଓକିଲ ଚନ୍ଦ୍ରେଶ୍ୱର ଥନାପତି, ବାବୁଲାଲ ଦାଶ, ପ୍ରଫୁଲ୍ଲ ସାହୁ ଯୋଗ ଦେଇଥିଲେ।

### ବୁଢ଼ାବଳଙ୍ଗ ନଦୀର ନାଖରା ସେତୁରେ ଅଘଟଣ

## ୫ ସାଙ୍ଗ ଗାଧୋଇବାକୁ ଆସି ଜଣେ ସାଙ୍ଗ ଭାସିଗଲେ



**ବୈଶିଙ୍ଗା,୭।୭(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ପାଟଳିପୁରା ପଞ୍ଚାୟତ ଅଧୀନର ବୁଢ଼ାବଳଙ୍ଗ ନଦୀ ଉପରେ ଥିବା ନାଖରା ସେତୁରେ ମଙ୍ଗଳବାର ଅପରାହ୍ନ ସମୟରେ ୫ ସାଙ୍ଗମାନଙ୍କ ସହିତ ଗାଧୋଇବାକୁ ଆସି ବୁଡ଼ି ଗଲେ ଯୁବକ। ମୃତକ ଜଣକ ହେଉଛି ବାଲେଶ୍ୱର ଜିଲ୍ଲା ଫୁଲାଡ଼ି ଫାଣ୍ଡି ଅଧୀନ ଅଶୋକ କୁମାର ଜେନାଙ୍କ ୨୦ ବର୍ଷିଆ ପୁଅ ଆକାଶ କୁମାର ଜେନା। ପ୍ରାପ୍ତ ସୂଚନା ମୁତାବକ ବୁଢ଼ାବଳଙ୍ଗ ନଦୀ ଅବବାହିକାର ଜଳସ୍ତର କମ ଥିବାରୁ ବେଶ କିଛି ଦିନ ହେବ ନାଖରା ପୋଲ ତଳେ ଏକ କୃତ୍ରିମ ଝରଣା ସଦୃଶ ଦୃଶ୍ୟ ଦେଖା ଯାଉଥିବା ବେଳେ ରିଲ୍ସ ବାଲାଙ୍କ ଭିଡ଼ ବହୁ ପରିମାଣରେ ଦେଖିବାକୁ ମିଳିଥିଲା। ରିଲ୍ସ ଜରିଆରେ ବିଭିନ୍ନ ସୋସିଆଲ ମିଡ଼ିଆରେ ଏତେ ପ୍ରଚାରପ୍ରସାର ହୋଇଥିଲାକି ଯାହାର ଫଳସ୍ୱରୂପ ବହୁ ଦୂରଦୂରାନ୍ତରୁ ଲୋକ ଏଠାକୁ ଗାଧୋଇବା ପାଇଁ ଆସୁଥିଲେ। ମାତ୍ର ଗତ କିଛି ଦିନ ଧରି ଏକକାଳୀନ ଲଘୁଚାପ ଜନିତ ବର୍ଷା ହେବା ଯୋଗୁଁ ବୁଢ଼ାବଳଙ୍ଗର ଜଳସ୍ତର ବଢ଼ିଯାଇଛି, ଯାହା ଫଳରେ ନାଖରା ସେତୁ ତଳେ ମଧ୍ୟ ଜଳ ସ୍ରୋତ ମଧ୍ୟ ବଢ଼ିଯାଇଥିବାର ପରିଲକ୍ଷିତ ହୋଇଥିଲା। ଆଜି ଅପରାହ୍ନ ସମୟରେ ବାଲେଶ୍ୱର ଜିଲ୍ଲା ସଦରଥାନା ର ଫୁଲାଡ଼ି ଫାଣ୍ଡି ଅଧୀନ କଅଁରାକୁଳ ଏବଂ ବୁଆଁଳ ଗ୍ରାମର ୫ ଜଣ ଯୁବକ ବନ୍ଧୁ ଏକା ସାଙ୍ଗରେ ନାଖରା ପୋଲକୁ ଗାଧୋଇବା ପାଇଁ ଆସିଥିଲେ। ସେମାନେ କଅଁରାକୁଳ ଗ୍ରାମର ଆକାଶ ଜେନା ଏବଂ ବୁଆଁଳ ଗ୍ରାମର ସିଲୁ ଜେନା, ଚିନ୍ମୟ ଜେନା, ବଳରାମ ଜେନା ଓ ମୁନା ଜେନା। ସେଥି ମଧ୍ୟରୁ ନଦୀରେ ୪ ଜଣ ଗାଧୋଉଥିବା ବେଳେ ଜଣେ ଭିଡ଼ିଓ ତିଆରି କରୁଥିଲେ। ଏହି ସମୟରେ ପାଣିର ସ୍ରୋତ ଜୋର ଥିବାରୁ କଅଁରାକୁଳ ଗ୍ରାମର ଆକାଶ ପାଣିରେ ବୁଡ଼ି ଯାଇଥିଲେ। ଏହି ସମୟରେ ଅନ୍ୟ ସାଙ୍ଗ ମାନେ ଖୋଜିଥିଲେ ମଧ୍ୟ ତାଙ୍କୁ ପାଇ ନଥିଲେ।

## ପଞ୍ଚାୟତର ନୂତନ କାର୍ଯ୍ୟାଳୟ ଗୃହ ୧୦ ବର୍ଷ ଧରି ନିର୍ମାଣ ନ ହେବା ପ୍ରତିବାଦରେ ପଦଯାତ୍ରା



**ବୈଶିଙ୍ଗା,୭।୭(ସଂଚାର ବ୍ୟୁରୋ):** ଅବିଭକ୍ତ ବୈଶିଙ୍ଗା ପଞ୍ଚାୟତ ଭାଗ ହୋଇ ୨୦୧୬ ମସିହା ରେ କେନ୍ଦୁଆ ପଞ୍ଚାୟତ ସୃଷ୍ଟି ହୋଇଥିଲା। ବୈଶିଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ ଟି ନୂତନ ଭାବେ ନିର୍ମିତ ରାଜୀବ ଗାନ୍ଧି ସେବା ଗୃହରେ କାର୍ଯ୍ୟକାରୀ ହେବା ପରେ ପୁରୁଣା ଗୃହରେ କେନ୍ଦୁଆ କାର୍ଯ୍ୟାଳୟ ଚାଲୁ ରହିଥିଲା, ଏବେ ବି ଚାଲୁ ରହିଛି। ବେତନଟୀ ବ୍ଲକ ଅଧିନରେ ଆଉ ଗୋଟିଏ ସନ୍ତରା ପଞ୍ଚାୟତ ଭାଙ୍ଗି ହାତୀଝୁରୀ ପଞ୍ଚାୟତ ସୃଷ୍ଟି ହୋଇଥିଲା। ଏହି ଦୁଇଟି ନୂତନ ପଞ୍ଚାୟତର ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ସରକାରଙ୍କ ତହବିଲରୁ ୩୫ ଲକ୍ଷ ଟଙ୍କା ଲେଖାଏଁ ମଞ୍ଜୁରୀ ମିଳିବା ପରେ ହାତୀଝୁରୀ ପଞ୍ଚାୟତ ଗୃହ ନିର୍ମାଣ ହେଲା ସତ ମାତ୍ର କେନ୍ଦୁଆ ପଞ୍ଚାୟତ ଗୃହ ନିର୍ମାଣ ହୋଇ ପାରିଲା ନାହିଁ। ବିଭିନ୍ନ ସମୟରେ ବିଭିନ୍ନ ସ୍ଥାନରେ ଗୃହ ପାଇଁ ସ୍ଥାନ ନିରୁପଣ ହୋଇଥିଲେ ମଧ୍ୟ କୌଣସି କାରଣ ବସତ ନିର୍ମିତ ହୋଇ ପାରିଲା ନାହିଁ।

# ମହାନଦୀ ଧାରା'ର ବନ ମହୋତ୍ସବ ପାଳନ



**ସୁବର୍ଣ୍ଣପୁର,୭।୭(ସଂଚାର ବ୍ୟୁରୋ):** ବନ ମହୋତ୍ସବ ସପ୍ତାହ ଅବସରରେ 'ମହାନଦୀ ଧାରା' ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି ପବିତ୍ର ଅବସରରେ 'ଡାଉନ୍ ଟୁ ଅର୍ଥ' ପତ୍ରିକାର ପରିଚାଳନା ସମ୍ପାଦକ ତଥା ବିଶିଷ୍ଟ ପରିବେଶ ସାମ୍ବାଦିକ ଶ୍ରୀଯୁକ୍ତ ରିଚାର୍ଡ ମହାପାତ୍ରଙ୍କୁ ସ୍ୱାଗତ କରିବା ସହ ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ପ୍ରେରଣାଦାୟୀ ଆଲୋଚନା ଚକ୍ର ଆୟୋଜନ କରିବାର ସୌଭାଗ୍ୟ ଲାଭ କରିଛି 'ମହାନଦୀ ଧାରା'। ବନ ମହୋତ୍ସବର ମୂଳ ଉଦ୍ଦେଶ୍ୟକୁ ପାଥେୟ କରି, ଏହି କାର୍ଯ୍ୟକ୍ରମରେ ଶ୍ରୀଯୁକ୍ତ ମହାପାତ୍ର ଜଳବାୟୁ ପରିବର୍ତ୍ତନ ଏବଂ ପରିବେଶ, ସମାଜ ତଥା ଆଗାମୀ ପିଢ଼ି ଉପରେ ଏହାର ସୁଦୂରପ୍ରସାରୀ ପ୍ରଭାବ ସମ୍ପର୍କରେ ଏକ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ। ସେ ଜଙ୍ଗଲ ସୁରକ୍ଷା, ବୃକ୍ଷରୋପଣ, ପରିବେଶ ସଚେତନତା, ସ୍ଥାୟୀ ଜୀବନଶୈଳୀ ଏବଂ ଦାୟିତ୍ୱବାନ ନାଗରିକତ୍ୱର ଜରୁରୀ ଆବଶ୍ୟକତା ଉପରେ ବିଶେଷ ଆଲୋକପାତ କରିଥିଲେ। ଏଥିସହ ଜଳବାୟୁ ପରିବର୍ତ୍ତନ ଦ୍ୱାରା ସୃଷ୍ଟି ହେଉଥିବା ଆହ୍ୱାନଗୁଡ଼ିକ ଏବଂ ଏକ ସୁରକ୍ଷିତ ଓ ସବୁଜ ଭବିଷ୍ୟତ ଗଠନରେ ନିଜର ଭୂମିକା ବିଷୟରେ ଗମ୍ଭୀରତାର ସହ ଚିନ୍ତା କରିବାକୁ ସେ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଆଲୋଚନା ବେଶ୍ ଆକର୍ଷଣୀୟ ଓ ଚିନ୍ତାଉଦ୍ରେକକାରୀ ଥିଲା, ଯାହା ଛାତ୍ରଛାତ୍ରୀମାନଙ୍କୁ ପରିବେଶ ସମ୍ବନ୍ଧୀୟ ସମସ୍ୟାଗୁଡ଼ିକୁ ଗଭୀର ଭାବେ ବୁଝିବାକୁ ଏବଂ ପ୍ରକୃତି, ଜଙ୍ଗଲ ତଥା ସମାଜ ପ୍ରତି ନିଜର ଦାୟିତ୍ୱବୋଧକୁ ସୁଦୃଢ଼ କରିବାକୁ ଅନୁପ୍ରାଣିତ କରିଥିଲା। ଏହି ଅବସରରେ 'ମହାନଦୀ ଧାରା'ର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଶ୍ରୀଯୁକ୍ତ ପ୍ଲାବନ ମହାପାତ୍ର, ଶ୍ରୀଯୁକ୍ତ ରିଚାର୍ଡ ମହାପାତ୍ରଙ୍କୁ ନିଜର ବହୁମୂଲ୍ୟ ସମୟ, ଜ୍ଞାନ ଏବଂ ଅଭିଜ୍ଞତା ଛାତ୍ରଛାତ୍ରୀମାନଙ୍କ ସହ ବାଣ୍ଟିଥିବାରୁ ଆନ୍ତରିକ କୃତଜ୍ଞତା ଜଣାଇଥିଲେ। ଏଥିସହ 'ମହାନଦୀ ଧାରା' ଅନୁଷ୍ଠାନ ପ୍ରତି ଶ୍ରୀଯୁକ୍ତ ମହାପାତ୍ରଙ୍କ ନିରନ୍ତର ସମର୍ଥନ ଓ ମାର୍ଗଦର୍ଶନକୁ ସେ ସ୍ୱୀକାର କରିଥିଲେ।

## ଋଷିମାଳ ମହାବିଦ୍ୟାଳୟରେ ଚାରା ରୋପଣ କାର୍ଯ୍ୟକ୍ରମ



**ଦାରିଙ୍ଗବାଡି,୭।୭(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ସ୍ଥିତ ଋଷିମାଳ ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ଭାସ୍କର ଚରଣ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ରାହ୍ମଣୀଗାଁ ବନାଞ୍ଚଳ ଅଧିକାରୀ (ରେଞ୍ଜର) ହରିହର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ବେହେରା ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ବ୍ୟାପକ ବୃକ୍ଷରୋପଣ ପାଇଁ ଉତ୍ସାହିତ କରିବା ସହ ନିଜ ଘରବାଡ଼ି, ଗ୍ରାମର ଖାଲି ସ୍ଥାନ ଏବଂ କଲେଜ ପରିସରକୁ ସଫା କରି ଜୈବିକ ପଦ୍ଧତିରେ ଗଛ ଲଗାଇବା ଓ ତାର ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ। ପରିବେଶର ସୁରକ୍ଷା, ନିୟମିତ ବର୍ଷା ଓ ସୁସ୍ଥ ଜଳବାୟୁ ପାଇଁ ବୃକ୍ଷରୋପଣର ଆବଶ୍ୟକତା ଉପରେ ସେ ଆଲୋକପାତ କରିବା ସହ ଫଳପ୍ରଦ ଏବଂ ଔଷଧୀୟ ବୃକ୍ଷ ଉପରେ ଅଧିକ ଗୁରୁତ୍ୱ ଦେବାକୁ କହିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ମଧ୍ୟ ବୃକ୍ଷରୋପଣର ମହତ ଉଦ୍ଦେଶ୍ୟ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ଋଷିମାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଦେବରାଜ ବଳିୟାର ସିଂ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିଥିଲେ। ଜାତୀୟ ସେବା ଯୋଜନର କାର୍ଯ୍ୟକ୍ରମ ଅଧିକାରୀ ଅକ୍ଷୟ ବେହେରଦଳାଇ ଏହି ଅଭିଯାନରେ ସମସ୍ତଙ୍କ ସହଭାଗିତା ଲୋଡ଼ିଥିବା ବେଳେ ଯୁବ ରେଡକ୍ରସର କାଉନସେଲର ସୁଜ୍ଞାନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ

**ଝାରସୁଗୁଡ଼ା,୭।୭(ସଂଚାର ବ୍ୟୁରୋ):** ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଡି.ଏମ.ଏଫ. ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଲଳିତ ସୋରେନ ଏବଂ ଉପ ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ବୈଠକ ପ୍ରାରମ୍ଭରେ ଜିଲ୍ଲାରେ ବିଭିନ୍ନ ସରକାରୀ ବିଭାଗ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ରାଜସ୍ୱ ଆଦାୟର ସଫଳତା ଓ ଲକ୍ଷ୍ୟ ଉପରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ବିଶେଷ କରି ରାଜସ୍ୱ, ଅବକାରୀ, ପରିବହନ, ପଞ୍ଜୀକରଣ କାର୍ଯ୍ୟାଳୟ, ଖଣି ଏବଂ ଜଳସମ୍ପଦ ଭଳି ପ୍ରମୁଖ ବିଭାଗଗୁଡ଼ିକର ରାଜସ୍ୱ ସଂଗ୍ରହ ସ୍ଥିତିକୁ ଜିଲ୍ଲାପାଳ ସମୀକ୍ଷା କରିଥିଲେ। ଏହି ବୈଠକରେ ଚାଷୀ ପଞ୍ଜୀକରଣ, ଦାଖଲ-ଖାରଜ ମାମଲାର ତ୍ୱରିତ ସମାଧାନ ଏବଂ ଓ.ଏଲ.ଆର. ଆକ୍ଟର ଧାରା ୮(କ) ଅନୁଯାୟୀ ଜମି କିସମ ପରିବର୍ତ୍ତନ ପ୍ରକ୍ରିୟା ଉପରେ ବିଶେଷ ଆଲୋଚନା ହୋଇଥିଲା।

## ଲଗାଣ ବର୍ଷାରେ ସହରର କୃତ୍ରିମ ବନ୍ୟା ସୃଷ୍ଟି ହେବା ସାଙ୍ଗକୁ ସହରବାସୀ ଉବୁଟୁବୁ

**ସୁବର୍ଣ୍ଣପୁର,୭।୭(ସଂଚାର ବ୍ୟୁରୋ):** ଲଘୁଚାପ ଜନିତ ବର୍ଷା ପ୍ରଭାବରେ ସୁବର୍ଣ୍ଣପୁର ଜିଲ୍ଲାରେ ଲଗାଣ ବର୍ଷା ଯୋଗୁଁ ନାହିଁ ନଥିବା ଅସୁବିଧା ଭୋଗଛନ୍ତି। ଗତ ଜୁନ୍ ୩୦ରୁ ବର୍ଷା ଆରମ୍ଭ ହୋଇଥିବାବେଳେ ଜୁଲାଇ ୬ ତାରିଖରୁ ସକାଳ ପର୍ଯ୍ୟନ୍ତ ଲଗାଣ ବର୍ଷା ଲାଗିରହିଛି। ଜିଲ୍ଲାର ସବୁଠି ତୁହାକୁ ତୁହା ବର୍ଷା ହେଉଛି ଓ ବୀରମହାରାଜପୁର ବ୍ଲକ, ବିନିକା ବ୍ଲକ, ତରଭା ବ୍ଲକ, ଉଲ୍ଲୁଣ୍ଡା ବ୍ଲକ, ଡୁଙ୍ଗୁରିପାଲି ବ୍ଲକ ଅଞ୍ଚଳରେ ବର୍ଷା ହୋଇଥିବା ରେକର୍ଡ ହୋଇଛି ସେହିପରି ସୁବର୍ଣ୍ଣପୁର ସହରର ସମେତ ଜିଲ୍ଲାରେ ଅତି ପ୍ରବଳ ବର୍ଷା ହୋଇଛି। ଜିଲ୍ଲା ସଦର ମହକୁମାରେ ଲଗାଣ ବର୍ଷା ଯୋଗୁଁ ବହୁ ଅଞ୍ଚଳ ଜଳମଗ୍ନ ହୋଇଛି। ପୂର୍ବାହ୍ନରେ ୫୭ନମ୍ବର ଜାତୀୟ ରାଜପଥର ଆମ୍ବେଦକର ଛକ ନିକଟରେ ରାସ୍ତା ଉପରେ ୩ ଫୁଟ ରାସ୍ତା ଉପରେ ବର୍ଷା ଜଳ, ଡ୍ରେନ୍ ପାଣି ଉଛୁର ବର୍ଷା ଜଳ ପ୍ରବାହିତ ହୋଇଥିଲା। ସେହିପରି ଗୋକର୍ଣ୍ଣେଶ୍ୱର ପଡାର ମିଶ୍ର ହୋଟେଲ ସମ୍ମୁଖ ରାସ୍ତା ବର୍ଷା ଜଳରେ ବୁଡ଼ି ଯାଇଥିଲା। ଆମ୍ବେଦକର ଛକ ନିକଟରେ ଏକ ନାଳ ଉପରେ ବେଆଇନ ଭାବେ ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ ହେବା ଫଳରେ ବର୍ଷା ଜଳ ନିଷ୍କାସିତ ହୋଇପାରୁନି। ସେହିପରି ପଟାଭାଡି ଓ ରାମଜୀନଗର, ଅଞ୍ଚଳରେ ବର୍ଷା ଜଳ ଓ ଡ୍ରେନ୍ ପାଣି ଘର ଭିତରେ ପଶିଛି। କଲେଜ ପାଖରେ ଥିବା ଗୋକର୍ଣ୍ଣେଶ୍ୱର ମନ୍ଦିର ଭିତରେ ଓ ସମ୍ମୁଖରେ ବର୍ଷା ପାଣି ଭର୍ତ୍ତି ହୋଇଛି, ବଡ଼ବଜାର ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ପାଣି ଜମି ରହିଛି ନରସିଂହ ବାବାଙ୍କ ମନ୍ଦିର ଭିତରେ ପାଣି। ଅନ୍ୟପକ୍ଷେ ରାମେଶ୍ୱର ଷ୍ଟାଡିୟମ ସମ୍ମୁଖରେ ନୂତନ ଭାବେ ନିର୍ମିତ ହୋଇଥିବା ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ର ଜଳ ଘେରରେ ଅଛି। ସହରର ଥିବା ପୂର୍ତ୍ତ ବିଭାଗ କଲୋନୀ ଭିତରେ ବର୍ଷା ପାଣି ଭର୍ତ୍ତି ହୋଇଛି।

## ମାନସିକ ଭାରସାମ୍ୟ ହରାଇ ଜୀବନ ହାରିଲେ ସିଆରପିଏଫ୍ ଯବାନ

**କନ୍ଧମାଳ,୭।୭(ସଂଚାର ବ୍ୟୁରୋ):** ମାନସିକ ଭାରସାମ୍ୟ ହରାଇ ଜୀବନ ହାରିଲେ ସି.ଆ.ପି.ଏଫ୍. ଯବାନ୍ ଅଶୋକ ବେହେରା। କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଅନ୍ତର୍ଗତ ନୂଆସାହି ଗାୟତ୍ରୀ କଲୋନୀ ବାସିନ୍ଦା ଅଶୋକ ବେହେରା ନାମକ ସିଆରପିଏଫ୍ ଯବାନଙ୍କୁ ବନ୍ଦ କୋଠରୀରୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ କବାଟ ଭାଙ୍ଗି ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତି କରିଥିଲା ବାଲିଗୁଡ଼ା ପୋଲିସ୍। ତେବେ ଚିକିତ୍ସାଧୀନ ଅବସ୍ଥାରେ ଅଶୋକ ଆଖି ବୁଜିଥିବା ବେଳେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣ କରିଛନ୍ତି। ସୂଚନା ଅନୁଯାୟୀ, ଅଶୋକ ମାନସିକ ଭାରସାମ୍ୟ ହରାଇ ଘର କବାଟ ଦ୍ୱାର ବନ୍ଦ କରି ବିଷ ପିଇ ଦେଇଥିଲେ, ବହୁ ସମୟ ଧରି ବନ୍ଦ କୋଠରୀରେ ରହିବା ସହ ସାଙ୍ଗ ସାଥୀଙ୍କ ଫୋନ୍ ରିସିଭ୍ ନ କରିବାରୁ ସନ୍ଦେହ ହୋଇଥିଲା। ଏନେଇ ସାହି ପଡ଼ିଶା ଲୋକେ ପୋଲିସକୁ ଖବର ଦେଇଥିଲେ। ବାଲିଗୁଡ଼ା ଥାନା ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ଅଶୋକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତି କରିଥିଲା। ପୋଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତ୍ୟୁର କାରଣ ଏଯାବତ୍ ଅସ୍ପଷ୍ଟ ରହିଛି। ସେପଟେ ଗତ କିଛି ଦିନ ହେବ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କଳହ ଲାଗି ରହିଥିଲା ଏବଂ ମାନସିକ ଦୁଶ୍ଚିନ୍ତାରେ ଅଶୋକ ଥିଲେ ବୋଲି ପରିବାର ଲୋକଙ୍କ ପକ୍ଷରୁ

## ଅଙ୍ଗନୱାଡି କେନ୍ଦ୍ରର ଛାତରୁ ଅତଡ଼ା ଖସି ଦୁଇ ଶିଶୁ ଆହତ

**ବଲାଙ୍ଗିର,୭।୭(ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲା ତୁରେକେଲା ବ୍ଲକ ଚଟୁ ଅନକା ପଞ୍ଚାୟତ ଅନ୍ତର୍ଗତ କୁଲି ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ରର ଛାତରୁ ଅତଡ଼ା ଖସି ଦୁଇ ଜଣ ଶିଶୁ ଆହତ ହୋଇଛନ୍ତି। ଆହତ ଶିଶୁ ଦ୍ୱୟଙ୍କୁ ଚିକିତ୍ସା ପାଇଁ କଣ୍ଟାବାଞ୍ଜି ମେଡିକାଲକୁ ନିଆଯାଇଥିଲା। ଆଜି ସକାଳେ କେନ୍ଦ୍ର ଚାଲିଥିବା ଘର ଛାତରୁ ଦଲକାଏ ସିମେଣ୍ଟ ଅତଡ଼ା ଖସି ଶିଶୁ ମାନଙ୍କ ଉପରେ ପଡ଼ିଥିଲା। ଫଳରେ ଗୋଟିଏ ଶିଶୁର ମୁଣ୍ଡ ଓ ଅନ୍ୟ ଶିଶୁର ହାତରେ ଆଘାତ ଲାଗିଥିଲା। ସେମାନଙ୍କୁ ଡ୍ରେସିଂ ପରେ ପିତା ମାତାଙ୍କ ଜିମାରେ ଛାଡି ଦିଆଯାଇଛି।

## ମାସିକ ଶିକ୍ଷା ସମୀକ୍ଷା ବୈଠକରେ 'ଆଶ୍ୱାୟର' ଲୋଗୋ ଉନ୍ମୋଚିତ

**ମାଲକାନଗିରି,୭।୭(ସଂଚାର ବ୍ୟୁରୋ):** ଆଜି ଜିଲ୍ଲା ପରିଷଦ ସଭାଗୃହ ଠାରେ ଜୁଲାଇ ମାସ ନିମନ୍ତେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ମାଲକାନଗିରି ତରଫରୁ ଜିଲ୍ଲାସ୍ତରୀୟ ଶିକ୍ଷା ସମୀକ୍ଷା ବୈଠକ ଜିଲାପାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବର୍ଷା ଦିନରେ ପିଲାଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା ଉପରେ ଧ୍ୟାନ ଦେବାକୁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳ, ଜିଲ୍ଲା ମଙ୍ଗଳ ଅଧିକାରୀ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଦ୍ୱାରା ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ନିମନ୍ତେ ଚାଲୁଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମ ' ଆଶ୍ୱାୟର ' ର ଲୋଗୋ ଓ ଜର୍ନାଲ ଅନାବରଣ ହେଲା। ଆବାହକ ଜିଲ୍ଲା ଶିକ୍ଷା ଅଧିକାରୀ ଚିତରଞ୍ଜନ ପାଣିଗ୍ରାହୀ ବିଭାଗରେ ଚାଲୁଥିବା ସମଗ୍ର ଧାରଣା ଦେଲାବେଳେ ନାମଲେଖା ଅଭିଯାନ, ଡ୍ରପଆଉଟ୍ ପିଲାଙ୍କୁ ସ୍କୁଲକୁ ଫେରାଇ ଆଣିବା, ପାଠ୍ୟପୁସ୍ତକ ଓ ୟୁନିଫର୍ମ ବଣ୍ଟନ, ଶିକ୍ଷକ ଉପସ୍ଥାନ ଓ ପଦବୀ ପୂରଣ, ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା, ସ୍କୁଲ ଭିତିଭୂମି ଶ୍ରେଣୀଗୃହ, ଶୌଚାଳୟ, ପାନୀୟ ଜଳ, ବିଜୁଳି, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ, ପିଏମଶ୍ରୀ ସ୍କୁଲ, ଛାତ୍ରାବାସ ଆଦି ମୁଖ୍ୟ ବିଷୟ ଆଲୋଚନା ହେଲା।

## କଲରାପତରିଆ ବାଘର ଝୁଲନ୍ତା ମୃତଦେହ ଉଦ୍ଧାର

**ଗଞ୍ଜାମ,୭।୭(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଜରଡ଼ ଗ୍ରାମ ନିକଟସ୍ଥ ପାହାଡ଼ ତଳେ ଥିବା ଏକ ନିମ୍ବ ଗଛରେ କଲରାପତରିଆ ବାଘର ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଛି। ତେବେ କେହି ବାଘକୁ ମାରି ଗଛରେ ଝୁଲାଇ ଦେଇଛି କିମ୍ବା ଶିକାରୀ ଫାଶରେ ପଡ଼ି ବାଘଟିର ମୃତ୍ୟୁ ଘଟିଛି, ତାହା ଅଦ୍ୟାବଧି ସ୍ପଷ୍ଟ ହୋଇନାହିଁ। ମଙ୍ଗଳବାର ସକାଳେ ସ୍ଥାନୀୟ ଲୋକେ ଏ ସମ୍ପର୍କରେ ଜାଣିବା ପରେ ତୁରନ୍ତ ବନ ବିଭାଗକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ବନ ବିଭାଗ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। କଲରାପତରିଆ ବାଘଟିର ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଯାଇଛି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କିପରି ଓ କେଉଁ ପରିସ୍ଥିତିରେ ତା'ର ମୃତ୍ୟୁ ଘଟିଛି ତାହା ଜଣାପଡ଼ିବ। ଜରଡ଼ ନିକଟରେ କୌଣସି ଜଙ୍ଗଲ ନଥିଲେ ମଧ୍ୟ ଏଠାରୁ କିପରି ବାଘର ମୃତଦେହ ମିଳିଲା, ତାହା ସମସ୍ତଙ୍କୁ ଚକିତ କରିଛି।

## ସିର୍କାବର୍ଗ ରାସ୍ତା ହେଲାନି ମରାମତି, ଲଗାଣ ବର୍ଷାରେ ବେହାଲ



**ଦାରିଙ୍ଗବାଡି,୭।୭(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକର ସବୁଠାରୁ ଦୁର୍ଗମ ଅଞ୍ଚଳ ଭାବେ ପରିଚିତ ସିର୍କାବର୍ଗକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାଟି ଏବେ ଲଗାଣ ବର୍ଷା ଯୋଗୁ ସମ୍ପୂର୍ଣ୍ଣ ବେହାଲ ହୋଇପଡ଼ିଛି। ରାସ୍ତାରେ ବଡ଼ ବଡ଼ ଖାଲଖମା ସୃଷ୍ଟି ହୋଇଥିବାରୁ ଏଠାରେ ଯାତାୟାତ ଏକ ପ୍ରକାର ବିପଦପୂର୍ଣ୍ଣ ହୋଇପଡ଼ିଛି। ପ୍ରଶାସନ ରାସ୍ତା ମରାମତି ପାଇଁ ଦେଇଥିବା ପ୍ରତିଶ୍ରୁତି ପାଳନ କରିନଥିବାରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପୂର୍ବରୁ ଏହି ସମସ୍ୟା ନେଇ ଗ୍ରାମବାସୀ ଜିଲ୍ଲା ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରିବା ସହ ସିର୍କାବର୍ଗ ପଞ୍ଚାୟତ ବାଡାଙ୍ଗିଆ ଗ୍ରାମ ନିକଟରେ ଦୁଇ ଦୁଇ ଥର ରାସ୍ତା ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେତେବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀ, ସ୍ଥାନୀୟ ବିଡ଼ିଓ, ତହସିଲଦାର ଏବଂ ଆଇଆଇସି ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ମେ ମାସ ୨୦ ତାରିଖ ସୁଦ୍ଧା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ମରାମତି କାର୍ଯ୍ୟ ଆରମ୍ଭ କରାଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ମାତ୍ର ପ୍ରଶାସନ ନିଜ ପ୍ରତିଶ୍ରୁତି ରଖିଲାନାହିଁ ବୋଲି ଗ୍ରାମର କାଳୀ ବଳିୟାର ସିଂ, ନାଏବ ସରପଞ୍ଚ ମାନିନୀ ପ୍ରଧାନ, ସାନ୍ତୁ ନାୟକ ଏବଂ ପ୍ରଫୁଲ ବଳିୟାର ସିଂ ପ୍ରମୁଖ କ୍ଷୋଭର ସହ କହିଛନ୍ତି। ରାସ୍ତା ତୁରନ୍ତ ମରାମତି କରାନଗଲେ ଅଞ୍ଚଳବାସୀ ପୁଣିଥରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ଆଦର୍ଶ ବିଦ୍ୟାଳୟରେ ବନମହୋତ୍ସବ ଅନୁଷ୍ଠିତ



**ବେତନଟୀ,୭।୭(ସଂଚାର ବ୍ୟୁରୋ):** ଇକୋ ଫ୍ରେଣ୍ଡସ ଏପେକ୍ସ ଫରେଷ୍ଟ ପ୍ରଟେକ୍ସନ କମିଟି ଏବଂ ଆଦର୍ଶ ବିଦ୍ୟାଳୟ ର ମିଳିତ ସହଯୋଗରେ ୭୭ ତମ ବନ ମହୋତ୍ସବ ଡକ୍ଟର ଶ୍ୟାମ ସୁନ୍ଦର ଦାସଙ୍କର ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ଡକ୍ଟର ମହେନ୍ଦ୍ର କୁମାର ମହାନ୍ତି ଯୋଗଦେଇ ବନମହୋତ୍ସବ ପାଳନ ର ତାତ୍ପର୍ଯ୍ୟ ପ୍ରକୃତି ଏବଂ ପରିବେଶ ସୁରକ୍ଷା ପାଇଁ ସଚେତନତା ସୃଷ୍ଟି କରିବା ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବରେ ସେଭ ଏଲିଫ୍ୟାଣ୍ଟ ଫାଉଣ୍ଡେସନ୍ ର ଚେୟାରମ୍ୟାନ ଡକ୍ଟର ରଜନୀ କାନ୍ତ ଜେନା, ବି ଏସ୍ ଏନ୍ ଏଲ୍ ର ପ୍ରାକ୍ତନ ଡି ଜି ଏମ୍ ବ୍ରହ୍ମକୁମାରୀ ଗୀତା ସ୍ୱାଇଁ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ଓଡିଶା ସରକାରଙ୍କ ପ୍ରାକ୍ତନ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ଲୋକାୟୁକ୍ତ ସଦସ୍ୟ ଡକ୍ଟର ଦେବବ୍ରତ ସ୍ୱାଇଁ ଯୋଗଦାନ କରି ପରିବେଶ ସୁରକ୍ଷାରେ ଛାତ୍ରଛାତ୍ରୀ ମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହି ପ୍ରକୃତି ପରିବେଶ ଗଛ ଲତା ଜୀବଜନ୍ତୁ ମାନଙ୍କର ସେବା, ସୁରକ୍ଷା ଓ ବିକାଶ ପାଇଁ ଶପଥ ପାଠ କରାଇଥିଲେ କ୍ଷକ୍ଷ ବିଶିଷ୍ଟ ବକ୍ତା ଭାବରେ ମୟୂରଭଞ୍ଜ ସାମ୍ବାଦିକ ସଂଘର ସଭାପତି ଅରୁଣ କୁମାର ଓତା, ସମ୍ମାନିତ ବକ୍ତା ଭାବରେ ବେତନଟି ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଶ୍ରୀମତୀ ସଂଯୁକ୍ତା ଜୀ ଯୋଗଦାନ କରି ପରିବେଶ ସୁରକ୍ଷା ପାଇଁ ବୃକ୍ଷ ରୋପଣର ଉପାଦେୟତା ବିଷୟରେ ବୁଝାଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ ଏବଂ କୁଇଜ୍ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନେ ପ୍ରମାଣ ପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ ଜାତୀୟ ସବୁଜ ବାହିନୀର ମାଷ୍ଟର ଟ୍ରେନର ତଥା ଇକୋ ଫ୍ରେଣ୍ଡସ୍ ଏପେକ୍ସ ଫରେଷ୍ଟ ପ୍ରଟେକସନ କମିଟିର କାର୍ଯ୍ୟକାରୀ ସମ୍ପାଦକ ଡକ୍ଟର ରମାକାନ୍ତ ମହାନ୍ତ। ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।